ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୨୪ ସଂଖ୍ୟା



କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଆମ ପୋଡ଼କାଷ୍ଟ ସେବାରୁ କାହାଣୀଟିଏ** | | **୩୧** |
| **ଗଳ୍ପ ବିଭାଗ** | | **୪୨** |
| ଅନେକ କଳାଛାଇ - ୧୨ | ଅଶୋକ ବିଶ୍ୱାଳ | ୪୩ |
| ଅଭିଶପ୍ତ ଉପବନ | ରାଜାରାମ ଦାସ | ୫୭ |
| ଚରିତ୍ର | ସିଦ୍ଧେଶ୍ୱର ତ୍ରିପାଠୀ | ୫୮ |
| ସବୁଜ ସ୍ୱର୍ଗ | ବିନୟ ମହାପାତ୍ର | ୫୯ |
| ଚାରୋଟି ଛୋଟ ଗଳ୍ପ | ସୁଧାଂଶୁ ଦ୍ୱିବେଦୀ | ୭୨ |
| ଜୀବନ | ଆଞ୍ଚଲ କବି | ୭୬ |
| ଅପେକ୍ଷା | ଶୁଭସ୍ମିତା ପ୍ରଧାନ | ୮୦ |
| ତୁମେ ଶକୁନ୍ତଳା ମୁଁ ଦୁଷ୍ମନ୍ତ | କଳ୍ପନା ମହାରଣା | ୮୩ |
| ଛାଇ ଆଲୋକ | ପୁଷ୍ପଲତା ମିଶ୍ର | ୮୫ |
| ତୁମେ ସଦ୍ୟଫୁଟା ଗୋଲାପ | ରୀତା ଅପରାଜିତା ମହାନ୍ତି | ୮୯ |
| କଣ୍ଟା ଓ ଗୋଲାପ | ସନ୍ତୋଷିନୀ ଦାଶ | ୯୧ |
| ପ୍ରେମର ପ୍ରଣତି | ରଶ୍ମିରେଖା ସାହୁ | ୯୩ |
| ପବିତ୍ର ପ୍ରେମ | ବିନୋଦିନୀ ନାୟକ | ୯୫ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲକ୍ଷ୍ମଣ ରେଖା | ନଳିନୀପ୍ରଭା ମିଶ୍ର | ୯୭ |
| ଭାଗ୍ୟର ବିଡ଼ମ୍ବନା | ଅନୁପମା ବିଶ୍ୱାଳ | ୯୯ |
| ତୁମେ ଫୁଲ ମୁଁ କଣ୍ଟା | ବୁଟୁ କର | ୧୦୨ |
| ଆମ ପ୍ରେମ ଜନ୍ମଜନ୍ମର | ତୃପ୍ତିରାଣୀ ପାତ୍ର | ୧୦୩ |
| ଭାଗ୍ୟର ବିଡ଼ମ୍ବନା | ମଧୁସ୍ମିତା ସାହୁ | ୧୦୬ |
| ଏଇ ବୋଧେ ପ୍ରେମ | ତାନଶ୍ରୀ ପାଣିଗ୍ରାହୀ | ୧୦୯ |
| ମାଆ ପରି କିଏ ହେବ | ଭାରତୀ ଲେଙ୍କା | ୧୧୨ |
| ସ୍ୱପ୍ନ | ମଧୁସ୍ମିତା ବେହେରା | ୧୧୪ |
| ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା | ନାରାୟଣ ଚନ୍ଦ୍ର ସେନାପତି | ୧୧୭ |
| ଅନଲାଇନ୍ ଓ ଅଫଲାଇନ୍ ମା | ବାସନ୍ତୀ ଲତା ଜେନା | ୧୨୭ |
| ବାପା ବାଣ୍ଟ | ନିତ୍ୟ ରଞ୍ଜନ ନନ୍ଦ | ୧୩୧ |
| **କବିତା ବିଭାଗ** | | **୧୩୬** |
| ଋତୁ ବସନ୍ତ | ଶିବ ନାରାୟଣ ଦାଶ | ୧୩୭ |
| ଅସତ୍ୟ ସହର-୨ | ସ୍ୱର୍ଗତ ମାୟାଧର ଦାଶ | ୧୩୯ |
| ଚିନୁ ତୁମେ ଚାଲିଗଲ | ଶିବାଜୀ ବାହିନୀପତି | ୧୪୪ |
| ଅଧୀଶ ଅଭିଷେକ | ସୁହଂସ ଭୋଇ | ୧୪୫ |
| ପ୍ରତ୍ୟୁଷ | ଅଲେଖ ମେହେର | ୧୪୭ |
| ସାଗର କୂଳେ ରାହା | ଆଶୁତୋଷ ମେହେର | ୧୪୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜହ୍ନରେ ଜହ୍ନ | ନୀଳମଣି ଚାନ୍ଦ | ୧୪୯ |
| ନୀଳ ବ୍ରହ୍ମ | ବୈଶାଖୀ ଦୀପ | ୧୫୦ |
| ନିଆରା ସ୍ମୃତି | ଦେବରାଜ ରାଣା | ୧୫୨ |
| ବହି ମେଳା | ତାରା ପ୍ରସାଦ ଜେନା | ୧୫୩ |
| ନୀରବ ପ୍ରାର୍ଥନା | ଆକାଂକ୍ଷା ମିଶ୍ର | ୧୫୪ |
| ତୁ ସେପରି ହେଇଯିବୁନି ତ ? | ଅନୁଶ୍ରୀ ନାଏକ | ୧୫୫ |
| ଥାଉ ତୁମ ବଡ଼ପଣ | ନିରଞ୍ଜନ ସାହୁ | ୧୫୭ |
| କଣ୍ଟା ଓ ଫୁଲ | ଗୁପ୍ତେଶ୍ୱର ଚାନ୍ଦ | ୧୫୮ |
| ଜେଜେ ମାଆ | ବିକାଶ କୁମାର ହୋତା | ୧୬୦ |
| ସନ୍ଧ୍ୟାର ଆଗମନ | ଶିଳ୍ପା ଡାଙ୍ଗୁଆ | ୧୬୨ |
| ସମସ୍ତ ହୃଦେ ଭଗବାନ | ଜ୍ଞାନ ରଞ୍ଜନ ଦାଶ | ୧୬୪ |
| ବିଦେହ ପ୍ରେମ ଅମର | ପ୍ରଭାସ କୁମାର ମହାପାତ୍ର | ୧୬୫ |
| ସ୍ମୃତି | ଶୁଭସ୍ମିତା ନାୟକ | ୧୬୬ |
| ସନ୍ଦେହ | ନଳିନୀ ଦାଶ | ୧୬୭ |
| ଧରାବତରଣ | ମନୋରଞ୍ଜନ ସୁରୁଜାଳ | ୧୬୯ |
| ସନ୍ତୁଷ୍ଟ | ବିନୟାନନ୍ଦ ବସ୍ତ୍ରସ୍ୟ | ୧୭୧ |
| ରହିଲା କି କିଛି ପଛରେ | ପ୍ରତୀକ୍ଷା ଦାଶ | ୧୭୩ |
| ସତ୍ୟ ଶିବ ସୁନ୍ଦର | ଦେବାର୍ଚ୍ଚନ ମେହେର | ୧୭୫ |
| ଚାଲଯିବା ସଖୀ ଶିବ ମନ୍ଦିର | ରାମଚନ୍ଦ୍ର ପ୍ରଧାନ | ୧୭୭ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶିବ ଶଙ୍କର | ଶୁଭସ୍ମିତା ପ୍ରଧାନ | ୧୭୮ |
| ମହା ଶିବରାତ୍ରୀ | ତାନଶ୍ରୀ ପାଣିଗ୍ରାହୀ | ୧୮୦ |
| ମହା ଶିବରାତ୍ରୀ ଜାଗର | ନିବେଦିତା ପଣ୍ଡା | ୧୮୧ |
| ମହା ଶିବରାତ୍ରୀ | ରାଧାଶ୍ୟାମ ମହାନ୍ତି | ୧୮୩ |
| ମହା ଶିବରାତ୍ରୀ | ରମେଶ ଟାକ୍ରୀ | ୧୮୪ |
| ମହା ଶିବରାତ୍ରୀ | ଲତା ବେହେରା | ୧୮୫ |
| ମହା ଶିବରାତ୍ରୀ | ରିନା ବେହେରା | ୧୮୭ |
| ମହା ଶିବରାତ୍ରୀ | ସବିତା ଜେନା | ୧୮୮ |
| ମହା ଶିବରାତ୍ରୀ | ସ୍ୱାଗତିକା ସାହୁ | ୧୯୦ |
| ମହା ଶିବରାତ୍ରୀ | ଭାସ୍କର ରାଉତ | ୧୯୧ |
| ମହା ଶିବରାତ୍ରୀ | ବିନୋଦିନୀ ଦାଶ | ୧୯୨ |
| ମହା ଶିବରାତ୍ରୀ | ଦେବେନ୍ଦ୍ର ନାୟକ | ୧୯୪ |
| ମହା ଶିବରାତ୍ରୀ | ନୂତନ କୁମାର ବେହେରା | ୧୯୫ |
| ଫଗୁଣ ଖୋଜୁଛି ଠିକଣା ତାର | ସ୍ୱାଗତିକା ସାହୁ | ୧୯୭ |
| କାନ୍ଦୁଛି ଯମୁନା, ଝୁରୁଛି ରାଧା | ଏଲିନା ପାଣିଗ୍ରାହୀ | ୧୯୯ |
| କୋଟିରେ ଗୋଟିଏ ମୋ ଲକ୍ଷ୍ମୀ | ସୁଭଦ୍ରା ମହାପାତ୍ର | ୨୦୧ |
| ଅଧିବର୍ଷ | ବିଦ୍ୟୁତ ପ୍ରଭା ମିଶ୍ର | ୨୦୨ |
| ଅଧିବର୍ଷ | କୁମୁଦିନୀ ପତି | ୨୦୪ |
| ଆଶା | ଅଜିତ କୁମାର ପାଢ଼ୀ | ୨୦୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଫୁଲୁଆ ଫଗୁଣ | ହାସ୍ୟମୟୀ ରାଜ | ୨୦୭ |
| ଫୁଲେଇ ଫଗୁଣ | ଗୀତାଞ୍ଜଳୀ ଭୂୟାଁ | ୨୦୯ |
| ଜନ୍ମଦିନ ଶୁଭେଚ୍ଛା | ନାରାୟଣ ଚନ୍ଦ୍ର ସେନାପତି | ୨୧୦ |
| ବିଶ୍ୱାସ ସ୍ୱପ୍ନ ଏଠି | ପ୍ରୀତିପଦ୍ମା ଦାଶ | ୨୧୨ |
| ଡାକିଦେଇ ଝୁଲା ଧରେଇ ଦେଲ | ହେମନ୍ତ କୁମାର ନାୟକ | ୨୧୪ |
| ଶୃଙ୍ଖଳାକୁ ନେଇ ସଙ୍ଗୀତ ରଚିବି | ଗାୟତ୍ରୀ ଦାଶ | ୨୧୬ |
| ଦେଖାଇ ବାମନ ରୂପ | ରମାକାନ୍ତ ସ୍ୱାଇଁ | ୨୧୮ |
| ଦୁଃଖରେ ତୋଳିଛି ଘର | ଅରୁନ୍ଧତୀ ଲେଙ୍କା | ୨୨୦ |
| ସବୁଦିନ ପରି ଦିନଟି ଏହି... | ଶ୍ରୀୟାଂଶୀ ମହାନ୍ତି | ୨୨୧ |
| ହେ ଗୁରୁ ! | ବର୍ଷାରାଣୀ ମହାମଲ୍ଲିକ | ୨୨୨ |
| ବନ୍ଧୁ ବାନ୍ଧିଲି ମୁଁ ଲୁହ ସାଥିରେ | ବିଷ୍ଣୁ ପ୍ରସାଦ ମିଶ୍ର | ୨୨୭ |
| ବନ୍ଧୁ ବାନ୍ଧିଲି ମୁଁ ଲୁହ ସାଥିରେ | ସନ୍ତୋଷ କୁମାର ସାହୁ | ୨୨୯ |
| ନାରୀ ସ୍ୱାଧୀନତା | ମଧୁସ୍ମିତା ବେହେରା | ୨୩୦ |
| ଉଡ଼ାଣ | ତ୍ରିନାଥ ନନ୍ଦୀ | ୨୩୧ |
| ହୃଦୟର ସ୍ୱର ସବୁଠୁ ମିଠା | ବାସନ୍ତୀ ଲତା ଜେନା | ୨୩୪ |
| ଅଭିମାନୀ ଉତ୍କଳର ସ୍ୱାଭିମାନୀ ବରପୁତ୍ର | ସଙ୍ଗୀତା ପଣ୍ଡା | ୨୩୫ |
| ସାହିତ୍ୟ | ମଧୁସ୍ମିତା ସାହୁ | ୨୩୬ |
| ପାର୍ଥକ୍ୟ | ଆକୁଳାନନ୍ଦ ପୃଷ୍ଟି | ୨୩୮ |
| ମାଆ ଆଖିରେ ଲୁହ | ହରେରାମ ପଣ୍ଡା | ୨୪୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବିରହିନୀ ବସନ୍ତ | ସୁବ୍ରତ ଜେନା | ୨୪୧ |
| ଲାଞ୍ଛିତ ଗଣତନ୍ତ୍ର | ଡଃ ଆର୍ଯ୍ୟାକୁମାରୀ ପ୍ରଜ୍ଞା ପାରମିତା | ୨୪୪ |
| କଳା କୁହୁକ ! | ତନୁଜା ପ୍ରିୟଦର୍ଶିନୀ | ୨୪୬ |
| ସ୍ରଷ୍ଟା ଓ ସୃଷ୍ଟି | ଡଃ ମନୋରଞ୍ଜନ ବିଷୋୟୀ | ୨୪୮ |
| ହୃଦୟର ଶୂନ୍ୟତା | ଅମୃତ ନାରାୟଣ ଶତପଥୀ | ୨୫୦ |
| ପକ୍ଷହୀନ ପକ୍ଷୀ | କିରନ୍ ସ୍ୱାଇଁ | ୨୫୧ |
| ପଥ ଓ ପାଦ | ଦଣ୍ଡାସି ପ୍ରଧାନ | ୨୫୩ |
| ବସନ୍ତ ପଞ୍ଚମୀ | ଡଃ ଆଭାଞ୍ଜଳି ତ୍ରିପାଠୀ | ୨୫୫ |
| ହଜାରେ ଗୁଣରେ ମୋହିତ | ବିଶ୍ୱ ରଞ୍ଜନ ମହାନ୍ତି | ୨୫୭ |
| ହୋଲି | ସଞ୍ଜୟ ନାଏକ | ୨୫୮ |
| ଏଥର ବସନ୍ତେ | ପ୍ରଶାନ୍ତ କୁମାର ନାଥ | ୨୫୯ |
| ଦାତବ୍ ଖାନା | ସୁନୀଲ କୁମାର ଅଗସ୍ତି | ୨୬୧ |
| ତତେ ନୁରୁଛେଁ ମୁଇଁ | ଶୋଭାରାଣୀ ମାଝୀ | ୨୬୨ |
| **ପ୍ରବନ୍ଧ ବିଭାଗ** | | **୨୬୪** |
| ଆଦି କବି | ଅକ୍ଷୟ କୁମାର ରାଉତ | ୨୬୫ |
| ଆତଙ୍କର ସନ୍ଧ୍ୟା ଫେବୃଆରୀ ୧୪ | ଅନନ୍ତ କୁମାର | ୨୭୦ |
| ମାଉସୀ ମାଆର ପୋଡ଼ପିଠା | ପୁଷ୍ପଲତା ମିଶ୍ର | ୨୭୨ |
| ଚିଟିଭ ପକ୍ଷୀର କାହାଣୀ | ବିଜୟ କୁମାର ସାହୁ | ୨୭୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବାଜିରେ ଲାଗିଛି ନିରୀହ ଜୀବନ | ଆଶୁତୋଷ ନାୟକ | ୨୮୪ |
| ଅମୀନ ସୟାନି, ଏକ କିମ୍ବଦନ୍ତୀ | ଅସିତ ମହାନ୍ତି | ୨୮୯ |
| ମଙ୍ଗଳସୂତ୍ର | ସ୍ୱାଗତିକା ସାହୁ | ୨୯୨ |
| ନାରୀ ସଶକ୍ତିକରଣ | ନିବେଦିତା ପଣ୍ଡା | ୨୯୫ |
| ଶରୀର | ନଳିନୀ ପ୍ରଭା ମିଶ୍ର | ୨୯୮ |
| ରାଜକିଶୋର ରାୟ: ଓଡ଼ିଆ କ୍ଷୁଦ୍ରଗଳ୍ପର ମହାନାୟକ | ଜଗଜୀବନ ସେଠୀ | ୩୦୦ |
| ବିଶେଷ ସୂଚନା | | ୩୦୪ |






ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@drjyotiprasad**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୨୪ ସଂସ୍କରଣ ନେଇ ମୁଁ ଉପସ୍ଥିତ । ସଦ୍ୟ ସମାପିତ ମହା ଶିବରାତ୍ରୀ ଓ ଆଗମ ଦୋଳପୂର୍ଣ୍ଣିମା ତଥା ହୋଲି ପର୍ବପାଇଁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପ୍ରଖର ନିଦାଘ ସମଗ୍ର ରାଜ୍ୟକୁ ବ୍ୟତିବ୍ୟସ୍ତ କରୁଛି । ଏଥିରୁ ନିସ୍ତାର ନାହିଁ, ତେଣୁ ନିଜର ଧ୍ୟାନ ରଖିବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷମଧ୍ୟ ଗ୍ରୀଷ୍ମର ପ୍ରଭାବ ଆମ ରାଜ୍ୟ ଉପରେ ଅତ୍ୟଧିକ ମାତ୍ରାରେ ରହିବ ଏଥିରେ ସନ୍ଦେହ ନାହିଁ । ଏହା ସହ ରାଜନୈତିକ ଉଷ୍ମତା ରାଜ୍ୟକୁ କବଳିତ କରି ସାରିଲାଣି । ନିର୍ବାଚନୀ ପଣ୍ଡିତମାନଙ୍କ ଭିନ୍ନ ଭିନ୍ନ ଭବିଷ୍ୟବାଣୀ ଜନମାନସକୁ ଆନ୍ଦୋଳିତ କରୁଛି । ଦୀର୍ଘ ପାଞ୍ଚଥର ଧରି ଓଡ଼ିଶାକୁ ନିରଙ୍କୁଶ ଶାସନ ଯୋଗାଇ ଆସୁଥିବା ବିଜୁ ଜନତା ଦଳ ଚଳିତ ନିର୍ବାଚନରେ କାଳେ ଭାରତୀୟ ଜନତା ପାର୍ଟି ସହ ମେଣ୍ଟ ଗଠନ କରିବ ବୋଲି ପ୍ରଚାର ବି ହେଉଛି । ଏଥିରେ କେବଳ ପ୍ରାନ୍ତୀୟ ନୁହେଁ ବରଂ ରାଷ୍ଟ୍ରୀୟ ସ୍ତରର ଗଣମାଧ୍ୟମ ମଧ୍ୟ ଆଲୋଚନା କରୁଛନ୍ତି । ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଶୁଣିବାକୁ ଓ ଦେଖିବାକୁ ମିଳୁଛି । ସଦ୍ୟ ବିଜୁ ଜନତା ଦଳରୁ ବହିଷ୍କୃତ ବିଧାୟକ ଡଃ ପ୍ରଦୀପ ପାଣିଗ୍ରାହୀ ଯେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଏବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେଣ୍ଟ ଗଠନ ହେଲେ କେଉଁଭଳି ପ୍ରତିକ୍ରିୟା ଦେବେ ତାହା ଦେଖିବାକୁ ରହିଲା । ବିଗତ ଅନେକ ବର୍ଷଧରି ସାମାଜିକ ଗଣମାଧ୍ୟମରେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ ବାଢ଼ି ଆସୁଥିବା ଦଳୀୟ ଉତ୍ସାହୀ କର୍ମୀ ଏବେ କେଉଁ ପ୍ରକାରର ପନ୍ଥା ଆପଣେଇବେ ତାହା ନିଶ୍ଚୟ ଦେଖିବା ଯୋଗ୍ୟ ଘଟଣା ହେବ ।

ଚଳିତ ସର୍ବସାଧାରଣ ନିର୍ବାଚନରେ ଶାସକ ଭାଜପାର ପାଲଡା ଭାରି ଅଛି ବୋଲି ସମସ୍ତେ ଜାଣିଛନ୍ତି । ହୁଏତ ଓଡ଼ିଶାରେ ଭାଜପା ଏହାର ସଂଖ୍ୟା ବଢ଼ାଇ ପାରେ, ଏଥିରେ ମଧ୍ୟ ସନ୍ଦେହ ନାହିଁ । ବିଗତ ବର୍ଷମାନଙ୍କରେ ମୋଦୀଙ୍କ ଶାସନ ଉପରେ ଯେଉଁଭଳି ଆସ୍ଥା ଓ ବିଶ୍ୱାସ ସର୍ବସାଧାରଣ ଦେଖାଇଛନ୍ତି ତାହା ରାଜନୈତିକ ଦୃଷ୍ଟିରୁ ଅଭୂତପୂର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମଗ୍ର ଦେଶରେ ବିରୋଧୀ ଦଳମାନେ ଯେତେ ପ୍ରଚାର କରିଲେ ସୁଦ୍ଧା ମୋଦୀଙ୍କ ଦ୍ୱାରା ହୋଇଥିବା ଲାଭକାରୀ ଉନ୍ନତିକୁ ଅଣଦେଖା କରାଇ ପାରିବେ ନାହିଁ । ସେଇଥିପାଇଁ ଓଡ଼ିଆରେ କଥାଟିଏ ଅଛି, ରୋଗୀକୁ ଦେଖି ତାଟିଆ କାମୁଡ଼ିବା ନ୍ୟାୟରେ, କିଛି ବିରୋଧୀ ଦଳ ନେତା ମୋଦୀଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବାକୁ ପଛାଉ ନାହାନ୍ତି । ସେଇ ମଧ୍ୟରେ ସଦ୍ୟ ଚର୍ଚ୍ଚାରେ ଅଛନ୍ତି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରୀୟ ଜନତା ଦଳର ଅଧ୍ୟକ୍ଷ, ତଥା ଚାରା ଘୋଟାଲାରେ ଜେଲଦଣ୍ଡ ପାଇଥିବା ଲାଲୁ ପ୍ରସାଦ ଯାଦବ ।

ମୋଦୀଙ୍କୁ ସର୍ବସାଧାରଣରେ ଅପମାନିତ କରିବା ଉଦ୍ଦେଶ୍ୟରେ ସେ ପାଟଣା ଠାରେ ଆୟୋଜିତ ଏକ ସଭାରେ ଅପମାନଜନକ ଭାଷଣ ଦେଇଥିଲେ । ସେ କହିଥିଲେ ଯେ ମୋଦୀ ହିନ୍ଦୁ ହିତୈଷୀ ବୋଲି ଦେଖାଉଥିଲେ ସୁଦ୍ଧା ହିନ୍ଦୁ ନୁହନ୍ତି, କାରଣ ସେ ନିଜ ମାଆଙ୍କ ଦେହାନ୍ତ ପରେ ମୁଣ୍ଡର ବାଳ କାଟିନଥିଲେ । ମୋଦୀ ପରିବାରବାଦୀଙ୍କୁ ବିରୋଧ କରୁଥିବା ହେତୁ ସେ ଆହୁରି ଆକ୍ଷେପ କରି କହିଥିଲେ ଯେ ମୋଦୀଙ୍କ ସନ୍ତାନ କାହିଁକି ନାହାନ୍ତି । ଏହିଭଳି ବକ୍ତବ୍ୟ ଶୁଣିବା ପରେ ଯେ କେହି ବି ଜାଣି ପାରୁଥିବ ଯେ ବିରୋଧୀ ଦଳ କେତେ ହତୋତ୍ସାହିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ସାରିଲେଣି, ଅନ୍ୟ କୌଣସି ମାମଲାକୁ ଆଗକୁ ନ ଆଣି ମୋଦୀଙ୍କ ଉପରେ ବ୍ୟକ୍ତିଗତ ଆକ୍ରମଣକୁ ହିଁ ଆୟୁଧ କରିଛନ୍ତି । ଏହାପରେ ଲାଲୁଙ୍କୁ ରାଷ୍ଟ୍ରୀୟ ସ୍ତରରେ ଅନେକ ସମାଲୋଚନାର ଶୀକାର ହେବାକୁ ପଡ଼ିଛି । ଏବଂ ଗଣମାଧ୍ୟମରେ ଏଥିପାଇଁ ବିରୋଧୀ ମେଣ୍ଟକୁ ଦୁର୍ବଳ ବୋଲି ଦର୍ଶାଇବାକୁ ସୁଯୋଗ ମିଳିଯାଇଛି ।

ଲାଲୁ ଯାଦବଙ୍କ ବକ୍ତବ୍ୟର ଉତ୍ତର ରଖି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ନିର୍ବାଚନୀ ସଭାରେ କହିଥିଲେ ଯେ ଦେଶର ଶହେ ଚାଳିଶି କୋଟି ଜନତା ତାଙ୍କର ପରିବାର । ଏହା ଏତେ ମାତ୍ରାରେ ପ୍ରସାରିତ ହୋଇଥିଲା ଯେ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ମାନେ ନିଜର ସୋସିଆଲ୍ ମିଡ଼ିଆ ହେଣ୍ଡଲରେ ନିଜ ନାଁ ପାଖରେ ବନ୍ଧନୀ ଭିତରେ (ମୋଦୀଙ୍କ ପରିବାର) ବୋଲି ଲେଖି ସମର୍ଥନ ଜଣାଇଥିଲେ ।

ନିର୍ବାଚନକୁ ଆଉ ଅଳ୍ପଦିନ ଥିବା ବେଳେ ବିରୋଧୀ ମେଣ୍ଟରେ ସିଟ ବୁଝାମଣା କିଛି କିଛି ହୋଇ ସାରିଛି ଆଉ ଅନେକ ସ୍ଥାନରେ ହେବାର ସମ୍ଭାବନା ରହିଛି ବୋଲି କୁହାଯାଉଛି । ଅବଶ୍ୟ ଏଥିରେ ମଧ୍ୟ ଅନେକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ନିର୍ବାଚନ ପାଖେଇ ଆସୁଥିବା ବେଳେ ଅନେକ ଦଳ ନିଜକୁ ଇଣ୍ଡି ମେଣ୍ଟରୁ ଦୂରରେ ରଖିବା ପ୍ରଚେଷ୍ଟା କରୁଛନ୍ତି । ଉତ୍ତର ପ୍ରଦେଶରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ମଧ୍ୟରେ ସିଟ୍ ବଣ୍ଟନ ବୁଝାମଣା ହୋଇ ସାରିଛି ବୋଲି କୁହାଯାଉଛି । ଅବଶ୍ୟ ନିର୍ବାଚନ ନ ହେବା ପର୍ଯ୍ୟନ୍ତ କୌଣସି ବୁଝାମଣା ସ୍ଥିର ବୋଲି ଧରିନେବା ଉଚିତ ହେବ ନାହିଁ ।

ନିର୍ବାଚନ ପାଖେଇ ଆସୁଥିବା ବେଳେ ପୁଣିଥରେ ମୁଣ୍ଡ ଟେକିଛି କୃଷକ ଆନ୍ଦୋଳନ । ପଞ୍ଜାବରୁ କିଛି କୃଷକ ଦିଲ୍ଲୀ ଦିଗରେ ଶୋଭାଯାତ୍ରା କରି ସରକାରଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରାଇବା ପାଇଁ ଦାବୀ ଉପସ୍ଥାପନ କରିଛନ୍ତି । ଏହି ଆନ୍ଦୋଳନ ବ୍ୟାପକ ରୂପ ନେବା ପୂର୍ବରୁ ହିଁ ଏହାକୁ ଭଣ୍ଡୁର କରିବା ପାଇଁ ସମସ୍ତ ବ୍ୟବସ୍ଥା କରି ଦିଆଯାଇଥିଲା । ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆନ୍ଦୋଳନର ପ୍ରମୁଖ ପୁରୋଧା ମାନଙ୍କ ମଧ୍ୟରେ ଜଣେ ଏକ ସଭାରେ ମନ୍ତବ୍ୟ ଦେଉଥିବାର ଶୁଣାଯାଇଥିଲା ଯେ ରାମ ମନ୍ଦିର ନିର୍ମାଣ ପରେ ମୋଦୀଙ୍କ ଲୋକପ୍ରିୟତା ବହୁତ ମାତ୍ରାରେ ବଢ଼ି ଯାଇଛି, ତେଣୁ ଯଥା ଶୀଘ୍ର ଆମକୁ ସେଇ ଲୋକପ୍ରିୟତାକୁ କମ କରିବାକୁ ପଡ଼ିବ, ଯେକୌଣସି ମତେ ମୋଦୀଙ୍କୁ ହରାଇବାକୁ ପଡ଼ିବ । ଏହିଭଳି ଭିଡ଼ିଓର ପ୍ରସାରଣ ପରେ ଲୋକଙ୍କ ମନରେ କୌଣସି ସଂଶୟ ନାହିଁ, ଯେ କୃଷକ ଆନ୍ଦୋଳନା ନାମରେ ଦେଶର ସ୍ଥାପିତ ସରକାରଙ୍କୁ ଅସ୍ଥିର କରିବାର ମନ୍ଦ ଉଦ୍ଦେଶ୍ୟ ରହିଛି । ଏଥିରେ ଦେଶ ତଥା ଦେଶ ବାହାରେ ରହୁଥିବା ଅନେକ ସଂଗଠନ ସହଭାଗିତା କରୁଛନ୍ତି । ବିଗତ ବର୍ଷମାନଙ୍କରେ ହୋଇଥିବା କୃଷକ ଆନ୍ଦୋଳନରେ ମୂଖ୍ୟ ଭାବରେ ଅଂଶ ଗ୍ରହଣ କରୁଥିବା ରାକେଶ ଟିକାଏତଙ୍କୁ ଏଥରର ଆନ୍ଦୋଳନରେ ଦେଖିବାକୁ ମିଳିନଥିଲା । ଅବଶ୍ୟ ସେ ଅନେକ ଗଣମାଧ୍ୟମ ବିତର୍କରେ ଯୋଗ ଦେଇଥିଲେ ହେଲେ ନିଜର ସମ୍ମାନ ନିଜେ ହିଁ ହାନୀ କରିବା ପରେ ଆଉ ଦେଖା ଦେଇନଥିଲେ । ଏହି ଆନ୍ଦୋଳନ ଯେ ଦେଶ ବିରୋଧୀ ତତ୍ତ୍ୱମାନଙ୍କ ମିଳିତ ଷଡ଼ଯନ୍ତ୍ରର ଅଂଶ ତାହା ସମଗ୍ର ବିଶ୍ୱ ବୁଝି ସାରିଲାଣି ।

ନିର୍ବାଚନୀ ବାତାବରଣରେ ଏବେ ଅନେକ ଦଳ ମେଣ୍ଟ ଗଠନ କରିବା ଏବଂ ଅନ୍ୟ ଦଳକୁ ସମର୍ଥନ୍ କରିବା ଭଳି ଖବର ପ୍ରତିଦିନ ଦେଖିବାକୁ ମିଳୁଛି । ବିଗତ ସପ୍ତାହରେ ଓଡ଼ିଶାର କିଛି ପ୍ରମୁଖ ବିଜେଡ଼ି ନେତା ଦଳ ବଦଳାଇ ଭାଜପାରେ ସାମିଲ ହୋଇଛନ୍ତି । ନିଜର ଆସନକୁ ବଞ୍ଚାଇବା ପାଇଁ ନିଜ ମୂଳ ଦଳ ସହ ସାଲିସ କରିବାକୁ ସେମାନେ ରାଜି ହୋଇନାହାନ୍ତି, ତେଣୁ ଦଳବଦଳ କରି ମଧ୍ୟ ଲଢେଇରେ ଅଂଶ ଗ୍ରହଣ କରିବାକୁ ମନସ୍ଥ କରିଛନ୍ତି । ଓଡ଼ିଶାରେ ଭାଜପା ନିଜ ସ୍ଥିତିକୁ ସୁଦୃଢ କରିବାକୁ ଚେଷ୍ଟା କରୁଥିବା ବେଳେ ନୂଆ ଚେହେରା ଉପରେ ଭରସା ନ କରି ବରଂ ଆଗରୁ ଜିତି ଆସିଥିବା ପ୍ରତ୍ୟାଶୀଙ୍କୁ ନିଜ ଦଳରେ ସାମିଲ କରାଇବା ଯୋଜନା କରୁଥାଇପାରେ । ଓଡ଼ିଶାରେ ଭାଜପାର କୌଣସି ଦୃଢ଼

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେତୃତ୍ୱ ନାହିଁ । ତେଣୁ ଏହାକୁ ସଂଗଠନିକ ସ୍ତରରେ ସୁଦୃଢ଼ କରିବା ଯୋଜନା ହୋଇଥିବ । ସେଇଥିପାଇଁ ବିଗତ ବର୍ଷରେ ବିଜେଡ଼ିରୁ ବିତାଡ଼ିତ ଗଞ୍ଜାମ ଜିଲ୍ଲା ଗୋପାଳପୁର ବିଧାନସଭା ମଣ୍ଡଳୀର ବିଧାୟକ ଡଃ ପ୍ରଦୀପ ପାଣିଗ୍ରାହୀ ଆନୁଷ୍ଠାନିକ ଭାବରେ ଭାଜପାରେ ଯୋଗ ଦେବାପରେ ବ୍ରହ୍ମପୁର ଠାରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରିଥିଲେ, ଯେଉଁଥିରେ କେନ୍ଦ୍ରୀୟ ଗୃହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ । ଏଇ ସଭାରେ ହଜାର ହଜାର ବିଜେଡ଼ି ସମର୍ଥକ ଡଃ ପ୍ରଦୀପ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପାରେ ଯୋଗ ଦେଇଥିଲେ । ଏହାପରେ ନିଜ ବଳ ପ୍ରଦର୍ଶନ କରି ଶ୍ରୀ ପାଣିଗ୍ରାହୀ ମତ ଦେଇଥିଲେ ଯେ ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରିବ । ହେଲେ ସେ ଭାଜପାରେ ଯୋଗ ଦେବାର ଅଳ୍ପ ଦିନପରେ ହିଁ ଭାଜପା ଓ ବିଜେଡ଼ିର ମେଣ୍ଟ ବିଷୟରେ ଚର୍ଚ୍ଚା ଏବେ ଯୋର ଧରିବାକୁ ଲାଗିଛି । ଶୁଣାଯାଉଛି, ବିଜେଡ଼ି ତରଫରୁ ଅନେକ ତୁଙ୍ଗ ନେତା ଦିଲ୍ଲୀରେ ଡେରା ପକାଇଛନ୍ତି । ଅମିତ ଶାହଙ୍କ ସହ ଘନଘନ ଆଲୋଚନା ହେଉଛି । କଣ ନିଷ୍ପତ୍ତି ହେବ ତାହା ଏବେ କହିବା ସମ୍ଭବ ନାହିଁ, କିନ୍ତୁ ଆଗରୁ ହିଁ ନବୀନ ସରକାର କେନ୍ଦ୍ରର ମୋଦୀ ସରକାରଙ୍କ ପ୍ରାୟ ସମସ୍ତ କାର୍ଯ୍ୟକୁ ସମର୍ଥନ ଦେଇ ଆସିଛନ୍ତି । ତେଣୁ ଏବେ ସିଧା ସଳଖ ନ ହେଲେ ସୁଦ୍ଧା ବାହାରୁ ସମର୍ଥନ ଦେଇ ପାରନ୍ତି । ନିଜ ଦଳୀୟ କର୍ମୀଙ୍କୁ ହତୋତ୍ସାହିତ ନ କରିବା ପାଇଁ ସେମାନେ ଭାଜପାକୁ ସିଧା ସଳଖ ମେଣ୍ଟ ନ କରି ବାହାରୁ ସମର୍ଥନ ଦେଇ ପାରନ୍ତି । ଦେଖାଯାଉ ଷୋହଳ ବର୍ଷ ତଳର ମେଣ୍ଟ ପୁଣିଥରେ ସଫଳ ହେଉଛି ନା ଆଉ କିଛି ବିକଳ୍ପ ବାହାରୁଛି ।

ଏହା ମଧ୍ୟରେ ଓଡ଼ିଶାରେ କଂଗ୍ରେସ ଦଳ ପୁଣିଥରେ ସକ୍ରିୟ ହୋଇ ଉଠିଛି । ସମଗ୍ର ବ୍ରହ୍ମପୁର ସହରରେ ପ୍ରତ୍ୟେକ ଗଳିକନ୍ଦି ତଥା ମୁଖ୍ୟ ସଡ଼କ ପାର୍ଶ୍ୱରେ ବଡ଼ ବଡ଼ ହୋର୍ଡିଂ ଲଗାଯାଇ ଲେଖା ଯାଇଛି ଯେ "କଂଗ୍ରେସ ଆସୁଛି" । କେଜାଣି କେମିତି ଆସୁଛି, କିଛି ଲୋକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସର ସ୍ଥିତି ଆଦୌ ଶୁଭଙ୍କର ନାହିଁ । ଏଭଳି ପରିସ୍ଥିତିରେ ଏହି ପ୍ରକାରର ପ୍ରଚାର ଲୋକଙ୍କୁ ଆମୋଦକର ମନେ ହେଉଛି । ତେଣେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ଦଳରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଅନେକ ଦଳୀୟ ନେତା ଦଳତ୍ୟାଗ କରିବାକୁ ଲାଗିଛନ୍ତି । ମୋଦୀ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ କଂଗ୍ରେସ ଦଳ ତରଫରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆୟୋଜିତ ହେଉଥିବା ଭାରତୀୟ ନ୍ୟାୟ ଯାତ୍ରା ଆରମ୍ଭ ହେବା ପରଠାରୁ ହିଁ ଆଲୋଚନାର ବିଷୟ ହୋଇ ଆସିଛି । ସେ ଏହି ଯାତ୍ରା ଆରମ୍ଭ କରିବାପରେ ଗୋଟିଏ ପରେ ଗୋଟିଏ ପ୍ରମୁଖ ନେତା ଦଳ ତ୍ୟାଗ କରିସାରିଲେଣି । ବିଭିନ୍ନ ରାଜ୍ୟରେ ସିଟ ବୁଝାମଣା ହୋଇ ପାରୁନାହିଁ । ଅନେକ ସ୍ଥାନରେ ଏହି ଯାତ୍ରାକୁ ଜନସମର୍ଥନ ନ ମିଳିବା ପରେ ରାହୁଲ ଗାନ୍ଧୀ ଯାତ୍ରାକୁ ମଝିରେ ଛାଡ଼ିଦେଇ କିଛି ଦିନପାଇଁ ଲଣ୍ଡନ ଚାଲି ଯାଇଥିଲେ । ଏଥିପାଇଁ ଦଳ ତରଫରୁ କୁହାଯାଇଥିଲା ଯେ ଲଣ୍ଡନର ପ୍ରମୁଖ କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକ୍ରମ ରହିଛି । କିନ୍ତୁ ବିଶ୍ୱବିଦ୍ୟାଳୟ ତରଫରୁ ଏହି ବାବଦରେ କୌଣସି ସୂଚନା ମିଳିନଥିଲା, ତେଣୁ ଏହାକୁ ନେଇ ଭାଜପା ତରଫରୁ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରାଯାଇଥିଲା । ମିଛ କହି ନିଜ ନ୍ୟାୟ ଯାତ୍ରାକୁ ଛାଡ଼ିଦେଇ ସେ ଫେରାର ହୋଇଥିବା କଥା ଗଣମାଧ୍ୟମରେ କୁହାଗଲା ।

ସୂଚନାଯୋଗ୍ୟ ଯେ ଗତବର୍ଷ ରାହୁଲ ଗାନ୍ଧୀ ଏହିଭଳି ଏକ ସଭାରେ ଯୋଗଦେଇ ଯେଉଁ ସବୁ ମନ୍ତବ୍ୟ ଦେଇଥିଲେ ସେ ସବୁ ଭାରତୀୟ ଗଣତନ୍ତ୍ରର ପରିପନ୍ଥୀ ହୋଇଥିଲା ଏବଂ ଏଥିପାଇଁ ତାଙ୍କୁ ଭର୍ତ୍ସନା କରାଯାଇଥିଲା । ସେଇଥିପାଇଁ ବୋଧହୁଏ ଏହି ଥରର କାର୍ଯ୍ୟକ୍ରମକୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁମତି ଦେଇନଥିଲେ । ହେଲେ ଯଦି ସେ ସତରେ ସେମିତି କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ତାହେଲେ ସେ ତାହାର ପ୍ରମାଣ ଦିଅନ୍ତୁ, କିମ୍ବା କାର୍ଯ୍ୟକ୍ରମରେ କେଉଁ ବିଷୟରେ ଆଲୋଚନା ହୋଇଥିଲା ସେ ବିଷୟରେ ଜଣାନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି ଦାବୀ ହେବାକୁ ଲାଗିଛି ।

ଏଣେ ନ୍ୟାୟ ଯାତ୍ରା ସମୟରେ ଲୋକଙ୍କୁ ଅନେକ ମିଥ୍ୟା ସୂଚନା ଦେଉଥିବାର ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ସେ ଜାତିଗତ ଜନଗଣନା ପାଇଁ ଜନସମର୍ଥନ ଜୁଟାଇବାକୁ ଚେଷ୍ଟା କରୁଥିବା ବେଳେ ଲୋକଙ୍କୁ ଜାତିଆଣ ମନ୍ତବ୍ୟ ଦେଇ ପରସ୍ପର ବିରୋଧରେ ଉସୁକାଉଥିବା ଦେଖିବାକୁ ମିଳିଛି । ଦଳିତ ଓ ସଂରକ୍ଷିତ ବର୍ଗର ବ୍ୟକ୍ତିମାନଙ୍କୁ ମୋଦୀ ସରକାର ଅବହେଳିତ କରୁଛନ୍ତି ବୋଲି କହି ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିବାକୁ ସେ ଚେଷ୍ଟା କରୁଥିବା ସ୍ପଷ୍ଟ ଜଣା ପଡୁଛି । ଠିକ୍ ସେଇଭଳି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅଗ୍ନିବୀର କାର୍ଯ୍ୟକ୍ରମ ବିରୋଧରେ ସେ ଅପପ୍ରଚାର କରୁଥିବା ଦେଖିବାକୁ ମିଳିଛି । ଅବଶ୍ୟ ରାହୁଲ ଗାନ୍ଧୀ ଆଗରୁ ମଧ୍ୟ ନିଜର ଅପ୍ରସ୍ତୁତତାକୁ ନେଇ ଅନେକ ଥର ସମାଲୋଚନାର ଶରବ୍ୟ ହୋଇଛନ୍ତି, ତଥାପି ତାଙ୍କ ପାଇଁ ନିଯୁକ୍ତ ଉପଦେଷ୍ଟାମାନେ କାହିଁକି ତାଙ୍କୁ ସଠିକ୍ ତଥ୍ୟ ଯୋଗାଉନାହାନ୍ତି ତାହା ଆଲୋଚନାର ବିଷୟ ହୋଇଛି ।

ନିର୍ବାଚନ ଠିକ୍ ପୂର୍ବରୁ ଓଡ଼ିଶା ସରକାର ଅନେକ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଏବଂ ଏହି ସବୁ କାର୍ଯ୍ୟ ଏତେ ତ୍ୱରାନ୍ୱିତ ଭାବରେ ହେଉଛି ଯେ ଲୋକମାନେ ଜାଣି ପାରୁଛନ୍ତି ଏ ସବୁ କେବଳ ନିର୍ବାଚନରେ ବିଜୟୀ ହେବାପାଇଁ ଲୋକଙ୍କୁ ନିଜ ଦଳ ପ୍ରତି ଆକୃଷ୍ଟ କରିବାର ଯୋଜନା ମାତ୍ର । ଏହି ସୁଯୋଗରେ ବିଭିନ୍ନ ପ୍ରକାରର ଭତ୍ତା ବୃଦ୍ଧି କରିବା, ପରିବାର ମାନଙ୍କୁ ବ୍ୟାଗ ଯୋଗାଇ ଦେବା, ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ଯୋଗାଇ ଦେବା, ବିଭିନ୍ନ ସହରାଞ୍ଚଳରେ ମୋ ବସ, ଲକ୍ଷ୍ମୀ ବସ୍ ଆଦି ବ୍ୟବସ୍ଥା କରିବା, ଆହୁରି ଅନେକ ଯୋଜନା ଯାହା ସବୁ ବିଗତ ଦୁଇ ମାସ ମଧ୍ୟରେ ହିଁ ଆରମ୍ଭ ହୋଇଛି । ବିଗତ ପାଞ୍ଚବର୍ଷରେ ଏହି ସବୁ କାର୍ଯ୍ୟପାଇଁ ସମୟ ନଥିଲା ବୋଧହୁଏ । ଏବେ ଏବେ ସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କିଛି କରିବା ପାଇଁ ସରକାର ନିଷ୍ପତ୍ତି ନେଇଗଲେ । ସମ୍ବାଦପତ୍ର ହେଉ ବା ଅନଲାଇନ୍ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମ ସବୁଠି ଏବେ ଖାଲି ଓଡ଼ିଶା ସରକାରଙ୍କ ବିଜ୍ଞାପନ ଦେଖିବାକୁ ମିଳିଛି । ଦେଖାଯାଉ ଲୋକମାନେ ଏହି ସବୁ ବିଜ୍ଞାପନ ଦ୍ୱାରା ଭଳି ଯାଉଛନ୍ତି ନା ମତ ବଦଳାଉଛନ୍ତି । ଦୀର୍ଘକାଳ ପାଇଁ କୌଣସି ଗୋଟିଏ ଦଳର ଶାସନ ରହିବା ପରେ ସଂପୃକ୍ତ ଦଳର ମନମାନି ବଢ଼ିଯାଏ ବୋଲି କୁହାଯାଏ । ଓଡ଼ିଶାରେ ବିଜେଡ଼ି ପଚିଶି ବର୍ଷ ଶାସନ କରିବା ପରେ ସେହିଭଳି ମନୋମୁଖୀ ଶାସନ ଦେଖିବାକୁ ମିଳୁଛି ବୋଲି ଅନେକ ଗଣମାଧ୍ୟମରେ ଆଲୋଚନା ହେଉଛି । ଯଦିଓ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଛବି ରାଷ୍ଟ୍ରୀୟ ସ୍ତରରେ ତାଙ୍କୁ ଜଣେ ଭଲ ଜନନେତା ଭାବରେ ଲୋକପ୍ରିୟ କରାଇଛି ।

ଚଳିତ ବର୍ଷର ସବୁଠାରେ ଚର୍ଚ୍ଚାର ବିଷୟ ହେଉଛି, ଅମ୍ବାନୀ ଗୋଷ୍ଠୀଙ୍କ ପ୍ରମୁଖ ମୁକେଶ ଧୀରୁଭାଇ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କ ପ୍ରାକ୍‌ବିବାହ ଉତ୍ସବ । ବିଗତ ସପ୍ତାହରେ ଗୁଜୁରାଟର ଜାମନଗର ଠାରେ ଆୟୋଜିତ ଏକ ବିଶାଳ ଆୟୋଜନରେ ବିଶ୍ୱର ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ଯାହା ଏବେ ସମସ୍ତ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହେଉଛି । ଫେସବୁକ ହେଉ ବା ଇନ୍‌ଷ୍ଟାଗ୍ରାମ୍ ବା ଟ୍ୱିଟର୍ ସବୁଠି କେବଳ ଅମ୍ବାନୀଙ୍କ ପ୍ରାକ ବିବାହ ଉତ୍ସବର ଖବର ହିଁ ଦେଖିବାକୁ ମିଳୁଛି ।

ସୂଚନାଯୋଗ୍ୟ ଯେ କନିଷ୍ଠ ଅମ୍ବାନୀ ବନତାରା ନାମକ ଏକ ସଂଗଠନ ଗଢ଼ିଛନ୍ତି, ଯେଉଁଠି ସେ ପ୍ରାଣୀଧନକୁ ସୁରକ୍ଷିତ ରଖିବା ପାଇଁ ଅନେକ ଶହ ଏକର ଜମିରେ ଏକ କୃତ୍ରିମ ବନ ସୃଷ୍ଟି କରିଛନ୍ତି । ଆଗରୁ ମୁକେଶ ଅମ୍ବାନୀଙ୍କ ପତ୍ନୀ ନିତା ଅମ୍ବାନୀ ମଧ୍ୟ ଅନେକ ସ୍ୱେଚ୍ଛାସେବୀ ସଂଗଠନ ସହ ସଂପୃକ୍ତ ଥିଲେ ଏବଂ ନିଜ ସଂଗଠନ ଅନ୍ତର୍ଭୁକ୍ତ ଅନେକ କାର୍ଯ୍ୟ କରି ଆସୁଥିଲେ । ଏହି ବନତାରା ସଂସ୍ଥା ଦ୍ୱାରା ସେ ନିଜର କାର୍ଯ୍ୟକୁ ଆହୁରି ବ୍ୟାପକ ଭାବରେ କରି ପାରିବେ ବୋଲି ମନେ ହୁଏ । କନିଷ୍ଠ ଅମ୍ବାନୀଙ୍କ ବିବାହ ତାଙ୍କର ପିଲାଦିନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାନ୍ଧବୀ ରାଧିକା ମର୍ଚାଣ୍ଟଙ୍କ ସହ ନିର୍ଦ୍ଧାରିତ ହୋଇ ସାରିଛି ।

ଏହି ପ୍ରାକ୍ ବିବାହ ଉତ୍ସବରେ ଯୋଗ ଦେଇଥିବା ବ୍ୟକ୍ତିତ୍ୱ ମାନଙ୍କ ମଧ୍ୟରେ ଥିଲେ ମାଇକ୍ରୋସଫ୍ଟ ସଂସ୍ଥାର ପ୍ରତିଷ୍ଠାତା ବିଲ୍ ଗେଟସ୍, ଫେସବୁକ୍ ନିର୍ମାତା ମାର୍କ୍ ଜୁକରବର୍ଗ୍, ଏବଂ ଆହୁରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତି । ସମସ୍ତଙ୍କୁ ଭାରତୀୟ ପୋଷାକ ପରିପାଟୀରେ ଦେଖିବା ଆମୋଦକର ଥିଲା । ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ବିଶ୍ୱର ଅତ୍ୟନ୍ତ ଲୋକପ୍ରିୟ ଏହି ବ୍ୟକ୍ତିତ୍ୱମାନେ କେତେ ସହଜରେ ଭାରତୀୟ ସଂସ୍କୃତିକୁ ସମ୍ମାନିତ କରି ପୋଷାକ ପତ୍ର ପରିଧାନ କରି ଆନନ୍ଦିତ ହେଉଥିଲେ । ଏହି କାର୍ଯ୍ୟକ୍ରମରେ ବଲିଉଡର ଅନେକ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା । ତିନି ପ୍ରମୁଖ ଖାଁ ଶାହରୁଖ, ସଲମାନ ଓ ଆମୀର ଖାନ ଏକତ୍ର ନାଚ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ । ତାଙ୍କ ସହ ମଞ୍ଚରେ ଯୋଗ ଦେଇଥିଲେ ଆର୍ ଆର୍ ଆର୍ ଚଳଚ୍ଚିତ୍ରର ନାୟକ ରାମଚରଣ । ପ୍ରମୁଖ ଅଭିନେତ୍ରୀମାନେ ଉଭୟ ପାର୍ଶ୍ୱରେ ଠିଆ ହୋଇ ରାଧିକା ମର୍ଚାଣ୍ଟଙ୍କ ଉପରେ ପୁଷ୍ପ ପକାଉଥିବା ଦୃଶ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଅମ୍ବାନୀ ପରିବାରର ଏହି ଉତ୍ସବରେ ଯୋଗ ଦେବାପାଇଁ ଆସିଥିବା ଅତିଥିମାନଙ୍କୁ ବସରେ ଏକତ୍ର ନିଆଯାଉଥିବା ଦୃଶ୍ୟ ମଧ୍ୟ ଅନେକଙ୍କ ପାଇଁ ପ୍ରଥମଥର ଥିଲା । ନିଜ ନିଜ କ୍ଷେତ୍ରରେ ସଫଳତା ପାଇଥିବା ଅନେକ ନେତା, ଅଭିନେତା, ବ୍ୟବସାୟୀ, ଗବେଷକ, ବ୍ୟବସ୍ଥାପକ ଇତ୍ୟାଦି ସମସ୍ତେ ଏକାକାର ହୋଇ ଏହି ଉତ୍ସବକୁ ଉପଭୋଗ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସଂଗୀତ କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତୀୟ କଣ୍ଠଶିଳ୍ପୀ ରିହାନାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ବିଗତ ବର୍ଷମାନଙ୍କରେ ଭାରତରେ ଆୟୋଜିତ କୃଷକ ଆନ୍ଦୋଳନ ସମୟରେ ଆନ୍ଦୋଳନ ସମର୍ଥନକରି ଟ୍ୱିଟ୍ କରି ରିହାନା ଟ୍ୱିଟରରେ ଲେଖିଥିଲେ ଯେ ଭାରତ ଏକ ଗରୀବ ଦେଶ ଏବଂ ଏଠାରେ କୃଷକଙ୍କ ଉପରେ ଅନ୍ୟାୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଛି । ସେହି ମହିଳା ଶୁଣାଯାଉଛି ମାତ୍ର ସତୁରୀ କୋଟି ଟଙ୍କା ବିନିମୟରେ ଅମ୍ବାନୀଙ୍କ କାର୍ଯ୍ୟକ୍ରମରେ ନିଜ କଳାର ପ୍ରଦର୍ଶନ କରିଥିଲେ, ଏବଂ ଏଠାରୁ ଫେରିବା ପରେ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ଏକ ସମୃଦ୍ଧ ସଂସ୍କୃତି ସମ୍ପର୍ନ୍ନ ଦେଶ, ଏଠାରେ ଲୋକମାନେ ଭାରି ଭଲ ଓ ଏହି ପାରମ୍ପାରିକ ବଞ୍ଚିବା ଶୈଳୀ ତାଙ୍କୁ ଅତ୍ୟନ୍ତ ଆକର୍ଷକ ମନେ ହେଉଛି ।

ଅମ୍ବାନୀ ପରିବାର ଭାରତର ପ୍ରମୁଖ ଉଦ୍ୟୋଗ ପରିବାର । ବିଶ୍ୱର ଧନୀ ମାନଙ୍କ ତାଲିକାରେ ଅମ୍ବାନୀଙ୍କ ନାଁ ଆସେ । ତେଣୁ ସେ କରିଥିବା ଏହି ଉତ୍ସବରେ ସେ ସମାଜର ସବୁ ବର୍ଗର ଲୋକଙ୍କୁ ସାମିଲ କରିଥିଲେ । ସେ ଚାହିଁଥିଲେ ଉତ୍ସବକୁ ମୁମ୍ବାଇ ଭଳି ସ୍ଥାନରେ କରି ପାରିଥାନ୍ତେ, କିନ୍ତୁ ସେ ଏହାକୁ ନିଜର ପୈତୃକ ଗ୍ରାମରେ କରିବାର ନିଷ୍ପତ୍ତି ନେଇଥିଲେ । ଶୁଣାଯାଏ ଏହି ଆୟୋଜନରେ କେତେ ଶହ କୋଟି ଟଙ୍କା ଖର୍ଚ୍ଚ ହେଲା । ଅନେକ ଲୋକ ମନ୍ତବ୍ୟ ଦିଅନ୍ତି ଯେ ଏହି ଏତେ ଟଙ୍କା ଖର୍ଚ୍ଚ କରି ଲୋକ ଦେଖାଣିଆ କାର୍ଯ୍ୟକ୍ରମ କରିବା କଣ ଆବଶ୍ୟକ ଥିଲା । ଠିକ୍ କଥା ଯେ ଯେଉଁ ଦେଶରେ ଲୋକମାନଙ୍କୁ ଦିନରେ ଦୁଇଓଳି ଖାଇବାକୁ ମିଳୁନାହିଁ, ସେଇଠି ଜଣେ ବ୍ୟକ୍ତି ପ୍ରାକ୍ ବିବାହ ଉତ୍ସବରେ ଶହ ଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି, ଏହା ଅନୁଚିତ । ନା କଣ ଭାବୁଛନ୍ତି ?

ଆପଣ ମନେ ପକାଇ କୁହନ୍ତୁ, ଶେଷ ଥର କେଉଁ ବାହାଘରରେ ଆପଣ ଯୋଗ ଦେଇଥିଲେ ଆଉ ସେଇଠି କେତେ ଟଙ୍କା ଖର୍ଚ୍ଚ ହୋଇଥିଲା । ଭାରତରେ ଅତି ସାଧାରଣରୁ ସାଧାରଣ ପରିବାର ମଧ୍ୟ ନିଜର ପୁଅ କିମ୍ବା ଝିଅର ବାହାଘର ସମୟରେ ସମ୍ପତ୍ତିର ଚାରିଭାଗରୁ ପାଞ୍ଚଭାଗ ଖର୍ଚ୍ଚ କରି ଦିଅନ୍ତି । ଆମ ଅନୁଷ୍ଠାନର ଦରୱାନ୍ ଭାବରେ କାମ କରୁଥିବା ଜଣେ ବ୍ୟକ୍ତି ନିଜ ପୁଅର ବାହାଘରରେ ହଜାରେ ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଥିଲେ । ମାସକୁ ମାତ୍ର ସାଢ଼େ ସାତ ହଜାର ଟଙ୍କା ପାଉଥିବା ଲୋକ ଜଣେ ନିଜ ପୁଅର ବିବାହରେ ଅନ୍ୟୂନ ସାଢ଼େ ସାତ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ତା ହେଲେ ମୁକେଶ ଅମ୍ବାନୀ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାହାଙ୍କର ସମୁଦାୟ ସମ୍ପତ୍ତି ଅନେକ ହଜାର କୋଟି ଟଙ୍କା, ସେ କିଛି ଶହ କୋଟି ନିଜ ପୁଅର ବିବାହରେ ଖର୍ଚ୍ଚ କରି ତ ବହୁତ ଶସ୍ତାରେ ଚଳାଇ ଦେଇଛନ୍ତି ବୋଲି କହି ହେବ । ଅବଶ୍ୟ ଆମ ତୁଳନାରେ ତାହା ଅଧିକ, କିନ୍ତୁ ଏବେ ବି ଆମ ସହରରେ କିଛି ଏଭଳି ବାହାଘର ହେଉଛି ଯେଉଁଠି ପରିବାର ମାନେ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦେଉଛନ୍ତି । ସେଇ ସମୟରେ ଆମେ ପ୍ରତିବାଦ କରୁଛେ କି ? କହୁଛେ କି, ଯେ ଭାରତରେ ଅନେକ ଲୋକ ଭୋକରେ ଥିବା ବେଳେ ତୁମେ କାହିଁକି ଏତେ ଖର୍ଚ୍ଚ କରୁଛ ? ଆମେ କହୁ ନାହେଁ, କାରଣ ଆମେ ଜାଣିଛେ ସେମାନେ ସେତିକି ଅର୍ଜିଛନ୍ତି ଯଦି ନିଜ ପିଲାମାନଙ୍କ ପାଇଁ ଖର୍ଚ୍ଚ କରିବେନି ତ କାହା ପାଇଁ କରିବେ । ବାସ୍ ସେଇମିତି ଅମ୍ବାନୀ ମଧ୍ୟ ଯାହା ଅର୍ଜିଛନ୍ତି ତାହା ନିଜ ପୁଅ ପାଇଁ କରିବେନି ତ କାହା ପାଇଁ କରିବେ ? ତେଣୁ ତାଙ୍କୁ ସମାଲୋଚନା କରିବା କାହିଁକି ?

ବରଂ ଏହି ଉତ୍ସବ ପାଇଁ ମୁଁ ଅମ୍ବାନୀ ପରିବାରକୁ ଧନ୍ୟବାଦ ଦେବି, ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ଭାରତୀୟ ପାରିବାରିକ ପରମ୍ପରାକୁ ବିଶ୍ୱ ଦରବାରରେ ଏକ ନୂତନ ଉତ୍ସାହ ସହ ଉପସ୍ଥାପନ କରି ପାରିଛନ୍ତି । ଅମ୍ବାନୀ ପରିବାରର ଏହି ଉତ୍ସବର ଖବର କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି, ତେଣୁ ଏହାର ବ୍ୟାପକତାକୁ ଦେଖିଲେ ମନେ ହୁଏ ଏହି ଉତ୍ସବ ମାଧ୍ୟମରେ ଅମ୍ବାନୀ ପରିବାର ଭାରତର ସଂସ୍କୃତି ସହ ସମଗ୍ର ବିଶ୍ୱକୁ ପରିଚିତ କରାଇ ଦେଇଛନ୍ତି । ସାମାଜିକ ଗଣମାଧ୍ୟମର ଯୁଗରେ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଏହି ବିଷୟରେ ଅନେକ ଖବର ଲୋକଙ୍କୁ ଜଣାଇ ଦିଆଯାଇ ସଚେତନତା ସୃଷ୍ଟି କରାଯାଇଛି ।

ଏହି ମାସର ପ୍ରାରମ୍ଭରେ ଭାରତ ସରକାରଙ୍କ ରବି ନଦୀ ଉପରେ ନିର୍ମାଣ ହେଉଥିବା ବ୍ୟାରେଜର ଖବର ପାକିସ୍ତାନ ସରକାରଙ୍କ ନିଦ ଉଡ଼େଇ ଦେଇଛି । ଭାରତ ଓ ପାକିସ୍ତାନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭାଜନ ପରେ ଏକ ପାରସ୍ପରିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଯେଉଁଥିରେ ଭାରତରୁ ପାକିସ୍ତାନ ଆଡ଼କୁ ଯାଉଥିବା ଛଅ ଗୋଟି ନଦୀ ମଧ୍ୟରୁ ତିନୋଟି ପାକିସ୍ତାନକୁ ଏବଂ ତିନୋଟିର ଅଧିକାର ଭାରତକୁ ମିଳିଥିଲା । ସେଇ ମଧ୍ୟରେ ଥିବା ରାବି ନଦୀ । ହେଲେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାବି ନଦୀର ଜଳ ପାକିସ୍ତାନକୁ ଯାଉଥିଲା ଏବଂ ଏହାଦ୍ୱାରା ସେଠାକାର ସମୃଦ୍ଧ ପଞ୍ଜାବ ପ୍ରାନ୍ତରେ ଚାଷବାସ କାମ ହେଉଥିଲା । ପାକିସ୍ତାନର ରାଜଧାନୀ କ୍ଷେତ୍ର ମଧ୍ୟ ଏହି ନଦୀ ଦ୍ୱାରା ସମୃଦ୍ଧ ହୋଇଥିଲା । ବିଗତ ଦିନରେ ଏହି ନଦୀ ଉପରେ ବ୍ୟାରେଜ ନିର୍ମାଣ କରାଯାଇ ସେଇ ପାଣିକୁ ପଞ୍ଜାବ ଓ ହରିଆନାର କୃଷି କ୍ଷେତ୍ରକୁ ଯୋଗାଇବା ଯୋଜନା କରାଯାଇଛି । ଏହାପରେ ପାକିସ୍ତାନରେ ହାହାକାର ବ୍ୟାପିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଏହି ନଦୀ ଉପରେ ପାକିସ୍ତାନର ସବୁଠାରୁ ସମୃଦ୍ଧ ଅଞ୍ଚଳ ନିର୍ଭରଶୀଳ ରହିଛି । ମୋଦୀ ସରକାର ଏହି ନଦୀର ଜଳକୁ ଦେଶରେ ସବୁଜ କ୍ରାନ୍ତିପାଇଁ ବ୍ୟବହାର କରିବାକୁ ଚାହୁଁଛନ୍ତି, ଯାହା ଭାରତର ଅଧିକାର କ୍ଷେତ୍ରରେ ଆସେ । ତେଣୁ ଏହି ବିଷୟକୁ ନେଇ ଆନ୍ତର୍ଜାତିକ ଆଲୋଚନାର କୌଣସି ସୁଯୋଗ ନାହିଁ । ହେଲେ ଭାରତ ସରକାରଙ୍କ ଏହି ନିଷ୍ପତ୍ତି ପାକିସ୍ତାନ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ଅନେକ ବୁଦ୍ଧିଜୀବି ମତ ଦେଇଛନ୍ତି ।

ଗତ ମାସରେ ପାକିସ୍ତାନରେ ସର୍ବସାଧାରଣ ନିର୍ବାଚନ ହୋଇ ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇ ସାରିଛନ୍ତି । ଏଥିରେ ସହବାଜ୍ ସରିଫ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ବିଗତ ସମୟରେ ସେ ଭାରତ ସହ ଶତୃତା ଜାରୀ ରଖିବା ଦ୍ୱାରା ଯେଉଁଭଳି ଭାବରେ ସାମାଜିକ ଓ ଆର୍ଥିକ ଏକ ଘରିଆର ସମ୍ମୁଖୀନ ହେଉଛନ୍ତି ତାହା ସେ ଏବେ ବି ଜାରୀ ରଖିବେ ନା ନିଜ ଶାସନର ଆଭିମୁଖ୍ୟ ବଦଳାଇବେ ତାହା ଦେଖିବାକୁ ରହିଲା ।

ମାର୍ଚ୍ଚ ମାସ ଆଠ ତାରିଖ ଦିନ ଏକ ନୂତନ ପରିକଳ୍ପନାକୁ ସାକାର ରୂପ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଅନେକ ପ୍ରମୁଖ ସୋସିଆଲ୍ ମିଡ଼ିଆ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ମାନିତ କରିଥିଲେ । କୋଡିଏଟି ବିଭାଗରେ ଅନେକ ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏନ୍‌ସରଙ୍କୁ ସମ୍ମାନିତ କରାଯାଇଥିଲା । ଏହା ଭାରତରେ ଉଦୀୟମାନ ଯୁବଶକ୍ତିକୁ ସମ୍ମାନ ବୋଲି ଅନେକ ମତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହି ସମାରୋହରେ ସମ୍ମାନିତ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ସୋସିଆଲ୍ ମିଡ଼ିଆରେ ପ୍ରସିଦ୍ଧ ହେବା ସହ ପ୍ରତ୍ୟେକଙ୍କର ଅନ୍ୟୁନ ଏକ କୋଟିରୁ ଊର୍ଦ୍ଧ୍ୱ ପ୍ରଶଂସକ ରହିଛନ୍ତି । ଏହି ଉତ୍ସବରେ କୋଡ଼ିଏ ଜଣଙ୍କୁ ସମ୍ମାନିତ କରାଯାଇଥିଲେ ସୁଦ୍ଧା ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ । ସେମାନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାକୁ ସମ୍ମାନିତ କରାଯାଇଥିଲା, ହେଲେ ଅନେକେ ବୁଝି ପାରିନଥିବେ ଯେ ଏହି ସମ୍ମାନ କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଇ ସମ୍ମାନିତ ବ୍ୟକ୍ତିମାନଙ୍କ ପ୍ରଶଂସକ ମାନଙ୍କୁ ମଧ୍ୟ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି, ତେଣୁ ଆଗାମୀ ନିର୍ବାଚନ ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସୁଶ୍ରୀ ଜୟା କିଶୋରୀ, ମୈଥିଲୀ ଠାକୁର, ଟେକ୍ନିକାଲ୍ ଗୁରୁଜୀ, ବୀର୍ ବାଇସେପ୍, ତ୍ରିଗର୍ଡ୍ ଇନ୍‌ସାନ୍, ଆଦି ଅନେକ ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏନ୍‌ସର୍ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିଲେ ।

ଚଳିତ ମାସ ଏକ ତାରିଖ ଦିନ କର୍ଣ୍ଣାଟକ ରାଜ୍ୟ ରାଜଧାନୀ ବେଙ୍ଗାଲୁରୁରେ ଏକ ପ୍ରମୁଖ ରାମେଶ୍ୱରମ୍ କ୍ୟାଫେରେ ଏକ ବୋମା ବିସ୍ଫୋରଣ ହୋଇଥିଲା । ଏହା ଅପ୍ରତ୍ୟାଶିତ ଥିଲା ଏବଂ କେହି ଏଭଳି କୌଣସି ଘଟଣା ପାଇଁ ଆଶା କରିନଥିଲେ । ବେଙ୍ଗାଲୁରୁ ସ୍ଥିତ ହ୍ୱାଇଟଫିଲ୍‌ଡ୍ ଅଞ୍ଚଳରେ ସ୍ଥିତ ଏହି କ୍ୟାଫେରେ ଜଣେ ମୁଖା ପିନ୍ଧିଥିବା ସନ୍ଦିଗ୍ଧ ବ୍ୟକ୍ତି ବ୍ୟାଗରେ ବୋମା ନେଇ ଆସିଥିଲା ଏବଂ ସେ କ୍ୟାଫେରେ କିଛି ସମୟ ରହିବା ପରେ ବ୍ୟାଗ ଛାଡ଼ିଦେଇ ଚାଲି ଯାଇଥିଲା । ଏହାପରେ ପରେ ସେଥିରେ ବିସ୍ଫୋରଣ ହୋଇଥିଲା । ଭାରତରେ ବିଗତ ଅନେକ ବର୍ଷ ହେବ ଏହିଭଳି ଆତଙ୍କବାଦୀ କାର୍ଯ୍ୟକଳାପ ଘଟଣା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘଟିନଥିଲା । ଏହାର ପାଞ୍ଚଦିନ ପରେ ରାଜ୍ୟର ବେଲ୍ଲାରେ ସ୍ଥିତ "ଆଇଏସଆଇଏସ ମୋଡ୍ୟୁଲ୍" ସଂପୃକ୍ତ ପାଞ୍ଚଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ଏନଆଇଏ ଦ୍ୱାରା ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ଏହି ଘଟଣାର ମୁଖ୍ୟ ଅପରାଧୀ ବର୍ତ୍ତମାନ ସୁଦ୍ଧା ଧରା ପଡ଼ିନଥିଲେ ସୁଦ୍ଧା ଏହା ଭାରତର ସର୍ବସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଅସ୍ଥିରତା ସୃଷ୍ଟି କରିବାର ଏକ ଛୋଟ ପ୍ରଚେଷ୍ଟା ହୋଇପାରେ ବୋଲି ଚର୍ଚ୍ଚା ହେଉଛି ।

ଆଉ ଗୋଟିଏ ଘଟଣା ଯାହା ସମୁଦାୟ ଦେଶକୁ ଦୋହଲାଇ ଦେଇଥିଲା ତାହା ହେଉଛି ପଶ୍ଚିମ ବଙ୍ଗ ରାଜ୍ୟର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ସନ୍ଦେଶଖାଲି ଅଞ୍ଚଳର ଖବର । ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳର ଜଣେ ଜନ ପ୍ରତିନିଧି, ତୃଣମୂଳ କଂଗ୍ରେସର ଜଣେ ତୁଙ୍ଗ ନେତା ସାହାଜାହନ୍ ଶେଖଙ୍କ ବିରୋଧରେ ମହିଳା ଉତ୍ପୀଡ଼ନ ଏବଂ ଜୋର ଜବରଦସ୍ତି ଭୂମି ଅକ୍ତିଆର କରିବାର ଏକ ମାମଲା ସାମନାକୁ ଆସିଥିଲା ।

ଜାନୁଆରୀ ୫ ତାରିଖ ଦିନ ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କିଛି ଅଧିକାରୀ ଏକ ଭ୍ରଷ୍ଟାଚାର ମାମଲାରେ ସାହାଜାହନ ଶେଖଙ୍କ ସଂପୃକ୍ତିନେଇ ତଦନ୍ତ କରିବା ଉଦ୍ଦେଶ୍ୟରେ ତାଙ୍କ ବାସ ଭବନରେ ପହଞ୍ଚିଥିଲେ । କିନ୍ତୁ ଏହି ସମୟରେ ଶେଖର କିଛି ସମର୍ଥକ ଇଡ଼ିର କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରିଦେଇଥିଲେ, ଏଥିରେ ଅନେକ ଲୋକ ହତାହତ ହୋଇଥିଲେ । ହେଲେ ଇଡ଼ି ଏବ କେନ୍ଦ୍ରୀୟ ଏଜେନ୍ସି ଥିଲା ଏଣୁ ନିଜକୁ ସୁରକ୍ଷିତ କରିବା ପାଇଁ ସାହାଜାହାନ ଶେଖ୍ ଫେରାର ହୋଇ ଯାଇଥିଲା ।

ଶେଖ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଥିବା ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ଅନେକ ମହିଳା ଶେଖ୍ ବିରୋଧରେ ଶାରୀରିକ ନିର୍ଯ୍ୟାତନା ଏବଂ ସେମାନଙ୍କ ଭୂମି ଅକ୍ତିଆର କରିଥିବାର ଅଭିଯୋଗ ନେଇ ଆନ୍ଦୋଳନ କରିବା ଆରମ୍ଭ କରିଦେଇଥିଲେ । ଏହା ପରେ ଏହି ଅନ୍ଦୋଳନ ହିଂସାତ୍ମକ ହେବାକୁ ଲାଗିଲା ଏବଂ ଶେଖ୍ ଦ୍ୱାରା ଅଧିକୃତ ତିନିଗୋଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୁକୁଡ଼ା ଫାର୍ମରେ ଉତ୍ୟକ୍ତ ଜନତା ନିଆଁ ଲଗାଇ ଦେଇଥିଲେ । ଏହାର ଭିଡ଼ିଓ ସବୁ ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହେବା ପରେ ଜାତୀୟ ସ୍ତରର ଗଣମାଧ୍ୟମଙ୍କୁ ଜଣାପଡ଼ିଲା, ସେତେବେଳେ ଏହାକୁ ନେଇ ଅନେକ କାର୍ଯ୍ୟକ୍ରମ ପ୍ରସାରିତ ହେବାପରେ ରାଷ୍ଟ୍ରୀୟ ମହିଳା ଆୟୋଗର ପ୍ରମୁଖ କର୍ମକର୍ତ୍ତା ସନ୍ଦେଶଖାଲି ଯାଇ ସେଠାରେ ଉତ୍ପୀଡ଼ନର ଶୀକାର ହୋଇଥିବା ମହିଳା ମାନଙ୍କ ସହ ଦେଖା ସାକ୍ଷାତ କରିବା ପରେ ରାଜ୍ୟରେ କେନ୍ଦ୍ରୀୟ କିମ୍ବା ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ମତ ଦେଇଥିଲେ । ପରେ ପରେ ଭାଜପାର ପ୍ରମୁଖ ନେତା ମାନେ ମଧ୍ୟ ଏହି ଅଞ୍ଚଳ ପରିଦର୍ଶନରେ ଯାଇ, ମାମଲାକୁ ବୁଝାବୁଝି କରିବା ପରେ ଏହି କଥାକୁ ନେଇ ଭାଜପା ଓ ଟିଏମସି ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ।

ଏହାପରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ରାସ୍ତା ବନ୍ଦ କରିଦେଇ ପୋଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିଲେ । ପୋଲିସ ଡିଜିପି ନିଜେ ସେହି ଅଞ୍ଚଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିବା ସହ ନ୍ୟାୟ କରାଯିବାର ଆଶ୍ୱସ୍ତ କରି ଆସିଥିଲେ । ଏହି ମାମଲାରେ ଦୁଇଜଣ ଟିଏମସି ନେତା ଉତ୍ତମ ସରଦାର ଏବଂ ଶିବପ୍ରସାଦ ହାଜରାଙ୍କୁ ଗିରଫ କରାଯାଇଥିଲା । ସ୍ଥାନୀୟ ବିଧାୟକଙ୍କୁ ଲୋକମାନେ ଆକ୍ରମଣ କରିବାକୁ ପଛାଇ ନଥିଲେ ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ମାମଲାରେ ଭାଜପାକୁ ଦୋଷୀ ଦର୍ଶାଇ, କହିଛନ୍ତି ଯେ ଭାଜପା ପଶ୍ଚିମବଙ୍ଗରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି । ହେଲେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡ଼ିଓ ଓ ଖବର ସବୁ ଦେଖିବା ପରେ ପ୍ରକୃତ ଘଟଣା କଣ ସମସ୍ତେ ଜାଣି ପାରୁଛନ୍ତି ଏବଂ ପଶ୍ଚିମ ବଙ୍ଗ ସରକାର କାହିଁକି ଏହି ମାମଲାକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ପ୍ରଶ୍ନ ଉଠୁଛି ।

ମମତା ବାନାର୍ଜୀ ପୋଲିସ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ଦେଇଛନ୍ତି, ହେଲେ ସ୍ଥାନୀୟ ଲୋକମାନେ ପୋଲିସ ଉପରେ ନିର୍ଭର କରିବାକୁ ମନା କରିଦେଇଛନ୍ତି । ମମତା ବାନାର୍ଜୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଶ୍ୱାସନା ଦେଇଛନ୍ତି ଯେ ସେମାନେ ନିଜର ସବୁକିଛି (ଜମି) ଫେରି ପାଇବେ, ହେଲେ ମହିଳା ମାନେ ପ୍ରଶ୍ନ କରିଛନ୍ତି ସେମାନଙ୍କ ସମ୍ମାନ ଫେରି ଆସିବ କି ? ମମତା ବାନାର୍ଜୀ ଏହି ପ୍ରକରଣ ପାଇଁ ଭାଜପାକୁ ଦୋଷୀ ବୋଲି କହିଛନ୍ତି, କିନ୍ତୁ ସ୍ଥାନୀୟ ଲୋକ କହିଛନ୍ତି ଯେ ଏହି ଅଞ୍ଚଳରେ କେବଳ ତୃଣମୂଳ କଂଗ୍ରେସର ଆଧିପତ୍ୟ ଅଛି, ଅନ୍ୟ କୌଣସି ରାଜନୈତିକ ଦଳ ଏଠାରେ ଅସ୍ତିତ୍ୱରେ ହିଁ ନାହାନ୍ତି । ଆମକୁ ଏଠାରେ ରାଷ୍ଟ୍ରପତି ଶାସନ ଆବଶ୍ୟକ ବୋଲି ମହିଳାମାନେ ଦାବୀ କରିଛନ୍ତି, କହିଛନ୍ତି ଯେ ମମତା ବାନାର୍ଜୀଙ୍କ ପୋଲିସ ବଳ ଉପରେ ସେମାନେ ବିଶ୍ୱାସ କରି ପାରିବେ ନାହିଁ, କାରଣ ଅନେକ ଦିନରୁ ଏହି ସବୁ ଘଟଣା ଘଟୁଥିବା ସତ୍ତ୍ୱେ ପୋଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଜି ପର୍ଯ୍ୟନ୍ତ କାହିଁକି ନେଇନଥିଲା । ଏହି ମାମଲା ଉପରେ ମତ ଦେଇ ଜଣେ ଟିଏମସି ପ୍ରମୁଖ ମନ୍ତବ୍ୟ ଦେଇଥିଲେ ଯେ ସନ୍ଦେଶଖାଲି ଅଞ୍ଚଳରେ କୌଣସି ପ୍ରକାରର ଶାରୀରିକ ନିର୍ଯ୍ୟାତନା ହୋଇନଥିଲା, ଯଦି ହୋଇଛି ତାହେଲେ ତାହାର ପ୍ରମାଣପତ୍ର ସେମାନେ କାହିଁକି ଦେଉନାହାନ୍ତି । ଏହି ମନ୍ତବ୍ୟ ପରେ ମହିଳାମାନେ ଅକ୍ରୋଶିତ ହୋଇ କହିଥିଲେ ଯେ କୁକର୍ମ କରିବା ପରେ କେହି ତାଙ୍କୁ ପ୍ରମାଣ ପତ୍ର ଦେଇଛନ୍ତି କି ? ସେମାନେ ନିଜେ ଯେତେବେଳେ ପୋଲିସରେ ଅଭିଯୋଗ କରିଥିଲେ, ସେତେବେଳେ ପୋଲିସ ସେମାନଙ୍କ ମାମଲାକୁ କାହିଁକି ଗ୍ରହଣ କରିନଥିଲେ । ଏଇ ବିଷୟକୁ ନେଇ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇଥିଲା ।

ସେ ଯା ହେଉ ପଶ୍ଚିମବଙ୍ଗରେ ଏକ ପ୍ରକାର ମନୋମୁଖୀ ଶାସନ ଚାଲୁଛି ବୋଲି ଭାଜପା ସମେତ ଅନେକ ରାଜନୈତିକ ଦଳ ମତ ଦେଇଛନ୍ତି । ଏଇ ମାମଲା ଉପରେ ପ୍ରଶ୍ନ କରାଯିବା ପରେ କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ଏଭଳି ଘଟଣା ପ୍ରାୟ ଘଟିଥାଏ ଏହାକୁ ନେଇ କୌଣସି ରାଜନୀତି କରାଯିବାର ଆବଶ୍ୟକତା ନାହିଁ । ଏହିଭଳି ସଂବେଦନହୀନ ମନ୍ତବ୍ୟ କଂଗ୍ରେସ ଦଳର ସଭାପତି ଦେବା ଦଳର ଆଭିମୁଖ୍ୟକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ପଷ୍ଟ ବୟାନ କରୁଛି ।

ଦୀର୍ଘ ପଚାଶ ଦିନରୁ ଊର୍ଦ୍ଧ୍ୱ କାଳ ଅଜ୍ଞାତବାସରେ ରହିବା ପରେ ଶାହାଜାହାନ୍ ଶେଖ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମିନାହାଟ ଅଞ୍ଚଳରୁ ଗିରଫ ହୋଇଛି । ବସିରହାଟ୍ କୋର୍ଟରେ ତାକୁ ଉପସ୍ଥିତ କରିବା ପରେ ତାକୁ ସିବିଆକୁ ହସ୍ତାନ୍ତର କରାଯାଇଛି । ତାକୁ ଗିରଫ କରିବା ପରେ ସେ ଯେତେବେଳେ ଅଦାଲତକୁ ଯାଉଥିଲା ସେଇ ସମୟରେ ତାକୁ ଦେଖିଲେ ମନେ ହେଉନଥିଲା ଯେ ସେ ଅନେକ ଦିନ ଧରି ପଳାତକ ଥିଲା । ସଫା ଇସ୍ତ୍ରୀକରା ପୋଷାକ ପିନ୍ଧି ଗଣମାଧ୍ୟମଙ୍କୁ ଧମକ ଭରା ଠାଣିରେ ଆଙ୍ଗୁଠି ଦେଖାଇ ନିଜେ ଆଗରେ ଚାଲି ଚାଲି ଅଦାଲତ ଭିତରକୁ ପଶି ଯାଇଥିଲା । ଏହି ଦୃଶ୍ୟ କୌଣସି ସିନେମାର ଦୃଶ୍ୟ ଭଳି ମନେ ହେଉଥିଲା । ଲାଗୁଥିଲା ସତେ ଯେମିତି ସେ କାହାରିକୁ ଖାତିର କରେନାହିଁ । ହେଲେ ଦେଶର ଆଇନ ବ୍ୟବସ୍ଥାକୁ ହେୟଜ୍ଞାନ ମନେ କରୁଥିବା ଏହିଭଳି ଅପରାଧୀମାନଙ୍କୁ ରାଜନୈତିକ ଦଳମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହାୟତା ମିଳୁଥିବା କଥା ସମସ୍ତେ ଜାଣିଛନ୍ତି । ଦେଖାଯାଉ ଏହି ମାମଲା କେଉଁ ଆଡ଼କୁ ଗତି କରୁଛି ।

ଦେଶ ଦୁନିଆର ଅନେକ ଖବର ଆମେ ଏହି ସମ୍ପାଦକୀୟ ରେ ଉପସ୍ଥାପନା କରୁଛୁ । ଗତ ସପ୍ତାହରେ ହଠାତ ଫେସବୁକ ଓ ଇନ୍‌ଷ୍ଟାଗ୍ରାମ ଆପ୍ କାମ କରିବା ବନ୍ଦ କରିଦେଇଥିଲା । ଏହା ପରେ ପରେ ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲା । ଅନେକ ଲୋକ ବିଚଳିତ ହୋଇ ପଡ଼ିଥିଲେ । ଅବଶ୍ୟ ଖୁବ୍ ଶୀଘ୍ର ତୃଟି ସୁଧାର ହେବାପରେ ସବୁ କିଛି ସାମନ୍ୟ ହୋଇ ଯାଇଥିଲା, କିନ୍ତୁ ସାଂପ୍ରତିକ ସମୟରେ ଯେତେବେଳେ ଲୋକମାନେ ସୋସିଆଲ୍ ମିଡ଼ିଆ ଉପରେ ଏତେ ମାତ୍ରାରେ ନିର୍ଭରଶୀଳ ହୋଇପଡିଛନ୍ତି, ସେଇ ସମୟରେ ଏଭଳି ଘଟଣା ଅନେକଙ୍କୁ ହୃଦଘାତ ଦେଇ ପାରେ ।

ବର୍ଷ ୨୦୧୯ରେ ପାର୍ଲିଆମେଣ୍ଟର ଉଭୟ ସଦନରେ ବହୁମତରେ ପାସ୍ ହୋଇଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାରତୀୟ ନାଗରିକତା ଅଧିନିୟମକୁ ସୋମବାର ଦିନ ଲାଗୁ କରି ଦିଆଯାଇଛି । ଏହା ଭାଜପାର ନିର୍ବାଚନୀ ଦସ୍ତାବେଜରେ ଉଲ୍ଲେଖ ଥିଲା । ତେଣୁ ନିର୍ବାଚନ ପୂର୍ବରୁ ହିଁ ଏହି ଆଇନକୁ କାର୍ଯ୍ୟକାରୀ କରି ଦିଆଯାଇଛି ।

ଏହି ଅଧିନିୟମକୁ ନେଇ ଅନେକ ଭ୍ରାନ୍ତ ଧାରଣା ଲୋକଙ୍କ ମନରେ ରହିଛି । ଉଲ୍ଲେଖଯୋଗ୍ୟ ଯେ ଅତୀତରେ ଏହି ଆଇନ ବିରୋଧରେ ଦିଲ୍ଲୀର ଶାହିନବାଗ ଅଞ୍ଚଳରେ ବିଶାଳ ଆନ୍ଦୋଳନ ମୁଣ୍ଡ ଟେକିଥିଲା ଏବଂ ପରେ ପରେ ଏହା ଦଙ୍ଗାର ରୂପ ନେଇ ଅନେକ ପ୍ରାଣ ହାନୀ ହୋଇଥିଲା । ଯଦିଓ ଏହି ଆଇନ ଦ୍ୱାରା କୌଣସି ଭାରତୀୟ ନାଗରିକଙ୍କ ନାଗରିକତ୍ୱ ଯାଉନାହିଁ, କିନ୍ତୁ ନେତାଗଣ ଲୋକଙ୍କୁ ସରକାରଙ୍କ ବିରୋଧରେ ଉସୁକାଇବା ପାଇଁ ଏହି ପ୍ରଚାର କରିବାରେ ଲାଗିଛନ୍ତି ଯେ ଏହି ଆଇନ ଫଳରେ ମୁସଲମାନ ମାନଙ୍କୁ ଦେଶରୁ ବିତାଡ଼ିତ କରାଯାଇପାରେ । ଏହି ଆଇନ କେବଳ ସେହି ଲୋକମାନଙ୍କ ପାଇଁ ଧାର୍ଯ୍ୟ ଯେଉଁମାନେ ଭାରତର ପଡ଼ୋଶୀ ରାଷ୍ଟ୍ରର ଅଧିବାସୀ ହୋଇ ଧାର୍ମିକ ଆଧାରରେ ଉତ୍ପୀଡ଼ନର ଶୀକାର ହୋଇ ଭାରତରେ ନାଗରିକତ୍ୱ ପାଇଁ ଆବେଦନ କରିବେ ସେମାନଙ୍କୁ ଭାରତର ନାଗରିକତା ଦିଆଯିବ । ଯେହେତୁ ଭାରତର ଚତୁର୍ପାର୍ଶ୍ୱରେ ମୁସଲିମ୍ ବହୁଳ ରାଷ୍ଟ୍ର ରହିଛି ତେଣୁ ସେଇ ସବୁ ଦେଶରେ ଅଣମୁସଲମାନ ମାନଙ୍କ ଉପରେ ଧାର୍ମିକ ଆଧାରରେ ଉତ୍ପୀଡନ ହେଉଥିବା ଘଟଣା ଅନେକ ସମୟରେ ଶୁଣିବାକୁ ମିଳେ, ତେଣୁ ସେମାନଙ୍କୁ ସହାୟତା କରିବା ପାଇଁ ଏହି ଅଧିନିୟମ ଲାଗୁ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ଷ ୨୦୦୪ ପୂର୍ବରୁ ଭାରତ ଆସିଥିବା ଲୋକଙ୍କୁ ନାଗରିକତା ଯୋଗାଇ ଦିଆଯିବ ।

ଏହି ଅଧିନିୟମରେ ମୁସଲମାନ୍ ମାନଙ୍କୁ କାହିଁକି ସ୍ଥାନ ଦିଆଯାଇନାହିଁ ବୋଲି ଯେଉଁ ନେତା ମାନେ ବକ୍ତବ୍ୟ ଦେଉଛନ୍ତି ସେମାନେ ଭଲରେ ଜାଣିଛନ୍ତି ଯେ ଏହି ବ୍ୟବସ୍ଥା ମୁସଲମାନ ମାନଙ୍କ ପାଇଁ ହୋଇ ପାରିବ ନାହିଁ, କାରଣ ସବୁଗୁଡ଼ିକ ରାଷ୍ଟ୍ର ମୁସଲମାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବହୁଳ, ତଥାପି ଲୋକଙ୍କୁ ଉସୁକାଇ ସରକାରଙ୍କୁ ଘେରିବା ଯୋଜନା କରିବାକୁ କେହି ପଛାଉନାହାନ୍ତି । ଯେଉଁଠି ଦେଶର ନେତାମାନେ ହିଁ ଜନତାଙ୍କୁ ମିଥ୍ୟାକହି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛନ୍ତି, ସେଇଠି ଉନ୍ନତିର ଆଶା କରିବା କେମିତି ?

ଏହି ଅଧିନିୟମ ବିରୁଦ୍ଧରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି, ଆମ୍ ଆଦମୀ ପାର୍ଟି ପ୍ରମୁଖ ଅରବିନ୍ଦ କେଜରିବାଲ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଏଆଇଏଡିଏମକେ ସେକ୍ରେଟାରୀ ପଲାନିସ୍ୱାମୀ, ଏମକ୍ୟୁଏମ୍ ପ୍ରମୁଖ ଅସଦ୍ଦୁଦିନ୍ ଓବେଶୀ ଆଦି ନେତାମାନେ ବିରୋଧ କରିବା ସହ ଅପପ୍ରଚାର ଚଳାଇଛନ୍ତି । ସରକାରଙ୍କ ଆଭିମୁଖ୍ୟକୁ ଲୋକଙ୍କୁ ନ ବୁଝାଇ ଭୁଲ ଧାରଣା ସେମାନଙ୍କ ମନରେ ଜାଗ୍ରତ କରାଇ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଏପରିକି କିଛି ରାଜ୍ୟ ଯଥା ତାମିଲନାଡୁ, ପଞ୍ଜାବ ଓ କେରଳ ସରକାର ଏହି ନିୟମକୁ ଲାଗୁ କରିବାକୁ ମନା କରିଦେଇଛନ୍ତି ।

ଆସନ୍ତୁ ବର୍ତ୍ତମାନ ଆମେ ଉପଭୋଗ କରିବା ଚଳିତ ମାସର ଆହ୍ୱାନ ଇ-ପତ୍ରିକା । ଆଶା କରୁଛି ସବୁ ମାସ ଭଳି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ବି ଆପଣ ମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ ।

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ପୋଡ଼କାଷ୍ଟ ପ୍ରସାରଣରୁ ଗୋଟିଏ କାହାଣୀ...




**Click to Listen on YouTube : https://youtu.be/MSpvnLKzigY**

ସମସ୍ତେ କଥା ହୋଇ ନିଷ୍ପତ୍ତି ନେଇଥିଲୁ ଯେ ପାହାନ୍ତି ପହରକୁ ହିଁ ଆମେ ସବୁ ବାହାରି ପଡ଼ିବା । ଥଣ୍ଡା ପାଗରେ ଗାଡ଼ି ଚଲାଇ ଅନେକ ଦୂର ଯାଇ ହେବ । ଦିନ ବଢ଼ିଲେ ଗରମ ବି ହେବ ଏବଂ ସେତେବେଳେ ଗାଡ଼ି ଚଲାଇବାକୁ ବିରକ୍ତ ଲାଗିବ ।

ମୋର ଚାରିଜଣ ସାଙ୍ଗ ଆଉ ମୁଁ ମିଶି କୋଲକାତା ବୁଲିଯିବା ପାଇଁ ଯୋଜନା କରିଥିଲୁ । ଭୁବନେଶ୍ୱରରୁ କୋଲକାତା ବେଶୀ ଦୂର ନୁହେଁ । ମାତ୍ର ପାଞ୍ଚ ଶହ କିଲୋମିଟର । ଘଣ୍ଟା ପିଛା ପଚାଶ ବେଗରେ ଗଲେ ବି ଦଶ ଘଣ୍ଟାରେ ପହଞ୍ଚିଯିବା । ବନ୍ଧୁ ମନୋଜ ଯେ କି ନୂଆ ଗାଡ଼ି କିଣିଥାଏ, ସେ କହିଲା, ରାତି ତିନିଟାରେ ବାହାରି ପଡ଼ିବା । ଦିପହର ବେଳକୁ କଲିକତାରେ ଲଞ୍ଚ୍ କରିବା । ସମସ୍ତଙ୍କ ମନକୁ ଯୋଜନା ଠିକ୍ ଲାଗିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଇକ୍ ନେଇ ଦୂର ଯାଗାକୁ ଯିବା ଆମ ମାନଙ୍କ ଅଭ୍ୟାସ ଥିଲା । ଶନିବାର ଓ ରବିବାର ଛୁଟି । ସେତେବେଳେ ଆମକୁ ସୋମବାର ବି ଛୁଟି ମିଳିଥିଲା । ତେଣୁ ଏହି ଯୋଜନା କରିଥିଲୁ । ଶୁକ୍ରବାର ରାତିରେ ବାହାରିଲେ ଶନିବାର ଦିପହର ବେଳକୁ ପହଞ୍ଚିବୁ । ହୋଟେଲ ନେଇ ଜିନିଷ ରଖିଦେଇ କଲିକତାରେ କିଛି କିଣାକିଣି କରି ବୁଲାବୁଲି କରିବୁ । ପୁଣି ସୋମବାର ସକାଳୁ ସେଇଠୁ ବାହାରିଲେ ସନ୍ଧ୍ୟା ସୁଦ୍ଧା ଭୁବନେଶ୍ୱରରେ ହାଜର ।

ସନ୍ଧ୍ୟାରେ ଆମେ ସବୁ ଗପସପ ସାରିଦେଇ ଘରକୁ ଫେରି ନିଜ ନିଜ ବ୍ୟାଗ ଆଉ ଅନ୍ୟାନ୍ୟ ଜିନିଷ ରେଡି କରିଦେଇ ଶୋଇଗଲୁ । ମୋତେ ରାତିରେ ଆଦୌ ନିଦ ଲାଗୁନଥାଏ । ମୁଁ ଶୋଇଗଲେ ମୋତେ ଆଲାର୍ମ୍ ଘଣ୍ଟାର ଶବ୍ଦ ବି ଶୁଭେନି । ତେଣୁ କାଳେ ଶୋଇ ପଡିଲେ ଅସୁବିଧା ହେବ ଭାବି ଭାବି ସାଢେ ବାରଟା ପର୍ଯ୍ୟନ୍ତ ନିଦ ହେଲାନି । ତାପରେ ବସି ଟିଭିରେ ଚ୍ୟାନେଲ୍ ବଦଳାଇ ଦେଖୁ ଦେଖୁ କେତେବେଳେ ଦୁଇଟା ହୋଇଗଲା ଜଣା ପଡ଼ିଲାନି ।

ମୁଁ ସେତେବେଳେ ପୋଷାକପତ୍ର ପିନ୍ଧି ଗାଡ଼ି ଚଳାଇବା ଜାକେଟ୍, ଗ୍ଲୋଭ୍ ପିନ୍ଧିଦେଇ ଗାଡ଼ିରେ ମୋ ବ୍ୟାଗ ଲଗାଇ ବାହାରିବା ପାଇଁ ରେଡି ହୋଇଯାଇଥିଲି । ଘରୁ ବାହାରିବା ବେଳକୁ ସାଢେ ଦୁଇଟା ହିଁ ହୋଇଥିଲା । ସମସ୍ତେ ପ୍ଲାନ୍ କରିଥିଲୁ ଯେ ପୁରୀ ରୋଡ଼ ଛକରେ ଏକାଠି ହେବା । ସେଇ ଦିଗରେ ଗାଡ଼ି ବଢ଼ାଇଲି । ଆମ ସାହି ଭିତରୁ ବାହାରି ଆସିବା ବେଳେ ଥଣ୍ଡା ପବନ ବାଜି ମୋତେ ଭାରି ଭଲ ଲାଗୁଥିଲା ହେଲେ ହାତପାଦ ଅବଶ ଅବଶ ଲାଗୁଥିଲା । ଯେହେତୁ ରାତିରେ ନିଦ ହୋଇନଥିଲା, ତେଣୁ ଥଣ୍ଡା ପବନ ବାଜିଲେ ଟିକେ ଟିକେ ନିଦ ନିଦ ବି ଲାଗୁଥିଲା । ଏଇ ସମୟରେ ଚିନ୍ତା କରିଲି, ଚା କପଟିଏ ପକେଇଦେଲେ ନିଦ ଭାଙ୍ଗି ଯିବ । ହେଲେ ଏଇ ସମୟରେ ଚା ମିଳିବ କୋଉଠି ? ଷ୍ଟେସନ ଛକ ଆଡ଼େ ଗଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୁଏତ ମିଳିବ । ହେଲେ ସେ ଆଡ଼େ ଗଲେ ସମୟ ନଷ୍ଟ ଏଣୁ ମୁଁ ଫାୟାର୍ ଷ୍ଟେସନ ରୋଡ଼ରେ ବରମୁଣ୍ଡା ନିକଟରେ ହାଇୱେ କୁ ବାହାରିବା ପାଇଁ ଗାଡ଼ି ଚଳାଇ ଯାଉଥିଲି । ରାସ୍ତାରେ କିଛି କୁକୁର ଏଣେ ତେଣେ ଶୋଇ ପଡିଥାନ୍ତି । ଦୂରରେ ଆଂବୁଲାନ୍ସ୍ ଯିବାର ଶବ୍ଦ ଶୁଣାଯାଉ ଥାଏ । ଏଇ ସମୟରେ ବରମୁଣ୍ଡା ନିକଟକୁ ହୋଇଗଲା ପରେ ଦୂରରୁ ଗୋଟିଏ ଦୋକାନ ଖୋଲିଥିବା ଦେଖାଗଲା ।

ମନେ ମନେ ଭାବିଲି, କଡ଼ା ଚା ଟିକେ ନ ମାରିଲେ ହେବନି । ସେଇ ଆଡ଼କୁ ଗଲି । ଆଗରୁ କେବେ ବି ସେ ଦିଗରେ ଯାଇନଥିଲି । ଦୋକାନ ପାଖ ହେଉ ହେଉ ଦେଖିଲି, ସାନ ଦୋକାନଟିଏ । ଭିତରେ ଥୁରୁଥୁରିଆ ବୁଢ଼ା ଲୋକଟିଏ ବସିଛି । ମୁହଁରେ କୌଣସି ପ୍ରକାରର ଭାବ ଦେଖା ଯାଉନଥିଲା । ପଚାରିଲି, "ମଉସା ଚା ଟିକେ ହେବ କି ?" ସେ କିଛି ଉତ୍ତର ନ ଦେଇ ଗୋଟିଏ ପେପର୍ କପରେ ଚା ଢାଳିଦେଇ ମୋ ଆଡ଼କୁ ବଢ଼ାଇଦେଲେ । ମୁଁ ସେଇ ମୁହଁ ଅନ୍ଧାର ଜାଗାରେ ଠିଆ ହୋଇ ଚା ପିଉଥିଲି । ହାଇୱେ ଉପରେ ଲାଗିଥିବା ଆଲୋକ ଖୁଣ୍ଟିରୁ ଅଳ୍ପ ଆଲୁଅ ସେ ଆଡ଼କୁ ଆସୁଥିଲା । ଦୋକାନ ଭିତରେ ବି ଛୋଟ ଲଣ୍ଠନଟିଏ ଜଳୁଥିଲା । ଆଜିକା ଯୁଗରେ କିଏ ସେ ଲଣ୍ଠନ ଜାଳେ ? ଯା ହେଉ ମୋତେ ଚା ମିଳି ଯାଇଥିଲା । ଚା ପିଇଦେବା ପରେ ଟିକେ ଫୁର୍ତ୍ତି ଲାଗିଲା ।

ପେପର୍ କପଟା ସେଇ ସାମନାରେ ଥିବା ଡାଲାରେ ପକେଇ ଦେଇ ଗାଡ଼ିରେ ବସି ପୁରୀ ରୋଡ଼ ଆଡ଼କୁ ବାହାରିଲି । ଘଣ୍ଟାରେ ଦେଖିଲି ସମୟ ପ୍ରାୟ ଦୁଇଟା ଚାଳିଶି ହେଲାଣି । ଏଇ ସମୟରେ ବନ୍ଧୁ ମନୋଜ ଜୟଦେବ ବିହାର ଛକରେ ଦେଖାଗଲା । ସେ ବି ବାଇକ୍ ରାଇଡ୍ ପାଇଁ ଅଧିକ ଏକ୍ସାଇଟେଡ୍ ଥିଲା ବୋଲି ନିଦ ହୋଇନଥିଲା । କଥା ହେଉ ହେଉ କହିଲି, ଏଇ ପଛ ଛକରେ ଚା ପିଇଦେଇ ଆସିଲି । ସେତେବେଳେ ମୋତେ ମନେ ପଡ଼ିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ, ମୁଁ ଚା ପିଇବା ପରେ ସେ ଦୋକାନୀକୁ ପଇସା ଦେଇନି ।

"ଆରେ ହେ.... ଭୁଲ ହୋଇଗଲା ।" ମୁଁ କହିଲି ।

ମନୋଜ କହିଲା, "କଣ ହେଲା ? ଘରେ କଣ ଛାଡ଼ିଦେଇ ଆସିଲୁ କି ?"

ମୁଁ କହିଲି, "ଆରେ ନା । ସେ ଦୋକାନରେ ଚା ପିଇବା ପରେ ଟଙ୍କା ଦେବାକୁ ଭୁଲିଗଲି ।"

ମନୋଜ କହିଲା, "ଠିକ୍ ଅଛି । ଚାଲ ଯିବା । ବହୁତ ସମୟ ଅଛି । ସେ ଦୋକାନକୁ ଯିବା, ତୁ ଟଙ୍କା ଦେଇଦେବୁ ଆଉ ମୁଁ ଚା ପିଇଦେବି ।"

ଆମେ ଗାଡ଼ି ପଛକୁ ବୁଲେଇ ସେଇ ଦୋକାନ ନିକଟକୁ ଆସିବା ବେଳକୁ ଦୋକାନ ବନ୍ଦ ଥିଲା । ମୋତେ ଭାରି ଖରାପ ଲାଗିଲା । ବୁଢ଼ା ଲୋକଟା ଏତେ ରାତିରେ ମୋତେ ଚା ପିଇବାକୁ ଦେଲା ଅଥଚ ମୁଁ ତାକୁ ଟଙ୍କା ଦେଇ ପାରିଲିନି ? ମନୋଜ କହିଲା, ବୋଧହୁଏ ସେ ଶୋଇବାକୁ ଚାଲି ଯାଇଥିବ । ଚାଲ୍ ଆମେ ଯିବା । ଫେରିବା ଦିନ ଟଙ୍କା ଦେଇ ଦେବୁ ।

ମୁଁ ତା କଥାରେ ସହମତ ହୋଇ ଗାଡ଼ି ବୁଲାଇବା ବେଳେ ଦେଖିଲି, ଦୋକାନ ସାମନାରେ ଥିବା ମଇଳା ଡାଲା ବି ସେଇଠାରେ ନଥିଲା । ଦୋକାନ ବାହାରେ ଲୁହା ରଡ୍ ଲାଗି ଚାବି ପଡ଼ିଥିଲା । ସାମନାଟା ସଫା ବି ଲାଗୁଥିଲା । କହିଲି, "ଲୋକଟା ଭାରି ସଫାସୁତରା । ଏତେ କମ ସମୟରେ ସବୁକିଛି ସଫା କରିଦେଇ, ଦୋକାନ ବନ୍ଦ ବି କରିଦେଲା । ମାତ୍ର ପାଞ୍ଚ ମିନିଟରେ !"

ଆମେ ଗାଡ଼ି ନେଇ ଆଗକୁ ବଢ଼ିଲୁ । ପୁରୀ ଛକରେ ଆମେ ଆଉ ଗୋଟିଏ ଚା ଦୋକାନ ସାମନାରେ ଠିଆ ହୋଇ ଅନ୍ୟମାନଙ୍କୁ ଅପେକ୍ଷା କରିଥିଲୁ । ଚା ପିଇବା ସମୟରେ ପଚାରି ଦେଇ ପଇସା ଆଗତୁରା ଦେଇ ପକେଇଲୁ । ଦୋକାନୀ କହିଲା, "ଚା ପିଇସାରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେବନି ?" ଆମେ କହିଲୁ, "ଭାଇ ଆମେ ଭୁଲାଣିଆ ଲୋକ । କାଳେ ଭୁଲିଯିବୁ ?" ସେ ହସିଦେଇ କହିଲା, "ମୁଁ ମନେ ପକେଇ ଦେବିନି କି ?" ମନୋଜ କହିଲା, "ଆରେ ଏବେ ଏବେ ବାବୁ ଗୋଟିଏ ଚା ଦୋକାନରେ ଚା ପିଇଦେଇ ଚାଲି ଆସିଲେ, ବାଟରେ କହୁଛନ୍ତି ପଇସା ଦେବା ଭୁଲି ଯାଇଥିଲି । ପଇସା ଦେବାପାଇଁ ବି ଯାଇଥିଲୁ, ଦୋକାନ ସେତେବେଳକୁ ବନ୍ଦ ହୋଇଗଲାଣି ।" ଚା ଦୋକାନୀ କହିଲା, "ଏତେ ରାତି ଯାଏଁ କିଏ ଦୋକାନ ଖୋଲିଥିଲା ?"

ତା ପ୍ରଶ୍ନ ଶୁଣିବା ପରେ ଆମେ ବି ଚିନ୍ତାରେ ପଡ଼ିଗଲୁ । ଆରେ ସତେ ତ । ଏତେ ରାତି ଯାଏଁ ତ କିଏ ଦୋକାନ ଖୋଲେନି । ଆଉ ଚା ଦୋକାନ ସବୁ ସକାଳୁ ହିଁ ଖୋଲନ୍ତି । ଗହଳିଆ ଜାଗା ହୋଇଥିଲେ, ରାତି ତିନି କିମ୍ବା ଚାରିଟାରେ ଦୋକାନ ଖୋଲେ । ରାତିର ଦୋକାନ ଦଶଟା ପରେ ପ୍ରାୟ ବନ୍ଦ ହୁଏ । ଆଉ ଯଦି ସେ ଦୋକାନ ରାତିରୁ ଖୋଲାଥିଲା ତ ଆଶ୍ଚର୍ଯ୍ୟର ବିଷୟ । ଅବଶ୍ୟ ଯଦି ଏବେ ଖୋଲିଥାଏ, ତା ହେଲେ ବନ୍ଦ କାହିଁକି କରିଦେଲା ? ଛାଡ଼ ଭାଇ ଏ ସବୁ ଚିନ୍ତା ପରେ କରିବା । ଏଇ ସମୟରେ ଆମ ଅନ୍ୟ ସାଙ୍ଗମାନେ ବି ଆସି ଯାଇଥିଲେ । ଆମେ ଯାତ୍ରା ଆରମ୍ଭ କରିଦେଲୁ ।

ଭୁବନେଶ୍ୱରରୁ କଲିକତା ରାସ୍ତା ପୁରା ପକ୍କା । ଅଳ୍ପ ଜାଗାରେ ହାଇୱେ ନିର୍ମାଣ ଚାଲିଥିଲା ବୋଲି ବୁଲାଣି ରାସ୍ତା ଥିଲା । ନହେଲେ ପ୍ରାୟତଃ ସବୁଠି ରାସ୍ତା ସଫା । ଆମେ ଶହେ ଶହେରେ ଗାଡ଼ି ଚଲେଇ ଯାଉଥାଉ । ଶୀତଦିନ ପାହାନ୍ତି ସମୟ । ଥଣ୍ଡା ପବନ ବାଜି ଆମକୁ ଭଲ ବି ଲାଗୁଥାଏ ଆଉ ନିଦ ବି ଆସୁଥାଏ । ଭଦ୍ରକ ପରେ ପରେ ହଠାତ ଗୋଟିଏ ଜାଗାରେ ବହୁତ ବହଳା କୁହୁଡ଼ି ଦେଖାଗଲା । ଆମ ଗାଡ଼ିର ବେଗ କମ କରିବାକୁ ପଡ଼ିଲା । କୁହୁଡ଼ି ପଡ଼ି ଆମ ହେଲମେଟ୍ କାଚରେ କିଛି ଦେଖା ଯାଉନଥାଏ । ଏଇ ସମୟରେ ଆମେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାବଧାନତା ସହ ଗାଡ଼ି ଚଲାଉଥିବା ସତ୍ୱେ ମୋ ଗାଡ଼ି କାହା ଦେହରେ ଜୋରରେ ଧକ୍କା ଖାଇଲା । ଆଉ ମୁଁ ଗାଡ଼ିରୁ ଛିଟିକି ତଳେ ପଡ଼ିଗଲି ।

ଅନ୍ୟମାନେ ଗାଡ଼ି ଅଟକାଇ ମୋ ପାଖକୁ ଆସିଲେ । ଭାଗ୍ୟଭଲ ମୁଁ ରାଇଡିଂ ଗିୟର୍ ପିନ୍ଧିଥିଲି ବୋଲି ମୋତେ ବେଶୀ ମାଡ଼ ହେଲାନି । ହେଲେ ମୋ ଗାଡ଼ି କାହା ସହ ଧକ୍କା ଖାଇଥିଲା ବୋଲି ଆମେ ଚିନ୍ତାରେ ପଡିଗଲୁ । ଗାଡ଼ି ପାଖକୁ ଗଲା ବେଳକୁ ଜଣେ ବୁଢ଼ା ଲୋକ ସେଇଠୁ ଉଠି ଧିରେ ଧିରେ ଚାଲି ଯାଉଥିଲେ । ପାଖକୁ ଯାଇ ପଚାରିଲି, "ମଉସା ସରି । ଜୋରରେ ବାଜିଲା କି ? ରକ୍ତ ବାହାରିଲା କି ? କୋଉଠି ମାଡ଼ ହେଇଛି କି ? ଆମ ପାଖରେ ବେଣ୍ଡେଜ୍ ଅଛି କହିଲେ ଲଗେଇ ଦେବୁ ।" ସେ କିଛି ନ ଶୁଣି ମୁଣ୍ଡ ପୋତି ଧିରେ ଧିରେ ସେ ଆଡ଼କୁ ଚାଲିଗଲା । ମୁଁ ଗାଡ଼ିକୁ ଦେଖୁଥିଲି, ମନୋଜ ସେ ବୁଢ଼ା ଲୋକଙ୍କୁ ଆଉଥରେ ସେଇ ପ୍ରଶ୍ନ କରିବା ପରେ ସେ ଅଟକି ଯାଇ ବୁଲି ଚାହିଁଲେ । ତାଙ୍କ ମୁହଁ ଭାରି ବିକୃତ ଦେଖାଯାଉଥିଲା । ଆଖି ଦୁଇଟା ଲାଲ୍ ବଲବ୍ ଭଳି ଜଳୁଥିଲା । ଶ୍ୱାସ ଏତେ ଜୋରରେ ଚାଲୁଥିଲା ଯେ ସାମନାରେ ଥିବା କୁହୁଡ଼ିରେ ସେ ଶ୍ୱାସର ଲହଡି ଦେଖି ହେଉଥିଲା । ମନୋଜ ଡରିଯାଇ ପଛକୁ ଘୁଞ୍ଚିଗଲା । ବୁଢ଼ା ଜଣକ କୁହୁଡ଼ି ଭିତରେ ହଜିଗଲା ।

ମୋ ଗାଡ଼ିକୁ ବେଶୀ ମାଡ଼ ହୋଇନଥିଲା । ତେଣୁ ଆମେ ପୁଣିଥରେ ଯାତ୍ରା ଆରମ୍ଭ କରିଲୁ । ହେଲେ ମୋତେ ଲାଗୁଥିଲା ଯେମିତି ମୋ ଗାଡ଼ି ଆଉ ଭଲ ପିକ୍ ଅପ୍ ନେଉନି । ମାନେ ସ୍ପିଡ୍ ନେଇ ପାରୁନି । ଇଞ୍ଜିନରେ କିଛି ମାଡ଼ ହେଲାକି ? ଲାଗୁଥିଲା ଯେମିତି ଗାଡ଼ିର ଓଜନ ବଢ଼ି ଯାଇଛି । ପୁଣି ସକାଳୁ ସକାଳୁ ମାଡ଼ ଖାଇ ମୋ ଦେହ ବି ଟିକେ ଟିକେ କାଟୁଥିଲା । କିଛି ଦୂର ଯିବାପରେ ଆମେ ପୁଣିଥରେ ରାସ୍ତାକଡ଼େ ଗାଡ଼ି ରଖିଲୁ । ମୋ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଡିର ଇଞ୍ଜିନ ସବୁ ଦେଖିଲୁ, କୋଉଠୁ କିଛି ବି ଅଏଲ୍ ଲିକ୍ କରୁନଥିଲା । ମନୋଜ କହିଲା, ଆରେ ବାଲେଶ୍ୱରରେ ଟିକେ ଦେଖେଇ ଦେବା । ମେକାନିକ୍ ମିଳିଯିବେ । ସେତେବେଳକୁ ପାହାନ୍ତିଆ ହେଲାଣି । ସମୟ ଚାରିଟା ପାଖାପାଖି ସମୟ ।

ପୁଣି ଗାଡ଼ି ଧରି ଆଗକୁ ଚାଲିଲୁ । ମୋ ଗାଡ଼ି ଆଦୌ ଶହେ ଛୁଉଁ ନଥାଏ । ଲାଗୁଥାଏ ଯେମିତି ଗାଡ଼ି ଆଦୌ ଆଗକୁ ଯିବାକୁ ଚାହୁଁନି । ତେଣୁ ମୁଁ ସତୁରୀ ଅଶୀ ବେଗରେ ଗାଡ଼ି ଚଳାଇ ଯାଉଥାଏ ।

ସକାଳ ନଅଟା ବେଳକୁ ଆମେ ବାଲେଶ୍ୱର ନିକଟରେ ପହଞ୍ଚିଲୁ । ସେଇଠି ମେକାନିକ ଦୋକାନଟିଏ ବି ମିଳିଗଲା । ସେ ବାଇକକୁ ଭଲ କରି ଚେକ୍ କରିଦେଇ କିଛି ବି ହୋଇନି ବୋଲି କହିବା ପରେ ମନକୁ ଭଲ ଲାଗିଲା । ତାପରେ ଆମେ ସମସ୍ତେ ଜଳଖିଆ ଖାଇବା ପାଇଁ ଗଲୁ । ମୋତେ କିନ୍ତୁ ଖାଇବାକୁ ମନ ହେଉନଥାଏ । ଅନ୍ୟମାନେ ଖାଉଥିବା ସମୟରେ ମୋତେ କେମିତି କେମିତି ଲାଗିଲା ଆଉ ସେଇ ହୋଟେଲ୍ ବାହାରେ ହିଁ ବାନ୍ତି ହୋଇଗଲା । ରାତି ଅନିଦ୍ରା ଆଉ ସକାଳୁ ସକାଳୁ ଦୁର୍ଘଟଣା ପରେ ଏଇ ଅବସ୍ଥା । ସାଙ୍ଗମାନେ କହିଲେ, ଦେଖ ଯଦି ତତେ ଭଲ ଲାଗୁନି ତୁ ଏଇଠୁ ଫେରି ଯା । ମୁଁ କହିଲି, ଆରେ କିଛି ହୋଇନି । ସୋଡ଼ା ଟିକେ ପିଇଦେଇ ମୁଁ ବସିଗଲି । ମୋ ମୁଣ୍ଡ ଭାରି ଭାରି ଲାଗୁଥିଲା । ସେଠି ଗୋଟିଏ ଦଉଡିଆ ଖଟ ପଡ଼ିଥିଲା, ସେଇଠି ଶୋଇଗଲି । ଅନ୍ୟମାନେ ଜଳଖିଆ ଖାଇବେ । କମସେ କମ ଅଧଘଣ୍ଟା ମୋତେ ରେଷ୍ଟ ମିଳିଯିବ ।

ସେଇ ଅଳ୍ପ ସମୟ ଶୋଇଥିବା ବେଳେ, ମୋତେ ଅନୁଭବ ହେଉଥିଲା କିଏ ଜଣେ ମୋ ଆଖିକୁ ଖୋଲି ଦେଇ ମୋତେ ଚାହୁଁଛି । ମୁଁ ଦେଖିଲି, ସେଇ ବୁଢ଼ାଲୋକ ଯିଏ ସକାଳୁ ମୋତେ ଚା ଦେଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ପଚାରିଲି, "ଆରେ ମଉସା କଣ ହେଲା ?"

ସେ କହୁଛି, "ବାବୁ ମୋ ପଇସା ତ ଦେଲନି ?"

ମୁଁ କହିଲି, "ସରି ମଉସା, ଭୁଲି ଗଲି । ଫେରିବା ପରେ ନିଶ୍ଚୟ ଦେଇ ଦେବି ।"

ସେ କହୁଥିଲା, "ମୁଁ ନଥିଲେ ବି ସେଇ ଦୋକାନ ପାଖରେ ରଖିଦେଇ ଚାଲିଯିବ ।"

ମୁଁ କହିଲି, "କିଏ ନେଇଯିବ ଯଦି ?"

ସେ ବୁଢ଼ା ଲୋକ ପାକୁଆ ପାଟିରେ ହସିଦେବା ବେଳେ ତା ମୁହଁଟା ବିକୃତ ହୋଇ ଆସିଲା ଆଉ କହିଲା, "ମୋ ଜିନିଷ କେହି ନିଅନ୍ତି ନାହିଁ ।"

ତା ବିକୃତ ମୁହଁ ଦେଖି ମୁଁ ଚମକି ଉଠି ପଡ଼ିଲି । ସାଙ୍ଗମାନେ ବସି ଜଳଖିଆ ଖାଉଥିଲେ । ଘଣ୍ଟାକୁ ଦେଖିଲି, ସବୁ ପାଞ୍ଚମିନିଟ୍ ହିଁ ମୁଁ ଶୋଇଥିଲି । ଥଣ୍ଡା ପାଣି ଆଣି ମୁହଁରେ ମାରିଲି । ଉଠି ବସିଲି ଆଉ ସାଙ୍ଗମାନଙ୍କୁ ସ୍ୱପ୍ନ କଥା କହିଲି । ଏଇ ସମୟରେ ଦୋକାନର ମାଲିକ ସେଇ ପାଖରେ ଠିଆ ହୋଇ ଆମ କଥା ଶୁଣୁଥିଲେ । ପଚାରିଲେ ଘଟଣା କଣ । ଆମେ ସବୁ କଥା କହିବା ପରେ ସେ ଗମ୍ଭୀର ଭାବେ କିଛି ଚିନ୍ତା କରିବା ପରେ କହିଲେ, ଗୋଟେ କାମ କର । ଏଇଠୁ ବାହାରି ଯିବା ପରେ ରାସ୍ତାରେ କୌଣସି ମନ୍ଦିର ଜାଗା ଦେଖି ଗାଡ଼ି ରଖିବ ଆଉ ପାଞ୍ଚଟଙ୍କା କଏନଟେ ମନ୍ଦିର ବାହାରେ ରଖିଦେଇ ମନେ ମନେ ସେ ବୁଢାକୁ କହିବ ଯେ, ତୁମ ଟଙ୍କା ଭଗବାନଙ୍କ ଆଗରେ ହିଁ ରଖି ଦେଇଛି । ଆସ ଆଉ ନେଇଯାଅ ।

ଆମେ ସବୁ ହସିଲୁ । "ଭୁବନେଶ୍ୱରର ବୁଢ଼ା ବାଲେଶ୍ୱର ଆସିବ ପାଞ୍ଚଟଙ୍କା ନେବାପାଇଁ ?"

ମାଲିକ କହିଲା, "ନା, ସେ ଆସିବନି ସତ । ହେଲେ ତମ ମୁଣ୍ଡରେ ବୋଝ ରହିବନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ଭଲ ଲୋକ ବୋଲି କାହାର ପାଞ୍ଚଟଙ୍କା ବି ତମ ପାଖରେ ରହିଗଲେ ତମେ ନିଜକୁ ଦୋଷୀ ମନେ କରୁଛ । ଏମିତି କରିଲେ ମନକୁ ଶାନ୍ତି ମିଳିବ ।"

ମୋତେ ସେତେବେଳକୁ ଭଲ ବି ଲାଗୁଥିଲା । ପଇଡ଼ ଗୋଟେ ପିଇଦେଇ ଗାଡ଼ି ଧରି ବାହାରିଲୁ । ରାସ୍ତାରେ ଗୋଟିଏ ଶୂନଶାନ ଜାଗାରେ ଗଛତଳେ ମଣ୍ଡପଟିଏ ଥାଇ ମନ୍ଦିରଟିଏ ଥିଲା । ମୁଁ ଅନ୍ୟମାନଙ୍କୁ କହିଲି, "ରୁହ, ଏଇଠି ମୁଁ ସେ ଟଙ୍କା ଦେଇ ଆସୁଛି ।"

ଅନ୍ୟମାନେ ହସୁଥିଲେ, ହେଲେ ମୁଁ ଗାଡ଼ି ଅଟକାଇ ସେ ମନ୍ଦିର ନିକଟକୁ ଗଲି ଆଉ, ପକେଟରୁ ପାଞ୍ଚଟଙ୍କା ବାହାର କରି ସେଇଠି ଥୋଇଦେଇ, ଆଖି ବୁଜି ପ୍ରାର୍ଥନା କରିଲି, "ହେ ପ୍ରଭୂ । ମୋର ଭୁଲ ହୋଇ ଯାଇଛି । ଜଣେ ଗରିବ ଲୋକର ପ୍ରାପ୍ୟ ମୁଁ ନ ଦେଇ ଚାଲି ଆସିଛି । ଏଇଠି ସେଇ ଟଙ୍କା ରଖିଦେଉଛି । ମୁଁ କଥା ଦେଉଛି, ଫେରିବା ପରେ ଯାଇ ନିଜେ ସେ ଦୋକାନରେ ଟଙ୍କା ଦେଇ ଆସିବି ।" ମୁଁ ପ୍ରାର୍ଥନା କରି ଆଖି ଖୋଲିବା ବେଳକୁ ମନ୍ଦିର ସାମନାରେ ଥିବା ପାଞ୍ଚଟଙ୍କିଆ ମୁଦ୍ରାଟି ନଥିଲା । ଆଶ୍ଚର୍ଯ୍ୟ, ମୁଁ ନିଜେ ଏଇଠି ଥୋଇଥିଲି । ଏପାଖ ସେପାଖ ଦେଖିଲି । ମନୋଜ ପଛରୁ ପଚାରିଲା, "ଆରେ କଣ ହେଲା ?"

ମୁଁ ନମସ୍କାର କରିଦେଇ ଗାଡ଼ି ପାଖକୁ ଆସୁ ଆସୁ କହିଲି, "ପାଞ୍ଚ ଟଙ୍କିଆ କଏନଟା ସେଇଠି ଥୋଇ ମୁଁ ମୁଣ୍ଡିଆ ମାରିବା ବେଳକୁ କଏନ ନଥିଲା ।" ମନୋଜ ହସିଦେଇ କହିଲା, ଯା ସେ କଏନ ଭଗବାନ ସେ ବୁଢ଼ା ପାଖକୁ ପଠେଇଦେଲେ ।

ଗାଡ଼ି ଆଗକୁ ବଢ଼ିଲା । ଏଇ ସମୟରେ ମୁଁ ଅନୁଭବ କରିଲି ସତେ ଯେମିତି ମୋ ଗାଡ଼ି ଆଉଥରେ ପୁରୁଣା ଭଳି ହୋଇଯାଇଛି । ଅଧିକ ବେଗରେ ବି ଗତି କରୁଛି । ଶହେ ଶହେରେ ମୁଁ ଗାଡ଼ି ଚଳାଇ ପାରୁଛି । ମୁଁ ସେ ଜଳଖିଆ ଦୋକାନୀକୁ ମନେ ମନେ ଧନ୍ୟବାଦ ଦେଉଥିଲି । ଯେ ମୁଁ ମାନସିକ ଭାବରେ ବୋଧହୁଏ ବୋଝଗ୍ରସ୍ତ ହୋଇ ଯାଇଥିଲି, ତେଣୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋତେ ଏ ସବୁ ଅନୁଭବ ହେଉଥିଲା । ଆମେ କଲିକତା ପହଞ୍ଚିବା ପରେ କେମିତି ତିନିଦିନ ବିତିଗଲା ଜଣାପଡ଼ିଲା ନାହିଁ । ସୋମବାର ଅପରାହ୍ଣରେ ଆମେ ଭୁବନେଶ୍ୱର ପହଞ୍ଚିବା ପରେ ମନୋଜ ମୋତେ ମନେ ପକେଇ ଦେଲା ଯେ ସେ ବୁଢ଼ାକୁ ଯାଇ ତା ଟଙ୍କା ଦେଇ ଆସିବୁ ।

ମୁଁ ଗାଡ଼ି ଆଗକୁ ବଢ଼ାଇଲି ଆଉ ଫାୟାର୍ ଷ୍ଟେସନ ନିକଟରେ ଥିବା ସେଇ ଦୋକାନ ପାଖକୁ ଗଲାବେଳେ ଦେଖିଲି ସେଇଠି କେହିଜଣେ ସ୍ତ୍ରୀଲୋକ ବସିଛନ୍ତି । ପଚାରିଲି, ଏଠି ଜଣେ ମଉସା ବସିଥିଲେ । ସେ କହିଲେ, ହଁ ଏଇଟା ତାଙ୍କ ଦୋକାନ । ମୁଁ ପକେଟରୁ ପାଞ୍ଚଟଙ୍କା ବାହାର କରି ତାଙ୍କୁ ଦେଉ ଦେଉ କହିଲି, ଶନିବାର ପାହାନ୍ତିଆରେ ଚା ପିଇବା ପରେ ଟଙ୍କା ଦେବା ଭୁଲି ଯାଇଥିଲି । କଲିକତା ପଳେଇଥିଲି ତ । ନିଅ ।

ସେ ସ୍ତ୍ରୀଲୋକଟା ମୋତେ କିଛି ସମୟ ଚାହିଁବା ପରେ କହିଲା, "ସେଦିନ ପରା ତମେ ଆସି ଟଙ୍କା ଦେଇ ଗଲ ।"

"ମୁଁ ଦେଲି ? କେତେବେଳେ ?" ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି ।

ସେ କହିଲା, "ଦଶଟା ବେଳକୁ ହେଇଥିବ ପରା । ତମେ ତରତର ହୋଇ ଆସିଲ । ଗାଡ଼ି ରଖିଲ ଆଉ ଦୋକାନକୁ ଆସି ମୋତେ ଟଙ୍କାଟା ଦେଇ ବାହାରୁ ବାହାରି ଚାଲିଗଲ । ମୁଁ ପଚାରୁଛି ତମେ କେତେବେଳେ ଚା ପିଇଲ ବୋଲି କିଛି କହିଲନି ପାଞ୍ଚଟଙ୍କିଆ କଏନଟେ ଦେଇକି ଚାଲିଗଲ ।" ସେ କହିଲା ।

"ଓଃ ସେଦିନ ରାତିରେ ମୁଁ ଆସିଥିଲି । ସାଢେ ଦୁଇଟା ବେଳକୁ ବୋଧହୁଏ । ଜଣେ ବୁଢ଼ାଲୋକ ବସିଥିଲେ । ମୋତେ ଚା ଦେଲେ । ମୁଁ ଚା ପିଇବା ପରେ ଟଙ୍କା ନ ଦେଇ ଚାଲି ଯାଇଥିଲି । ସେଇ କଥା ଭାବିଭାବି ମୋ ଦେହ ଖରାପ ହେଇଯାଇଥିଲା ।" ମୁଁ କହିଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ସ୍ତ୍ରୀଲୋକଟା ଆଁ କରି ଚାହିଁଥିଲା । ମୋତେ ଗୋଟିଏ ଫଟୋ ଆଡ଼କୁ ଆଙ୍ଗୁଠି ଦେଖାଇ କହିଲା, "ଏଇ ବୁଢ଼ା ?"

ମୁଁ ଭଲ କରି ଦେଖିଲି, ଆଉ କହିଲି, "ହଁ, ଇଏ୍ୟ ହିଁ ତ ଥିଲେ ।"

ସ୍ତ୍ରୀଲୋକ ଜଣକ ମୋତେ ପୁଣିଥରେ ପଚାରିଲା, "ସତ କହୁଛ ? ଇଏ୍ୟ ?"

ମୁଁ କହିଲି, "ହଁ, ଇଏ୍ୟ ଥିଲେ । କାହିଁ ଏମିତି କଣପାଇଁ ପଚାରୁଛ ?" ସେ ସ୍ତ୍ରୀଲୋକ ଜଣକ କାନ୍ଦ କାନ୍ଦ ହୋଇ କହିଲା, "ଇଏ୍ୟ ଆମ ଶଶୁର । ଦି ବର୍ଷ ହେଲାଣି ଗଲେଣି ।"

ମୋତେ ବିଶ୍ୱାସ ହେଉନଥିଲା । କଣ ମୁଁ ସ୍ୱପ୍ନ ଦେଖୁଥିଲି ? ସେଦିନ ଦିନ ଦଶଟା ବେଳେ ତ ବୋଧହୁଏ ମୁଁ ସେ ମନ୍ଦିର ସାମନାରେ ଠିଆ ହୋଇ ପ୍ରାର୍ଥନା କରୁଥିଲି । ହେଲେ ଏଇ ସ୍ତ୍ରୀଲୋକ ଜଣକ କହୁଛି ମୁଁ ନିଜେ ଦୋକାନକୁ ଆସି ଟଙ୍କା ଦେଇ ଯାଇଛି ବୋଲି । ଏଇଟା କେମିତି ସମ୍ଭବ ? ଆଉ ମରିଯାଇଥିବା ବୁଢ଼ା ଲୋକଟା ମୋତା ଚା' କେମିତି ଦେଇଥିଲା ? ଏଇ ସବୁ କଥା ଭାବୁଥିବା ବେଳେ ମୋ ମୁଣ୍ଡଟା ବୁଲେଇ ଦେଲା ଆଉ ମୁଁ ସେଇଠି ଚେତା ହରେଇ ପଡିଗଲି । ଚେତା ଗଲାପରେ ମୋତେ ପୁଣି ସେ ବୁଢ଼ା ଲୋକ ଦେଖାଯାଉଥିଲା, ଏବେ ତା ମୁହଁରେ ହସ ଥିଲା । ଆଉ ସେ ଧିରେ ଧିରେ ମୋଠୁ ଦୂରେଇ ଯାଉଥିଲା । ମୁହଁରେ ପାଣି ମାରିବା ପରେ ମୋ ଚେତା ଫେରିଥିଲା ।

ହେଲେ ସେ ଘଟଣା କଣ ଥିଲା ତାହା ଆଜିପର୍ଯ୍ୟନ୍ତ ଏକ ରହସ୍ୟ ହୋଇ ରହିଛି ।

**Search for "Odia Horror Podcasts" and listen to this story at**
**https://spotifyanchor-web.app.link/e/uKD63EctSHb**
**Or Visit our YouTube channel at:**
**https://www.youtube.com/@drjyotiprasad**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନେକ କଳାଛାଇ - ୧୨



ଅଶୋକ ବିଶ୍ୱାଳ

ଏକୁଟିଆ ଦ୍ୱୀପର ଭଗ୍ନ ଐତିହ୍ୟ-୨

ଶୁଣିଥିଲ ଆଗରୁ ?- ଅପରେଟର କହିଲା । ଅବିନାଶ ଅପରେଟରକୁ ଅନାଇଲା । ଶ୍ୟାମଳ ବର୍ଣ୍ଣର ଲୋକଟାର ପତଳା ଶରୀର । ମୁହଁରେ ଦାଢ଼ୀ ଭରିଯାଇଛି । ଦେହରେ ଏଠାକାର ଖାକି ପୋଷାକ । ଗୋଡରେ ସାଧାରଣ ଚପଲ । କିନ୍ତୁ ମୁଣ୍ଡରେ ଅତି ଏକ ବଢ଼ିଆ ଟୋପି ଲଗାଇଛି । ଟୋପିର ଧାର ଚମକୁଛି । ବାରବାର ସେ ଧାରର ରଙ୍ଗ ବଦଳିଯାଉଛି ।

କଳ୍ପନା ଆଉ ବିଳାସ । ପ୍ୟାରିସର ରୂପର ସମ୍ଭାରରେ କଳ୍ପନା ଆଉ ବିଳାସ ତ ଆସେ । ପୁଷ୍ପର ସମ୍ଭାର, ସୁଗନ୍ଧର ଆଚ୍ଛନ୍ନତା ବାତାବରଣରେ ତନ୍ଦ୍ରା ନେଇଆସେ । ମୁଁ ସୁନ୍ଦରୀ ତରୁଣୀମାନଙ୍କୁ ଯେମିତି ଦେଖୁଛି, ସେମାନଙ୍କ ମୁଖମଣ୍ଡଳ ଲାଗୁଛି ପୁଷ୍ପିତ ଗୋଲାପ । ସେମାନଙ୍କ ଚାରିପାଖେ ସୁଠାମ ପୁରୁଷମାନେ, ସମସ୍ତେ ମହାର୍ଘ୍ୟ ସୁନ୍ଦର ପୋଷାକ ପିନ୍ଧିଛନ୍ତି । ବଲ ଡ୍ୟାନ୍ସର ବିଶାଳ ଫ୍ଲୋର, ସେମାନେ ଘୁରି ଘୁରି ନାଚୁଛନ୍ତି । ରଙ୍ଗୀନ ବାତାବରଣ । ସବୁଠାରେ ଆମୋଦ ପ୍ରମୋଦ । ଚକ୍ଷୁରେ ଆମନ୍ତ୍ରଣ, ଶରୀରରେ ସମର୍ପଣର ଭାବ । ମୋତେ ଲାଗୁଛି ସମୁଦ୍ରର ଫେଣ ଯେମିତି ସମସ୍ତଙ୍କୁ ନିଜ ଭିତରେ ବୁଡାଇ ଦେଉଛି । ତୁମେ ଠିକ ତୁଳନା କରିଛ, ପୂର୍ବର ପ୍ୟାରିସ ।– ଅବିନାଶ କହିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବିନାଶ ମନରେ ସ୍ୱପ୍ନିଳ ଆବେଶ ଆସୁଥିଲା ।

ଭଲକରି ଦେଖିନିଅ ଅବିନାଶ । ଏ ଦୂରବିକ୍ଷଣ ମିଶା ସମୟବୀକ୍ଷଣ ଯନ୍ତ୍ରରେ ତୁମେ ବହୁ କିଛି ସ୍ୱଷ୍ଟ ଦେଖିପାରିବ ।– ଅପରେଟରର ସ୍ୱର ତା'କୁ ଆହୁରି ଉତ୍ସାହିତ କରୁଥିଲା ।

ଅବିନାଶ ସମୟବୀକ୍ଷଣ ରିଙ୍ଗକୁ ମାଇକ୍ରୋ ମୋଡକୁ ନେଇ ଆସିଲା । ତା'କୁ ଦୃଶ୍ୟ ବେଶି ସ୍ୱଷ୍ଟ ଦେଖାଗଲା । କିଛି ଲୋକ ମୁଣ୍ଡପୋତି ଠିଆ ହୋଇଛନ୍ତି, ସେମାନଙ୍କର ମଳିନ ରୂପ । କେହି ବି ଶ୍ୱେତାଙ୍ଗ ଗଲେ ଠିଆ ହୋଇ ସାଲ୍ୟୁଟ ମାରି ଚାଲିଛନ୍ତି ଏକ କଳ ମଣିଷ ଭଳି । ଏତେ ମଳିନ କ'ଣ ପାଇଁ ଦେଖା ଯାଉଛନ୍ତି ? ପୂର୍ବର ପ୍ୟାରିସରେ କ'ଣ ସମସ୍ତଙ୍କ ମୁଖ ପ୍ରସ୍ଫୁଟିତ ପୁଷ୍ପ କ'ଣ ପାଇଁ ନୁହେଁ ? ସବୁ ସ୍ୱପ୍ନିଳ ଆଛନ୍ନତା ଭିତରେ କ'ଣ ମଳିନତାରେ ଏକ ଧାର ବୁଲିଯାଇଥାଏ ?

ଏହି ମଉଳି ଯାଉଥିବା ଲୋକମାନେ ?- ଅବିନାଶର ମୁହଁ ମଧ୍ୟ ମଉଳି ଯାଉଥିଲା ।

ପରିଚାରକ, ସେମାନେ କଏଦୀ ।

କଏଦୀ, ଜେଲ ଭିତରେ ରହିବା କଥା ? କିନ୍ତୁ ଏଠି ?

ଆତ୍ମଭିମାନରେ ଗର୍ବିତ କଏଦୀ ସେଇଠି କାହାର ଘରକରଣା କାମରେ ନିୟୋଜିତ ହେଲା । ଏକ ଏକ ସାଧାରଣ ପରିଚାରକ । ହଁ ଆତ୍ମଭିମାନରେ ହିମାଳୟ ଗଢିଥିବ ଅବିନାଶ, କେବଳ ଏକ ବ୍ୟର୍ଥ ଶବ୍ଦ । ସେବା, ହଁ ସେବାକରି ନିଜର ପ୍ରକୃତ ରୂପ ଆଜିର ଦିନରେ ଖୋଜିଚାଲିଛି । ଏକ ଅତି ସାଧାରଣ ଘଟଣା ।- ଅପରେଟର କହିଲା । ଲୋକଟାର କଥା ମାର୍ଜ୍ଜିତ ଲାଗୁଥିଲା । ସାଧାରଣତଃ ଅପରେଟରର କଥାରେ କିଛି ସେମିତି ଭାଷାର ବ୍ୟଞ୍ଜନ ନଥାଏ । ଅବିନାଶ ଅପରେଟରକୁ ଅନଇଲା । ସେ ମୁହଁରେ ସାମାନ୍ୟ ହସ । ଆକାଶରେ ନୀଳିମା ବଢିଯାଇଛି ଯେମିତି ଆଉ ତା' ଟୋପିର ଧାର ଚମକୁଛି । କେଉଁ ତଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୁଦ୍ରରେ ଧଳା ଢେଉ ଜୀବଙ୍କର ହୃଦୟର ଗତି ସହ ତାଳ ଦେଇ ନାଚୁଛି ।

ଗର୍ବିତ ମଣିଷ ଏକ ବନ୍ଦୀ ଆଉ ଆତ୍ମାର ମୁକ୍ତି ନାହିଁ କଳାପାଣିରୁ । ସ୍ୱପ୍ନ କେବେଠୁ ସରିଯାଇଛି ।- ଅପରେଟର ପୁଣି କହିଲା ।

ସ୍ୱପ୍ନ ସରେକି ?- ଅବିନାଶ ପଚାରିଲା ।

ମଣିଷ ତ ଆଶା ନେଇ ବଞ୍ଚେ । ଆଶା ବିନା ମଣିଷ ମଣିଷ କି ?- ଅପରେଟର କହିଲା ।

ରସ ଦ୍ୱୀପରେ ତାହାହେଲେ ମଣିଷ ନା ମସ୍ତିଷ୍କହୀନ କବନ୍ଧମାନେ ଚାଲୁଥିଲେ ?- ଅବିନାଶ ପଚାରିଲା ।

କିଛି ଘୋଡାସବାରଙ୍କ ହାତରେ ହାତରେ ଥିବା ଆଗ୍ନେୟାସ୍ତ୍ର ଗର୍ଜ୍ଜନ ଆଉ କେଉଁଠି କରୁଥିଲା । ସେମାନଙ୍କୁ ଲାଲ ପୋଷାକ ପିନ୍ଧିଥିବା ମଣିଷମାନେ ବନ୍ଦୀ କରିଥିଲେ । ସେମାନଙ୍କୁ ଏକ ଏକ ବିଚାରାଳୟରେ ଦଣ୍ଡିତ କରାଗଲା ଆଉ ଅଣ୍ଡାମାନକୁ ନିର୍ବାସିତ କରାଗଲା । ସେହି ତେଜିୟାନ୍ ଲୋକମାନଙ୍କୁ ପ୍ରଥମେ ଦେଖିନିଅ- ଅପରେଟର ଅବିନାଶକୁ କହୁଥିଲା । ଏକ ଛୁଆଭଳି ଏକ ବଡମଣିଷ ପ୍ରଥମରୁ କେବଳ ପ୍ରଶ୍ନ ଭିତରେ ଅଟକି ନଯାଉ ।

ଅବିନାଶ ପୁଣି ରିଙ୍ଗକୁ ଘୁରାଇଲା । ଯନ୍ତ୍ରର ପରଦାରେ ତା'ପରେ ସେ କିଛି ଧଇଁ ପେଲି ହେଉଥିବା ମଣିଷ ଦେଖିଲା । ଦେହ କଙ୍କାଳସାର ହୋଇଯାଇଛି ଆଉ ମୁଣ୍ଡ ଉଠୁନି । ସେମାନେ ଆଜି ହଲୁଛନ୍ତି, ଠିକ ଖାଇବାକୁ ନାହିଁ, ବିଶ୍ରାମ ନାହିଁ, ନୀଳ ଆକାଶକୁ ଅନାଇ ପାରୁନାହାନ୍ତି, ସବୁବେଳେ ନିଜର ଗୋଡକୁ ଦେଖିବାକୁ ପଡୁଛି । ନହେଲେ କେଉଁଠି ଝୁଣ୍ଟି ପଡିଯିବେ । ପଥର, ଗଛର ଚେର ଅପର୍ଯ୍ୟାପ୍ତ । ସେମାନେ କ'ଣ ହେଲା ବୁଝି ପାରୁନାହାନ୍ତି । କିନ୍ତୁ ସେମାନଙ୍କୁ ଆଗରେ କଳାପାଣି ଦେଖାଯାଉଛି, ପାଣି ସରୁନି । ସେପଟ ଦ୍ୱୀପ ତ ପାଖରେ ଦେଖାଯାଉଛି । ପହଁରି ଚାଲି ଯାଇହେବ, ଆଉ ତା' ପଛରେ ସବୁଜ ବୃକ୍ଷରାଜି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଣିଷ ବସତି କାହିଁ ? ଆକାଶ, ତା'ପରେ ସେମାନଙ୍କୁ କିଛି ଦେଖାଯାଉନି ।

ଏମାନେ ଦିନେ ତେଜିୟାନ ସୈନିକ ଥିଲେ ।- ଅବିନାଶ ମନରେ କିଛି ସନ୍ଦେହ ଆସୁଥିଲା । ଏକ ବିସ୍ମୟ ଆଉ ଦୁଃଖ। ତା' ଯନ୍ତ୍ରରେ ରବିବାର ଦିନରେ ଶ୍ୱେତାଙ୍ଗମାନେ ଏକ ବିଶାଳ ଦଳରେ ଏକତ୍ରିତ ହେବାର ଦେଖାଯାଉଥିଲା । ସମସ୍ତେ ବେଶ ଭଲ ପୋଷାକ ପିନ୍ଧିଛନ୍ତି । ଅତି ପରିଷ୍କାର ପରିଚ୍ଛନ୍ନ, ସମସ୍ତଙ୍କ ମୁହଁରେ ହସ ଫୁଟିଉଠୁଛି । ନୀଳ ପାଣିରେ ଦୂରରେ ଜାହାଜ ଧଳା ଫେଣ କରି ଆସୁଥିବାର ଦେଖାଯାଉଛି । ପାଣି କଳା ଲୋକଙ୍କର ଗୋଡତଳେ, କିନ୍ତୁ ଜାହାଜ ପାଣିରେ ଧଳା ଫେଣ କରିପାରେ । ସେମାନେ ଉତ୍ସାହିତ ହୋଇ ପଡୁଛନ୍ତି । ଆଉ ସେହି ପୁରୁଣା ତେଜିୟାନ୍ ସୈନ୍ୟମାନେ ମୁଣ୍ଡ ପୋତି ଠିଆ ହୋଇଛନ୍ତି । ଦେହରେ ସେବାକାରୀର ପୋଷାକ ।

ଏମିତି ତଥାକଥିତ ତେଜିୟାନ୍ ଓ ବଳଶାଳୀ ସୈନ୍ୟ ନେଇ କେହି ହାରିଯିବ ।- ଅବିନାଶ କହିଲା ହତାଶ ସ୍ୱରରେ । ଯଦି ସେ କେଉଁ ଯୁଦ୍ଧରେ ସେନାପତି ହୋଇଥାନ୍ତା, ତେବେ ସେ ବରଂ ଯୁଦ୍ଧ କରି ନଥାନ୍ତା, କିନ୍ତୁ ଏମିତି ସୈନ୍ୟ ନେଇନଥାନ୍ତା ।

ଆଜି କେବଳ ଶଇତାନ ସେମାନଙ୍କୁ ନିଜର ଦଳରେ ନେଇପାରେ ।- ଅବିନାଶ ଶେଷରେ କହିଲା । ତା'ର ଯନ୍ତ୍ର ଏକ ୱେଟରର ଉପରେ ଫୋକସ ଥିଲା । ଲୋକଟାର ଦେହରେ ଧଳା ପୋଷାକ, ମୁଣ୍ଡରେ ୱେଟରର ଟୋପି । ସେ ମୁଣ୍ଡ ପୋତି ଠିଆ ହୋଇଥିଲା । କେହି ଶ୍ୱେତାଙ୍ଗ ଯଦି ହାତଠାରି ଡାକୁଥିଲା ସେ ଏକ ବଡ଼ ଗୋଲ ଥାଳୀ ଧରି ସେଠାକୁ ଯାଉଥିଲା । ତା' ଆଖି ଉପରକୁ ଉଠି କାହା ଆଖିକୁ ଅନାଉ ନଥିଲା । ଆଖି କୋରାଡଗତ । କିନ୍ତୁ ସେ ଭିତରେ ନିଆଁ ଜଳିଲା ଭଳି ଲାଗୁଥିଲା । କମାର ଭାଟିର ନିଆଁରେ ସେ ନିଜେ ଯେମିତି ଜଳିଯାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ, ଯଦି ନିଦ ନଥାଏ ରାତିରେ, ସକାଳ କେମିତି ଆସିବ, ଦିନ ତ ରାତି ଲାଗିବ । କାରଣ ଆଖିର ଆଗଟା ଅନ୍ଧାର । ଅବିନାଶ ଅପମାନର ତିମିର ଭିତରେ ତୁମେ ଆକାଶରେ ମାଡି ଆସୁଥିବା ଛାଇ କେବଳ ଦେଖିବ । ସେ ତିମିର ନହଟିବା ଯାଏଁ ସେମାନଙ୍କ ଉପରେ ତୁମ ବିଶ୍ୱାସ ଆସିବନି । ହଉ ହେଲା ଏବେ ଡାହାଣକୁ ଅନାଅ ।- ଅପରେଟର କହିଲା । ତା'କୁ କିଛି ସମୟ ଭିତରେ ଅବିନାଶକୁ ଯେତେ ସମ୍ଭବ ସେତେ ଦୃଶ୍ୟ ଦେଖାଦେବାକୁ ଅଛି ।

ଏ ଯନ୍ତ୍ରପାଇଁ ଯେତେ ଶକ୍ତି ଦରକାର ସେତେ ଶକ୍ତି ସହଜରେ ମିଳିପାରେ ନାହିଁ, ତେଣୁ ଏ ଯନ୍ତ୍ର ଯେତେ ସମୟ ଚାହଁ ସେତେ ସମୟ ଚାଲିପାରିବନି । ସମୟବୀକ୍ଷଣ ନଳୀର ଫୋକସ ପାଇଁ ଏକ ବୈଦ୍ୟୁତିକ ତଥା ଚୁମ୍ବକୀୟ ଶକ୍ତିର ଆବଶ୍ୟକତା ପଡେ । ଏହି ଶକ୍ତି ଉପରେ ବଢିଥିବା କିଛି ଗଛମାନଙ୍କର ସବା ଉପରର ପତ୍ରରୁ ଅତି ଯତ୍ନରେ ସଂଗ୍ରହ କରାଯାଏ । ଅତି ସରୁ ତାରଦ୍ୱାରା ଗଛମାନଙ୍କୁ ଯୋଡି ଦିଆଯାଇଛି । ଗଛମାନେ ନିଜ ନିଜର ବାଇଓ ଇଲେକଟ୍ରିସିଟି ଉତ୍ପନ୍ନ କରନ୍ତି । ଏହି ଇଲେକଟ୍ରିସିଟି ଅତି ଲୋ ଫ୍ରିକ୍ୱେନ୍‌ସିର । ସାଧାରଣ ଇଲେକଟ୍ରିସିଟିରେ ୫୦ ବା ୬୦ ହର୍ଜ୍ଜ ଫ୍ରିକ୍ୱେନସି ଥାଏ । କିନ୍ତୁ ଏହି ଯନ୍ତ୍ରପାଇଁ ଦରକାର ହେଉଥିବା ବାଇଓ ଇଲେକଟ୍ରିସିଟିର ଫ୍ରିକ୍ୱେନସି ଏକ ହର୍ଜ୍ଜର କିଛି ଭାଗ । ସାଧାରଣ ବିଦ୍ୟୁତ ସୁଇଚରେ ଲାଗିଲେ ଯନ୍ତ୍ରଟି ଜଳିଯିବ । ସେହି ବାଇଓ ଇଲେକଟ୍ରିସିଟିରୁ କିଛି ଅଂଶ ଏହି ଯନ୍ତ୍ରକୁ ମାଉଣ୍ଟରେ ଲାଗିଥିବା ସୁଇଚରୁ ଆସେ ।

ଅବିନାଶ ତୁମ ପରଦାରେ ଏକ ବହି ଖୋଲାହୋଇ ପଡିଛି । ବହିରେ ଲେଖାଥିବା ବିଷୟକୁ ପଢିନିଅ ।

ଅବିନାଶ ରିଙ୍ଗକୁ ଫୋକସ କରି ଏକ ସୁନ୍ଦର ପ୍ରାସାଦ ଭିତରେ ଏକ ବଡ଼ ଲାଇବ୍ରେରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ ପାଇଲା । ବହିମାନ ବେଶ ସୁନ୍ଦର ଭାବେ ପୋଛାପୋଛି କରି ରଖାଯାଇଛି । କେଉଁଠି ଟିକିଏ ଧୂଳିମଳି ନାହିଁ । ଏକ ବଡ଼ ଟେବୁଲ ଆଗରେ ଏକ ଚୌକି ପଡିଛି ଆଉ ଏକ ମୋଟା ବହି ଖୋଲା ହୋଇ ପଡିଛି । ସେ ସେହି ବହିକୁ ଫୋକସ କଲା ଆଉ ତା'କୁ ଲାଗିଲା ଯେମିତି ସେ ଲାଇବ୍ରେରୀରରେ ବସି ସେହି ବହିକୁ ପଢୁଛି ।

ରସ ଦ୍ୱୀପକୁ ଧିରେ ସଫା କରାଗଲା ଓ ପ୍ରାୟ ସତୁରୀ ଏକର ପରିମାପର ରସ ଦ୍ୱୀପରେ ଜଙ୍ଗଲକୁ ସଫା କରି ପ୍ରାୟ ଦୁଇଭାଗ କରିଦିଆଗଲା । ସୁରକ୍ଷା କାରଣରୁ ଏହାର ଆବଶ୍ୟକତା ଥିଲା । ଉଭୟ ଭାରତୀୟ ଆଉ ୟୁରୋପୀୟ ଅଫିସରମାନେ ରସରେ ରହୁଥିଲେ । ପୂର୍ବରୁ ପଶ୍ଚିମକୁ ଲମ୍ବିଥିବା ଏକ ପ୍ରାଚୀର ମଝିରେ ଥିଲା । ବ୍ରିଟିଶ ସୈନ୍ୟ, ଅଧିକାରୀ ଦ୍ୱୀପର ଉତ୍ତରରେ ଉଚ୍ଚ ଭୂମିରେ ରହୁଥିଲେ । ଆଉ କଏଦୀ ଏବଂ ଭାରତୀୟ ସିପାହୀ ତଥା ଅନ୍ୟ ଭାରତୀୟ କର୍ମଚାରୀଗଣ ଯଥା କିରାଣୀ, ହେଡକ୍ଲର୍କ, ଟେଲର, ପୋଷ୍ଟ ମାଷ୍ଟର, ଷ୍ଟେଧାର କିପର, ଭାରତୀୟ ଡାକ୍ତର ଇତ୍ୟାଦି ଦ୍ୱୀପର ଦକ୍ଷିଣ ଅଂଶରେ ରହୁଥିଲେ । ଆଉ ତା' ପରେ ସମୁଦ୍ର ଥିଲା । ନୀଳ ପାଣିରେ ଠିଆହୋଇ ରହୁଥିଲା ବ୍ରିଟିଶ ରଣପୋତମାନ । ଏପଟେ ଅଧିକ ଉତ୍ତରରେ ଜାହାଜକୁ ରାସ୍ତା ଦେଖାବାପାଇଁ ଥିଲା ବତୀଘର । ଏ ଦ୍ୱୀପରେ କିଛି ଭଲ ବେଳାଭୂମି ନଥିଲା ଯେଉଁଠି ଜାହାଜ ଲାଗିପାରିବ । ବ୍ରିଟିଶ ସେନାମାନଙ୍କର ବାରାକ ଇଂଲାଣ୍ଡର ଉଇଣ୍ଡସର ମଡେଲରେ ତିଆରି ହୋଇଥିଲା । ଆଙ୍ଗଲିକାନ ଚର୍ଚ୍ଚ ବେଲର ମେଲୋଡିକାଲ ଶବ୍ଦ କାନରେ ମଧୁର ସୁର ତୋଳୁଥିଲା । ରସ ଦ୍ୱୀପର ବାସିନ୍ଦାମାନଙ୍କ ପାଇଁ ଚର୍ଚ୍ଚର ଘଣ୍ଟା ଏକ ମଧୁର ଧ୍ୱନୀ ଥିଲା । ୟୁରୋପୀୟମାନେ ଏ ଘଣ୍ଟାକୁ ଦେଖି ଲଣ୍ଡନର ବିଗ ବେନ ଘଣ୍ଟା କଥା ମନେ ପକାଉଥିଲେ । ଏହି ଘଣ୍ଟାର ଶବ୍ଦ ପୃଥିବୀର ଶ୍ରେଷ୍ଠ ଘଣ୍ଟାମାନଙ୍କ ଶବ୍ଦ ଭିତରୁ ଏକ ବୋଲି ଗଣାଯାଉଥିଲା । ରସ ଦ୍ୱୀପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଟି ସୁନ୍ଦର ଚର୍ଚ୍ଚ ଥିଲା । ମହୀଶୂର ମହାରାଜଙ୍କ ସୌଜନ୍ୟରେ ଏକ ମନ୍ଦିର ମଧ୍ୟ ନିର୍ମିତ ହୋଇଥିଲା ।

ଚର୍ଚ୍ଚ, ୟୋରୋପିଆନ କ୍ଲବ, ଚିଫ କମିଶନରଙ୍କ ଅଫିସ, ସେମେଟ୍ରି, ଟ୍ରେଜେରୀ, ଇତ୍ୟାଦି ୟୁରୋପିଆନଙ୍କ ଉତ୍ତର ପଟେ ଅବସ୍ଥିତ ଥିଲା । ରସ ଦ୍ୱୀପରେ ଘର ସବୁ ବେଶ ଭଲ ମଜ୍ଭୁ କାଠରେ ତିଆରି ହେଉଥିଲା ଯାହା ବହୁତ ଦିନଯାଏଁ ରହୁଥିଲା । ଚର୍ଚ୍ଚ ଆଉ ଡ୍ୟାନ୍ସ ହଲ ଆଦି ପଥରରେ ତିଆରି ହୋଇଥିଲା । ଦ୍ୱୀପରେ କେଉଁ ଯାନବାହାନର ସୁବିଧା ନଥିଲା । କେବଳ କେତେଟା କଏଦୀଙ୍କ ଦ୍ୱାରା ଟଣାଯାଉଥିବା ଦୁଇ ଚକିଆ ହାତ ଟଣା ରିକ୍ସା ଥିଲା ଯାହାକୁ ଦୁଇଜଣ କଏଦୀ ହାତରେ ଘୋଡାଭଳି ଆଗକୁ ଟାଣୁଥିଲେ ଆଉ ଦୁଇଜଣ କଏଦୀ ପଛରୁ ଠେଲୁଥିଲେ । ସେହି ହାତଟଣା ରିକ୍ସା କେବଳ ଚିଫ କମିଶନରଙ୍କ ନିଜ ବ୍ୟବହାର ଓ ମହିଳାମାନଙ୍କ ବ୍ୟବହାରରେ ଲାଗୁଥିଲା । ଏତଦ୍ ଭିନ୍ନ ରୋଗୀମାନେ ସେଥିରେ ଯାଇ ପାରୁଥିଲେ ।

ସବୁଜିମା ଭିତରୁ ମୁଣ୍ଡ ଟେକିଥିଲା ଚିଫ କମିଶନରଙ୍କ ବଙ୍ଗଳା । କାଠର ସୁନ୍ଦର କାରୁକାର୍ଯ୍ୟ ବର୍ମିଜ କଏଦୀମାନେ କରିଥିଲେ । ଯେତେବେଳେ ଅନ୍ୟ ଦ୍ୱୀପମାନ କଳା ଅନ୍ଧାରରେ ଲୁଚିଯାଉଥିଲା, ସେତେବେଳେ ରସ ଦ୍ୱୀପ ବିଜୁଳି ଆଲୁଅରେ ଝଲମଲ କରୁଥିଲା । ରାସ୍ତାରେ ହାଲୁକା ବିଜୁଳି ବତୀମାନ ଲାଗିଥିଲା । ଦ୍ୱୀପରେ ୟୁରୋପୀୟମାନଙ୍କ ପାଇଁ ସବୁ ସୁଖ ସୁବିଧା ଉପଲବ୍ଧ ଥିଲା । ସ୍କ୍ୱାସ କୋର୍ଟ, ଟେନିସ କୋର୍ଟ ଆଦି ତିଆରି ହୋଇଥିଲା । କଏଦୀମାନେ ସେଇଠି ଠିଆହୋଇ ଗୀତ ଗାଉଥିଲେ । ଏକ ସେଲିଙ୍ଗ କ୍ଲବ ଥିଲା ଯେଉଁଠି ପ୍ରତି ଶନିବାର ଦିନ ପ୍ରତିଯୋଗୀତା ହେଉଥିଲା । ରାଇଫଲ କ୍ଲବର ସଦସ୍ୟମାନେ ନିଜ ନିଜ ଭିତରେ ପିସ୍ତଲ ଆଉ ରାଇଫଲରେ ପ୍ରତିଯୋଗୀତା କରୁଥିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ନିଜର ଯନ୍ତ୍ରକୁ ଭଲକରି ମାଇକ୍ରୋ ଫୋକସ କଲା । ଆଜି ରବିବାର । ଶ୍ୱେତାଙ୍ଗମାନେ ସକାଳେ ଚର୍ଚ୍ଚ ଆଗରେ ଏକାଠି ହୋଇଛନ୍ତି । ଏକ ଅତି ଭବ୍ୟ ପ୍ରାସାଦ । ପ୍ରତିଟି ସ୍ଥାନ ଅତି ପରିଷ୍କାର ରଖାଯାଇଛି । ଭିତରେ ସୁନ୍ଦର ସଫା ହୋଇଥିବା ବେଞ୍ଚମାନ ଧାଡି ଧାଡି ପଡିଛି । ଲୋକମାନେ ଭଲ ପୋଷାକ ପିନ୍ଧି ବସିଛନ୍ତି । ସେମାନେ ଫାଦରଙ୍କ ଉପଦେଶ ଅତି ଧ୍ୟାନର ସହ ଶୁଣୁଛନ୍ତି । ସମସ୍ତଙ୍କ ହାତରେ ବାଇବେଲ ଅଛି । ବାଇବେଲ ପଢା ସମୟରେ ନିଜ ମନରେ ନିଜ କାମରେ ଠିକ ଭୁଲ ବାଛୁଛନ୍ତି । ପ୍ରାର୍ଥନା ହଲରେ ଫାଦରଙ୍କ ଉପଦେଶ ଛଡା ଆଉ ସାମାନ୍ୟ ଶବ୍ଦ ନାହିଁ । କିଛି ଲୋକ ପରେ ଅନ୍ୟ କୋଠରୀରରେ ନିଜ ପାପକର୍ମର ସ୍ୱୀକାରୋକ୍ତି କରୁଛନ୍ତି ।

ଅବିନାଶ କିଛି ଭାବିବାକୁ ଲାଗିଲା । ତା' ଯନ୍ତ୍ର ଭିତରେ ଦୃଶ୍ୟ ସବୁ ଚମକୁଥିଲା । ମଣିଷକୁ ତାହାହେଲେ ପାପ ବିମୋଚନପାଇଁ ଏକ ସ୍ଥାନର ଆବଶ୍ୟକତା ଅଛି ? ମଣିଷ ତାହାହେଲେ କ'ଣ ଏକ ସାପ । ସମୟ ସହ ନିଜକୁ ପୂର୍ବ ପରିଚ୍ଛଦରୁ ମୁକ୍ତ କରି ଆଉ ଏକ ନବ ପରିଚ୍ଛଦ ନେବାକୁ ପଡେ କି ? ନହେଲେ ନିଜ ପାପ ସ୍ଖଳନ ପାଇଁ ମଣିଷ କ'ଣପାଇଁ ଧାର୍ମିକ ସ୍ଥଳକୁ ଆସେ ? ଆଉ ଧର୍ମ ପ୍ରବଚନ କ'ଣ ମଣିଷକୁ ପ୍ରକୃତ ରାସ୍ତା ଦେଖାଏ ? ମାର୍ଗଦର୍ଶନ କ'ଣ ସବୁ ଦୋଛକିରେ କିଏ ଦେବା ଆବଶ୍ୟକ ?

ଅବିନାଶ ତା'ପରେ ଲଙ୍ଗ ଫୋକସ କଲା । ଏବେ ଯେମିତି ଆଜିକାର ଦୃଶ୍ୟ ଦେଖାଯାଉଥିଲା । ସବୁ ଭାଙ୍ଗିଯାଇଛି, କିନ୍ତୁ ଏବେବି ବିଶାଳତା ମନକୁ ହରଣ କରିନେଉଛି । ସବୁ ଜାଗାର ବଡ଼ ଚର୍ଚ୍ଚ ଭଳି ଏଠାକାର ଚର୍ଚ୍ଚର ଆକାର, ପ୍ରଥମେ ଏକ ଭବ୍ୟ ପବେଶ ଦ୍ୱାର ଆଉ ଭିତରେ ବିଶାଳ ପ୍ରାର୍ଥନା ସ୍ଥାନ । ବାସ୍ ସେତିକି ଅଛି, ବଡ଼ ଚେରମାନ ଇଟାର କାନ୍ଥକୁ ନିଜ ଚେରର ଜାଲରେ ଛନ୍ଦିଦେଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ଯନ୍ତ୍ରରୁ ଆଖି କାଢିଦେଇ ଭାବିଲା ସବୁଠାରେ, ସବୁବେଳେ ପୂଜାସ୍ଥଳମାନ ନିଜ ନିଜର ରୂପ କ'ଣପାଇଁ ହରାଇବସେ ? ଆଉ କ'ଣପାଇଁ ସବୁଠି ବଡ଼ ଗଛର ଚେରମାନ ତା'କୁ କରାୟତ କରେ ? ପ୍ରାୟ ଅଧିକାଂଶ ଜାଗାରେ ବରଜାତୀୟ ଗଛ ଥାଏ । କ'ଣ ପାଇଁ ଚେରସବୁ ଅତି ମୋଟ ହୋଇଯାଏ ଆଉ ନିଜର ଉପସ୍ଥିତି ଜାହିର କରେ ? କାହିଁ ମାଟିରେ ତ ଚେର ଏତେ ଦେଖାଯାଉନି, କିନ୍ତୁ ବିଶାଳ ପ୍ରାସାଦରେ ଏ ଚେରମାନ କ'ଣ ପାଇଁ ଏତେ ସ୍ପଷ୍ଟ ? କ'ଣ ବ୍ୟର୍ଥତା, ସବୁବେଳେ ଏ ପ୍ରାସାଦମାନ ନିଜ ଦର୍ଶନର ଅର୍ଥହୀନତାକୁ ପ୍ରକାଶ କରୁଅଛି କି ?

ନିଜ ଭାବନାକୁ ସ୍ଥିର କରି ସେ ଯନ୍ତ୍ର ଭିତରକୁ ଧ୍ୟାନରେ ଅନାଇଲା ପୁଣି ମାଇକ୍ରୋ ଫୋକସ କରିଚାଲିଲା । ଦିନ ହୋଇଯାଇଛି । ପିଲାମାନେ ସମସ୍ତେ ଉତ୍ସୁକତାର ସହ କାନେଇ ବସିଛନ୍ତି । ଠିକ ଦିନ ୧୨ଟା ସମୟରେ ପଶ୍ଚିମ ଉପକୂଳରେ ଲଗିଥିବା କମାଣରୁ ବୁ-ଉ-ଉ-ମ ଶବ୍ଦରେ ଗୋଳା ଫୁଟିଲା । ସେ ଶବ୍ଦ ସାରା ରସ ଦ୍ୱୀପରେ ଶୁଣାଯାଉଥିଲା, ଏମିତିକି ଆବର୍ଦ୍ଦୀନ ଆଉ ଆଖପାଖ ଅଂଚଳ ଗୋଳା ଶବ୍ଦରେ ପ୍ରକମ୍ପିତ ହେଉଥିଲା । ସେ ଆଉ ଅଧିକ ସେହି ଲାଇବ୍ରେରୀରେ ପଢିବାକୁ ଲାଗିଲା । ତା' ମୁହଁ ଉଜ୍ଜ୍ୱଳ ହୋଇଯାଉଥିଲା ।

ପିଲାମାନଙ୍କ ପାଇଁ ଏକ ଆର୍ଷଣୀୟ ମୁହୂର୍ତ୍ତ ଥିଲା ଦିନର ମଝି ସମୟ । ପିଲାମାନେ ସେ ଶବ୍ଦ ଶୁଣିବାକୁ ଅନାଇ ବସୁଥିଲେ ।- ଅପରେଟର କହିଲା ।

ଏହି ସମୟରେ ଭରତର ମୁଖ୍ୟ ଭୂମି ଆଉ ଆଣ୍ଡାମାନ ଭିତରେ ଏସ ଏସ ମହାରାଜା ଜାହାଜ ଚାଲୁଥିଲା । ପରେ ଏସ ଏସ ସାହେଜାଦା ଜାହାଜ ମଧ୍ୟ ଚାଲିଲା । ମହାରାଜା ଜାହାଜକୁ ଅତି ପରିଷ୍କାର ପରିଚ୍ଛନ୍ନ ରଖାଯାଉଥିଲା ଆଉ ଯାତ୍ରୀମାନଙ୍କର ଏହା ଅତି ପ୍ରିୟ ଜାହାଜ ଥିଲା । ଜାହାଜର ଆଗମନ ଆଉ ପ୍ରସ୍ଥାନ ଦିନମାନଙ୍କରେ ଚାଥାମରେ ମେଳା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଗିଯାଉଥିଲା । ରସ ଦ୍ୱୀପରୁ ଲୋକାମନେ ଚାଥାମକୁ ବୋଟରେ ବସି ଯାଉଥିଲେ ।

ତା'ପରେ ହଠାତ୍ ଅବିନାଶ ଜଲଦି ରିଙ୍ଗ ଘୁରାଇଲା । ଦୃଶ୍ୟ ସବୁ ଫାଷ୍ଟ ଫରୱାର୍ଡ ହୋଇଗଲା କିଛି ସମୟପାଇଁ । ଜାପାନୀମାନଙ୍କ ଅଧିକାର ସମୟରେ ରସ ଦ୍ୱୀପ ବହୁ ଭାବରେ ନିଜ ଔଜଲ୍ୟ ହରାଇ ବସିଲା । ପରେ ଭୂକମ୍ପ । ରସ ଦ୍ୱୀପର ସୌନ୍ଦର୍ଯ୍ୟ ଆଉ ଅକ୍ଷୁର୍ଣ୍ଣ ରହିଲାନି । କାଳ ଗର୍ଭରେ ସବୁକିଛି ଲୀନ ହୋଇଯାଏ କି ? ଆଜି ପଡିରହିଛି ଭଗ୍ନ ଟେନିସ କୋର୍ଟ, ଅଫିସର୍ସ କ୍ଲବ, ସୁଇମିଙ୍ଗ ପୁଲ, ଚର୍ଚ୍ଚ ଆଉ ବଙ୍ଗଳାମାନ । ବଡ଼ ବଡ ଗଛ ଆଜି ଅଧିକାର କରିନେଉଛି ପୂର୍ବ ଐତିହ୍ୟକୁ । ଚେର ମାଡିଯାଉଛି, ବଡ଼ ଡାଳମାନ ଝୁଲି ଆସୁଛି ।

ଅବିନାଶ ଟିକେ ରହିଗଲା । ତା' ଯନ୍ତ୍ର ଭିତରେ କୋଠରୀରେ ଆଲୋକ ଲିଭିଆସୁଥିଲା ପରି ଲାଗୁଥିଲା, ଯେିତି ଦିନ ଆଉ ରାତିକୁ କିଏ ବହୁ ଜୋରରେ ଫାଷ୍ଟ ଫରୱାର୍ଡ କରିଦେଉଛି । ଫଳରେ ତା'କୁ ଅନ୍ଧାର ଆଉ ଆଲୋକର ଛାଇ ଦେଖାଯାଉଛି । ସେ ପ୍ରତି ଅକ୍ଷର ପଢୁଥିବା ସମୟରେ ତା' ପାଖରେ ଗୋଟଏ ଗୋଟାଏ ନୂଆ ନୂଆ ଛାଇ ଠିଆ ହୋଇ ମିଳେଇ ଯାଉଥିବାର ଦେଖୁଥିଲା । କିଛି ବାରିବାକୁ ଚେଷ୍ଟା କରୁନଥିଲା । ବହୁତ ଜଲଦି ଧାଡିମାନ ତା' ଆଗରୁ ଉଜ୍ଜ୍ୱଳ ହୋଇ ଲୁଚିଯାଉଥିଲା । କିଛି ମନେ ରଖିଲା ପରିଥିଲା ।

. . .ନୀଳ ସାଗରରୁ ବହିଆସୁଥିବା ପବନରେ ନଡିଆ ଗଛର ବାହୁଙ୍ଗାମାନ ଦୋଳି ଭଳି ଝୁଲିଚାଲୁଛି । ପ୍ରଥମରୁ ବଙ୍କର ଉପରକୁ ଗର୍ବର ସହ ସିଧା ମୁଣ୍ଡଟେକି ଠିଆହୋଇଥିବା ନଡିଆ ଗଛମାନଙ୍କ ଧାଡି ଦେଇ କଳା ରାସ୍ତା ଆଗକୁ ଲମ୍ବିଯାଇଛି । ଏହି ରାସ୍ତାରେ ଧାରରେ ଠିଆହୋଇଛି ଇତିହାସ ସିଲଟରେ ଅଙ୍କାଯାଇଥିବା କିନ୍ତୁ ଛାତ ନଥିବା ଭଙ୍ଗା କୋଠାମାନ ଯାହାକୁ ଆଜି ଗଛ ନିଜ ଶୀତଳ ଛାୟାରେ, ଚେର ନିଜ ଅନ୍ତରଙ୍ଗ ଆଲିଙ୍ଗନରେ ଗଭୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଦରେ ଶୁଆଇ ଦେଉଛି, ଆଉ କେବେ ଉଠିବନି । ଅଫିସର୍ସ କ୍ଲବ, ସେଇଠି ଦିନେ ଅର୍କେଷ୍ଟ୍ରାର ଧୂମ ଥିଲା ଆଜି ନିଶବ୍ଦ, ଆଉ ଆଗକୁ ନିସ୍ତବ୍ଧ ରହିବ । ଚିଫ କମିଶନରଙ୍କ ବିଶାଳ ପ୍ରାସାଦ, ନିଜର ପୂର୍ବ ଗାରିମା ସହ ଆଜି ମନ ସିଂହାସନ ଚ୍ୟୁତ । ଆହୁରି ଆଗକୁ ଅଛି ୟୁରୋପିଆନ ସୈନ୍ୟଙ୍କ ବ୍ୟାରାକ, ଦ୍ୱିତଳୀୟ ଶସ୍ତ୍ରାଗାର, ଏକ ଭଗ୍ନ ଚର୍ଚ୍ଚ ଆଉ ସ୍କ୍ୱାସ କୋର୍ଟର ଧ୍ୱଂସାବିଶେଷ । ଶେଷଆଡକୁ ଅଛି କବରସ୍ଥାନ । ସେଇଠି ଶୋଇଯାଇଛନ୍ତି ତରୁଣ ନୌସୈନିକମାନେ ।

ଆଉ ଏକ ଏକ କବରର ସ୍ମୃତିଫଳକରେ ଲେଖାଅଛି ଅନେକ ସ୍ମୃତିଫଳକ । ଅବିନାଶ ଏମିତି କିଛି ପଢିନେଲା ଆଉ ଶେଷରେ ତା' ଆଖି ଅଟକିଗଲା–

ସ୍ମୃତିରେ

ଏଇଠି ଶୋଇଯାଇଛି ଲରେନ୍‌ସ । ଲରେନ୍‌ସ ଆଉ ଜେସି ଜେମିନା କାର୍ଥିଙ୍କ ଶିଶୁ ପୁତ୍ର । ସେ ଭୂମିଷ୍ଠ ହେଲା ୧୬ ସେପ୍ଟେମ୍ବର ୧୮୬୩ ମସିହାରେ ଆଉ ସେହି ଦିନ ପ୍ରାଣତ୍ୟାଗ କଲା । ବଞ୍ଚିଥିଲା କେବଳ ୨୨ ଘଣ୍ଟା ପାଇଁ । ସେ ଦେଖିଲା ଆମର ଦୁର୍ଦ୍ଦଶା ଆଉ ଆଖି ଧିରେ ନୀରବରେ ଫେରାଇନେଲା । ଆଖିରୁ ତା'ର ବୁନ୍ଦାଏ ଦୁଇବିନ୍ଦୁ ଲୁହ ଝରିଯାଇଥିଲା ଆମ ଦୁର୍ଦ୍ଦଶାର ପାଇଁ ।

ଆଉ ତା' ମନକୁ ସେମିତି କିଛି ସ୍ମୃତି ଫଳକର ଲେଖା ଆସିଯାଉଥିଲା । ଏଇଠି ଶୋଇଯାଇଛନ୍ତି ତରୁଣ ନୌସୈନିକମାନେ ନିଜର ସାହାସ ସହ, ସୁନ୍ଦରୀ ଲାବଣ୍ୟବତୀ ତରୁଣୀମାନେ ନିଜ ପ୍ରେମର ଫୁଲ ଚାଙ୍ଗୁଡି ସହ ।

କିଏ ଲେଖିଥିବ- "ଆମେ ହଜିଯାଉଛେ ସନ୍ଧ୍ୟାର ତରୁର ଛାୟାରେ । ମୁଁ ତୁମପାଇଁ ପ୍ରତୀକ୍ଷା କରିବି, ଯଦି ମୁଁ ପଛରେ ରହିଯାଏ ଅପେକ୍ଷା ତୁମେ ମୋ ପାଇଁ କରି ରହିଥିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖଦ୍ୟୋତକୁ ରାସ୍ତା ଦେଖାଇବାକୁ ଛାଡି ଦେଇଗଲ ।"

"ସେ ଥିଲେ ଦୟା ଅଉ କ୍ଷମାର ମୂର୍ତ୍ତୀ, ତାଙ୍କର ବାଣୀ ଆମ ହୃଦୟ ବୀଣାରେ ବାଜି ଚାଲୁଥିବ ।"

"ଆଉ ନଥିବ ଅନ୍ଧକାର, ନଥିବ ସବୁବେଳେ ବର୍ଷାର ତାଣ୍ଡବ, ଥିବ କେବଳ ଏକ ନରମ ଆଲୋକ ରାସ୍ତା ଦେଖାଇବା ପାଇଁ ଆଉ ସଙ୍ଗୀତର ଧାର ଚାରିପାଖେ ନାଚୁଥିବ ମହାସାଗରର ଉର୍ମି ଭଳି ।"

"ନୀଳ ଆକାଶକୁ ଯେବେ ଆମେ ତ ଦେଖିବୁ, ତୁମେ ମନେ ପଡିଯିବ, ଯିଏ କେବେ ତ ହାରିନି, ହରାଇଦେଇଛି ମହାସମୁଦ୍ରକୁ । ସମସ୍ତଙ୍କୁ ହରାଇ ମହାନିଦ୍ରରେ ଶାନ୍ତିରେ ଶୋଇ ଯାଇଅଛି ।"

ଅବିନାଶ ଏମିତି ବାକ୍ୟମାନଙ୍କ ସହ ଅଟକିଗଲା ଆଉ ତା' ଶ୍ୱାସ ଗଭୀର ହୋଇ ଉଠିଲା । ନିଜ ଭିତରେ କେଉଁ ସୁଦୂର ଦେଶରୁ ଆସୁଥିବା ଶ୍ୱାସର ପ୍ରବାହ ପାଇଲା । ଆଉ କିଛି ଖୋଜିବାକୁ ନଥିଲା । ସବୁଠାରେ ଦୁଃଖ, ସବୁଠାରେ ଦୁର୍ଦ୍ଦଶା । ଏହି ମହାର୍ଘ୍ୟ ନୃତ୍ୟାଙ୍ଗନ ପରେ କିଛି ଦୂରରେ ଏହି ଦ୍ୱୀପ ଭିତରେ ମୃତ୍ୟୁଗାରରେ ବଦଳିଯାଉଛି, ଯେଉଁଠି ମଣିଷ ନିଜ ଜୀବନର ବ୍ୟର୍ଥତା ଆଉ ନିଜର ଅସହାୟତାକୁ ପ୍ରଦର୍ଶନ କରିଚାଲିଛି । କିନ୍ତୁ ପର କ୍ଷଣରେ ଠିଆହୋଇ ଅନାଉଛି ଆଉ ପୂର୍ବର ଭାବିଥିବା ଆଉ ଲେଖି ରଖିଥିବା ସାରକଥାର ଠିକ ବିପରୀତ କରିଚାଲିଛି । ନିଜକୁ ଅଟକାଇ ପାରୁନି । ଅବିନାଶ କବରସ୍ତାନରେ ଲେଖାଥିବା ନାମଗୁଡିକୁ ବହୁ ଦୂରରୁ ନିଜ ଦୂରବିକ୍ଷଣ ଯନ୍ତ୍ରରେ ଦେଖି ପାରୁଥିଲା । ଅନେକ କବର, ଆଉ ପ୍ରତି କବରରେ ଅଲଗା ଅଲଗା ନାମ ହେବା କଥା । ଲୋକ ତ ଅଲଗା । ତା'କୁ କାହା ଲେଖା ଏକ ଧାଡି ବିଜୁଳି ପରି ଦେଖାଗଲା-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଜନ୍ମ ଏକ ରହସ୍ୟ ଆରମ୍ଭର, ମୃତ୍ୟୁ ଏକ ରହସ୍ୟ ବିଦାୟର । ଆଉ ଆଜି ଦେଖାଯାଉଥିବା ଜନ୍ମରୁ ମୃତ୍ୟୁ ମଧ୍ୟରେ ଥିବା ସମୟର ଦୀର୍ଘତା ଏକ ସଜେଇ ହୋଇଥିବା ମେଢର ମହାଯାତ୍ରା, ବିସର୍ଜ୍ଜନ ପାଇଁ କେବଳ ଯାତ୍ରା । ରାସ୍ତାରେ ଲୋକମାନେ ଠିଆହୋଇ କେବଳ ଭଲ ଭେଲ ଖୋଜୁଛନ୍ତି, କେବେ ତାଳି ଦେଉଛନ୍ତି, କେବେ ତା' ଉପରେ ହସୁଛନ୍ତି ।"

ଓଃ ! ରସ ଦ୍ୱୀପର ପରିବର୍ତ୍ତନ ଏକ ବିସର୍ଜ୍ଜନର ଯାତ୍ରା ତା'ହେଲେ ଥିଲା ।- ଅବିନାଶ ନିଜକୁ ନିଜେ କହିଲା ।

ଅବିନାଶ, କେତେଟା କବରରେ ଲେଖାଥିବା ଧାଡି, ଆଉ କେତେଟା ଧାଡି ତୁମ ମନର ବା କାହା ଲେଖାର । ସେତିକିରେ ଭାବୁକ ହୋଇ ରହିଗଲେ ସରିବନି ଆଉ ଆଗକୁ ଦେଖ । ରସର ରୂପ ଦେଖି ଚମତ୍କୃତ, ପରେ ଜଡ ହୋଇଯାଅନି । ତୁମେ ତୁମ ଯନ୍ତ୍ରରେ ଆଉ ବହୁ ଖୋଜିନିଅ, ମଣିଷ ଖୋଜିଲ ଅବିନାଶ ?- ଅପରେଟର ପଚାରିଲା ।

ସେହି ଛୋଟ ଛୁଆକୁ ଖୋଜିନେଲି । ୨୨ ଦିନର ଛୋଟଛୁଆ ଯାହାପାଇଁ କବରରେ ଲେଖାଥିଲା । ଏକ ନିଷ୍ପାପ ଶିଶୁ ପାଇଁ ତା' ବାପା କି ମାଆ ଲେଖି ଦେଇଥିବବେ । ଆଉ କିଏ ଜାଣେ ସେମାନେ ଏଇଠି କି ବାଟରେ ହଜି ଯାଇଥିବେ । ଛୁଆଟା କିନ୍ତୁ ମୋ ପାଇଁ ମଣିଷ ।- ଅବିନାଶ କହିଲା ।

ଯାହାକୁ ଇଶ୍ୱର ଭଲପାଆନ୍ତି ସେ ବୋଧହୁଏ ଜଲଦି ମରିଯାଏ । ଏଇଟା କ'ଣ ତୁମେ ତା'ପରେ କହିବ । ଅବିନାଶ ତୁମେ ମଳିନ ଆଉ ଶ୍ୟାମଳ ଲୋକମାନଙ୍କୁ ଏ ଦ୍ୱୀପରେ ଦେଖିଲା ।

ଆଉ କିଛି କ'ଣ ଦେଖିବାକୁ ଅଛି ?

କିଛି ଏ ଘୋର କଳାଲୋକଙ୍କୁ ଦେଖିନିଅ । ଅଣ୍ଡାମାନର ଏ ଦ୍ୱୀପ ହେଉଛି ପ୍ରକୃତରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗ୍ରେଟ ଅଣ୍ଡାମାନିଜ ମାନଙ୍କର । ଏଇଠୁ କ୍ୟାପଟେନ ଓ୍ୟାକର ଆଦେଶ ଦେଇଥିଲେ ଗ୍ରେଟ ଅଣ୍ଡାମାନିଜମାନଙ୍କୁ ମାରିବାପାଇଁ । ମାର୍ଚ୍ଚ ୧୮୫୮ ମସିହାରେ ସେ ପେନାଲ ସେଟେଲମେଣ୍ଟର ଦାୟିତ୍ୱ ନେଲେ । ତାଙ୍କ ଆଦେଶ ଅନୁସାରେ ଯଦି କେଉଁକୃଷ୍ଣାଙ୍ଗ ଆଦିମ ଅଧିବାସୀ ମାଛ ଧରିବା ବା ଶିକାର କରିବାର ଦେଖାଯାଏ ତେବେ ତା'କୁ ଘଉଡାଇଦିଅ । ଅନେକ ସମୟରେ ବ୍ରିଟିଶ ଦଳ ବହୁ ଅଣ୍ଡାମାନିଜଙ୍କୁ ମାରିଦେଇଛନ୍ତି, ସେମାନଙ୍କ ଘର ଜଳାଇ ଦେଇଛନ୍ତି ଆଉ ସେମାନଙ୍କ ହୁଡି ଛଡାଇ ନେଇଛନ୍ତି । ଆଉ ଆବର୍ଦ୍ଦୀନ ଯୁଦ୍ଧରେ ଚାରି ଶହ-୫ ଶହରୁ ଊର୍ଦ୍ଧ୍ୱର୍ ସବଳ ଅଣ୍ଡାମାନିଜ ମରିଗଲେ, କୁହାଯାଇପାରେ ଏକ ଜାତି ପ୍ରାୟ ଉପଯୁକ୍ତ ପୁରୁଷଶୂନ୍ୟ ହୋଇଗଲା । ଆଉ ଏହା ମଧ୍ୟ ସେମାନଙ୍କ ସଂଖ୍ୟା କମ ହେବାର ଏକ ପ୍ରମୁଖ କାରଣ ହେଲା ।

ରସ ଦ୍ୱୀପରେ ଜାଣିଛ ଅଣ୍ଡାମାନ ହୋମ ପ୍ରଥମେ ସ୍ଥାପିତ ହୋଇଥିଲା । ଅଣ୍ଡାମାନିଜଙ୍କ ପାଇଁ ସରକାର ତରଫରୁ ଯୋଗାଇ ଦିଆଯାଉଥିବା ଏକ ମାଗଣା ରହିବା ଆଉ ଖାଇବା ସ୍ଥଳ ।– ଏତିକି କହି ଅପରେଟର ରିଙ୍ଗକୁ ଠିକ ଭାବରେ ବୁଲାଇଦେଲା । ଏ ରିଙ୍ଗ ବୁଲାରେ ବହୁ ଶକ୍ତି ଖର୍ଚ୍ଚ ହୁଏ । ତେଣୁ ଉପଯୁକ୍ତ ଭାବେ ରିଙ୍ଗ ବୁଲାଇଲେ ଏକ ପ୍ରକୃତ ଦୃଶ୍ୟ ଦିଶେ । ନହେଲେ ଦିନ ରାତି କେବଳ ଆଲୁଅ ଆଉ ଛାଇ ହୋଇଯାଏ । ଜୋରରେ ବୁଲାଇଲେ କେବଳ ଏକ ପାତଳ ଅନ୍ଧାର ଦିଶେ, ନା ଆଲୋକ ଅଛି, ନା ଅନ୍ଧାର ଅଛି । ତେଣୁ ଠିକ ଭାବେ ରିଙ୍ଗକୁ ବୁଲାଇ ଠିକ ସ୍ଥାନରେ ଯନ୍ତ୍ରକୁ ଫୋକସ କରିବାର ଆବଶ୍ୟକତା ଅଛି ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିଶପ୍ତ ଉପବନ



ରାଜାରାମ ଦାସ

ଘରର ଝରକା ପାଖରେ ଏକ ସୁନ୍ଦର ଉପବନ ଥିଲା । ସେଥିରୁ ଆସୁଥିବା ମଲ୍ଲୀଫୁଲର ବାସ୍ନା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ଜହ୍ନ ଆଲୁଅରେ ମଲ୍ଲୀଫୁଲ ଗୁଡା ଆହୁରି ସୁନ୍ଦର ଦେଖାଯାଉଥିଲା ।

ଅନେକ ଦିନ ହେଲା ସେ ଘର ସେମିତି ଖାଲି ପଡ଼ିଥିଲା । ପାଣି ନ ପାଇବାରୁ ମଲ୍ଲୀଫୁଲ ଗଛ ଗୁଡା ଧିରେ ଧିରେ ଶୁଖିବାକୁ ବସିଲା ।

ଏବେ ସେ ଗଛ ଉପରେ ସେମିତି ତୋଫା ଜହ୍ନର କିରଣ ପଡୁଛି ହେଲେ ଫୁଲକୁ ନ ପାଇ ଜହ୍ନ କୁଆଡେ ଘୁମୁରି ଘୁମୁରି କାନ୍ଦୁଛି । ସିନ୍ଦୂରା ଫାଟିବା ଆଗରୁ ଜହ୍ନ ଝରକା ଉହାଡ ଦେଇ ଥରେ ମଲ୍ଲୀଗଛ ଆଡେ ଅନାଏ, କାଳେ ତା ମଲ୍ଲୀ କି ଅନ୍ୟ କିଏ ତୋଳି ନେଇ ମୁଣ୍ଡର ଗଜରା କରି ଦେଇନି ତ ?

ପ୍ରତ୍ୟେକ ଦିନ ନିଶାର୍ଦ୍ଧରେ ଜହ୍ନ ତା ନିଦ ରାଇଜକୁ ଫେରି ଯାଉ ଯାଉ ପୁଣି ଥରେ ପଛକୁ ଚାହେଁ ଓ କେବଳ ଦେଖୁଥାଏ, ଅତୀତର କେଉଁ ଏକ ଅଭିଶାପରେ ଦଗ୍ଧ ହୋଇ ଯାଇଥିବ ସେଇ ଉପବନକୁ ।

ସହକାରୀ ପ୍ରାଧ୍ୟାପକ
ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚରିତ୍ର



ସିଦ୍ଧେଶ୍ୱର ତ୍ରିପାଠୀ

ନାଲୁ ମାଷ୍ଟ୍ରେ ଭଲ ପାଠ ପଢ଼ାନ୍ତି । ପିଲାମାନଙ୍କ ଯତ୍ନ ନିଅନ୍ତି ପିଲାଙ୍କୁ ଭଲ କଥା କୁହନ୍ତି । ସମାଜରେ ନାଁ ରଖିଲା ଭଳି କାର୍ଯ୍ୟ କଲେ ଆମେ ମଲା ପରେ ବି ସମସ୍ତଙ୍କ ହୃଦୟରେ ରହି ପାରିବା ବୋଲି ସମସ୍ତଙ୍କୁ ବୁଝାନ୍ତି । ସବୁଗୁଣ ଠାରୁ ଚରିତ୍ର ସଜାଡ଼ିବା ସବୁଠୁ ବଡ଼ କଥା ବୋଲି ମାଷ୍ଟ୍ରେ ସବୁବେଳେ କୁହନ୍ତି ।

ଆଜି ସକାଳୁ ସକାଳୁ ସବୁ ଟିଭି ରେଡ଼ିଓ ଖବରକାଗଜରେ ନାଲୁ ମାଷ୍ଟ୍ରେଙ୍କ କଥା । ସେ କୁଆଡେ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀକୁ ଅସଦ ଆଚରଣ କରି ଧରା ପଡିଛନ୍ତି । ପୋଲିସ ତାଙ୍କୁ ଗିରଫ କରିଛି । ସେ ଏବେ ଚାକିରୀ ହରେଇ ଜେଲକୁ ଯିବେ । ଆଗାମୀ ଦିନରେ ତାଙ୍କ ସହିତ କ'ଣ କ'ଣ ଯେ ସବୁ ଘଟିବ ତାହା ସମୟକୁ ଜଣା ।

କୁଣ୍ଡିଲୋ, ଗୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଜ ସ୍ୱର୍ଗ



ବିନୟ ମହାପାତ୍ର

ଗାଁ ହାଇସ୍କୁଲରେ ଆଜି ପରେଶବାବୁଙ୍କର ଶେଷଦିନ ଥିଲା । ଦୀର୍ଘ ବତିଶ ବର୍ଷର ଶିକ୍ଷକତା ଜୀବନର ଅନ୍ତିମ ଦିବସ । ନିଜ କାର୍ଯ୍ୟକାଳର ଶେଷ ଦିନଟିରେ ଗାଆଁର କିଛି ପୁରୁଖାଲୋକ, ସ୍କୁଲର ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ସମସ୍ତେ ମିଶି ତାଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ସଭାଟିଏ ଆୟୋଜନ କରିଥିଲେ । ସଭା ସରିଗଲା ପରେ ସମସ୍ତେ ଯିଏ ଯୁଆଡେ ଚାଲିଗଲେ । ସମସ୍ତଙ୍କଠାରୁ ବିଦାୟନେଇ ପରେଶବାବୁ ଘରମୁହାଁ ହେଲେ ତାଙ୍କର ସେହି ଚିରାଚରିତ ରାସ୍ତାରେ ।

ଆଜି ବି ମନେ ପଡେ ସେଇ ପୁରୁଣା ଦିନର ସବୁ କଥା । ସେଦିନ ଯେତେବେଳେ ତାଙ୍କର ବି.ଏ. ପାଶ୍ ଖବରଟା ତାଙ୍କର ଛୋଟିଆ ଗାଆଁଟିରେ ବଡ ଖବର ହୋଇ ପ୍ରଚାରିତ ହୋଇଗଲା, ସେତେବେଳେ ପରେଶବାବୁଙ୍କ ବାପା ଛାତି ଫୁଲାଇ ଗର୍ବରେ ମୁଣ୍ଡ ଉଚା କରି ପରେଶ ବାବୁଙ୍କର ପିଠି ଥାପୁଡେଇ ଦେଇଥିଲେ । କହିଲେ, ପୁରୁ (ପରେଶକୁ ଘର ଲୋକେ ପୁରୁ ବୋଲି ଡାକନ୍ତି) ତୁ ଏଇ ବଂଶର ନାଆଁ ଉଚା କରିଦେଲୁ । କୁଳର ମୂଖ ଉଜ୍ଜଳ କରିଦେଲୁ । ସାତ ପୁରୁଷରୁ ଏଇ ଘରୁ, ଆରେ ଏଇ ଘରୁ କଣ, ଏଇ ଗାଆଁରୁ ବି କେହି ଜଣେ କଲେଜ ଯାଇ ନଥିଲା, ହେଲେ ତୁ କଲେଜ ଗଲୁ ଆଉ ବିଏ ବି ପାଶ କଲୁ । ଗର୍ବରେ ମୋ ଛାତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଣ୍ଢେମୋଟ ହୋଇ ଯାଉଛି । ସ୍ୱର୍ଗରେ ଥାଇ ଆମ ପୂର୍ବ ପୁରୁଷମାନେ ସତରେ କେତେ ଖୁସି ହେଉଥିବେ ଆଜି ।

ସେ ସମୟର କଥା ଏଇଟି, ଯେତେବେଳେ ଗାଆଁରେ ହାଇସ୍କୁଲ ନଥିଲା, ପିଲାଏ ପାଞ୍ଚ, ସାତ ମାଇଲ ଦୂରରେ ଥିବା ରାସୋଳ ହାଇସ୍କୁଲକୁ ପାଠ ପଢିବାକୁ ଯାଉଥିଲେ, ଯିବା ଆସିବା ପାଇଁ ସେପରି କିଛି ସୁବିଧା ବି ନଥିଲା ସେ ସମୟରେ । ପିଲାମାନେ ଘରୁ ଡାଲି ଚାଉଳ ନେଇ ହାଇସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ । ଯେତେ ପିଲା ଗାଆଁ ମାଇନର ସ୍କୁଲରୁ ପାଶ କରୁଥିଲେ, ତାର ଦଶ ଭାଗରୁ ଭାଗେ ପିଲା ହାଇସ୍କୁଲ ଯାଇ ପାରୁଥିଲେ । ସମସ୍ତଙ୍କର ଆର୍ଥିକ ସୁବିଧା ଏତେ ଭଲ ନଥିଲା, ଦୂର ଜାଗାରେ ପିଲାଙ୍କୁ ହଷ୍ଟେଲରେ ରଖେଇ ପାଠ ପଢେଇବାକୁ । ଆଉ କଲେଜ ପାଠ ତ ବହୁତ ଦୂରର କଥା ଥିଲା । ସେ ସମୟରେ ପରେଶବାବୁ ତାଙ୍କ ଗାଆଁର ପ୍ରଥମ ଏବଂ ଏକ ମାତ୍ର ଗ୍ରାଜୁଏଟ ଥିଲେ ।

ସେହି ସମୟରେ ପରେଶ ବାବୁଙ୍କ ଗାଆଁର କିଛି ଜଣାଶୁଣା ବୁଢା ବୁଢା ଲୋକ ମିଶି ଗାଆଁରେ ଶିକ୍ଷା ସୁବିଧା ପାଇଁ ହାଇସ୍କୁଲଟିଏ ସ୍ଥାପନ କରିବାକୁ ଯୋଜନା କରୁଥିଲେ । ଗାଆଁ ଲୋକେ ମଧ୍ୟ ନିଜର ସାଧ୍ୟ ଅନୁସାରେ ଯିଏ ଯାହା ପାରିଲେ ଆର୍ଥିକ ଏବଂ ଶ୍ରମ ସହାୟତା କରିବାକୁ ଆଗେଇ ଆସିଲେ ଏବଂ ସେଇ ବର୍ଷ ସ୍କୁଲ ଆରମ୍ଭ କରିବା ପାଇଁ ସ୍ଥିର ହୋଇଥିଲା । ସ୍କୁଲ ପାଇଁ ଗାଁ ମୁଣ୍ଡରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ତଳେ ୧୦ ଏକର ସରକାରୀ ଜମିକୁ କଲେକ୍ଟରଙ୍କୁ କହି ସ୍କୁଲ ପାଇଁ ନିଆ ଯାଇଥିଲା । ହେଲେ ଏତେ ଶୀଘ୍ର ଏତେ ଟଙ୍କା କେଉଁ ଠାରୁ ଆସିବ ଯେ ସ୍କୁଲ ପାଇଁ କୋଠା ଘର ତିଆରି ହୋଇ ପାରିବ । ତେଣୁ ଗାଆଁବାଲା ସମସ୍ତେ ମିଶି କାଠଖୁଣ୍ଟ ପୋତି, ଚାରି ବଖରା ଚାଳଘର ଯେମିତି ସେମିତି କରି ତିଆରି କରିଦେଲେ, ମଝିରେ ଝାଟି ଲଗେଇ ପାର୍ଟିସନ କାନ୍ଥ ମଧ୍ୟ ହୋଇଗଲା । ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁବିଧା ଦେଖି ଧୀରେ ଧୀରେ ଝାଟି ଉପରେ ମାଟି ବୋଳି କାନ୍ଥ କରି ଦିଆ ଯିବାର ପ୍ରସ୍ତାବ ହେଲା । ଯେପରି ହେଉ ଏଇ ବର୍ଷ ଠାରୁ କ୍ଲାସ ଆରମ୍ଭ କରିବାର ଯୋଜନା ପକ୍କା କରି ଦିଆ ଯାଇଥିଲା । ପରେଶ ବାବୁଙ୍କର ଗ୍ରାଜୁଏଟ ହେବା ଖବରଟା ପାଇ ଗାଆଁର ସମସ୍ତେ ବହୁତ ଖୁସି ହୋଇ ଯାଇଥିଲେ । ସେଦିନ ସଂଧ୍ୟାରେ ନୂଆ ସ୍କୁଲର ମ୍ୟାନେଜିଂ କମିଟିର ପ୍ରାୟ ଦଶ ପନ୍ଦର ଜଣ ସଭ୍ୟ ପରେଶବାବୁଙ୍କ ଘରକୁ ଆସି ହାଜର । ସମସ୍ତେ ମିଶି ପରେଶବାବୁଙ୍କୁ ପାଖରେ ବସାଇ ପରେଶକୁ ସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ହେବା ପାଇଁ ଅନୁରୋଧ କରି ଥିଲେ, କିନ୍ତୁ ପରେଶବାବୁ ବଡ ବିନମ୍ରତାର ସହିତ ପ୍ରଧାନ ଶିକ୍ଷକ ହେବାକୁ ମନା କରିଦେଇ କହିଲେ, ଆଜ୍ଞା, ମୁଁ ଏବେ ଏବେ କଲେଜରୁ ବାହାରିଲି, ସ୍କୁଲ ଚଳେଇବା ପାଇଁ ଯେତିକି ଜ୍ଞାନ କୌଶଳ ଆଉ ଅଭିଜ୍ଞତା ଲୋଡା ସେପରି କାଣିଚାଏ ଯୋଗ୍ୟତା ବି ମୋ ପାଖରେ ନାହିଁ । ମୁଁ ପ୍ରଧାନଶିକ୍ଷକ ହେବା ପାଇଁ ଯୋଗ୍ୟ ନୁହେଁ, କିନ୍ତୁ ସ୍କୁଲରେ ଶିକ୍ଷକଟିଏ ହୋଇ ପାରିଲେ ମୁଁ ନିଜକୁ ବଡ ଭାଗ୍ୟବାନ ମଣିବି । ଶେଷରେ ସ୍ଥିର କରାଗଲା ଯେ ଜଣେ ରିଟାୟର୍ଡ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦରେ ବର୍ଷକ ପାଇଁ ନିଯୁକ୍ତି ଦିଆଯିବ ଏବଂ ପରେଶବାବୁ ଆସିଷ୍ଟାଣ୍ଟ ହେଡମାଷ୍ଟ୍ର ହୋଇ ବର୍ଷକ ଭିତରେ ସବୁକାମ ଶିଖିଯିବେ ଏବଂ ଆର ବର୍ଷ ଠାରୁ ନିଜେ ହେଡମାଷ୍ଟ୍ର କାମ ସମ୍ଭାଳି ନେବେ ।

ଆଜି ବି ମନେ ପଡେ ପରେଶବାବୁଙ୍କର, ସେଇ ଦିନ ଆଉ ଆଜି ଭିତରେ କେତେ ଯେ ଫରକ ଆସିଯାଇଛି ସତେ । ଦୀର୍ଘ ବତିଶ ବର୍ଷ ଭିତରେ କେତେ ଯେ ପାଣି ବୋହି ଯାଇଛି ନଈରେ, କେତେ ମେଘ ଭାସି ଯାଇଛନ୍ତି ଆକାଶରେ, କେତେ ପୁରୁଣା ଲୋକ ଗୋଟି ଗୋଟି ହୋଇ ଚାଲିଗଲେ କେତେ ଶିଶୁ ଏଇ ଗାଆଁରେ ଜନ୍ମ ନେଲେ ଆଉ ଏଇ ଗାଁରେ, ଏଇ ସ୍କୁଲରେ ପାଠ ପଢି ଜୀବନରେ ଆଗକୁ ମାଡି ଚାଲିଗଲେ। କିଛି ପିଲା ତ ଫେରନ୍ତି ଗାଆଁକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଝିରେ ମଝିରେ ଦେଖା ହୋଇଯାଏ, ଆଉ କେତେ ପିଲା ପାଠ ଶାଠ ପଢି ଏତେ ବଡମଣିଷ ହୋଇଗଲେ ଯେ, ଆଉ ଗାଁର ମାଟିକାଦୁଅ ଭରା ରାସ୍ତାକୁ ଫେରିବାକୁ ମନ ବଳାନ୍ତି ନାହିଁ । ପରେଶବାବୁ ଭାବନ୍ତି, ସତରେ ତାଙ୍କ ପାଠ ପଢାରେ କିମ୍ବା ମା ବାପାଙ୍କର ପାଳନ ପୋଷଣରେ, ନିଜ ଘର, ନିଜ ଗାଁ ପ୍ରତି ସ୍ନେହ ମମତା ଆଉ ଦାୟିତ୍ୱବୋଧ ବିଷୟରେ ଶିଖାଇବାରେ କେଉଁଠି କିଛି ଦୋଷ ରହିଗଲା ? ନା ଗାଁ ମାଟି, ପାଣି ପବନରେ କିଛି ତ୍ରୁଟି ରହିଗଲା ଯେ ପିଲାଏ ଏଇ ଗାଁ, ନିଜ ବାପା ମାଆ, ନିଜ ଭିଟା ମାଟିକୁ ଏତେ ସହଜରେ ଭୂଲିଗଲେ ?

ସ୍କୁଲଠାରୁ ଘର ଫେରିବା ରାସ୍ତାରେ ଆମ୍ବ ତୋଟାଟିଏ ପଡେ, ବହୁତ ବଡ ଆମ୍ବତୋଟାଟି, ବାଆଁ ପାଖରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ପର୍ଯ୍ୟନ୍ତ ଲାଗିଛି । ଆଜିବି ମନେ ଅଛି, କିଛି ବର୍ଷ ପୂର୍ବରୁ ଏ ମୁଣ୍ଡିଆଟି ବର୍ଷ ସାରା ସବୁଜିମାରେ ଭରି ରହୁଥିଲା । ଅନେକ ଗୁଡିଏ ବଡ ବଡ କରଞ୍ଜ, ଜାମୁ ଆମ୍ବ ଗଛ ଆଉ କେତେ ଜାତି ଜଙ୍ଗଲୀ ଗୁଳ୍ମ ଲତାରେ ଭରିରହି ଅତି ସୁନ୍ଦର ଦିଶୁଥିଲା । ହେଲେ ଆଜି ହତଶୀରି, ଟାଙ୍ଗରା ଶୁଷ୍କ ହୋଇ, ହଡା ବଳଦ ପରି ତାର ଅସ୍ଥି କଙ୍କାଳସାର କଙ୍କରିତ ପିଠି ଦେଖେଇ ପଡିରହିଛି । ନାଲି ଗୋଡି ପଥର ମିଶା ଏଇ ମୁଣ୍ଡିଆଟି ତାର ସବୁଜ ଚାଦର ହଜେଇ ଆଜି ରୁକ୍ଷ ମୁମୁର୍ଷୁ ମୁହଁକୁ ଦେଖେଇ ପଡିରହିଛି । ଅନେକ ଜାଗାରୁ ଲୋକେ, ମାଟି, ପଥର ଆଦି ଖୋଳି ନେଇ ଖାଲ ଖମା ବି କରି ସାରିଲେଣି । ସତରେ ଆମେ ମଣିଷ କେତେ ନିର୍ଦ୍ଦୟ । ଯେଉଁ ପ୍ରକୃତି ମା ଆମକୁ ଜୀବନ ଦେବା ପାଇଁ ନିଜକୁ ସପୁର୍ଣ୍ଣ ରୂପେ ସମର୍ପିତ କରି ଦେଇଛି, ଆମେ ତାର ବଦାନ୍ୟତାକୁ କେବେ ସମ୍ମାନ ଦେଇନୁ, ବରଂ ନିର୍ଦ୍ଦୟ ଭାବରେ ତାର ପ୍ରାଣ ଲୁଟି ନେବାକୁ କେବେ କୁଣ୍ଠା ପ୍ରକାଶ କରୁନୁ । ପ୍ରକୃତି ଠାରୁ ସବୁ କିଛି ଛଡାଇ ନେବାକୁ ଆମେ କେତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟଗ୍ର, ସତେ ଯେପରି ପ୍ରକୃତି ଏତେ ସମ୍ପତ୍ତି ତା ନିଜ ପାଇଁ ସାଇତି ରଖିଛି । ଆମେ କେମିତି ଭୁଲି ଯାଉଛୁ, ପ୍ରକୃତି ଯାହାବି ରଖିଛି ସବୁ କିଛି ଆମରି ପାଇଁ ସାଇତି ରଖିଛି । ତାର ପ୍ରତିଟି ବୁନ୍ଦା ପାଣି ସମଗ୍ର ଜୀବ ଜଗତର ତୃଷା ମେଣ୍ଟେଇବା ପାଇଁ, ପ୍ରତିଟି ଗଛର ପ୍ରତିଟି ପତ୍ର ସମଗ୍ର ଜୀବ ଜଗତର ପ୍ରାଣବାୟୁକୁ ଅଙ୍ଗାରକାମ୍ଳରୁ ଅକ୍ସିଜେନରେ ବଦଳେଇବା ପାଇଁ ରଖିଛି । ଆମେ ପ୍ରକୃତିକୁ ଧ୍ୱଂସକରି ପରୋକ୍ଷ ଭାବରେ ଆମ ଜୀବ ଜଗତକୁ ବିନାଶର ଖାଇ ଭିତରକୁ ଧକା ଦେଉନୁତ ? ପରେଶବାବୁଙ୍କର ଆଖି ଛଳଛଳ ହୋଇ ଆସୁଥିଲା । ସେ ସାଇକେଲରୁ ଓହ୍ଲେଇ ପଡି ବସିଗଲେ ଗୋଟାଏ ଗଛ ମୂଳରେ ।

ସଂଧ୍ୟା ପୂର୍ବର ସୂର୍ଯ୍ୟର କଅଁଳିଆ ନାଲି କିରଣ ବିଛାଡି ପଡିଥିଲା ଚାରି ଦିଗରେ । ସୁଲୁ ସୁଲୁ ଥଣ୍ଡା ପବନରେ ତାଙ୍କର ଅଧା ଧଳା, ଅଧା କଳା ବାଳ ସବୁ ଫୁରୁ ଫୁରୁ ଉଡୁଥାଏ, ସତେ ଅବା ପ୍ରକୃତି ମା ବଡ ଶରଧାରେ ତାଙ୍କ ମୁଣ୍ଡକୁ ସାଉଁଳି ଦେଉଛି । ଆଜି ମଣିଷ, ମଣିଷ ଭିତରେ ଦେବତ୍ୱ ଖୋଜୁଛି କିନ୍ତୁ ନିଜ ଭିତରର ମଣିଷଟିକୁ ତ ମାରି ସାରିଛି । ମଲା ମଣିଷ ଭିତରେ ଦେବତ୍ୱ ଆସିବ କେଉଁଠୁ ? ସମସ୍ତେ କେବଳ ନିଜ କଥା ହିଁ ଭାବୁଛନ୍ତି । ନିଜେ ବଞ୍ଚିବା ବଢିବା ପାଇଁ ସଂଘର୍ଷ କରୁଛନ୍ତି । ଅନ୍ୟ କଥା ଭାବିବାକୁ ସମୟ କାଇଁ । ମଣିଷ କେତେ ଆତ୍ମକୈନ୍ଦ୍ରୀକ ହୋଇ ଯାଇଛି ସତେ । ମଣିଷ ଭୁଲି ଯାଉଛି ତାର ଏ ଜୀବନ, ତା ପାଇଁ ଏକ କରଜ । ତାର ପ୍ରତିଟି ଦିନ, ପ୍ରତିଟି ନିଶ୍ୱାସ ତା ପାଇଁ ଗୋଟିଏ ଗୋଟିଏ କରଜ । ଜୀବନଟା ତ ମାଗଣାରେ ମିଳିନି । ମା'ବାପା ତାକୁ ଶରୀର, ଏଇ ଜୀବନ ଦେଇଦେଲେ । ଏଇଟା କଣ ସନ୍ତାନ ପାଇଁ କେବଳ ସେମାନଙ୍କର ଦାନ ଥିଲା ? ଜନ୍ମରୁ ବଡ ହେବା ପର୍ଯ୍ୟନ୍ତ ଖାଇବାକୁ ପିଇବାକୁ ଦେଇ ପାଠ ପଢାଇ ମଣିଷ କଲେ ସେଇଟା କଣ ସେମାନଙ୍କର ଦାନ ଥିଲା ନା ସେମାନେ ସନ୍ତାନକୁ ତାଙ୍କର ପୁରୁଣା କରଜ ଶୁଝୁଥିଲେ ? ମଣିଷ କାହିଁକି ଭାବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରେନା ସେଇଟା ମାଆ ବାପାଙ୍କ ଠାରୁ ନିଆ ଯାଇଥିବା ଏକ କରଜ ବୋଲି । ଯାହା ସନ୍ତାନମାନଙ୍କୁ ସୁଧ ମୂଳ ସହିତ ମା ବାପାଙ୍କୁ ଫେରାଇ ଦେବାକୁ ଚେଷ୍ଟା କରିବା ଉଚିତ୍ । ହଁ, ଯେ ପର୍ଯ୍ୟନ୍ତ କରଜ ପଇଠ ପାଇଁ ନୋଟିସ ନ ଆସିଛି ସେ ପର୍ଯ୍ୟନ୍ତ କରଜଟା କରଜ ପରି ଲାଗେନା । ହେଲେ, ନା ବାପା ମା, ନା ପ୍ରକୃତି ଦେଉଥିବା ଏଇ କରଜକୁ କରଜ ପରି ଭାବନ୍ତି, ନା କେବେ କରଜ ପଇଠ କରିବା ପାଇଁ ତାଗିଦା ନୋଟିସ ପଠାନ୍ତି ? କିନ୍ତୁ ଋଣ ଗ୍ରହୀତାମାନେ କିପରି ବଡ ନିର୍ଲଜ ଭାବରେ ନିଜ ଉପରେ ଥିବା କରଜକୁ ଏମିତି ଭୁଲି ଯାଆନ୍ତି ?

କେହି କେବେ ହିସାବ କରିଛି ? ଆମେ ଆମର ପ୍ରତିଟି ନିଶ୍ୱାସରେ ନେଉଥିବା ପବନର ମୂଲ୍ୟ କେତେ ? ନିଶ୍ୱାସର ଏଇ ଦୂର୍ମୂଲ୍ୟ ପବନ ଟିକକ କଣ ମାଗଣା ? ଦାନ ? ? ନା' କରଜ ? ? ? ଯେଉଁ ପାଣି ଟୋପାକ ଆମେ ପିଉଛେ ତାର ମୂଲ୍ୟ କେତେ ? କଣ, ମ୍ୟୁନିସପାଲିଟିର ଯେଉଁ ପାଣି ବିଲ ଆସେ କେବଳ ସେତିକି ? ଆରେ, ସେଇଟାତ ପାଣି ସଂଗ୍ରହ କରି ଘରେ ପହଞ୍ଚାଇବାର ଖର୍ଚ୍ଚ, କିନ୍ତୁ ଧରିତ୍ରୀ ମାର ଏଇ ସମ୍ପଦର ମୂଲ୍ୟ କିଏ କେମିତ ପୈଠ କରିବ ? କେବେ କେହି ଭାବିଛି ? ? ମଣିଷ ଯେଉଁ ଭାତ ମୁଠାକ କି ରୁଟି ପଟକ ଖାଏ, ତାର ମୂଲ୍ୟ କେତେ। ଯେତିକି ଚାଷୀ, ବେପାରୀ, ଦୋକାନୀ ଖର୍ଚ୍ଚ କରେ, ଅଥବା କେବଳ ଆମର କିଣା ମୂଲ୍ୟ ? କିନ୍ତୁ ଗୋଟିଏ ଧାନ କି ଗହମ କିମ୍ବା ଗୋଟିଏ କଖାରୁ ମଞ୍ଜିରୁ ଆଠ ଦଶଟା କଖାରୁ ଫଳେଇବାକୁ ଅବା ମୁଠାଏ ଧାନ ଗହମରୁ ବସ୍ତାଏ ଧାନ ଫଳେଇବା ପାଇଁ ଧରିତ୍ରୀ ମାଆର ଯେଉଁ ଶ୍ରମ ତାର ମୂଲ୍ୟ କିଏ ଦେବ ? ତାର ମୂଲ୍ୟ କେତେ ? ବିନା ମାଟିରେ କଣ ଚାଷ କରିହୁଏ ?

ମଣିଷ ଜନ୍ମର ପ୍ରଥମ ମୁହୂର୍ତ୍ତରୁ କେତେ ଯେ କରଜର ବୋଝ ତଳେ ଦବିଯାଏ, କେହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ଭାବିଛି ସେକଥା ? ମାଆର ଅମୃତ ତୁଲ୍ୟ ଦୁଧ ଟୋପାକ, ବାପାର ଶ୍ରମ, ପ୍ରକୃତି, ପଞ୍ଚଭୂତର ଅବଦାନ, ଟୋପାଏ ପାଣି, ପ୍ରତିଟି ନିଶ୍ୱାସର ପବନ ଏ ସବୁର କରଜ କଥା କେହି କେବେ ଭାବେ ? ନା' ଆମେ କେବେବି ଭାବୁନା । କିନ୍ତୁ ନିର୍ଲଜ ପରି ଟିକିଏ ହସି ଦେଇ ଆମର କରଜ ଦାତାଙ୍କୁ ମହାନ ଦାନୀ ଆସନରେ ବସାଇ ଆମେ ଭୁଲିଯାଉ ସେମାନଙ୍କର ମହାନତା । ମା ବାପାଙ୍କୁ ହତାଦର କରି ତିଳ ତିଳ ଜଳି ମରିଯିବାକୁ ଛାଡି ଦେଉ । ଆମକୁ ଆମ ନିଶ୍ୱାସର ପବନ, ଆମର ଖାଦ୍ୟ, ଆମର ବାସଗୃହ ଦେଉଥିବା ବୃକ୍ଷ କାଟି ପକାଉ । କାରଣ ମା ବାପା ପ୍ରକୃତି କେବେ କରଜ ଶୁଝିବାକୁ ତାଗିଦା କରି ନୋଟିସ ପଠାନ୍ତି ନାହିଁ । ପ୍ରକୃତି, ପଞ୍ଚଭୂତ ନିରବରେ ସବୁ କିଛି ସହିଯାଏ କେବେ କିଛି କହେନି । ତେଣୁ ସେମାନଙ୍କର କରଜ କଥା ଆମେ ଭୁଲିଯାଉ । ସତରେ କେତେ ମହାନ ଆମର ଏଇ କରଜଦାତା ମାନେ । ଆମର ଏତେ ଅତ୍ୟାଚାର ପରେ ବି ସେମାନେ ସେମାନଙ୍କର ସେବା ଦେବା ବନ୍ଦ କରି ନାହାନ୍ତି ।

ମା ବାପା ଜୀବନର ଶେଷ ନିଶ୍ୱାସ ଛାଡିବା ପର୍ଯ୍ୟନ୍ତ ପିଲାମାନଙ୍କର ମଙ୍ଗଳ କାମନା କରୁ ଥାଆନ୍ତି । ପ୍ରକୃତି ପାଣି, ପବନ, ଖରା, ବର୍ଷା ଆଦି ତାର ସବୁ କିଛି ଦାନ କରିବା ନିରବଚ୍ଛିନ୍ନ ଭାବେ ଜାରି ରଖିଥାଏ । କିନ୍ତୁ କେତେ ଦିନ ପର୍ଯ୍ୟନ୍ତ ଏ ସପ୍ଲାଇ ଏମିତି ନିଧଡକ ଚାଲି ପାରିବ ? ଆଜି ନହେଲେ କାଲି, ଏବେ ନହେଲେ ଶହେ କି ହଜାର ବର୍ଷ ପରେ ସବୁ କିଛି ଆପେ ଆପେ ବନ୍ଦ ହୋଇଯିବ । ବ୍ରହ୍ମାଣ୍ଡରେ କିଛି ବି ତ ଅସିମିତ ନୁହେଁ । କୋଇଲା, ପେଟ୍ରୋଲ ପରି ପାଣି, ପବନର ଅକ୍ସିଜେନ ସବୁ କିଛି ସମାପ୍ତ ହୋଇଯିବ । ଯଦି ଆମେ ସେମାନଙ୍କର ଜତ୍ନ ନନେଉ, ପ୍ରକୃତିର ସନ୍ତୁଳନ ବିଗିଡି ଯିବ । ରିସାଇକ୍ଲିଙ୍ଗ ବାଧାପ୍ରାପ୍ତ ହେବ ଏବଂ ତା ସହିତ ଏ ସମସ୍ତ ଜୀବଜଗତ ବିନାଶ ହୋଇଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆଜି' ସରିଗଲା ପରେ 'କାଲି' ତ ନିଶ୍ଚୟ ଆସିବ, ଆଜିର ଦିନଟି କାଲି ହେବା ଆଗରୁ, ପରେଶ ବାବୁ ତାଙ୍କର ବହି ଖାତା ମେଲେଇ ବସିଗଲେ ହିସାବ ଯୋଡିବା ପାଇଁ । ଆଜିର ଲାଭ କ୍ଷତିର ତର୍ଜମା ପାଇଁ । କେତେ କଣ ପାଇଲେ, ଆଉ କେତେ ପାଇବାର ଆଶା, ହେଲେ ତାଙ୍କ ହିସାବ ଖାତାରେ, ଦେବାର ଘର ଗୁଡିକ ଏମିତି ଖାଲି ଖାଲି କାହିଁକି ଦିଶୁଛି । ମୁଣ୍ଡ ବାଳରେ ଆଙ୍ଗୁଠି ବୁଲଉ ବୁଲଉ ଭାବିବାକୁ ଲାଗିଲେ । ଜୀବନରେ ତାଙ୍କୁ ଯାହାବି ମିଳିଛି ସେସବୁ ତାଙ୍କୁ କେହିନା କେହି ତ ଦେଇଛି, ହେଲେ ପ୍ରତି ବଦଳରେ ସେ ସେମାନଙ୍କୁ କଣ ଦେଇଛନ୍ତି ? ପ୍ରତି ନିଶ୍ୱାସରେ ନେଉଥିବା ବାୟୁ, ସୂର୍ଯ୍ୟର ଆଲୋକ, ଝରଣାର ଜଳ, କୋଇଲିର ମଧୁର ସଙ୍ଗୀତ, ଫୁଲର ସୌନ୍ଦର୍ଯ୍ୟ ଆଉ ସେମାନଙ୍କର ମହ ମହ ବାସ୍ନା, ମାତା ପିତାଙ୍କର ଅବଦାନ, ସ୍ନେହ ଆଶ୍ୱାସନ, ବାତ୍ସଲ୍ୟ, ପତ୍ନୀର ଅନାବିଳ ପ୍ରେମ, ସନ୍ତାନର ସେ ହସର ଆନନ୍ଦ । ପ୍ରତିବଦଳରେ କଣ ଦେଇ ପାରିଛନ୍ତି ସେମାନଙ୍କୁ ? ସେମାନଙ୍କର ଦାନ ତୁଳନାରେ କିଛି ବି ତ ଦେଇ ପାରିନାହାନ୍ତି । ସେମାନଙ୍କ ପ୍ରତି ନିଜର କିଛି କର୍ତ୍ତବ୍ୟ ବି ଠିକ୍ ଭାବେ ପୁରା କରିପାରି ନାହାନ୍ତି । ସେମାନଙ୍କୁ ଧନ୍ୟବାଦ କେବେ ବି କହି ନାହାନ୍ତି ।

କେଉଁ ବିଷାଦିତ ମୁଖରେ ଟିକିଏ ହସ, କେଉଁ ହତାଶ ମନରେ ଟିକିଏ ଆଶା, କେଉଁ ଦୁଃଖୀ ଜୀବନରେ କାଣିଚାଏ ସୁଖ ସେ କଣ କେବେ ଦେଇ ପାରିଛନ୍ତି ? ନିଜକୁ ନିଜେ ପ୍ରଶ୍ନ କଲେ ପରେଶବାବୁ । ସତରେ, ତାଙ୍କ ମନ ଆଜି ଏସବୁ ଭାବିବାକୁ କାହିଁକି ବିବଶ ହୋଇ ଯାଉଛି ! ନିଜକୁ ବଡ ଅସହାୟ ଅନୁଭବ କରୁଥିଲେ ସେ, ଆତ୍ମା ତାଙ୍କର ଲଜ୍ୟାରେ ମୁହଁ ତଳକୁ କରି ନେଉଥାଏ । ସବୁ କିଛି ଥାଇ ବି ନିଜକୁ କଙ୍ଗାଳ ପରି ଅନୁଭବ କରୁଥିଲେ ପରେଶବାବୁ ? ମନ, ହୃଦୟ, ଶରୀର ନିଜର ବିବେକ ଆଖିରେ ଅପରାଧୀଟିଏ ପରି କଠଗଡାରେ ଠିଆ ହୋଇଛି । ମନରେ ତାଙ୍କର ଅପରାଧବୋଧ ତାଙ୍କୁ ଧିକ୍କାର କରୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି କେତେ ନିଶ୍ୱ ହୋଇ ଯାଇଛନ୍ତି ସିଏ ?

ଅବସର ପରେ ଏକ ନୂତନ ଜୀବନ ଏକ ନୂତନ ଦିବସର ଆରମ୍ଭ କରିବା ସହିତ ପରେଶ ବାବୁ ଏକ ନୂତନ ସଂକଳ୍ପ ଏକ ନୂତନ ଶପଥ ମଧ୍ୟ ନେଲେ । ହେ ପ୍ରଭୁ ! ମୋର ମନରେ ଦୟା, କ୍ଷମା, ସ୍ନେହ, ପର ଦୁଃଖରେ ଦୁଃଖି ହେବାର ଭାବ ଟିକେ ଦିଅ । ଶରୀର, ମନ, ବଚନରେ ସାହସ ଓ ଶକ୍ତି ଟିକେ ଦିଅ । ଏ ସଂସାରରୁ ଫେରିବା ଆଗରୁ କଡା ଗଣ୍ଡା ହିସାବରେ ମୋର କରଜ ମୁଁ ଶୁଝି ନ ପାରିଲେ ନାହିଁ, ଅତି କମରେ ସୁଧ ଗଣ୍ଡାକ ଯେପରି ଫେରାଇଦେଇ ପାରିବି, ସେତିକି ଶକ୍ତି ଓ ସାମର୍ଥ୍ୟ ମୋତେ ଦିଅ । ଏକ ନୂତନ ଭାବନା ମନରେ ସଂଯୋଗୀ ସାଇକେଲରେ ବସି ନିଜ ଘର ଆଡକୁ ବାହାରି ପଡିଲେ ।

ସଂଜ ଗଡି ଯାଇଥାଏ ସେତେ ବେଳକୁ । ଚଉପାଢି ପାଖରେ ଗାଆଁର ବୁଢା ଟୋକା ହୋଇ କିଛି ଗାଆଁ ଲୋକ ଜମା ହୋଇ ଥାଆନ୍ତି । କେତେଜଣ ଦୁଃଖ ସୁଖ, ଏଣୁ ତେଣୁ ଗୁଡାଏ ଗପିବାରେ ବ୍ୟସ୍ତ, ଆଉ କେତେ ଜଣ ଭଜନ କୀର୍ତ୍ତନ ପାଇଁ ଖୋଳ ଖଜଣି ଟୁଙ୍ଗ ଟାଙ୍ଗ କରିବା ଆରମ୍ଭ କରି ଦେଲେଣି । ସେ ସମୟରେ ପରେଶ ବାବୁ ସେଠାରେ ପହଞ୍ଚି ସାଇକେଲଟାକୁ ଷ୍ଟାଣ୍ଡରେ ଲଗାଇ ଚଉପାଢି ଆଡକୁ ବଢିଲେ । ଏଇ ଅସମୟରେ ତାଙ୍କୁ ଚଉପାଢିରେ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ପ୍ରାଇମେରୀ ଶିକ୍ଷକତାରୁ କିଛି ଦିନ ଆଗରୁ ରିଟାୟର୍ଡ ହୋଇଥିବା ଅଜୟ ବାବୁ ପଚାରିଲେ ସାର ଆପଣ ଏଠାରେ, ସବୁ କିଛି ଠିକ୍ ଠାକ୍ ତ । ଖବର ପଠେଇ ଥିଲେ ଆମେ ସବୁ ଘର ଯାଏ ଆସି ଯାଇଥାନ୍ତୁ । ପରେଶବାବୁ କହିଲେ, ନାହିଁ ନାହିଁ, ସେମିତି କିଛି ଚିନ୍ତାର ବିଷୟ ନାହିଁ, କିନ୍ତୁ ମୋ ମନରେ ଏକ ଗୁରୁତର ଚିନ୍ତା ମୋତେ ବ୍ୟତିବ୍ୟସ୍ତ କରୁଛି, ସେଥି ପାଇଁ ଭାବିଲି ସେ ବିଷୟରେ ଆପଣମାନଙ୍କ ସହିତ ପରାମର୍ଶ କଲେ ହୁଏତ ସମାଧାନର କିଛି ରାସ୍ତା ବାହାରି ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରିବ । ସମସ୍ତଙ୍କୁ ଏଇଠାକୁ ଡାକନ୍ତୁ ସେ ବିଷୟରେ ବିଚାର ଆଲୋଚନା କରିବା । ପରେଶବାବୁ କଣ ଗୁରୁତର ଚିନ୍ତାରେ ପଡିଛନ୍ତି ଜାଣିବାକୁ ସମସ୍ତେ ଏକାଠି ହୋଇଗଲେ ।

ପରେଶବାବୁଙ୍କ ମନରେ ଥିବା ଆଜିର ପରିବାର, ସମାଜ, ପରିବେଶ ଏବଂ ପ୍ରକୃତି ବିଷୟରେ ଯାହା କିଛି ତାଙ୍କ ମନକୁ ଉଦବେଳିତ କରୁଥିଲା, ସେକଥା ସମସ୍ତଙ୍କ ଆଗରେ ଏକା ନିଶ୍ୱାସରେ ସବୁ କହିଗଲେ । କଥାମଝିରେ ଅଜୟବାବୁ କହିଲେ, ସାର, ଆମେ ସବୁତ ବୁଢା ହୋଇଗଲେଣି, ଆମେ ଆଉ କଣ କରିପାରିବା ? ଗାଆଁର ପାଠପଢୁଆ, ପାରିବାର ଯୁବକ ଯେତେକ ସମସ୍ତେ ପ୍ରାୟ ଗାଁ ଛାଡି ସହରମୁହାଁ ହୋଇଗଲେଣି । ଗାଁରେ ଆଉ କିଏ ଅଛି, ଗାଁକଥା ବୁଝିବାକୁ କି ସମାଜରେ ସଂସ୍କାର ଆଣିବାକୁ ? ତାଛଡା ଏସବୁ କାମ ଯେପରି, ବୃକ୍ଷରୋପଣ, ଗ୍ରାମ ଉନ୍ନୟନ, ପରିଛନ୍ନତା ଆଦି ସରକାରଙ୍କ କାମ, ସରକାର ଏସବୁ କଥା ଚିନ୍ତାକରିବେ ଯେବେ ସୁବିଧା ହେବ ସେମାନେ କରିବେ ଏଥିରେ ଆମେ ମୁଣ୍ଡ ଖେଳେଇ କଣ କରି ପାରିବା ? ପରେଶବାବୁ ସବୁ ଶୁଣି ଟିକିଏ ହସିଲେ, କହିଲେ, ଆପଣ ଠିକ୍ କହିଲେ, ଏସବୁ ସରକାରଙ୍କ କାମ, ସରକାର ଚିନ୍ତା କରିବେ, ଆମେ କାହିଁକି କରିବା ? କିନ୍ତୁ ଆପଣତ ପିଲାଙ୍କୁ ପାଠ ପଢାଉଥିଲେ । କଟକ ଚିନ୍ତା ବାଇମୁଣ୍ଡିକୁ କବିତା ବି ପିଲାଙ୍କୁ ପଢାଇଥିବେ । କହିଲେ ଦେଖି, ବାଇମୁଣ୍ଡି ଯଦି ଭାବିଥାନ୍ତା, ମହାନଦୀ ବନ୍ୟାରୁ କଟକକୁ ବଞ୍ଚେଇବା କେବଳ ରାଜାଙ୍କ ଚିନ୍ତା, ରାଜା ସେକଥା ଭାବିବେ, ଯାହା ଠିକ୍ ମଣିବେ ସେୟା କରିବେ । ତେବେ ଆଜି ଏ କଟକ ସହର, ଧବଳ ଟଗର ହୋଇ ବଞ୍ଚିକି ଥାଆନ୍ତାଟି ? ବାଇମୁଣ୍ଡିକୁ କଣ ପଡିଥିଲା ରାତିରାତି ନଶୋଇ କଟକକୁ ବନ୍ୟାରୁ କିପରି ରକ୍ଷାକରାଯିବ ସେକଥା ଭାବିବାକୁ ? କିନ୍ତୁ ନାହିଁ, ବିଚରା ବାଇମୁଣ୍ଡି ଭାବୁଲା କଟକ କଥା । କଟକ ତାର ଜନ୍ମମାଟି, ତାର ମା, ତାର ଘର ତାର ସହର । ସେଇଥିପାଇଁ ସେ ଭାବିଲା କଟକ କଥା ଆଉ ରାଜାଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମାଧାନର ରାସ୍ତାଟିଏ ବି ବତେଇଦେଲା ।

ଆମେ କଣ ଆମ ଘରକଥା ଗଁକଥା ଭାବି, ଗାଁର ଭଲ ପାଇଁ କିଛି କରିପାରିବାନି ? ଆମ ଗାଁ କଥା, ଆମ ସୁବିଧା ଅସୁବିଧା କଥା ଯଦି ଆମେ ନଭାବିବା, ଆମକଥା ଆଉ କିଏ ଭାବିବ ବୋଲି କିପରି ଆଶାକରିବା ? ଛୁଆ ନକାନ୍ଦିଲେ ମା କ୍ଷିର ପିଆଏନି, ସେମିତି ଆମେ ଆମ ଗାଁର ସମସ୍ୟା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ନକଲେ କିଏ କାହିଁକି ତାର ସମାଧାନ କରିବ ? ଆଉ ଗୋଟିଏ କଥା, ଏ କଥା ଷୋଳଅଣା ସତ ଯେ ଆମେ ବୁଢା ହୋଇଗଲେଣି । ଆମ ଦେହରେ କାମ କରିଲା ଭଳି ସେତେ ଶକ୍ତି ଆଉ ନାହିଁ, କିନ୍ତୁ ଆମ ପାଖରେ ଅନେକ ବର୍ଷର କର୍ମର ଅଭିଜ୍ଞତା, ଜୀବନର ଅଭିଜ୍ଞତା ଅଛି, ଯେଉଁଟା ଏଇ ଯୁବକମାନଙ୍କ ପାଖରେ ନାହିଁ । ଆମ ଅଭିଜ୍ଞତା ଆଉ ସେମାନଙ୍କର ଶ୍ରମ ଯଦି ଏକାଠି ହୋଇଯାଏ ତେବେ କୁହନ୍ତୁ ଦେଖି, ଦୁନିଆର କେଉଁ କାମ ଆମପାଇଁ ଅସମ୍ଭବ ହୋଇଯିବ ? ତା ଛଡା ଛୁଟି ଦିନମାନଙ୍କରେ ଆମ ଗାଁରେ ଥିବା ସ୍କୁଲ ଛାତ୍ରମାନେ ବି ଆମ ସହିତ ଯୋଗ ଦେଲେ ଗାଁ ପରିମଳ ହେଉ କି ବୃକ୍ଷରୋପଣ ହେଉ ସବୁ କାମ ଆମେ କରିପାରିବା । ଥରେ ଚେଷ୍ଟା କରିବାରେ କ୍ଷତି କଣ ? ଉପସ୍ଥିତ ଥିବା ସମସ୍ତେ ଏକାସ୍ୱରରେ କହିଉଠିଲେ, ସାର ଆମେ ଆପଣଙ୍କ ସାଥିରେ ଅଛୁ, ଆମେ କରିବୁ ଆମ ଗାଁ ପାଇଁ କାମ । ଆପଣ ଖାଲି ଆମକୁ କୁହନ୍ତୁ କଣ କେମିତି କରିବାକୁ ହେବ ।

ପରେଶବାବୁ ସମସ୍ତଙ୍କୁ ବୁଝାଇ କହିଲେ ଭଲକାମ ଯେତେ ପ୍ରଥମେ ନିଜ ଘରଠାରୁ ହିଁ ଆରମ୍ଭ ହୋଇଥାଏ । ଆମେ ନିଜେ ବଦଳିଲେ, ଆମ ସହିତ ଦୁନିଆଁ ବି ବଦଳିଯିବ । ଆମେ ନିତିଦିନ ଆମ ଘର ଝାଡୁକରୁଛେ, ଆଉ ଆମଘରର ସବୁ ଅଳିଆ ରାସ୍ତା ଉପରେ ପକାଇ ଦେଉଛେ । ଆମଘର ସିନା ପରିଷ୍କାର ହୋଇଗଲା, କିନ୍ତୁ ଆମ ଘରସାମ୍ନାର ରାସ୍ତା ଅଳିଆ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା । ଆମେ ପ୍ରତି ସାହିରେ ଗୋଟିଏ ଅଳିଆ ଜାଗା ରଖିବା ଏବଂ ସମସ୍ତେ ପଣନେବା କାଲିଠାରୁ ଆମେ ଆମ ଘର ଝାଡୁ କରିବା ସହିତ ଆମ ଘରସାମ୍ନାର ରାସ୍ତାକୁ ବି ଝାଡୁ କରିବା ଏବଂ ଅଳିଆ ସବୁ ଆଣି ଗୋଟିଏ ଜାଗାରେ ଜମା କରିବା । ମଝିରେ ମଝିରେ ସେଗୁଡିକ ଜାଳିଦେବା । ଦେଖିବେ, ଆମ ଘର ସହିତ ଆମ ଗାଁ ରାସ୍ତାବି ପରିଷ୍କାର ଆଉ ସୁନ୍ଦର ଦିଶିବ । ଆଉ ମାସ ଆଡକୁ ଆମ୍ବ, ଜାମୁକୋଳି ଆଦି କେତେ ପ୍ରକାରର ଫଳ ପାଚିଯିବ । ଆମେ ଯେତେ ଫଳ ଖାଇବା ସେଗୁଡିକର ମଞ୍ଜି ନଫୋପାଡି ଏକାଠି ସଂଗ୍ରହ କରିବା । ବର୍ଷାଦିନ ଆସିବା ଆଗରୁ ସେଗୁଡିକ ଗାଆଁ ପାଖରେ ଥିବା ଖାଲି ଜାଗାରେ ବିଞ୍ଛିଦେବା ବର୍ଷାପଡିଲେ ସେଗୁଡିକରୁ ଗଜାବାହାରି ନିଜେ ନିଜେ ବଢିପାରିବେ ତାଛଡା ଆଉକିଛି ମଞ୍ଜିରୁ ଚାରା ତିଆରିକରି ଆମେ ଆମ ଗାଁ ରାସ୍ତା କଡରେ, ପୋଖରୀ ହୁଡାରେ ବୃକ୍ଷରୋପଣ କରିବା ଏବଂ ଆମେ ସମସ୍ତେ ପ୍ରତି ବ୍ୟକ୍ତି ଦଶୋଟି ଲେଖାଏଁ ଗଛର ଦାୟିତ୍ୱନେବା । ଦେଖିବେ ପାଞ୍ଚ ବର୍ଷରେ ଆମ ଗାଁରେ କେତେ ଗଛ ଆଉ କେତେ ଫଳଗଛର ଜଙ୍ଗଲ ତିଆରି ହୋଇଯିବ ।

ସମସ୍ତେ ପରେଶବାବୁଙ୍କ ସାଥିରେ ଅଣ୍ଟାଭିଡି ଆଗେଇ ଆସିଲେ, ମାସ ଗୋଟାକରେ ଗାଁର ନକ୍ସା ବଦଳିଗଲା । ଲୋକେ କହନ୍ତି ଗାଁ ଏତେ ପରିଷ୍କାର ଯେ ରାସ୍ତା ଉପରେ ଭାତଥାଳି ରଖି ଖାଇବାକୁ ମନ ହେବ । ବର୍ଷ ଦୁଇଟାରେ ପରେଶବାବୁଙ୍କ ଗାଁର ଦୃଶ୍ୟ ସମ୍ପୁର୍ଣ୍ଣ ବଦଳି ଯାଇଥିଲା । ଗାଁର ଚାରିଦିଗ ସବୁଜିମାରେ ଭରିଗଲା, ଗାଁ ପାଖର ସେଇ ଟାଙ୍ଗରା ମୁଣ୍ଡିଆଟାକୁ ସତେ ଯେପରି କିଏ ସବୁଜ ଚାଦରରେ ଢାଙ୍କି ଦେଇଛି । ଗାଁର ସବୁ ରାସ୍ତା କଡରେ ଗଛଗୁଡିକ ଯିବା ଆସିବା ଲୋକର ସ୍ୱାଗତ ପାଇଁ ଯେପରି ମୁଣ୍ଡଟେକି ଠିଆ ହୋଇଛନ୍ତି । ଆଉ ବର୍ଷ କେତେଟାରେ ସେମାନେ ପଥିକକୁ ଛାୟାପ୍ରଦାନ କରିବା ସହିତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମିଠାଫଳ ଦେଇ ସମସ୍ତଙ୍କୁ ଖୁସି କରିଦେବେ ।

ପରେଶବାବୁଙ୍କ ଭାବନା କେବଳ ତାଙ୍କ ନିଜ ଗାଆଁରେ ସୀମିତ ରହିଲାନି, ଦେଖାଦେଖି ଏବଂ ପରେଶବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଖପାଖର ପ୍ରାୟ ପଚାଶ ଗାଁର ଦୃଶ୍ୟ ମଧ୍ୟ ଧୀରେ ଧୀରେ ବଦଳିବାରେ ଲାଗିଛି । ଆପଣ ଯଦି କେବେ ପରେଶବାବୁଙ୍କ ଗାଁ ଆଡେ ଯିବେ, ତେବେ ଏକ ସବୁଜସ୍ୱର୍ଗର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇଯିବେ । ଏତେସବୁ ପରିବର୍ତ୍ତନ ଦେଖିପାରିବେ । ଭାବିଲେ ଦେଖି ସବୁ ଗାଁରେ ଜଣେ ଜଣେ ପରେଶବାବୁ କଣ ଜନ୍ମ ନେଇ ପାରିବେନି ?

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚାରୋଟି ଛୋଟ ଗଳ୍ପ



ସୁଧାଂଶୁ ଦ୍ୱିବେଦୀ

## ପ୍ରମାଣ ପତ୍ର

-ମ୍ୟାନେଜର ବାବୁ ! ଏ ମାସର ପେନଶନ ଟଙ୍କା ମୋ ଆକାଉଣ୍ଟରେ ଡିପୋଜିଟ ହୋଇନାହିଁ ।

-ଆପଣଙ୍କ ଆକାଉଣ୍ଟ ନମ୍ବର କୁହନ୍ତୁ । ମୁଁ ଏଇ ସଙ୍ଗେ ସଙ୍ଗେ ଚେକ କରି ଜଣାଉଛି ।

ମହାପାତ୍ର ବାବୁ ଯଥାଶୀଘ୍ର ନିଜ ଆକାଉଣ୍ଟ ନମ୍ବର ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଲେ ।

-ମହାପାତ୍ର ବାବୁ ! ଆପଣ ଏ ପର୍ଯ୍ୟନ୍ତ ଜୀବିତ ପ୍ରମାଣ ପତ୍ର ବ୍ୟାଙ୍କରେ ଜମା ଦେଇ ନାହାନ୍ତି । ସେଥିପାଇଁ ଆପଣଙ୍କ ପେନଶନ ରାଶି ଆକାଉଣ୍ଟରେ ଡିପୋଜଟ ହୋଇପାରିନି ।

-ହେଲେ ଦୁଇଦିନ ପୂର୍ବରୁ ତ ମୁଁ ଆପଣଙ୍କ ସହିତ ଦେଖା କରି ସବୁ କିଛି ଜଣାଇଥିଲି । ଆପଣ ବି ବ୍ୟକ୍ତିଗତ ରୂପେ ମୋତେ ଭଲଭାବେ ଜାଣିଛନ୍ତି । ଏବେ ମୁଁ ମୋବାଇଲରେ ଆପଣଙ୍କ ସହିତ କଥା ହେଉଛି । ତଥାପି ମୋଠାରେ କିପ୍ରକାର ଅଚିହ୍ନା ପରିଚୟ ରହିଗଲା ?

ଶାଖା ପ୍ରବନ୍ଧକ ମହାପାତ୍ର ବାବୁଙ୍କ ବ୍ୟାକୁଳତାରେ ଅତିଷ୍ଠ ହୋଇ କହିଲେ - ହଁ ସେସବୁ ଫର୍ମାଲିଟି ଠିକ ଯେ ହେଲେ ଆପଣ ଥରେ ବ୍ୟାଙ୍କକୁ ଆସି ପ୍ରମାଣ ପତ୍ର ଡିପୋଜଟ କରିଦିଅନ୍ତୁ । ଜୀବିତ ପ୍ରମାଣପତ୍ର ବିନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣଙ୍କ ଆକାଉଣ୍ଟରେ ପେନଶନ ରାଶି ଜମା ହେଇ ପାରିବ ନାହିଁ । ଆଚ୍ଛା ଆପଣ ଘରୁ ଫୋନ କରୁଛନ୍ତି ନା ଆଉ କୋଉଠାରୁ ?

ମହାପାତ୍ର ବାବୁ ଉତ୍ତର ଦେଲେ - ପରଲୋକରୁ । ପରେ ପରେ କଲ କଟିଗଲା ।

## ମୋବାଇଲ

ମମ୍ମି ! ବାପାଙ୍କର କଣ ହୋଇଛି ? ଦୁଇଦିନ ହେଲା ବେଶ ଚଳଚଞ୍ଚଳ ଜଣା ପଡୁଛନ୍ତି । ଝିଅର କଥା ଶୁଣି ମମ୍ମି କହିଲେ-କାହିଁ ସେମିତି ତ କିଛି ହୋଇନି ।

-ହୁଁ ! ତୁ ଜାଣିନୁ, ଦୁଇଦିନ ହେବ ପୂରା ବଦଳି ଯାଇଛନ୍ତି । ସକାଳୁ ସକାଳୁ ଉଠି ମୋତେ ସାଇନ୍‌ସ ଚେପ୍ଟାର ବୁଝେଇବାରେ ହେଲ୍ପ କରୁଛନ୍ତି । ବହୁଦିନ ତଳେ ନିଉଜ ପେପର ଯାହାଙ୍କର ବଡ଼ ପ୍ରିୟ ଥିଲା, ଏବେ ପୁଣିଥରେ ସେଥରେ ରୁଚି ରଖୁଛନ୍ତି । କେବଳ ସେତିକି ନୁହେଁ ଜେଜେଙ୍କ ସହିତ ବି ଘଣ୍ଟା ଘଣ୍ଟା ଧରି ଗପରେ ମାତି ଯାଉଛନ୍ତି ।

ଏହା ପୂର୍ବରୁ କହୁଥିଲେ ମୋ ପାଖରେ ଆଦୌ ସମୟ ନାହିଁ । ହେଲେ ଆଜି ଲାଗୁଛି ଯେମିତି ବାପାଙ୍କ ନିକଟରେ କେବଳ ସମୟ ହିଁ ସମୟ ରହିଛି । ବାପାଙ୍କର ଏଭଳି ଆକସ୍ମିକ ପରିବର୍ତ୍ତନକୁ ତୁ କିଛି ଅନୁମାନ କରିପାରୁଛୁ କି ନାହିଁ ?

ଝିଅର କଥାରେ ମମ୍ମି ସ୍ମିତ ହସି କହିଲେ-ପରିବର୍ତ୍ତନ ତ ହେଇଛି ନିଶ୍ଚୟ । ତୋ ବାପାଙ୍କ ମୋବାଇଲ ଦୁଇଦିନ ପୂର୍ବରୁ ଖରାପ ହୋଇ ଯାଇଛି ତ ସେଥିପାଇଁ ଏତେଟା ପରିବର୍ତ୍ତନର ଅଭିନୟ ଚାଲିଛି । ନହେଲେ ତାଙ୍କ ପାଖରେ ସମୟ କାହିଁ ଏତେସବୁ ଜଞ୍ଜାଳରେ ମୁଣ୍ଡ ପୂରେଇବାକୁ ?

## ଅଶ୍ୱତ୍ଥ ବୃକ୍ଷ

ଗୋଟେ ଗାଁରେ ଘନବହୁଳ ଓ ବିଶାଳ ଅଶ୍ୱତ୍ଥ ବୃକ୍ଷଟିଏ ଥିଲା । ବୃକ୍ଷର ଅନତି ଦୂରରେ ଗ୍ରାମବାସୀଙ୍କ ଘର ଥିଲା । କାହିଁ କୋଉ ଦିନରୁ ସାକ୍ଷୀ ସ୍ୱରୂପ ପିଢ଼ି ପରେ ପିଢ଼ିର ଗ୍ରାମବାସୀ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ତା' ତଳେ ଏକତ୍ରିତ ହୋଇ ନ୍ୟାୟ ମିମାଂଶା କରିଛନ୍ତି । ଗପ-ଗୀତ, ମଜା-ମସ୍ତିରେ ଦିନ ବିତେଇଛନ୍ତି । କେତେ କେତେ କିସମର ଖେଳ ଖେଳି ବେହାଲ ହୋଇଛନ୍ତି । ଭବିଷ୍ୟତ ଜୀବନର ସ୍ୱପ୍ନ ବୁଣିଛନ୍ତି । ସଂକଳ୍ପର ସୂତ୍ର ବୃକ୍ଷ ଚାରିପଟେ ଗୋଡେଇ ମାନସିକ ପୂରଣ କରିଛନ୍ତି । ବୃକ୍ଷର ଆନନ୍ଦ କହିଲେ ନସରେ । ଲୋକମାନେ ତାକୁ ପୂଜା କଲେ ନିଜକୁ ଗୌରବାନ୍ୱିତ ଭାବରେ ବିହ୍ୱଳ ହୋଇଯାଏ । ନିଜ ଆଖପାଖର ଗତି ବିଧିକୁ ଦେଖି ଉଲ୍ଲାସରେ ଫାଟିପଡ଼େ ।

ସମୟ ନିଜ ପ୍ରତିରୋଧ ରହିତ ଗତିରେ ଆଗକୁ ବଢିଚାଲେ । ସମୟ ସହିତ ସବୁକିଛି ଧୀରେ ଧୀରେ ପରିବର୍ତ୍ତନ ହେଉଥାଏ । ବୃକ୍ଷ ନିକଟରେ ଆଉ କେହି ଏକତ୍ରିତ ହୁଅନ୍ତି ନାହିଁ କି ଗପ-ଗୀତ, ଖେଳ ମଜା-ମସ୍ତି କରନ୍ତି ନାହିଁ । ସ୍ୱପ୍ନ ଦେଖନ୍ତି ନାହିଁ କି ତା' ପାଖକୁ ଆସନ୍ତି ନାହିଁ । ସମସ୍ତେ ନିଜ ନିଜ ଭିତରେ ବ୍ୟସ୍ତ ବିବ୍ରତ । ଗ୍ରାମବାସୀ ସହରକୁ ପଳାୟନ କଲେ । କ୍ରମଶଃ ପୂରା ଗାଁ ଶୂନଶାନ ହେଇଗଲା । ଅଶ୍ୱତ୍ଥ ବୃକ୍ଷ ଏସବୁ ଦେଖି ଦୁଃଖରେ ଭାଙ୍ଗିପଡ଼ିଲା । ଶାଖା-ପ୍ରଶାଖା, ପତ୍ର ଆଦି ଶୁଖିଗଲା । ସମୟର ଏଭଳି ପରିବର୍ତ୍ତନକୁ ସେ ବୁଝିପାରୁ ନଥାଏ । ହଠାତ ଦିନେ କିଛି ଲୋକ ବୃକ୍ଷ ନିକଟରେ ମପାମପି କାର୍ଯ୍ୟ କଲେ । ବୁଲଡୋଜର ଦ୍ୱାରା ଘରକୁ ଭାଙ୍ଗି ସମତଳ କରା ହେଲା । ପୁଣି ବୃକ୍ଷକୁ କାଟିବାପାଇଁ କରତିଆ ଆସିଲେ । ଉକ୍ତ ସ୍ଥାନରୁ ବୃକ୍ଷକୁ ନ କାଟିଲେ ନୂଆ ଫ୍ୟାକ୍ଟ୍ରିର ୟୁନିଟ ସ୍ଥାପିତ ହୋଇପାରିବ ନାହିଁ । ଏସବୁ ଦେଖି ଶୁଣି ଅଶ୍ୱତ୍ଥ ବୃକ୍ଷ ହତପ୍ରଭ । ନିରାଶା ହତାଶା ହୋଇ ନିଜର ଅସ୍ତିତ୍ୱ ହରେଇବାକୁ ଅପେକ୍ଷା କଲା । କାରଣ ସଭିଙ୍କୁ ବିକାଶ ଆବଶ୍ୟକ । ବିକାଶର ମୂଲ୍ୟାଙ୍କନ ବିଚରା ଅଶ୍ୱତ୍ଥ ବୃକ୍ଷକୁ ହିଁ ଚୁକ୍ତି କରିବାକୁ ହେବ ।

## ପ୍ରେଗନେଣ୍ଟ

ପାଞ୍ଚ ବର୍ଷ ଯାଏ ଲିଭ ଇନ ରିଲେଶନଶିପରେ ରହିବା ପରେ ହଠାତ ଦିନେ ମାନିନୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନୋଜକୁ କହିଲା-ମନୋଜ ! ମୁଁ ତୁମ ପିଲାର ମାଆ ହେବାକୁ ଯାଉଛି ।

ମାନିନୀର କଥା ଶୁଣି ମନୋଜର ହସ ହସ ମୁଖ ଝାଉଁଳି ପଡିଲା ।

ଆରେ ଏମିତି ମୁହଁ ଶୁଖେଇ ଦେଉଛ କ'ଣ ପାଇଁ ? ବାପା ହେବ ! ଏଥିରେ ତ ତୁମେ ବେଶୀ ଖୁସି ହେବା କଥା ।

ମନୋଜ ପୂର୍ବପରି ଗୁମସୁମ ଥାଇ ମନେ ମନେ କିଛି ଭାବୁଥାଏ । ତା'ର ଆସ୍ୱାଭାବିକ ଭାବକୁ ଦେଖି ମାନିନୀ ପୁଣିଥରେ କହିଲା - କଥା କ'ଣ ମନୋଜ ! ଏତେ କଣ ଭାବୁଛ ? ପୁଣି ଏକ ନୂଆ ଖର୍ଚ୍ଚକୁ ନେଇ ଚିନ୍ତା କରୁଛ ? ଦେଖ, ଏପର୍ଯ୍ୟନ୍ତ ଆମେ ଦୁହେଁ ଅଧା ଅଧା ଖର୍ଚ୍ଚରେ ଚଳିଆସିଛୁ । ପିଲାର ଖର୍ଚ୍ଚ ବି ଅଧା ଅଧା ବଣ୍ଟାଯିବ । ତୁମେ ଯଦି ଚାହିଁବ ପିଲାର ଖର୍ଚ୍ଚ ମୁଁ ଏକା ସମ୍ଭାଳିନେବି ।

ମନୋଜ ଏକ ଦୀର୍ଘଶ୍ୱାସ ଛାଡି କହିଲା- ଖର୍ଚ୍ଚ ପାଇଁ ମୁଁ ଚିନ୍ତା କରୁନି ମାନିନୀ, କଥା ହେଉଛି ପିଲା ଜନ୍ମଦେବା ସ୍ତ୍ରୀକୁ ମୁଁ ଆଦୌ ପସନ୍ଦ କରେ ନାହିଁ । ତୁମେ ଯଦି ଏବର୍ସନ କରିବ ନାହିଁ ତେବେ ହୁଏତ ମୋତେ ତୁମଠାରୁ ଅଲଗା ହେବାକୁ ପଡିବ ।

ଭେରିଗୁଡ଼ ! କରେକ୍ଟ ଡିସିସନ ନେଇଛ । ମୋ ଚିନ୍ତାଧାରା ମଧ୍ୟ ବିଲକୁଲ ଠିକ ଥିଲା । ବାସ୍ତବିକ ତୁମେ ଡିସିସନ ନେବା ପୂର୍ବରୁ ମୁଁ ତୁମଠାରୁ ଅଲଗା ହେବାପାଇଁ ପ୍ରସ୍ତୁତ ହୋଇସାରିଛି ।


ମାନିନୀ ନିଜ ଆସବାବପତ୍ର ଆଟାଚି ଉଠେଇ ତୁରନ୍ତ ରୁମରୁ ବାହାରିଗଲା । ଯିବାବେଳେ ମନୋଜକୁ କହିଗଲା - ମୁଁ ଏଯାଏ ପ୍ରେଗନେଣ୍ଟ ହୋଇନାହିଁ । ତୁମ ସାମର୍ଥ୍ୟକୁ କଳନା କରୁଥିଲି । ଯାହା ଆଜି ମୋତେ ତୁମଠାରୁ ଅଲଗା ହେବାପାଇଁ ବାଧ୍ୟ କରିଛି ।

dwibedysudhansu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ଆଞ୍ଚଲ କବି

ଟିକ ଟିକ ଟିକ ଟିକ । ରାତି ଅଧ ହେଲାଣି ବୋଧେ ।

ଲୁହ ଗୁଡା ଧୋଇ ଦେଉଥାନ୍ତି ମୋ ମନର କୋହ ସବୁ । ବେଡ଼ ଉପରେ ପଡି ରହିଥାଏ ମୁଁ ନିସ୍ତବ୍ଧ, ନିଶ୍ଚଳ ହୋଇ ଚାହିଁ ରହିଥାଏ ପାଖ ଝରକା ଫାଙ୍କରୁ ଦେଖାଯାଉଥିବା ସୀମିତ ଆକାଶକୁ । ଲୁହଧାର ଝରି ପଡୁଥାନ୍ତି । ଯେମିତି ଆକାଶଟା ମୋ ବନ୍ଧୁ । ଅସରନ୍ତି ଗଳ୍ପ ପେଡି ଖୋଲି ରଖିଥାଏ ତା ଆଗରେ । ହଁ ନିଶ୍ଚିତ ସେ ମୋର ବନ୍ଧୁ । ଏକାନ୍ତରେ ଯେବେ ମୋ ଭିତରେ ଅକୁହା କଥା ସବୁ ଗୋଳମାଳ ହୁଅନ୍ତି, ସେ ଯେମିତି ବାହୁ ମେଲେଇ ଇଙ୍ଗିତ କରେ ମୋତେ ନିଜ ଭିତରେ ହଜିଜିବା ପାଇଁ । ଆଶ୍ୱାସନା ନାଁରେ ବର୍ଷା ଟିକେ ଢାଳି ମୋତେ ହସେଇବା ପାଇଁ ଚେଷ୍ଟା କରେ । ଲାଗେ ଯେମିତି ଖୋଲା ଆକାଶର ପକ୍ଷୀଟିଏ ମୁଁ । ଅତି ଖୁସିରେ ସାଇଁ ସାଇଁ ପବନ ଦେଇ କୋଳେଇ ନିଏ ମୋତେ ସେ । ସେଦିନ କିନ୍ତୁ ମୋ ଭିତରେ ଯେମିତି ଗୋଟେ ଯୁଦ୍ଧ ଚାଲିଥାଏ । ସେଦିନ ମୋତେ ଲାଗୁଥାଏ, ଆକାଶଟା ମୋତେ ଦେଖି ହସୁଛି । ମୁଁ କେତେ ବୋକୀ ବୋଲି ଥଟ୍ଟା କରୁଛି । ଲାଗୁଥାଏ ଯେମିତି ଅନେକ ଦୂରରେ ଅଛି ଆକାଶଟା । ବାସ୍ତବିକତା ସହ ଅବଗତ ହଉଥାଏ ମୁଁ । ଠିକ ସେମିତି ଚାହିଁଥାଏ, ଯେମିତି ପଞ୍ଜୁରୀ ଭିତର ପକ୍ଷୀଟା ଚାହିଁଥାଏ ବାହାର ଦୁନିଆଁକୁ । ମନେ ପଡି ଯାଉଥାଏ ବିଗତ ଦିନ ସବୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଷୋହଳ ବର୍ଷ ଝିଅଟିଏ । ନା ଦୁନିଆଁ ସହ କିଛି ସମ୍ପର୍କ, ନା ନୀତି ନିୟମ, ହେନ ତେନ ସହ ଲେନଦେନ । ବାହାଘର ଆଜି । ଖୁସିର ସୀମା ନଥାଏ ତାର । ବାରମ୍ବାର ଆଇନାରେ ଦେଖୁଥାଏ ନିଜକୁ । ମନେ ମନେ ଭାବୁଥାଏ, କେତେ ସୁନ୍ଦର ମୁଁ ନୁହଁ ? ସେ ଏତିକିରେ ହି ଖୁସି କି ସେ ବହୁ ବେଶ ସାଜିଛି । ମନେ ହଉଥାଏ ଯେମିତି ସେ ପିଲାବେଳ ବହୁରାଣୀ ଖେଳ ଖେଳିବା ପାଇଁ ଯାଉଛି । ଲାଗୁଥାଏ ଆଜି ଦିନଟା ପରି ଆଗ ଜୀବନଟା ମଧ୍ୟ କଟିଯିବ ଏଇ ସ୍ୱପ୍ନ ଦୁନିଆଁରେ । ସମସ୍ତେ ଅତି ଖୁସିରେ କୋଳେଇ ନେଉଥାନ୍ତି । ଏମିତି ଅନୁଭବ ହଉଥାଏ ଯେମିତି ୟା ପରେ ଆଉ ଦୁଃଖ କଷ୍ଟ କିଛି ଆସିବନି । ଏମିତି ହସି ହସି କଟିଯିବ ବାକିତକ ସମୟ । ସେଦିନକୁ ଭୁଲିବା ସହଜ ତ ନୁହେଁ । କିନ୍ତୁ ମୁଁ କେବେ କେବେ ଭୁଲିଯିବା ବାହାନାରେ ବାହାଘର ଆଲବମ ଦେଖିନିଏ । ଟିଭି ପରଦାରେ ଯେତେ ଭଲ ଅଭିନେତା ଥାଆନ୍ତୁ ନା କାହିଁକି । ଆମ ନିତିଦିନିଆ ଜୀବନରେ ତାଙ୍କ ଠାରୁ ଭଲ କଳାକାରଙ୍କୁ ଭେଟୁ ଆମେ । ଏବେ ବୁଝି ହେଉଛି, ଭୁଲ କାହାର ନୁହେଁ । ସେମାନେ ମଧ୍ୟ ଅଭିନୟ କରୁଥିଲେ ଠିକ ଯେମିତି ଆମେ ସବୁ କରନ୍ତି । ଜୀବନଟା ଗୋଟାଏ ରଙ୍ଗମଞ୍ଚ ହିଁ ତ, ଆଉ ଆମେ ସବୁ ଗୋଟେ ଗୋଟେ ପାତ୍ର/ ଅଭିନେତା / କଳାକାର । ଯେ ଯେତେ ଭଲ ଅଭିନୟ କରିପାରିବ ସେ ଦୁନିଆଁ ଠାରୁ ସେତେ ବେଶୀ ତାଳି ଗୋଟେଇ ନେବ । ହେଲେ ଆଜି ଯାଏଁ ଗୋଟାଏ କଥା ବୁଝି ପାରିଲିନି, ଏଇ ସବୁ ପ୍ରଶଂସା ନେଇ ଯିବା କୋଉ ଆଡେ ? କୋଉଠି ଆମ ପାଇଁ ଅମୂଲ୍ୟ ଉପହାର ରଖା ଯାଇଛି ?

ବାସ ଭାବି ଭାବି ଆଖି ଲାଗିଯାଏ । ଏମିତି ହିଁ ଚାଲେ ନିତିଦିନ କାହାଣୀ ।

X X X X

ପ୍ରତିଦିନ ଭଳି ସେଦିନ ସକାଳୁ ମୁଁ ନିତ୍ୟକର୍ମ ସାରି ଠାକୁର ପୂଜା ସାରି ଚା ପ୍ଲେଟକୁ ନେଇ ଡାଇନିଂଗ୍ ପାଖକୁ ଯାଉଥାଏ । ମୋ ନାଁ ଟା ମୋ କାନରେ ଆସି ବାଜିଲା, ମୁଁ ଟିକେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାନେଇଲା ପରେ ଜାଣିଲି, ହଁ ମୋହରି କଥା ଚାଲିଛି । ନିଜ ବିଷୟରେ ଲୁଚି ଲୁଚି ଶୁଣିବାକୁ ଭାରି ମଜା ଲାଗେ, ନୁହଁ କି ? କେହି ଜଣେ କହିଲେ "ହଁ ଭାଗ୍ୟର ଲେଖନୀ । କଣ ବା କରି ହେବ । ପିଲାଟି ବେଳୁ ବାପାଙ୍କୁ ହରେଇଲା, ମାଆ ମୁଣ୍ଡରେ ବୋଝ ହୋଇ ରହିଲା, ଆଉ ଏବେ ଆମକୁ ଶାସ୍ତି । ନହେଲେ ନହୁଅନ୍ତା ପଛକେ, ଏମିତି ଜଲ୍ଦି ଜଲ୍ଦିରେ ବାହାଘରଟା କରିବାର ନ ଥିଲା ।"  ମୋ ହାତରେ ଥିବା ଚା ସବୁ କେତେବେଳୁ ଥଣ୍ଡା ହେଇ ସାରିଥାଏ । କଥା ସବୁ ଶୁଣି ମୁଁ କିଛି ସ୍ପଷ୍ଟ ବୁଝି ପାରିଲିନି । ପୁଣି ଶୁଣିବା ପାଇଁ ଚେଷ୍ଟା କଲି, "ଆରେ ଅଲକ୍ଷ୍ମୀ ନୁହେଁ ତ ଆଉ କଣ ? ଘରକୁ ଆସୁ ଆସୁ ଏତେ ବଡ କ୍ଷତି କରେଇ ଦେଲା । ନା ତ କିଛି ଆଣିଛି । ଯାହା ଅଛି ତାକୁ ମଧ୍ୟ ନଷ୍ଟ କରିଦେବ ।" ମୁଁ କିଛି ସମୟ ସ୍ତବ୍ଧ ହେଇଗଲି । ଭାବିଲି, ମୁଁ ତ କିଛି କରିନି ତେବେ କାହିଁକି ମୋ ବିଷୟରେ ଏମିତି ଭାବୁଛନ୍ତି । ମୁଁ ପୁଣି ଚା ଗରମ କରି ଆଣିଲି । ଏଥର ସାହସ ଗୋଟେଇ ଚା ଟ୍ରେ ଟା ନେଇଗଲି । ସମସ୍ତେ ଏମିତି ସଜାଡି ହେଇ ବସିଗଲେ ଯେମିତି କିଛି ବି ହେଇନି । ମୋ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । ମୋ ଦେହ ହାତ ଥରୁଥାଏ । ଚା କପଟା ବଢେଇବାକୁ ଗଲା ବେଳେ ଭୁଲରେ ସେଇଟା ମୋ ହାତରୁ ଖସିଗଲା । ସେ ଉଠିକି ଜୋରରେ ଚାପୁଡାଟିଏ ମାରିଲେ ମୋତେ । ରାଗି ରାଗି କହୁଥାନ୍ତି, “ତୁ ଆଣିଥିଲୁ କି ? ତୋ ବାପ ଦେଇଥିଲା କି ?” ମୁଁ ନିସ୍ତେଜ ହେଇ ଯାଇଥାଏ । ଭାବୁଥାଏ, ମୋ ବାପା ଏଥିରେ କଣ କଲେ ଯେ ? ମୋ ହାତରୁ ଭୁଲରେ କପଟା ପଡିଗଲା । ମୋ ବାପା କଣ ଏଥିରେ ଦାୟୀ । କେତେ ଜଲ୍ଦି ବଦଳିଯାଏ ନୁହଁ, ନା ସମୟ ନୁହେଁ "ମଣିଷ" । କାଲି ମୋ ହାତଧରି ମୋତେ ଖୁସି ଖୁସିରେ ସାଥିରେ ଆଣିଥିବା ଲୋକଟା ଆଜି ମୋ ଉପରେ ହାତ ଉଠେଇବାକୁ ଟିକେ ମାତ୍ର ସଙ୍କୋଚ୍ କରିଲାନି । ବାକି ସବୁ କହୁଥାନ୍ତି । କିଛି ତ କହୁଥାନ୍ତି । ଏଇଥିରୁ ମୁଁ ସେଦିନ ଠାରୁ ଆଉ ଲୁଚାଛପା ନୁହେଁ ସମସ୍ତଙ୍କ ସାମ୍ନାରେ ଅଲକ୍ଷ୍ମୀ ସାଜିଲି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

X X X X

ଯା ଭିତରେ ଅନେକ ବର୍ଷ ବିତିଗଲାଣି । ଦୁନିଆଁ ବିଷୟରେ ଜାଣିଲିଣି । କିଛିଟା ବୁଝିବା କ୍ଷମତାପ୍ରାପ୍ତ କଲିଣି । ଏବେ ମୋତେ ଆଉ ସଜବାଜ ଜିନିଷ ଖୁସି କରଉନି । ଆଉ ବେଶ ବଦଳୁଥିବା ଋତୁ ସବୁ ମୋ ସହ ଖେଳୁନାହାନ୍ତି । ବାଡ଼ି ବଗିଚାରେ ଫୁଟୁଥିବା ଫୁଲ ସବୁ ମୋତେ ଆଉ ଆକର୍ଷିତ କରୁନାହାନ୍ତି । କୋଇଲି ସ୍ୱରର ମଧୁରତା ଆଉ ମୁଁ ବାରି ପାରୁନି । ଆଇନାରେ ନିଜକୁ ଦେଖି ଆଉ ସୁନ୍ଦର କହିପାରୁନି । ଅନେକ ଥର ନିଜେ ନିଜକୁ ଭାଙ୍ଗି ରୁଜି ଚୁରମାର କରି ପୁଣି ନୂଆ ରକମର ଗଢିବା ପାଇଁ ଚେଷ୍ଟା କରିଛି । ଭାବେ ନିଜକୁ ଏମିତି ଢାଞ୍ଚାଟେ ଦେବି, ଯାହାକୁ କିଛି ଅନୁଭବ ହେଉ ନଥିବ । ନା ଖୁସି, ନା ଦୁଃଖ, ନା ସ୍ନେହ, ନା ଲୁହ । ବାସ ଚାଲିଛି । ଜାଣିନି ଯିବି କୁଆଡେ । ତଥାପି ଚାଲିଛି । ଜୀବନ ସୁଅ ଯଉଆଡେ ଯାଉଛି ତା ସହ ମୁଁ ମଧ୍ୟ ଭାସିଚାଲିଛି । ଯେତିକି ଦରକାର ହସୁଛି, ଯେତେ ବେଳେ ଦରକାର କହୁଛି, ଯେମିତି ସମସ୍ତଙ୍କୁ ଭଲ ଲାଗିବ ପିନ୍ଧୁଛି, ଯାହା ସମସ୍ତେ ପସନ୍ଦ କରିବେ ନିଜକୁ ସେଭଳି ଗଢୁଛି । ଆକାଶଟା ହସିବନି ଆଉ କ'ଣ ? ପ୍ରତିଦିନ ତା ସହ କଳି କରି ପୁଣି ତା ପରଦିନ ତାକୁ ହିଁ ଦୁଃଖ ସବୁ ଶୁଣେଇବି । ସେ ବୋଧେ ଦେଖୁଛି ଦିନ ସାରା ପଥର ପରି ଠିଆ ହେଇ ରହୁଥିବା ମଣିଷଟା କେମିତି ରାତି ହେଲେ ଭାଙ୍ଗି ରୁଜି ଚୁରମାର ହେଇଯାଉଛି । ବେଳେ ବେଳେ ମୁଁ ମଧ୍ୟ ଏୟା ଭାବି ହସିଦଉଛି । ସେ କାଇଁ ମୋ ବନ୍ଧୁ ହୁଅନ୍ତା । ମୋତେ କିଛି ସମୟ ସାହାରା ହେଇ ନିଜର ମନୋରଞ୍ଜନ କରୁଛି ସେ । ଏୟା ହିଁ ତ ସାରକଥା । କିଛି ଦେଇ କିଛି ନିଅ । କେହି କାହାର ନୁହେଁ । ଏୟା ହିଁ ତ ଜୀବନ !

ପୁରୁଣା କେନ୍ଦୁଝର, କେନ୍ଦୁଝର, ୭୫୮୦୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷା



ଶୁଭସ୍ମିତା ପ୍ରଧାନ

ଆଜି କାଇଁ ବହୁତ ମନେ ପଡୁଛି ତୁମ କଥା.... ଯେତେବେଳେ ତୁମେ ମୋ ପାଖରେ ଥିଲ ମୁଁ ମୋ ସ୍ୱପ୍ନର ରାଜମହଲରେ କୁନି ରାଣୀଟେ ପରି ବହୁତ ଦୁଷ୍ଟାମି କରୁଥିଲି । ପ୍ରଜାପତିଟିଏ ପରି ଉଡି ବୁଲୁଥିଲି ମୁଁ ଏ ବଗିଚାରୁ ସେ ବଗିଚା ଯାଏ । ଝରଣା ପରି ଗୀତ ଗାଇ ଜୀବନର ପ୍ରତିଟି ମୁହୂର୍ତ୍ତକୁ ବିତାଉଥିଲି । ନା ଥିଲା କାହାର ଭୟ ନା ଆଶଙ୍କା.... ତୁମେ ମୋ ପାଖରେ ଥିଲେ ମୁଁ ସବୁକିଛି ଭୁଲି ଯାଉଥିଲି । ତୁମରି ଭଲ ପାଇବାରେ ମୁଁ ଛୋଟରୁ ଏତେ ବଡ଼ ହେଇଛି କିନ୍ତୁ ମୋର ଦୁର୍ଭାଗ୍ୟ ଆଜି ତୁମେ ହିଁ ମୋ ପାଖରେ ନାହିଁ........

ସଂନ୍ଧ୍ୟା ସମୟରେ ବାଲକୋନୀରେ କଣ୍ଢେଇ ଆଉ ଡାଏରୀଟିଏ ଧରି ବସି ଏମିତି ଲେଖି ଚାଲିଥାଏ ରିଙ୍କି, ମନ ଦୁଃଖରେ ବସି କିଛି ଭାବୁଥିଲା । ଚାହିଁ ରହିଥିଲା ଆକାଶରେ ସେଇ ମିଞ୍ଜି ମିଞ୍ଜି କରୁଥିବା ତାରକାମାନଙ୍କୁ, ପୁଣି ମନେ ମନେ କହୁଥାଏ - ମୁଁ ଜାଣେ ବାପା ତୁମେ ଏଇ ତାରା ଭିତରେ ଲୁଚି କରି ମତେ ଦେଖୁଛ । ଏତିକି କହି ସେ କଣ୍ଢେଇକୁ ଛାତିରେ ଚାପି ଧରି କାନ୍ଦିବାରେ ଲାଗିଲା । ରିଙ୍କି ଭାରି ସ୍ୱାଭିମାନୀ ଝିଅଟିଏ, ସରଳ ବିଶ୍ୱାସୀ.... ମନ କଥା କହିଲା ଭଳି ସେ କାହାକୁ ବିଶ୍ୱାସଯୋଗ୍ୟ ଭାବିନି ସେଥିପାଇଁ ନିର୍ଜୀବ କଣ୍ଢେଇକୁ ହିଁ ସବୁ କିଛି କହି ମନ ଭିତରେ ଥିବା ଦୁଃଖରୁ ଉପସମ ପାଏ । ମନର ସବୁ ଖୁସି ଦୁଃଖ ପ୍ରକାଶ କରେ ସେ ସେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ୍ଢେଇ ଆଗରେ.... ସତେ ଯେମିତି ସିଏ ନିର୍ଜୀବ କଣ୍ଢେଇ ନୁହେଁ ଗୋଟିଏ ଜୀବନ୍ତ ପ୍ରାଣୀ ଯିଏ ତା ହୃଦୟର କୋହ ବୁଝି ପାରିବ । ପୁଣି କଅଣ ଗୁଣୁଗୁଣୁ ହୋଇ ଲେଖି ଦିଏ....

ଦୁନିଆରେ ମାଆାକୁ ହିଁ ଗୋଟିଏ ଝିଅର ଉତ୍ତମ ବନ୍ଧୁ ବୋଲି କୁହାଯାଏ ଏହା କଅଣ ଯଥାର୍ଥ ? ? ହୋଇ ପାରେ ଜଣେ ମାଆ ଉତ୍ତମ ବନ୍ଧୁ, କାହିଁକି ନା ସେ ଜଣେ ନାରୀ... ଝିଅର ମନ କଥା ବେଶ୍ ଭଲ ଭାବରେ ଜାଣି ପାରନ୍ତି ସେ । କିନ୍ତୁ ବାପା.... ନା ବନ୍ଧୁ ନା ଉତ୍ତମ ବନ୍ଧୁ... ସେ ତ ଶ୍ରେଷ୍ଠ ନାୟକ ଗୋଟିଏ ଝିଅ ଜୀବନରେ । ସେମିତି ରିଙ୍କି ମନରେ ଅନାବନା ଭାବନା ସବୁ ସାଉଁଟି ହୋଇ ଲେଖି ହୋଇ ଯାଉଥାଏ ଅଲେଖା ପୃଷ୍ଠାରେ.... ପିଲା ଦିନର ସେଇ ଛୋଟ ଛୋଟ ସ୍ମୃତି ସତେ ଯେମିତି ହୃଦୟର ସ୍ପନ୍ଦନ ଅଟକାଇ ଦେଉଥିଲା ।

ପିଲାବେଳେ ରିଙ୍କି ଶୁଣିଥିଲା ବାପା ପ୍ରଭୁ ଶିବଙ୍କୁ ପୂଜା କରି ଜନ୍ମାଷ୍ଟମୀ ପୂର୍ବ ଦିନ ତାକୁ କନ୍ୟା ସନ୍ତାନ ରୂପେ ପାଇଥିଲେ, ସ୍ନେହ ମମତା ଅଜାଡି ଦେଇ କେତେ ଯେ ସ୍ୱପ୍ନ ଦେଖିଥିଲେ ରିଙ୍କିକୁ ନେଇ... ଭରସା ଥିଲା ରିଙ୍କି ନିଶ୍ଚେ ଏ ସ୍ୱପ୍ନ ସାକାର କରିପାରିବ । କିନ୍ତୁ ସେଇ ଦିନ ଆସିବା ପୂର୍ବରୁ ରିଙ୍କି ପାଖରୁ ହିଁ ସେଇ ସ୍ୱପ୍ନ ଦେଖାଉ ଥିବା ଆଖି ଦ୍ୱୟ ବହୁତ ଦୂରକୁ ଚାଲି ଯାଇଥିଲା । ମାଆର ଅଶ୍ରୁଧାରାରେ ପୂର୍ଣ୍ଣ ଠଳଠଳ ନୟନ ତାକୁ ପ୍ରତି ମୁହୂର୍ତ୍ତରେ ବାପାଙ୍କ କଥା ମନେ ପକାଇ ଦିଏ । ଝିଅ ତ ନୁହେଁ ପୁଅ ଭାବି ତାକୁ ଗଢି ତୋଳିଥିଲେ । ପ୍ରତିଟି ଇଚ୍ଛା ପୂରଣ କରିଥିଲେ ତା'ର । କ୍ରୋଧ ହିଂସା ଠାରୁ ଦୂରେଇ ରଖିବା ପାଇଁ ବୁଝାଇ କହିଥିଲେ.... ଏମିତି ନୁହେଁ ବରଂ ବହୁତ କିଛି ଜୀବନରେ ବଞ୍ଚିବାର ମୂଳମନ୍ତ୍ର ସତେ ଯେମିତି ଶିଖାଇ ଦେଇ ଯାଇଛନ୍ତି । କୁନି ଥିବା ବେଳେ ହାତ ଧରି ଚାଲିବା ଶିଖେଇ ଥିଲେ ସତ କିନ୍ତୁ ଝୁଣ୍ଟି ପଡିଲେ ନିଜେ କିପରି ଉଠି ପୁଣି ଥରେ ଚାଲିବି ସେଥିପାଇଁ ସାହାସ ଏବଂ ମନୋବଳ ମଧ୍ୟ ଦେଇଥିଲେ ।

ମନେ ଅଛି ବାପା ସେଦିନର ସେଇ ପୁରୁଣା କଥା ସ୍ନେହ ମମତା ପାଇ ପାଠ ପଢା ଠାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂରେଇ ଯାଇଥିଲି ମୁଁ, କିନ୍ତୁ ତୁମର ସେଇ ପଦେ କଥା ଆଉ ତୁମ ସେଇ ସହଯୋଗ ମତେ ଗୋଟିଏ ଉତ୍ତମ ଛାତ୍ରୀ କରି ଗଢି ତୋଳିଥିଲା । ସବୁଥିରେ ପ୍ରଥମ ହେବା ପାଇଁ ଶିଖେଇ ନଥିଲେ ବି କାହା ମନରେ ଦୁଃଖ ଦେଇ କେବେ ଜିତିବା ଶିଖେଇ ନଥିଲ ତୁମେ । ତୁମ ପରି ସ୍ୱଚ୍ଛ ହୃଦୟ ଏ ଦୁନିଆରେ ବିରଳ.... ସ୍ୱାର୍ଥପର ଦୁନିଆ ଏ କେମିତି ବଞ୍ଚିବି ମୁଁ ତୁମ ବିନା । କାହାକୁ ନିଜର କହିବାକୁ ଭୟ ଲାଗୁଛି, ବିନା ସ୍ୱାର୍ଥରେ ଯେଉଁଠି ପତ୍ର ଟିଏ ବି ଝଡେନି ସେଠି ନିଜର କହି କୋଳାଇ ନେବାକୁ ସ୍ୱଚ୍ଛ ହୃଦୟ କାହାର ବା ଅଛି ? ଆଉ କାହାର ସ୍ନେହ ତୁମ ସ୍ନେହ ଠାରୁ ବଳି ଯିବ ନାହିଁ.... ତୁମର ସେଇ ଆଦେଶ ଭଙ୍ଗୀର ଡାକ ଯେଉଁଥିରେ ଆଦେଶ କମ୍ କିନ୍ତୁ ଭଲ ପାଇବା ବେଶୀ ଭରି ରହିଥିଲା ବହୁତ୍ ମନେ ପଡେ ବାପା.... ଆଉ ଥରେ ସେମିତି କିଏ ମତେ ଡାକିବ.... ଆକାଶ ଆଡକୁ ଚାହିଁ କଇଁ କଇଁ ହୋଇ କାନ୍ଦି କାନ୍ଦି କହୁଥାଏ ରିଙ୍କି । ଏମିତି ଭାବି ଭାବି ଶୋଇ ଯାଇଥିଲା ରିଙ୍କି ବାଲକୋନୀରେ....

ସୂର୍ଯ୍ୟର ପହିଲି କିରଣ ରିଙ୍କିର ନିଦ ଭାଙ୍ଗି ଦେଇଥିଲା, ବାଲକୋନୀରେ ବସି ରହିଥିଲା ସେ, କେହି ଜଣେ ଡାକୁଥାଏ ବାପା.... ସ୍କୁଲ ଟାଇମ ହେଲାଣି ଯିବା ଆସ । ଆଉ କେହି ଝିଅ ବାପା ଡାକୁଥିବାର ଶୁଣିଲେ ଅନ୍ତର ବ୍ୟଥିତ ହୋଇ ପଡେ ରିଙ୍କିର । ତଥାପି ମନକୁ ବୁଝେଇ ଦିଏ ସେ ବାପା ମୋର ବାହାରେ ଅଛନ୍ତି କିଛି ବର୍ଷ ପରେ ଫେରି ଆସିବେ । ସେତେ ଦିନ ଯାଏ ସେଇ ନିର୍ଜୀବ କଣ୍ଢେଇ ଆଉ ଡାଏରୀକୁ ସବୁ କଥା ମନଖୋଲି କହୁଥାଏ ସିଏ । ଅପେକ୍ଷା କରି ଚାହିଁ ରହିଥାଏ ବାପାଙ୍କ ଫେରିବା ବାଟକୁ.... ସତରେ କ'ଣ ଜହ୍ନମାମୁଁର ରାଇଜ ଛାଡି ବାପା ଫେରି ଆସିବେ ?? ନା ରିଙ୍କିର ଅପେକ୍ଷା ଅପେକ୍ଷାରେ ରହିଯିବ.......

ଭୁବନ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଶକୁନ୍ତଳା ମୁଁ ତୁମ ଦୁଷ୍ମନ୍ତ



କଳ୍ପନା ମହାରଣା

ପର୍ବତର ସୌନ୍ଦର୍ଯ୍ୟପୂର୍ଣ୍ଣ ଉପତ୍ୟକାରେ ଜଣେ ରାଜା କୁମାର ବୁଲୁ ବୁଲୁ ଏକ ସ୍ୱପ୍ନର ରାଜକୁମାରୀ ସହିତ ମିଳନ ହୋଇଥିଲା । ଚାରିଚକ୍ଷୁର ଓ ହୃଦୟର ମିଳନ ହେଲା ପରେ, ଜଣେ ଜଣଙ୍କ ବିନା ଜୀବନ କାଟିବା ମୁସ୍କିଲ ହୋଇ ପଡ଼ିଲା । ପ୍ରିୟାର ପୂର୍ଣ୍ଣିମୀ ଚାନ୍ଦ ମୁହଁ ଅପୂର୍ବ ଝଲକ ମନେପଡ଼ି ମନ ବ୍ୟାକୁଳ ହୋଇ ଉଠିଲା । ପ୍ରିୟାର ଚାହାଣୀରେ ବଶୀଭୂତ ହୋଇଥିଲା । ଦୁଇଜଣଙ୍କ ହୃଦସ୍ପନ୍ଦନ ଏକାସାଙ୍ଗରେ ଧଡକୁ ଥିଲା । ଗୋଟିଏ ମୁହୂର୍ତ୍ତର ବିଚ୍ଛେଦରେ ପାଗଳ ହୋଇ ଉଠିଲେ । ହେଲେ ଦୁଇ ରାଜ କୁମାର ଓ ରାଜକୁମାରୀଙ୍କ ବାପା ଜଣେ ଜଣଙ୍କ ଶତ୍ରୁ ଥିଲେ ଯମଦେବ ମଧ୍ୟ ତାଙ୍କ ପାଖରେ ହାର ମାନିଯିବେ । ଦୁଇଜଣଙ୍କ ବିବାହ ସମ୍ଭବ ହେଲା ନାଇଁ । ସେମାନେ ନିଜ ବାପାଙ୍କ ଅନୁଶାସନକୁ ଭ୍ରୁକ୍ଷେପ ନକରି, ପ୍ରେମ ବିବାହ କରି ନୂଆଁ ସଂସାର ବସାଇଲେ । ଖୁବ୍ ସୁନ୍ଦର ଭରପୁର ଜୀବନ ସାବଲୀଳ ଢଙ୍ଗରେ ବିତାଇଲେ । ହେଲେ ଦଇବ ସହିଲା ନାହିଁ, ଅଦିନ ମେଘ ଚଡକ ପଡ଼ି ପ୍ରାଣ ପ୍ରିୟା ସବୁଦିନ ପାଇଁ ଆଖି ବୁଜିଲେ । ସ୍ୱପ୍ନ ରାଇଜର ପରୀ ବିଚ୍ଛେଦର ଜ୍ୱାଳା ସହିନପାରି ନିଜ ଜୀବନ ହାରିଲା ଓ ପ୍ରିୟା ସହିତ ସ୍ୱର୍ଗରେ ଦେଖା ହେଲା । ପ୍ରିୟା ତାଙ୍କୁ ବାହୁବନ୍ଧନରେ ଜାବୁଡ଼ି ଧରି ପାଗଳ ପ୍ରାୟ ହୋଇ କହିଲା, ଆମେ ଦୁଇଜଣ ଅଲଗା ନହୋଇ ସବୁଦିନ ପାଇଁ ଏକାଠି ରହିବା । ପ୍ରାଣ ପ୍ରିୟାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମା ସ୍ୱର୍ଗ ଉଦ୍ୟାନରେ ବୁଲି ଗୋଲାପ କଢି ହୋଇଗଲା ଓ ମତେ କହିଲା ହେ ପ୍ରିୟ ତମେ ଭ୍ରମର ହୋଇ ମୋ ଚାରିପାଖରେ ବୁଲି ମୋତେ ଚୁମି ଯାଅ । ଭାବିଲି ଭ୍ରମର ହେଲେ ପୁଣି ପୂର୍ବଜନ୍ମ ପରି କାହାରି ନା କାହାରି, ଶିକାର ହେବାକୁ ପଡ଼ିବ । ତେଣୁ ତା ଅପେକ୍ଷା ଗୋଲାପ ପାଖରେ କଣ୍ଟା ହୋଇ  ରହିବି, ଆମେ ଦୁହେଁ ମିଶି ହସିବା । ଏବେ କିନ୍ତୁ ତାର ନୂତନ ଜନ୍ମ ହୋଇଚି । ମୋ ଠାରୁ ବହୁତ୍ ଦୂରରେ, ଆମ ସ୍ୱପ୍ନପୁରଣ ହେବନାହିଁ । ସ୍ୱପ୍ନରେ ଜୋର ହସେ । ହୃଦୟରେ ତାର ଫଟୋ ସାଇତି ରଖିଛି । ସକାଳୁ ତା ମୁଖ ଦେଖୁଚି ଓ ପ୍ରିୟାକୁ ନପାଇ ମୋ ଆଖିରୁ ଲୋତକ ଝରୁଛି । ଯଦି ଥରେ ମୋତେ ଛୁଇଁ ଦେଇ ମୋ ଆଖି ଲୁହ ପୋଛି ଦେଇ, କୁହନ୍ତ ପ୍ରିୟ କାନ୍ଦନା । ମୁଁ ତୁମ ରାଣୀ ତୁମେ ମୋ ରଜା ଆମେ  ଜହ୍ନ ରାଇଜରେ ଗୃହ ତୋଳି ରହିବା ।

ସେଦିନ ତମ ମନ ମତାଣିଆ କଥା ବହୁତ୍ ସମୟ ଧରି ଶୁଣୁ ଥିଲି, ସେଇ ସ୍ମୃତି ଟିକକୁ ପାଥେୟ କରି ମନକୁ ସନ୍ତୋଷ ଦେଉଛି । ତୁମେ ଯଦି ମୋଠାରୁ ଦୂରେଇ ରହୁଚ, ମୁଁ ତୁମ ମୁଖମଣ୍ଡଳ ଦର୍ଶନ ପାଉନି ତାହେଲେ ମୋର ଛାତି ଯନ୍ତ୍ରଣାରେ ଜର୍ଜରିତ ହେଉଛି ଓ ଭାବୁଛି ପ୍ରିୟା ମୋର ଦେଖା ନଦେଇ ମୋ ସାଥେ  ଛଳନା କରୁଛି । ସେ ମୋ ଜୀବନର ପ୍ରଭାତ ଓ ସନ୍ଧ୍ୟା ପରି ଘୁରିବୁଲୁଥିଲା, ତାକୁ ନ ପାଇଲେ ମୋର ମୃତ୍ୟୁ ସୁନିଶ୍ଚିତ । ଲାଗୁଛି ପ୍ରାଣ ପ୍ରିୟା ମୋତେ ଭଲପାଇବା ବଦଳାଇ ଦେଇଛି ଓ ମୋତେ ସେ ଉପେକ୍ଷା କରୁଚି, କଷ୍ଟ ଦେଉଛି । ଜୀବନ ରୂପକ ମନ୍ଦିରର ସେ ମୋ ମସ୍ତିସ୍କ ହେଲେ ମୁଁ ତାର ଲାଞ୍ଜ ତେଣୁ ପ୍ରିୟା ପାଇଁ ମୁଁ ଗୋଲାପ ଦିନରେ ଗୋଲାପ ଫୁଲ ପ୍ରଦାନ କରି ମୋ ହୃଦୟରୁପକ ସଜ ପ୍ରସ୍ଫୁଟିତ ଗୋଲାପର କଣ୍ଟା ହୋଇ ତାର ସୁରକ୍ଷା ଦେବି ଓ ତାର ଖୁସିରେ ମୁଁ ଖୁସିହୋଇ ନିଜ ଜୀବନର ସବୁ ଦୁଃଖ ଯାତନା ପାଶୋରି ନୂତନ ଜୀବନ ଧରି ରହିବି ।

କଳ୍ପନା ମହାରଣା ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛାଇ ଆଲୋକ



ପୁଷ୍ପଲତା ମିଶ୍ର

ସକାଳ ହେଲେ ପୁରବୀ ନିଦରୁ ଉଠି ରାଧା ମାଧବଙ୍କ ପାଇଁ ଫୁଲ ତୋଳି ଆଣେ, ଫୁଲକୁ ସଜାଇ ସୁନ୍ଦର ମାଳା କରି ରାଧା ମାଧବଙ୍କୁ ପିନ୍ଧାଇ ଦେବା ପାଇଁ ମନ୍ଦିର ବେଢ଼ାରେ ବସି ରହେ । ଥରକୁ ଥର ମନ୍ଦିର ପୂଜକଙ୍କୁ ପଚାରେ ନନା ମୋ ଫୁଲ ମାଳ ରାଧା ମାଧବ ପିନ୍ଧିଲେ ନା ! ମନ୍ଦିର ନନା ପୂଜା ବ୍ୟସ୍ତରେ କହନ୍ତି ସେ ପିନ୍ଧିବେ ତୁ ଘରକୁ ଯା......। କିନ୍ତୁ ମନ ମାନେନି ପୁରବୀର ଅପେକ୍ଷା କରି ଜଗି ବସି ଥାଏ । କଣ ସେ ପାଏ କେଜାଣି ରାଧା ମାଧବଙ୍କ ଗଳାରେ ସେ କରିଥିବା ମାଳାଟିକୁ ଦେଖି ଖୁସିରେ ନାଚି ନାଚି ଘରକୁ ଚାଲିଯାଏ । ଏଇଟା ପୁରବୀର ଥିଲା ନିତିଦିନିଆ କାମ ।

ଘରକୁ ଗଲେ ଅନ୍ୟାନ୍ୟ କାମରେ ବ୍ୟସ୍ତ ରୁହେ ପୁରବୀ । କାଳିଆ ବଳିଆଙ୍କୁ କୁଣ୍ଡା ପାଣି ନ ମୋହିଲେ ସେମାନେ ସେ ଦିନ ହଳ ବି ଭଲରେ କରନ୍ତି ନାହିଁ । ହଳୁଆ ଆସି ବସିଥିବ ଏହି କଥା ମନେ ପଡ଼ିବାରୁ ତରତର ହେଇ ରାସ୍ତାରେ ଘରକୁ ଫେରୁ ଫେରୁ ମୁଣ୍ଡ ବୁଲେଇ ଦେଲା ପୁରବୀର, ପଡ଼ି ଯାଇଛି ପୁରବୀ କିଛି ବି ଜାଣି ପାରିନାହିଁ ।

ପୁରବୀକୁ ଭଲ ପାଉଥିବା ତାର ମନୋଜ ଭାଇ ତାକୁ ଦେଖି ପାଣି ଛାଟି ତା ପାଖରେ ବସି ରହିଲା ତାର ଚେତା ଫେରିବା ପର୍ଯ୍ୟନ୍ତ । କିଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ୍ତ ପରେ ପୁରବୀର ଚେତା ଫେରି ଆସିଲାରୁ ଆଶ୍ଚର୍ଯ୍ୟ ହୋଇଗଲା ପୁରବୀ । ଆରେ ମନୋଜ ଭାଇ ତୁମେ ଏଠି ମୋର କଣ ହେଇଥିଲା ? ନାଇଁ ଲୋ ପୁର୍ବି ତୁ ପରା ଏଠି ପଡ଼ି ଯାଇଥିଲୁ, ମୁଁ ଦେଖିଲି ସିନା କଣ ଯେ ତୋ ଅବସ୍ଥା ହେଇ ଥାଆନ୍ତା, ହଉ ଚାଲେ ଚାଲେ ତୋତେ ତୁମ ଘରେ ଛାଡ଼ି ଆସିବି କଳା ହାଣ୍ଡିଆ ମେଘ ଘୋଟି ଆସିଲାଣି ଆମେ ଓଦା ହେଇଯିବ ।

ନାଇଁ ମନୋଜ ଭାଇ ତୁମ ସହିତ ମତେ କିଏ ଦେଖିଲେ ବହୁତ ଅସୁବିଧା ହେଇଯିବ । ଆମ ଘର ପର୍ଯ୍ୟନ୍ତ ଯାଅନି ମନୋଜ ଭାଇ ମୁଁ ଏକା ପଳେଇବି, ତୁମ ସହ ମତେ ମୋ ନୂଆ ମାଆ ଦେଖିଲେ ଅନର୍ଥ କରି ବସିବେ, ମିଛ ସତର ନାଟକରେ ତରଙ୍ଗାୟିତ କରି ବସିବେ ଆମ ପରିବାରକୁ ..... । ପ୍ରେମ ଭୋଗର ବିଳାସ ନୁହେଁ । ଏହା ତ୍ୟାଗ ସମର୍ପଣ ଓ ସେବାର ପରମ କର୍ତ୍ତବ୍ୟ । ଯାହା ହେଲେ ବି ମୁଁ ତୋତେ ଏକା ଛାଡି ଦେବି ପୁଣି ଏ ଅବସ୍ଥାରେ ? ତୋତେ ନେଇ ତୁମ ଘରେ ଛାଡ଼ି ଆସିବି । ଆଉ ଗୋଟେ କଥା ଶୁଣ ପୁରବୀ ମୁଁ ସହରକୁ ଯାଉଛି  ଚାକିରି ଉଦ୍ଦେଶ୍ୟରେ । ମୁଁ ଆସିଲେ ତୋ ସହ ବାହାଘର କଥା ପକ୍କା କରିବି ସେ ପର୍ଯ୍ୟନ୍ତ ତୋତେ ଅପେକ୍ଷା କରିବାକୁ ପଡ଼ିବ ।

ସବୁ ପରେ ବି ଗୋଟେ ଝିଅର ଯନ୍ତ୍ରଣା ଅଧିକ, ସାହାସ ବାନ୍ଧି କହି ପାରେନି ନିଜର ମନର କଥାକୁ ସହଜେ ତ ସାବତ ମା, ସେ ବା କାହୁଁ ବୁଝିବ ସାବତ ଝିଅର ମନ କଥା । ଦୁଃଖିନୀ ପୁରବୀ ବାପାଙ୍କ ଠାରୁ ସ୍ନେହ ଶ୍ରଦ୍ଧା ଟିକେ ପାଇବାକୁ କେତେ ଆଗ୍ରହରେ ଚାହିଁ ବସିଥାଏ ପୁରବୀ ! କିନ୍ତୁ ନୂଆ ମାଆର କୋପରେ ବାପା ସ୍ନେହ କରିବା ବଦଳରେ ଘର ଘୋଟିଯାଏ କଳା ବାଦଲ, "କେତେ ଜନମର ତାପୋବଳରେ କୋଳେ ଆସେ କନ୍ୟାରତ୍ନ ଆକାଶକୁ ଛୁଏଁ । ଅନନ୍ୟ ଉଡାଣ କଲେ କୋଟି ଯତ୍ନ ।" କିନ୍ତୁ ଏହା ନ ଥିଲା ପୁରବୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗ୍ୟରେ.........।

ବାପା ଓ ନୂଆ ମାଆର କଡା ତାଗିଦ୍ ଯେ ମୋର ଅନ୍ୟତ୍ର ବିବାହ କରି ଦେବାକୁ ବସିଛନ୍ତି । ମନୋଜ ଭାଇ ତୁମେ କେବେ ଆସିବ ଏ ପୁରବୀ ଅପେକ୍ଷା କରିବା କଷ୍ଟ କର ହେଇ ପଡୁଛି । କେବେ ଫେରିବେ ମନୋଜ ଭାଇ ଅପେକ୍ଷା ଗୋଟେ ପ୍ରତିବନ୍ଧକ ସାଜିଛି, ଅପେକ୍ଷା କରିବାର ଗୋଟିଏ ସୀମା ଥାଏ । ଆଉ ଦିନ କେଇଟା ପରେ ମୋର ବାହାଘର, ତୁମେ ସହି ପାରିବନି ମନୋଜ ଭାଇ ମୋର ବାହାଘର ପୁଣି ଗୋଟେ ଦୋବେଇ ବର ସହ ତାର ଦୁଇଟି ଛୁଆ ଅଛନ୍ତି । ଏ ପୁରବୀ କଣ କରିବ ତାର ମୁଣ୍ଡ ଗୋଳ ମାଳ ହେଇ ଯାଉଛି, ଅଡୁଆ ସୂତାରେ ଛନ୍ଦି ହେଇ ପଡୁଛି ତୁମ ପୁରବୀ ! ! ଏପଟେ ଭରପୁର ନଦୀ ତ ସେପାଖେ ଘାଇଲା ବାଘ !

ସମୟ ଅତି କ୍ରାନ୍ତ ମନୋଜ ଅଫିସରୁ ଛୁଟି ନେଇ ବାହାରିଛି ଗାଁକୁ ରାଧା ମାଧବଙ୍କ ପାଖେ କଥା ଦେଇଥିଲା ପୁରବୀକୁ ବିବାହ କରିବ ବୋଲି.. ହେଲେ ବିଧିର ବିଧାନ ବଡ଼ ନିଷ୍ଠୁର । କଥା ଦେଇଥିବା ମନୋଜ ଗାଁରୁ ବହୁତ ଦୂରକୁ ଚାଲିଗଲା କର୍ତ୍ତବ୍ୟର ତାଡନାରେ, ଆଶା ଅଭିଳାଷ ଓ ସ୍ୱପ୍ନ ଯେମିତି ଧୂଳିସାତ ହେଇଗଲା ଆଜି ସମସ୍ତ କାମକୁ ପଛରେ ପକାଇ ଗାଁକୁ ବାହାରିଲେ ମନୋଜ ! ! !

ଟ୍ରେନରେ ବସିଲା ପରେ ନିଦ ଲାଗିଯାଇଛି ସେ ଜାଣି ପାରିନାହିଁ ।

ଟ୍ରେନ ଅଟକିବା ଶବ୍ଦରେ ନିଦ ଭାଙ୍ଗି ଯାଇଛି । ତର ତରରେ ଟ୍ରେନରୁ ଓହ୍ଲେଇ ବସକୁ ଅପେକ୍ଷା କରିଛି, ସେହି ସମୟରେ ଗୋଟିଏ ଅଟୋ ଆସି ତା ପାଖରେ ଠିଆ ହେଲା, ଅଟୋ ବାଲାଟି କହିଲା ବାବୁ ସୁଜନ ପୁରକୁ ଯିବେ କି ଆସନ୍ତୁ ବସ୍ ପଳେଇଲାଣି ଏ ଅଟୋ ଛାଡ଼ିଲେ ଆଉ ସେ ଗାଁକୁ ଗାଡି ନାହିଁ । ତର ତର ହେଇ ମନୋଜ ଅଟୋରେ ବସିଲା । ମନେ ମନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁସି ହେଇଗଲା ମନୋଜ ଯାହା ହଉ ଅଟୋଟି ମିଳିଗଲା । ଗାଁରେ ଶୀଘ୍ର ପହଁଚିଲେ ପୁରବୀକୁ ଚମକେଇ ଦେବି ଆଉ କହିବି ଆସନ୍ତା ମାସରେ ବାହାଘର ପାଇଁ ତିଥି ଠିକ୍ କରିଦେବି । ହଁ ଏ ପ୍ରେମର କଣ ବୟସ ଅଛି ଠିକ୍ ସେ ଲାଜକୁଳୀ ଲତା ପରି, ମନେ ପଡେ ଆଜି ତୁମ କଥା ମନ୍ଦିରରୁ ଫେରିବା ବାଟରେ ମୂର୍ଚ୍ଛା ହେଇ ପଡ଼ି ଯାଇଥିବା କଥା । ସେଦିନ ବର୍ଷାରେ କେତେ ଭିଜିଥିଲେ, ଲାଗୁଥିଲା ଯେପରି ମତେ ସବୁ କିଛି ମିଳିଯାଇଛି । ବର୍ଷାର ଶୀତଳ ଛୁଆଁ ଆଉ ତୋ ଦେହର ମାଦକତା !!

ଅଟୋ ବାଲାର ଡାକରେ ଭାବନା ରାଇଜରୁ ଫେରି ଆସିଲା ମନୋଜ ! ଅଟୋରୁ ଓହ୍ଲାଉ ଓହ୍ଲାଉ ଗ୍ରାମରୁ ଭାସି ଆସୁଥିଲା ସାହାନାଇର ଶବ୍ଦ, ଆଜି କାହାର ବାହାଘର ? ଯୋଡ଼ି ମହୁରୀ ଶବ୍ଦରେ ଗାଁ ଉଛୁଳି ପଡୁଛି, ପାଣି ଗରା କାଖେଇ କେତିଟ ନୂଆ ବୋଉ ଯାଉଥିଲା ମତେ ଦେଖି ସେ କହିଲା ଡେରି କରିଦେଲ ମନୁ ଆଜି ପୂର୍ବିର ବାହାଘର ଯାଅ ଯାଅ ଭଲ ସେ ଡାଲି ଭାତ ଖାଇବ ।


ପାଦ ତଳୁ ମାଟି ତଳକୁ ତଳକୁ ଖସିଗଲା ଆପେ ଆପେ ପାଦ ଚାଲିଗଲା ପୁରବୀର ବେଦୀ ପାଖକୁ ପୁରବୀର ଓଢଣା ତଳର ମୁହଁ ଝାପସା ଦିଶି ଯାଉଥିଲା ତୁ ମତେ ଛାଡ଼ି ଯାଉଛୁ ସତ ତୁ ମତେ ତୁ ଭୁଲି ପାରିବୁନି କାହିଁକି ନା ତୁ ଜାଣିଛୁ କୌଣସି ସ୍ୱାର୍ଥ ରଖି ଭଲ ପାଇ ନଥିଲି । ରାଗ ରାଗିଣୀରେ ଅନୁ ବନ୍ଧିତ ଜୀବନର ପରିଭାଷା । କାହା ଲାଗି ଜୀବନ ମରୁ ମରୀଚିକା ଆଉ କାହାର ପଣତ ଥିଲା ଭର୍ ପୁର !! ଜୀବନଟା ଆଜି ବାୟା ବସା ପରି ପବନରେ ଦୋହଲୁଛି କେତେବେଳେ ଛାଇ ତ କେତେବେଳେ ଆଲୋକ ।

ପୁଷ୍ପଲତା ମିଶ୍ର, ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ସଦ୍ୟଫୁଟା ଗୋଲାପ



ରୀତା ଅପରାଜିତା ମହାନ୍ତି

ଏବେ ସେ କଥା ଭାବିଲେ ବଡ଼ ଆଶ୍ଚର୍ଯ୍ୟ ଲାଗେ । ଦିନେ ସେ ସ୍ୱପ୍ନ ନାୟିକା ସହ ମୋର ପ୍ରମୋଦ ଉଦ୍ୟାନରେ ଭେଟ ହୋଇଥିଲା । କେଜାଣି ତା ଚାହିଁଣୀର କୁହୁକ କିମିଆରେ ମୋ ମନକୁ ଛନ୍ଦି ଦେଲା ।

ମୁଁ ବାରମ୍ବାର ପ୍ରେମ ନିବେଦନ କଲି । ସେ ମୋର ଏହି ଭାବରେ ସେ ବି ମତେ ଭଲପାଇ ବସିଲା ଦୁହିଁଏ ଦୁହିଁଙ୍କ ବିନା ଘଡ଼ିଏ ରହି ପାରିଲୁ ନାହିଁ ।

ହେଲେ ଆମ ଦୁଇ ପରିବାରର ଭିତରେ ଘୋର ଶତ୍ରୁତା ଥିଲା । ତେଣୁ ସେମାନେ କହିଲେ ଏ ବିବାହ ହୋଇ ପାରିବ ନାହିଁ । ଏ ସବୁ ଆମ ଦୁହିଁଙ୍କ ମନ ଭାଙ୍ଗି ଚୁନା କରି ଦେଉଥାଏ । ଆମ ପ୍ରେମକୁ ଫୁଲ ଓ ସୂର୍ଯ୍ୟ ଇର୍ଷା କରୁଥିଲା କେଜାଣି । କଣ ପାଇଁ ମୋ ପ୍ରିୟା ମତେ ଆଉ ତା ଜୀବନରେ ପାଇବନି ଭାବି ତା ଜୀବନ ହାରିଦେଲା .....।

ମୋ ଆଖିରେ ନିଦ ହଜିଗଲା ଭୋକଶୋଷ ହେଲା ନାହିଁ । ମୁଁ ଭାବିଲି ମୁଁ ବଞ୍ଚିବି କାହା ପାଇଁ ମୁଁ ମୋ ପ୍ରାଣ ହାରିଦେଲି । ଆର ପୁରରେ ଆମେ ଦୁହେଁ ଦୁହିଁଙ୍କ ସହ ଭେଟ ହୋଇ ପରସ୍ପର ଜଡାଇ ଧରିଲୁ । ସେ କହିଲା ପ୍ରିୟ ଆମେ ଏମିତି ସାଥୀ ହୋଇ ରହିବା ମୋ ପ୍ରେମିକାର ସୁନ୍ଦର ଆତ୍ମା ଗୋଲାପ ବୃକ୍ଷ ଦେହରେ ପସି ସେ ଗୋଲାପ କଳିଟିଏ ହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପ୍ରିୟା ଦିନେ କହିଥିଲା ମୁଁ ଫୁଲ ହେଲେ ତୁମେ ଭ୍ରମର ହେବ ।

ହେଲେ ମୁଁ ଭାବିଲି ମୁଁ ଭ୍ରମର ହେଲେ ପୁଣି ଆମ ବିଚ୍ଛେଦ ହେବ । ତେଣୁ ଗୋଲାପରେ କଣ୍ଟା ହୋଇଯିବି । ତାହେଲେ ତୋର ଯତ୍ନ ନେଇଥିବି । ତୋ ଶରୀର କେହି ଛୁଇଁ ପାରିବେନି ।

ମୋର ପରେ ପରେ ଜନ୍ମ ହୋଇଗଲା ହେଲେ ମୋର ଆଉ ମୋ ପ୍ରେମିକାସହ ଭେଟ ହେଲା ନାହିଁ । ମୁଁ ଜଳୁଛି ନିଜ ସହ ତା ଫଟୋକୁ ମନ ଫ୍ରେମରେ ସାଇତି ରଖିଛି । ମୋ ପ୍ରିୟା କେଜାଣି କେଉଁ ଅଭିମାନ ଠୁ ଦୂରରେ ରହୁଛି । ମୋ କଳିଜା ଆଜି ଭାଙ୍ଗି ଯାଉଛି । ଗୋଲାପ ଦିବସରେ ମୋ ମନ ବହୁତ କଷ୍ଟ ପାଉଛି । ତଥାପି ମୁଁ ମନରେ ଭାବୁଛି । ଯେଉଁଠି ଥିବ ମୋ ପ୍ରିୟ ସେ ଭଲରେ ଥାଉ ।

ଆଜି ବି ମନ ଖୋଜେ ତୋତେ ପ୍ରିୟା ତୁ ମୋ ସଜ ଗୋଲାପ ମୁଁ ତୋର କଣ୍ଟା । ଏହି ବିରହ ଯାତାନା ଭରା ଅଣୁ ଗଳ୍ପଟି ଆପଣଙ୍କ ପାଇଁ । ମୋର ଏହି ପ୍ରୟାସ କିପରି ଲାଗିଲା ଜଣେଇବେ ।

ଭୁବନେଶ୍ୱର -୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ୍ଟା ଓ ଗୋଲାପ



ସନ୍ତୋଷିନୀ ଦାଶ

ପ୍ରବାଳ ନଗରୀର ରାଜକୁମାର ପ୍ରତାପ ଶିକାର ଉଦ୍ଦେଶ୍ୟରେ ଅଶ୍ୱ ପୃଷ୍ଠରେ ବସି ଯାଉଥାନ୍ତି । ପଥରେ ପରିଦୃଷ୍ଟ ହେଲା ଏକ ରାଜୋଦ୍ୟାନ । ଅନିନ୍ଦ୍ୟ ସୁନ୍ଦରୀ ଏକ ବାଳା ପରିଚାରୀ ଗହଣରେ ଭ୍ରମଣ କରୁଛନ୍ତି । ଆପେ ଆପେ ରାଜକୁମାରଙ୍କ ଅଶ୍ୱ ସେଠାରେ ଅଟକି ଗଲା । ଭାବ ବିନିମୟରୁ ସେ ଜାଣିବାକୁ ପାଇଲେ ସୁନ୍ଦରୀଟି ହେଉଛନ୍ତି ମୁକ୍ତାଗଡର ରାଜକୁମାରୀ ପ୍ରଭାସିନୀ । ପ୍ରଥମ ଦେଖାରୁ ହିଁ ରାଜକୁମାରୀ ତାଙ୍କ ପ୍ରତି ଆକର୍ଷିତ ହୋଇଗଲେ । ପ୍ରତିଦିନ ଉଭୟେ ଉଭୟଙ୍କୁ ସାକ୍ଷାତ କଲେ । ପ୍ରେମାଳାପ ବଢ଼ି ବଢ଼ି ଚାଲିଲା । ଦୁହେଁ ଦୁହିଁଙ୍କୁ ବିବାହ କରିବାର ଶପଥ ନେଲେ ।

କିନ୍ତୁ ଉଭୟ ରାଜ୍ୟ ଭିତରେ ଶତ୍ରୁତା ଥିବାରୁ ସେମାନଙ୍କ ପିତାମାତା ରାଜି ହେଲେ ନାହିଁ । କାଳେ ପ୍ରଭାସିନୀଙ୍କୁ ବିବାହ କରିବା ପାଇଁ ପ୍ରତାପ ଜିଦ୍ କରିବ, ପ୍ରତାପଙ୍କ ଅଜାଣତରେ ତାଙ୍କ ପିତା ଲୋକ ଲଗାଇ ରାଜକୁମାରୀଙ୍କୁ ଅପହରଣ କରି ନେଇ ମାରିଦେଲେ । ପ୍ରଭାସିନୀଙ୍କ ମୃତ୍ୟୁ ଖବର ପାଇ ପ୍ରତାପ ପାଗଳ ପ୍ରାୟ ହୋଇଗଲେ ଓ ନିଜ ଜୀବନକୁ ତୁଚ୍ଛ ମଣିଲେ । ବିଷ ପାନକରି ଆତ୍ମହତ୍ୟା କଲେ । ମୃତ୍ୟୁଲୋକରେ ଉଭୟଙ୍କ ମିଳନ ହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜକୁମାରୀଙ୍କ ଆତ୍ମା ଉଦ୍ୟାନରେ ଘୂରି ବୁଲିଲା ଓ ଗୋଲାପ କଳି ରୂପେ ପ୍ରସ୍ଫୁଟିତ ହେଲା । ରାଜକୁମାରଙ୍କ ଆତ୍ମାକୁ ଭ୍ରମର ରୂପେ ରସପାନ କରିବାକୁ ଆହ୍ୱାନ କଲା । କିନ୍ତୁ ରାଜକୁମାରଙ୍କ ଆତ୍ମା ଗୋଲାପ ଗଛରେ କଣ୍ଟା ହୋଇ ଗୋଲାପର ପାଖେ ପାଖେ ରହି ତାକୁ ସୁରକ୍ଷା ଦେବାକୁ ଚାହିଁଲେ । ସେହି ଦିନରୁ ସେମାନଙ୍କ ଅମର ପ୍ରେମର ସ୍ମାରକୀ ରୂପେ ଗୋଲାପ ଗଛରେ କଣ୍ଟା ଓ ଗୋଲାପ ଏକା ସାଥିରେ ରହିଛନ୍ତି ।

ସନ୍ତୋଷିନୀ ଦାଶ
ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ପ୍ରଣତି



ରଶ୍ମିରେଖା ସାହୁ

ହେ ପ୍ରେମର ପ୍ରଣତି ! ତମେ ତମ ଉଲ୍ଲାସ ମନରେ ପୃଥିବୀକୁ ଓହ୍ଲେଇ ଆସ । ତମ ତେଜ ଭରା ମୁଁହ, ସୁନ୍ଦର ନାଲି ଓଠର ମିଠା କଥା ଆଉ ଉଷ୍ମତା ଭରା ବାହୁରେ ଆଲିଙ୍ଗନ କରିନିଅ । ଧନର ମରୀଚିକା ପଛରେ ଧାଉଁ ଧାଉଁ ବ୍ୟକ୍ତି ପ୍ରକୃତ ଜୀବନକୁ ହରେଇ ଦେଲାଣି । ଲହ ଲହ ଜିଭ କରି, ଭଲଗ୍ନ ମଣିଷ ମୁହଁରେ ରକ୍ତର ଛିଟା ଲାଗିଗଲାଣି । ବ୍ୟଭିଚାରିତା ବଢ଼ିଗଲାଣି । ଘୃଣା, ଲାଳସା, ଲୋଭରେ ମଣିଷ ସମ୍ପୂର୍ଣ୍ଣ ବୁଡ଼ି ଗଲାଣି । ବେଳେବେଳେ ଉପରକୁ ମୁହଁ ଉଠେଇ ହସୁଛି ସିନା କିନ୍ତୁ ଅତଳ ଗଭୀରରେ ପଡ଼ି ସେ ସମ୍ପୂର୍ଣ୍ଣ ଅଣନିଶ୍ୱାସୀ ହୋଇ ତମକୁ ଖୋଜିଲାଣି । ପ୍ଲାଷ୍ଟିକ ଫୁଲର ସଜସଜ୍ଜାରେ ଆଖି ମଳି ମଳି କାନ୍ଦିଲାଣି । ବିବାହ ବି କଳଙ୍କିତ ହୋଇଗଲାଣି । ବାଚାଳ ମଣିଷକୁ ସନ୍ତୋଷ ଦେବାରେ ବିବାହ ସମ୍ପୂର୍ଣ୍ଣ ଅସମର୍ଥ ହୋଇଗଲାଣି । ସୁନ୍ଦର ପ୍ଲାଷ୍ଟିକ ପରିପାଟୀର ଭିତରେ ପ୍ରକୃତ ହୃଦୟ, ସ୍ନେହ, ପ୍ରେମ ମଣିଷ ସମ୍ପୂର୍ଣ୍ଣ ହରେଇ ସାରିଲାଣି ।

ହେ ପ୍ରେମର ପ୍ରଣତି ! ତମେ ତମ ମଧୁର ପାଣିର ସ୍ୱାଦହୀନ ସରଳତାରେ ତଣ୍ଟିର ସ୍ୱାଦ ମେଣ୍ଟେଇବାକୁ ସମ୍ପୂର୍ଣ୍ଣ ସମର୍ଥ, ତମ ସହ ପ୍ରତିଯୋଗିତା କରି ନାଲି, କଳା, ସବୁଜ ଚିନି ମିଶିଥିବା ପାଣି ସମ୍ପୂର୍ଣ୍ଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାରିବ । ମଣିଷ ତମକୁ ଛାଡ଼ି ଯେତେ ସେ ପଛରେ ଧାଇଁବ ଶେଷରେ ନିର୍ଜନତା, ଶୂନ୍ୟତା ଘାରିବ ଆଉ ସୁନ୍ଦର ଦେହ, ମନ, ହୃଦୟରେ କାଳିମା ଭରିଦେବ । ତମେ ତମ କାଣିଚାଏ ସୁନ୍ଦରତା ବିଚ୍ଛୁରିତ କରିଦିଅ ସବୁଆଡେ ଯେଉଁଠି ମଣିଷ ତୁମ ପରସରେ ବିଭୋର ହୋଇଉଠିବ । ମଳୟ ପବନ, ରଜନୀରେ ମଲ୍ଲୀର ମହକ, କୋଇଲିର କୁହୁତାନ, ଝରଣାର କଳକଳ ନାଦରେ ସେ ପ୍ରକୃତ ପ୍ରେମକୁ ବୁଝିପାରିବ ଆଉ ଏ ସୁନ୍ଦର ପୃଥିବୀ ତାକୁ ମାୟା ଜାଲ ନ ଲାଗି ସୁନ୍ଦର ଲାଗିବ । ଓଠରେ ପ୍ରକୃତ ହସ ଫୁଟି ଉଠିବ। ହେ ପ୍ରେମର ପ୍ରଣତି ! ତମ ପରସରେ ମଣିଷ ଶାନ୍ତିରେ ଶୋଇପାରିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପବିତ୍ର ପ୍ରେମ



ବିନୋଦିନୀ ନାୟକ

ପୁଷ୍ପଭରା ଉଦ୍ୟାନର ସୁଗନ୍ଧ ପୁଷ୍ପର ମିଠା ମଠା ବାସ୍ନା ବିଭୋର ହୋଇ ବସିଥାନ୍ତି ଦୁଇ ପ୍ରେମୀଯୁଗଳ । ପ୍ରେମିକାର କୋଳରେ ମଥା ରଖି ଖୋଲା ଆକାଶର ଉଜ୍ଜ୍ୱଳ ଚନ୍ଦ୍ରମା ଦେଖି ପ୍ରେମିକ କହୁଥାଏ, ଏଇ ଦେଖ ଆକାଶ ଚନ୍ଦ୍ରମା ବିଚ୍ଛୁରିତ କରୁଥିବା ଶୀତଳ ଶୁଭ୍ର ଜ୍ୟୋତ୍ସ୍ନା ମଧ୍ୟ ମୋର ହୃଦୟର ଉଷ୍ମତାକୁ ଶୀତଳ କରିପାରୁନାହିଁ । କାହିଁକି ଜାଣ ? କାରଣ ତୁମର ନିରବତା, ତୁମର ଏ ନିରବତା ମୋର ମନକୁ ଆନ୍ଦୋଳିତ କରିଦେଉଛି । କିଛି କୁହ, ଦେଖ ତୁମର ଆଉ ମୋର ବାପାଙ୍କ ବିନା ଅନୁମତିରେ ମଧ୍ୟ ଆମେ ଏକାଠି ରହିପାରିବା । ଏ ସବୁ ଶୁଣି ପ୍ରେମିକା କାଜଲ କହିଲା ନା ନା ମୁଁ ବାପାଙ୍କର ଅନିଚ୍ଛା ଆଉ ମୋର ପରିବାରର ସ୍ୱୀକୃତି ବିନା ତୁମକୁ ଗ୍ରହଣ କରିପାରିବି ନାହିଁ, ଏହା କହି କାଜଲ ସେଠାରୁ ଉଠି ଚାଲିଗଲା ।

ଏବଂ ସବୁଦିନ ପାଇଁ ଆରପାରିକୁ ଚାଲିଗଲା । କାଜଲର ବିରହ ଯଂତ୍ରଣାରେ ପ୍ରେମିକ ବାଦଲ ମଧ୍ୟ ଆରପାରିକୁ ଚାଲିଗଲା, ସେଠାରେ ବାଦଲକୁ ଦେଖି କାଜଲ ଖୁସିରେ ଆଲିଙ୍ଗନ କରି କହୁଥାଏ, ମୁଁ ଆଉ ତୁମକୁ ଛାଡିବିନି । କାଜଲର ସେହି ନିଷ୍ପାପ ଆତ୍ମାଟି ପୁଷ୍ପଉଦ୍ୟାନରେ ଗୋଲାପ କଢଟିଏ ହୋଇ ବାଦଲକୁ କହୁଲା ଦେଖ ମୁଁ ତୁମ ପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋଲାପଟିଏ ହୋଇଯାଇଛି, ତୁମେ ଭ୍ରମର ହୋଇ ମୋର ମଧୁପାନ କର, ତା' ଶୁଣି ବାଦଲ କହିଲା ନା ପ୍ରିୟା ଭ୍ରମର ହୋଇ ଆଉ ମଧୁପାନ କରି ଉଡିବାକୁ ଚାହେଁନା, ତୁମ ସାଥିରେ କଣ୍ଟା ହୋଇ ପାଖେ ପାଖେ ରହିବି । ତୁମେ ଗୋଲାପ ହୋଇ ସମସ୍ତଙ୍କୁ ପ୍ରେମରେ ବାନ୍ଧିରଖ ।

୯୭୭୭୯୩୮୦୯୯
ଛତ୍ରପୁର,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ମଣ ରେଖା



ନଳିନୀ ପ୍ରଭା ମିଶ୍ର

ଅଳକା ଆଜି ନାଚାର । ତା'ର ପ୍ରେମ ଯେ ଆଜି ପ୍ରେମରେ ହିଁ ରହିଯାଇଛି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସଭିଏଁ ସମାନ ଏ ଉକ୍ତି କେତେ ଦୂର ସତ୍ୟ । ମନକୁ ମନ ପଚାରୁଥିଲା ଅଳକା । ଅମ୍ଳାନକୁ ଭଲ ପାଇ ସେ କ'ଣ ଭୁଲ କରି ବସିଛି ।

ଅମ୍ଳାନ ଓ ସେ କଲେଜର ଗୋଟିଏ ବିଭାଗର ଛାତ୍ରଛାତ୍ରୀ । ଦୁହିଁଙ୍କ ଭିତରେ କେତେବେଳେ ଯେ ପ୍ରେମର ଅଙ୍କୁରୋଦଗମ ହୋଇଥିଲା ତାହା କେବଳ ହୃଦୟର ଆବେଗତା, ମନର ଦୁର୍ବଳତା । ଦୁହେଁ ଦୁହିଁଙ୍କୁ ଭଲପାଇ ବିବାହ ବନ୍ଧନରେ ବାନ୍ଧି ହେବା ପାଇଁ ପ୍ରତିଜ୍ଞାରେ ଆବଦ୍ଧ ଅଥଚ ସେ ଖଣ୍ଡାୟତ ଓ ଅମ୍ଳାନ ବ୍ରାହ୍ମଣ । ଏ ବିବାହରେ ଦୁଇ ପରିବାର ସ୍ୱୀକୃତି ଆବଶ୍ୟକ । ମଣିଷ ଯେତେ ସଭ୍ୟ ହେଲେ ହେଁ ସମାଜର ଲକ୍ଷ୍ମଣ ରେଖାକୁ ଡେଇଁ ଯିବାଟା ଏତେ ସହଜ ନୁହେଁ । ଅମ୍ଳାନର ପରିବାର ଏ ବିବାହରେ ଅସମ୍ମତ ।

ଆଜି ପ୍ରେମ ଦିବସରେ ଅଳକା ନେଇଛି ଶେଷ ନିଷ୍ପତ୍ତି । ପ୍ରେମର ବିଫଳତାରେ ସେ ଆଜି ଜର୍ଜରିତ । ଅମ୍ଳାନ ବି ଚିନ୍ତାଗ୍ରସ୍ତ । ଏ ପଟେ ବାପା ମା, ବନ୍ଧୁ, ପରିବାର ସେ ପଟେ ଅଳକା । ଦୁହିଁଙ୍କର ସମ୍ମାନ ପ୍ରତି ଧ୍ୟାନ ଦେବାକୁ ହେବ । ପ୍ରେମିକାର ହୃଦୟ, ବାପାମା'ଙ୍କର ହୃଦୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇଟିର ବ୍ୟଥା ବୁଝିବାର ପନ୍ଥା ନିର୍ଣ୍ଣୟ କରି ସମାଧାନର ସୂତ୍ର ବାହାର କରି ପାରିନି । ସେ କ'ଣ ତେବେ ଭୀରୁ କାପୁରୁଷ । ଅଳକାକୁ ନେଇ ଚାଲିଯିବ ସେ କେଉଁ ଦୂର ରାଇଜକୁ, ଯେଉଁଠି ନ ଥିବ ଜାତି ଧର୍ମର ବିଭେଦ ପ୍ରାଚୀର ।

କିନ୍ତୁ ଏ କ'ଣ ? ଅଳକାର ଫୋନ୍ ବନ୍ଦ ଦର୍ଶାଉଛି । କିଛି ଅଘଟଣ କରି ବସି ନାହିଁ ତ ! ଡାକ୍ତର ଖାନାରୁ ଫୋନ୍ ଆସିଛି । ଅଳକା ସିରିୟସ ।

ପହଞ୍ଚିଲା ବେଳକୁ ସବୁ ସରି ଯାଇଛି ।

ଅଳକା ପରାଜୟର ଗ୍ଳାନିରେ ଆତ୍ମହତ୍ୟା ଭଳି ପନ୍ଥାକୁ ବାଛି ନେଇଛି । ଅଳକା ଚାଲି ଯାଇଛି ସବୁ ଦିନ ପାଇଁ । ସୁଇସାଇଡ ନୋଟରେ କବିତାଟିଏ ଲେଖି ଯାଇଛି,

ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା ।

ସେ ଆଜିର ଦିନରେ ଦେଉଥିବା ପ୍ରେମର ପ୍ରତୀକ ସ୍ମୃତି ହୋଇ ରହିଯିବ । ଅଳକା ସତେ ଯେପରି ତା ପାଇଁ କଣ୍ଟାଟିଏ ହୋଇ ରହିଥିଲା । ତା'ର ପରିବାର ଆଜି ନିଷ୍କଳଙ୍କ । ଅଳକା ଆଉ ପ୍ରେମ ପାଇଁ ତା'ର ପରିବାର ଆଗରେ ପ୍ରତିବାଦର ସ୍ୱର ଉଠାଇବ ନାହିଁ । ଭୋ ଭୋ ହୋଇ କାନ୍ଦି ଉଠିଲା ଅମ୍ଳାନ ।

ମୁକୁନ୍ଦପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭାଗ୍ୟର ବିଡ଼ମ୍ବନା



ଅନୁପମା ବିଶ୍ୱାଳ

ଶ୍ୱେତପଦ୍ମା । ନାଆଁ ଯେମିତି ସୁନ୍ଦର ରୂପ ସେମିତି ସୁନ୍ଦର । ଗୋଟିଏ ଚାଉଳରେ ଗଢା । ଆଖିକୁ ଜାବୁଡି ଧରିବାର ଶକ୍ତି ତା ପାଖରେ ଥିଲା । ପୃଥିବୀର ସବୁ ସୌନ୍ଦର୍ଯ୍ୟରୁ କିଛି କିଛି ଅଂଶ ବୋଧେ ତାଠାରେ ଏକାଠି ହୋଇଥାନ୍ତି । ସପନପୁରୀର ସେ ରାଜକୁମାରୀ ।

ଦିନେ ପ୍ରମୋଦ ଉଦ୍ୟାନରେ ବୁଲୁଥିବା ସମୟରେ ପାହାଡ଼ପୁରର ଯୁବରାଜ ମିତ୍ରଭାନୁଙ୍କ ଦୃଷ୍ଟି ପଡିଲା ତାଙ୍କ ଉପରେ । କୌଣସି ମନ୍ଦିର ଗାତ୍ରରେ ଖୋଦିତ ସୁନ୍ଦର ପାଷାଣ ପ୍ରତିମା ପରି ପ୍ରତୀତ ହେଲା । ନିଜ ଅଜାଣତରେ ଅନେକ ସମୟ ଧରି ମୁଗ୍ଧ ଚାହାଣୀରେ ସେ ତାଙ୍କୁ ଅନେଇ ରହିଲେ ।

ଏମିତି ବାରମ୍ବାର ସାକ୍ଷାତ ହେଉ ହେଉ ଉଭୟଙ୍କ ହୃଦୟରେ ଅପୂର୍ବ ଅନୁଭବ ସୃଷ୍ଟି ହେଲା ଏବଂ ପ୍ରେମରେ ପରିଣତ ହେଲା । ଦୁହେଁ ଦୁହିଁଙ୍କୁ ଛାଡି ରହିପାରିଲେ ନାହିଁ । ବିବାହ କରି ସାତ ଜନ୍ମର ସାଥୀ ହେବାକୁ କଥା ଦେଲେ ।

ଘରେ ଶ୍ୱେତପଦ୍ମା ଏକଥା ଜଣାଇବାରୁ ପିତା ରାୟ ବାହାଦୂର ଅଗ୍ନିବାଣ ହୋଇଗଲେ । ସତେ ଯେମିତି ସବୁ ନିଆଁରେ ଜଳି ଛାରଖାର ହୋଇଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେପଟେ ପୁଅ ଯାହାକୁ ବାହା ହେବାକୁ କହୁଛି, ସେ ଯେ ନିଜ ଶତ୍ରୁର ଝିଅ ବୋଲି ଜାଣିଲା ପରେ ଅଜିତ ସିଂ ରୋକଠୋକ ମନା କରିଦେଲେ । ପିତାଙ୍କ ଶତ୍ରୁତା ପାଇଁ ସେମାନେ କଣ ନିଜ ପ୍ରେମର ବଳିଦାନ ଦେବେ । ଅସମ୍ଭବ ।

ବାହାରି ପଡିଲେ କୋଣସି ମନ୍ଦିରରେ ଲୁଚି ବାହା ହୋଇ ସଂସାର କରିବେ । ସାତଜନ୍ମର ସାଥୀ ହେବାକୁ କଥାଦେଇ ସାତଫେରା ନେଲେ । ହେଲେ ଭାଗ୍ୟର ବିଡମ୍ବନା । ଘର ବସିବା ଆଗରୁ ଉଜୁଡିଗଲା । ପିତାଙ୍କ ରୋଷର ଶୀକାର ହୋଇ  ଶ୍ୱେତପଦ୍ମା ବିଷ ପିଇ ଆତ୍ମହତ୍ୟା କଲା । ସମାଜରେ ଏମିତି ଅନେକ ଝିଅ ପ୍ରେମକୁ ସଫଳ ରୂପ ଦେବାପାଇଁ ନିଜ ଜୀବନ ହାରୁଛନ୍ତି । ଏହା ନୂଆ ନଥିଲା ।

ପ୍ରାଣପ୍ରିୟାକୁ ହରାଇ ଦମ୍ଭ ହୀନ, ଧୈର୍ଯ୍ୟ ହୀନ ହୋଇ ମିତ୍ରଭାନୁ ତୀକ୍ଷ୍ଣ ଛୁରୀରେ ନିଜ ନାଡ଼ି କାଟି ପକାଇଲା । ରକ୍ତାକ୍ତ ହାତ ଅପେକ୍ଷା ବେଶୀ କଷ୍ଟ ଦେଉଥାଏ ପ୍ରିୟାଙ୍କୁ ହରାଇବାର କଷ୍ଟ । ନୟନ କୋଣରୁ ବାହାରୁଥିବା ଲୁହଧାର ସବୁଦିନ ପାଇଁ ବନ୍ଦ ହୋଇଗଲା ।

ଏତିକିରେ ସମାପ୍ତ ହୋଇନାହିଁ ସେମାନଙ୍କ ଜୀବନ । କେମିତି ବି ହୁଅନ୍ତା ! ଏତେ ଭଲ ପାଉଥିଲେ ଦୁହେଁ ପରସ୍ପରକୁ ।

ଉଦ୍ୟାନରେ ସୁନ୍ଦର ଗୋଲାପଟେ ହୋଇ ଶ୍ୱେତପଦ୍ମା ତା ପ୍ରେମିକକୁ ଡାକୁଥାଏ, "ଆସ ! ତୁମେ ଭ୍ରମର ହୋଇ ମୋ ମଧୁରସ ପାନ କରି ମୋତେ ସନ୍ତୁଷ୍ଟି ଦିଅ । ମିଳନର ଆବେଗ ପୂରଣ କର । ଗୁଣୁ ଗୁଣୁ ଶବ୍ଦରେ ମୋତେ ମିଠା ମିଠା କଥା କହିଯାଅ ।"

ଉତ୍ତରରେ ପ୍ରେମିକ କହେ, "ନା, ମୁଁ ଭ୍ରମର ନହୋଇ କଣ୍ଟା ହୋଇ ତୁମ ପାଖେ ରହି ତୁମକୁ ସୁରକ୍ଷା ଦେବି । ତୁମ ପାଖକୁ ବିପଦ ଆସିବା ଆଗରୁ ମୁଁ ସାମ୍ନା କରିବି ।"

ବାସ୍ତବରେ ଉଭୟଙ୍କ ମଧ୍ୟରେ ମନର କି ନିବିଡ଼ତା !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ନୂଆ ଜନ୍ମ ଲାଭ ପରେ ଶ୍ୱେତପଦ୍ମା ମିତ୍ରଭାନୁଙ୍କ ଠାରୁ ବହୁତ ଦୂରେ । ତାଙ୍କ ଉପସ୍ଥିତି ମିତ୍ରଭାନୁ ଅନୁଭବ କରୁଥିଲେ ମଧ୍ୟ ପାଖରେ ପାଇପାରୁ ନାହାନ୍ତି । ତାଙ୍କ ସ୍ୱପ୍ନ ଅଧୁରା ହୋଇ ରହିଲା । ହୃଦୟରେ ପ୍ରିୟାଙ୍କ ଛବି ଓ ଆଖିରେ ଲୁହ ଛଡା କିଛି ନ ଥାଏ । ସେଇ ଚୁଲବୁଲି କଥା, ମୁଚୁକୁନ୍ଦ ହସ କେବେ ରାତିର ନିଦ ହଜାଏ ତ କେବେ ନିଘୋଡ଼ ନିଦରେ ଶୋଇବାକୁ ଦିଏ । ଯେତେବେଳେ ସେ ଅଣଦେଖା କରନ୍ତି ଭାରି କଷ୍ଟ ଅନୁଭବ ହୁଏ ମିତ୍ରଭାନୁଙ୍କ ହୃଦୟକୁ । ତାଙ୍କ ବିନା ଜୀବନର କି ମୂଲ୍ୟ । ମସ୍ତକବିହୀନ କୋଣାର୍କ ସେଦିନ ଯେପରି ଉପହାସ କରୁଥିଲା ବିଶୁ ମହାରଣାଙ୍କୁ, ଠିକ ସେମିତି ମିତ୍ରଭାନୁଙ୍କୁ ମୁଣ୍ଡ ନ ଥିବା ଜୀବନ ଉପହାସ କରୁଥିଲା । ମୁଣ୍ଡ ଛିଣ୍ଡି ପଡିଥିବା ଜିଅନ୍ତା ମାଛ ଯେପରି ଛଟପଟ ହେଉଥାଏ, ଠିକ ସେପରି ମିତ୍ରଭାନୁ ଆଜି ଛଟପଟ । ଏହା ଭାଗ୍ୟର ବିଡମ୍ବନା ନୁହେଁ ତ ଆଉ କଣ...।

ଅନୁପମା ବିଶ୍ୱାଳ
ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଫୁଲ ମୁଁ କଣ୍ଟା



ବୁଟୁ କର

ତୁମେ ଫୁଲଟିଏ ହୋଇ ଫୁଟିଛ । ହେଲେ ଘଞ୍ଚ ଜଙ୍ଗଲ ଭରା ପାହାଡ଼ ସେପଟେ । ମୁଁ ଅନେକ ସ୍ୱପ୍ନର ଅକୁହା ଆଶା । ନା ଚାଲି ପାରୁଛି । ନା ଡେଇଁ ପାରୁଛି ।

କେବଳ ତୁମର ଶୁଭ ମନାସୁଛି ।
ଏପଟେ ଖାଲି ଯାହା ଆଉଟୁ ପାଉଟୁ ହେଉଛି ।
ନା ତୁମେ ଦେଖି ପାରୁଛ ।
ନା ତୁମେ ଶୁଣି ପାରୁଛ ।
ସେପଟେ ରହି କେବଳ ଦୋଷ ଲଦି ଲଦି ଚାଲିଛ ।

ଆତ୍ମାରେ ଆତ୍ମାର ମିଳନ ପାଇଁ ଯୁଗ ଯୁଗର ତପସ୍ୟା କେବେ ସତ ହେବ ମୁଁ ସେହି ଦିନ ତିଥି ବାର ମାସ ବର୍ଷ ଆଉ ଲଗ୍ନକୁ କେବଳ ଅପେକ୍ଷା ଆଖିରେ ଅନେଇ ଅନେଇ ଅଣନିଶ୍ୱାସୀ.........

ଆଜି ନହେଲେ କାଲି
ନିଷ୍ଚୟ ସୁଦିନ ଆସିବ
ଅପେକ୍ଷାର ଫଳ ମିଠା.....

|| କଟକ ||

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ପ୍ରେମ ଜନ୍ମଜନ୍ମର



ତୃପ୍ତିରାଣୀ ପାତ୍ର

ଦୁଇ ପ୍ରେମୀ ଯୁଗଳଙ୍କ ହୃଦୟରେ ଅନେକ ପ୍ରେମ ପ୍ରୀତିର ସମ୍ଭାର । ନଥିଲା ଛଳନା ଲାଞ୍ଛନା ଅବା ପ୍ରତାରଣା । ଏକଦା କଟକର ସମୀପରେ ପ୍ରମୋଦ ଉଦ୍ୟାନରେ ଯୋଡ଼ିଙ୍କର ଦୁଇ ମନ ଦୁଇ ନୟନର ମିଳନ । ପ୍ରେମିକାର ସୁଢଳ ନୟନ ପ୍ରେମିକକୁ କଲା ପାଗଳ । ଦୁହିଁଙ୍କର ମନ ମିଳନରେ ଦୁହେଁ ପରସ୍ପର ଆଦାନ ପ୍ରଦାନ ପାଇଁ ହେଉଥାନ୍ତି ଭାବ ବିହ୍ୱଳ ଜଣେ ଅନ୍ୟ ଜଣକୁ ନଦେଖିଲେ ହୋଇ ଯାଉଥିଲେ ପାଗଳ । କିନ୍ତୁ ବାପା ବାପା ସମ୍ପର୍କ ଥିଲା ଅହିନକୁଳ । ଶତ୍ରୁତା ପ୍ରବଳ ସତେକି ଦୁହେଁ ଦୁହିଁଙ୍କର କାଳ ଏହାକୁ ଯମ କଳି ପାରୁନଥିଲା ।

ଆସ୍ତେ ଆସ୍ତେ ହୃଦମନର ବ୍ୟାକୁଳ ସ୍ପନ୍ଦନକୁ କିପରି କରିପାରିବେ ସଫଳ ଏଥିପାଇଁ ଚଳାଇଥାନ୍ତି ପ୍ରବଳ ଚେଷ୍ଟା ।

ଦୁଇପାଦ ମିଳାଇ ଖୁବ୍ ଆନନ୍ଦରେ ନିଜକୁ ହଜାଇ ଦେଇଥିଲେ ପ୍ରୀତିର ଉଦ୍ୟାନରେ ।

ଦୁହିଁଙ୍କର ବିବାହ କେବେ ହେଲେ ହୋଇପାରିବ ନାହିଁ । ଦୁହିଁଙ୍କର ପ୍ରେମରେ ପ୍ରେମୀକ ଜଣକକୁ ଝିଅର ପିତା ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ଦେଲେ । ଦୁଇ ପ୍ରେମୀଙ୍କର ପ୍ରେମ ଚରିତାର୍ଥ ନହୋଇ ଅସଫଳ ହେବା ବିଷୟ ଜାଣି ପ୍ରକୃତି ମଧ୍ୟ ହେଲା ଈର୍ଷାନ୍ୱିତ । ଶେଷରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରେମିକା ପ୍ରିୟା କରିଦେଲା ନିଜ ପ୍ରାଣ ବିସର୍ଜନ । ପ୍ରେମିକାର ଆତ୍ମହତ୍ୟା ଖବର ଶୁଣିଲା ପରେ ପ୍ରେମିକ ମଧ୍ୟ ନିଜେ ଆତ୍ମହତ୍ୟା କଲା ।

ମୃତ୍ୟୁପରେ ଯାଇ ତା'ର ଅତି ଆପଣାର ପ୍ରାଣ ପ୍ରିୟାକୁ ମଧୁର ସ୍ୱପ୍ନରେ ଜଣାଇଦେଲା ଯେ ତୁମ ବିନା ଜୀଇଁବାର ମୂଲ୍ୟ ମୋର କିଛି ନଥିଲା ତେଣୁ ଏ ଦୁର୍ଲ୍ଲଭ ପ୍ରାଣ ମୋର ହାରିଦେଲି ।

ଆର ପୁରରେ ପ୍ରିୟାକୁ ସାକ୍ଷାତ କରି ଆଲିଙ୍ଗନ କରି ଭାବ ବିହ୍ୱଳ ହୋଇ ପ୍ରିୟା କହିଲା ହେ ପ୍ରିୟ ତୁମକୁ ଆଉ ମୁଁ ଛାଡ଼ିବି ନାହିଁ । ଦୁଇଜଣ ସାଥୀ ହୋଇ ରହିବା ପ୍ରତିଟି କ୍ଷଣ । ନିଷ୍ପାପ ଆତ୍ମା ଉଦ୍ୟାନରେ ଘୁରି ବୁଲିଲା ଗୋଲାପ କଢି ହୋଇ ମୋ ପ୍ରାଣ ପ୍ରିୟ ମୋତେ ଭ୍ରମର ରୂପରେ ସର୍ବଦା ଜାବୁଡ଼ି ଧରିଥାଅ । ତା'ପରେ ଭାବିଲା ଯଦି ନୂଆ ଜନ୍ମ ପାଇ ସେ ଯଦି କଣ୍ଟା ହୋଇ ପାଖରେ ରୁହନ୍ତେ ତେବେ ସେ ସବୁବେଳେ ହସୁଥାଆନ୍ତା, ଆଉ ତା' ଶରୀର କେହି ଛୁଇଁବେନି ।

ଏବେ ସେ ନୂଆ ଜନ୍ମ ପାଇ ତା'ଠାରୁ ବହୁତ ଦୂରରେ ରହି ସ୍ୱପ୍ନରେ ଖୁବ୍ ଜୋର୍ ରେ ସେ ହସେ । ତା'ର ଫୋଟୋ ଚିଠି ସବୁକିଛି ସ୍ମୃତି ସେ ସାଇତି ରଖିଛି, ପ୍ରେମିକ ପ୍ରଭାତରେ ଯେବେ ଦେଖେ ନିତିଦିନ ପ୍ରିୟାକୁ ତା'ର କୁହେ ପ୍ରିୟା ତୁମପାଇଁ ସବୁବେଳେ ଝରୁଛି ମୋର ଲୁହ ।

ଛୁଇଁ ଦେଇ ମୋର ଆଖିର ଲୁହକୁ ତୁମେ ପୋଛିଦିଅ ଆଉ କୁହନ୍ତନି କାନ୍ଦ ନାହିଁ ମୋର ପ୍ରାଣ ପ୍ରିୟ, ତୁମେ ମୋ ରାଜା ମୁଁ ତୁମର ରାଣୀ ଚାଲ ଦୁହେଁ ମିଶି ଜହ୍ନରେ ଗଢ଼ିବା ଘର । ଜହ୍ନରେ ଜାଗା କିଣି ସାରିଛି ପ୍ରେମିକ ସତ । ତୁମର ସେଦିନର ଚୁଲ୍ ବୁଲ୍ କଥା ଶୁଣୁଛି ମୁଁ ଅନେକ ବେଳ ସ୍ୱର୍ଗର ସୁଖ ମୁଁ ଅନ୍ତରରେ ପାଉଛି । ତୁମେ ଅଣଦେଖା କରି ମୁହଁ ଲୁଚାଇଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋର ଛାତିର କଲିଜା ଛିଣ୍ଡି ପଡୁଛି ସତରେ ।

ମୋତେ ଥଟ୍ଟା କରି ସଜା ଦିଅନାହିଁ ପ୍ରିୟେ ।

ତାକୁ ନପାଇଲେ ନିଶ୍ଚେ ମରିଯିବି ବୋଲି କହୁଥାଏ ଆହୁରି ସଦାବେଳେ ଭାବନାରେ ହଜି ଯାଇଥାଏ ଆନମନା ହୋଇ କହୁଥାଏ । ତୁମେ ମୋ ଦିନ ତୁମେ ମୋ ରାତି ତୁମେ ମୋ ଜୀବନ୍ତ ମାଛ ସଦୃଶ୍ୟ ହେଲେ ମୁଁ ତୁମର ଲାଞ୍ଛ ସତ।

ଗୋଲାପ ଦିବସରେ ଗୋଲାପ ଦେଇ କୁହେ ତୁମେ ମୋ ହୃଦୟର ସଜ ଗୋଲାପ କଣ୍ଟା ହୋଇ ତୁମର ପାଶେ ପାଶେ ରହିଥିବି ଓଜାଡ଼ିଦେବି ସବୁ ଖୁସି ପୋଛିଦେଇ ମୋର ବିଳାପ । ଆମ ଶାଶ୍ୱତ ପ୍ରେମରେ କିଏ ବାଧା ଦେବ କିନ୍ତୁ ଆତ୍ମାର ମିଳନ ସ୍ଥାନତ ହୋଇଛି ନିରୁପିତ ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାଗ୍ୟର ବିଡ଼ମ୍ବନା



ମଧୁସ୍ମିତା ସାହୁ

ଈଶ୍ୱରଙ୍କ ସୃଷ୍ଟି ଅନେକ ଐଶ୍ବର୍ଯ୍ୟର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଣେ ରୂପବତୀ ଗୁଣମତୀ, ବୁଦ୍ଧିମତୀ, ସରଳ, ଶାନ୍ତ ସ୍ୱଭାବ, ଅଭିମାନିନୀ, ମନ ମୋହିନୀ ଝିଅଟିଏ ଥିଲେ । ତାଙ୍କ ନାମ ଥିଲା "କଦ୍ଧୁଣୀ ଦେବୀ ", ଶ୍ରଦ୍ଧାରେ ତାଙ୍କୁ ସମସ୍ତେ "କଲ୍ୟାଣୀ "ବୋଲି ଡାକନ୍ତି ।

ସେ ଦେଖିବାକୁ ମନୋହର ଯେପରି ମନ ସେପରି ନିର୍ମଳ, ସଭିଙ୍କୁ ସ୍ନେହ ଆଦର କରି ବାନ୍ଧି ରଖିବାକୁ ସର୍ବଦା ଉଦ୍ୟମରତ । ଦେଖିବାକୁ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଠାରୁ ବି ଆକର୍ଷଣୀୟ । ବାପା ମାଁ ତାଙ୍କର ବହୁତ କମ୍ ବୟସରେ ଏକ ସମ୍ଭ୍ରାନ୍ତ ବୈଭବଶାଳୀ ପରିବାରରେ ବିବାହ କରିଥିଲେ, ସୁନା ରୂପା, ଧନସମ୍ପଦ, ଜମିବାଡ଼ି ଘରଦ୍ୱାର ସବୁ ଥିଲା, ସେ ରାଣୀ ଭୋଗ କରି ରହିବ ବୋଲି ବହୁତ ଆଶା କରି ବାପା ମାଁ ଓ ଶାଶୂ ଶ୍ୱଶୁର ବହୁତ ଆଲୋଚନା କରି ପଦକ୍ଷେପ ନେଇଥିଲେ । ଠିକ୍ ସେୟା ହିଁ ହେଲା, ବହୁତ ଖୁସି ଆନନ୍ଦ ମତିରେ କିଛି ସମୟ ଅତିବାହିତ ହୋଇଗଲା, ପାଞ୍ଚ ପୁଅ ତିନି ଝିଅ ଭଣଜା ଭାଣିଜୀଙ୍କୁ ଧରି କୁଟୁମ୍ବ ଗଢିଲେ । କିଛି ସମୟ ବିତିଗଲା ପରେ ତାଙ୍କ ବାପା ମାଁ, ଶାଶୁ ଶ୍ୱଶୁର ସମସ୍ତେ ଇହଲୀଳା ସମ୍ବରଣ କରିଦେଲେ ।

ଏଥି ଉତ୍ତାରୁ ତାଙ୍କ ଦୁଃଖର ଦିନ ଆରମ୍ଭ ହେଲା, ତାଙ୍କ ସ୍ୱାମୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ ଅଳସୁଆ ହୋଇ ସବୁ ସମ୍ପତିକୁ ବିକିଭାଙ୍ଗି ଗୁଜୁରାଣ ମେଣ୍ଟାଇବାରେ ଲାଗିଲେ, ଏପରି ସବୁ ଧନସମ୍ପଦ, ଜମିବାଡ଼ି, ଘରଦ୍ୱାର କ୍ଷୟ ହୋଇ ଚାଲିଲା । ପିଲାମାନେ ସବୁ ବଡ଼ ହୋଇ ରୋଜଗାର କରିବା ପାଇଁ ଅନ୍ୟାନ୍ୟ ସ୍ଥାନକୁ ସ୍ଥାନାନ୍ତର ହୋଇ ବଞ୍ଚି ରହିବା ପାଇଁ ବ୍ୟସ୍ତତା ଭିତରେ ରହିଲେ ।

ପିଲାମାନେ ସବୁ ଅନ୍ୟ ସ୍ଥାନକୁ ଯିବା କଥା ମାଁଙ୍କର ଜମାରୁ ଇଚ୍ଛା ନଥିଲା । ସେ ପିଲାମାନଙ୍କୁ ଝୁରି କାନ୍ଦିବା ଆରମ୍ଭ କଲେ ଓ ବିଭିନ୍ନ ରୋଗାକ୍ରାନ୍ତ ହେବା ଯୋଗୁଁ ଧିରେ ଧିରେ ଦୂର୍ବଳ ହୋଇ ପଡିଲେ । ସେତେବେଳେ ପିଲାମାନେ ସବୁ ଅନ୍ୟାନ୍ୟ ସ୍ଥାନକୁ ଆପଣାର କରି ସାରିଥିଲେ, ଗାଁରେ ତାଙ୍କ ସହିତ ରହିବା ସମ୍ଭାବନା ନଥିଲା । ତାଙ୍କ ସ୍ୱାମୀ ବହୁତ ଖଳପ୍ରକୃତିର, ସେ କାହା ସହିତ ଖାପ ଖୁଆଇ ଚଳିବାକୁ କଷ୍ଟ ହେଉଥିଲା ।

ବୋହୂ ପୁଅ ନାତିନାତୁଣୀ ସାଥିରେ ଧରି କୁଟୁମ୍ବ ଭିତରେ ରହିବାକୁ ଆଶା ଧୂଳିସାତ ହୋଇଗଲା, ପାଞ୍ଚ ପୁଅର ଅଲଗା-ଅଲଗା ଘର ଦେଖି ଗୁମୁରି ଗୁମୁରି କାନ୍ଦୁଥିବାର, ସଭିଙ୍କୁ ସ୍ନେହ ପ୍ରେମ ଶ୍ରଦ୍ଧାରେ ବାନ୍ଧିବା ବ୍ୟକ୍ତି ବିଶେଷ ସର୍ବଦା ମନୋମାଳିନ୍ୟ ରହି ଉଚ୍ଚ ରକ୍ତଚାପ, କିଡନୀ ରୋଗ ହୋଇ ସେ ଇହଲୀଳା ସମ୍ବରଣ କରିଦେଲେ ।

ସେ ସବୁବେଳେ ଶଂଖା ସିନ୍ଦୂର, ଅଳତା ଚୁଡ଼ି ମାଳୀକୁ ଭଲପାଇବା ଶ୍ରଦ୍ଧାଳୁ ଥିବାରୁ ତାଙ୍କ ମୃତ୍ୟୁ ସଧବା ଐଶ୍ବର୍ଯ୍ୟ ବଦନୀ ହୋଇ, ଐହ୍ୟରାଣୀ ରୂପେ ଚାଲିଗଲେ ।

ସଂସାର ମଧ୍ୟରେ ଦୁଃଖ ସହିବାକୁ ବାଧ୍ୟ ହେଲେ, କିଛି ଲାଭ ନାହିଁ, କିଛି ସୁଖ ନାହିଁ, ହତାଶ ଅନୁଭବ କରି ନିଶ୍ୱାସ ଛାଡ଼ିଲେ ।

ନୀତିଶିକ୍ଷା---_--

୧ - ବସି ଖାଇଲେ ନଇବାଲି ସରେ, ଅଳସୁଆ ହେଲେ ଜଣଙ୍କ ପାଇଁ ସବୁ ପରିବାର ଦୁଃଖ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୋଗିବାକୁ ପଡ଼ିବ ଏଣୁ ଘରର ମୁରବୀ ମୁଖିଆ ଉଚିତ ପଦକ୍ଷେପ ନେବା ଉଚିତ ।

୨ - ସର୍ବଦା ଶଂଖା ସିନ୍ଦୂରକୁ ଭଲ ପାଇଲେ ହିଁ ସାଥିରେ ସେହି ଶଂଖା ସିନ୍ଦୂର ଅଳତା ନେଇ ଐଶ୍ୱର୍ଯ୍ୟ ବଦନୀ ହୋଇଯିବା ।

୩ - ପିଲାମାନେ ସବୁବେଳେ ଏକାଠି ରହିବାକୁ ମାଁ ଚାହାଁନ୍ତି, ଯଦି ଏକାଠି ରହିଥାନ୍ତେ, ତେବେ ମାଁ ରୁଗ୍ଣ ଜରାଜୀର୍ଣ୍ଣ ହୋଇ ନଥାନ୍ତେ ।

୪ - ଏକତା ହିଁ ବଳ, ଯୌଥ ପରିବାରରେ ଏକ ଐଶ୍ବର୍ଯ୍ୟ ଅବଦାନ ରହିଛି ଗୁଣ, ଜ୍ଞାନ ବୁଦ୍ଧି ଶିକ୍ଷା ସବୁ ବୈଭବଶାଳୀ ଥାଏ, ଯାହା ସଂସ୍କାର ଭରା ଥାଏ, ତାକୁ ବଜାୟ ରଖିବା ଜରୁରୀ ।

ମଧୁସ୍ମିତା ସାହୁ,
ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ ,ଓଡ଼ିଶା
ମୋ-୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ବୋଧେ ପ୍ରେମ



ଡାନଶ୍ରୀ ପାଣିଗ୍ରାହୀ

ଜୀବନର ଚଲାପଥରେ ଅନେକ ମାଇଲଖୁଣ୍ଟ... କେଉଁଠି କେତେବେଳେ ଅଟକି ଯିବାକୁ ପଡ଼େ... ତ କେଉଁଠି ପାଦଚିପି ଆଗକୁ ଯିବାକୁ ପଡ଼େ... ମୁଁ ଜୀବନର ଚଲାପଥରେ ଅନେକ ସଂସ୍ପର୍ଶରେ ଆସିଥିଲି... ସମସ୍ତଙ୍କ ସହିତ ମିଶିବାର ସୁଯୋଗ ପାଇଥିଲି... ହେଲେ ତୁମେ କାହିଁକି ମୋ ଦୃଷ୍ଟିରେ ଅନ୍ୟମାନଙ୍କ ଠାରୁ କିଛିଟା ସ୍ୱତନ୍ତ୍ର ଭିନ୍ନ ବୋଲି ମନେ ହୋଇଥିଲ... ଆଉ ସେଇଥିପାଇଁ ଖୁବ ଅଳ୍ପ ସମୟ ମଧ୍ୟରେ ସମୁଦ୍ରର ଶାମୁକା ମଧ୍ୟରେ ମୁକ୍ତା ଥିବା ଭଳି ତୁମକୁ ସାଗରରୁ ଖୋଜି ପାଇଛି ଚନ୍ଦ୍ରିକା...

ଚନ୍ଦ୍ରିକା ଚାହିଁଥିଲା ଚନ୍ଦ୍ରକାନ୍ତ ବାବୁଙ୍କ ମୁହଁକୁ... ଆଖିରେ ସ୍ୱଚ୍ଛ ଚାହାଁଣି... ହୃଦୟ କେତେ ସରଳ.. ଆଖିରେ କିଛି ପାଇବାର ଆକାଂକ୍ଷା... ଅଳ୍ପ ଦିନର ବନ୍ଧୁତା... ଶିକ୍ଷା ବିଭାଗରେ ଦୁହେଁ କାର୍ଯ୍ୟରତ.... କେତେବେଳେ କେଉଁଠି ଟ୍ରେନିଂ ଦେଖା ହୋଇଥିଲା... ସେଇ ଦିନଠୁ ଅଳ୍ପ ପରିଚୟ....

କଣ ଭାବୁଛ ଚନ୍ଦ୍ରିକା... ମୁଁ କଣ ତୁମ ପସନ୍ଦର ମଣିଷ ନୁହଁ... ? ଏ ଥରେ କହି ଦିଅନା ତୁମେ I love you..

ଦେହସାରା ଭିଜି ଯାଇଥିଲା ଅହେତୁକ ଶିହରଣରେ... ଆଖି ଦୁଇଟି ବନ୍ଦ ହୋଇଗଲା ଲାଜରେ... ଓଠ ଦୁଇଟି ଥରିଗଲା... ରୋମାଞ୍ଚ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିହରଣର ଅପୂର୍ବ ମିଶ୍ରଣରେ ଆବେଗ ଭରି ଯାଉଥିଲା ସମଗ୍ର ଶରୀର...ବହୁ ସମୟ ନୀରବତା ଭେଦ କରି ଥରିଲା କଣ୍ଠରେ କହିଲା...I love you...

ସେଇ ଦିନଠୁ ଚନ୍ଦ୍ରିକା ଓ ଚନ୍ଦ୍ରକାନ୍ତର ଅତ୍ୟନ୍ତ ମଧୁର ସମ୍ପର୍କ ବଢ଼ିଚାଲିଲା... ଯଦିଓ ଦୁହେଁ ଦୁହିଁଙ୍କ ଠାରୁ ବହୁ ଦୂରରେ ଥିଲେ କିନ୍ତୁ ମାସରେ ଗୋଟିଏ ଦିନ ସେମାନେ ପରସ୍ପରକୁ ସାକ୍ଷାତ କରୁଥିଲେ... ସୁଖ ଦୁଃଖ ବାଣ୍ଟୁଥିଲେ...

ଦିନେ ସାଗର ବେଳାରେ ଚନ୍ଦ୍ରିକା ଚନ୍ଦ୍ରକାନ୍ତର କୋଳରେ ମୁଣ୍ଡରଖି ବାଲୁକା ରାଶି ଉପରେ ଶୋଇଥାଏ... ଚନ୍ଦ୍ରକାନ୍ତର ଲୁହ ସବୁ ଟପ ଟପ ହୋଇ ପଡୁଥିଲା... ଏ କଣ ତୁମ ଆଖିରେ ଲୁହ... କଣ ପାଇଁ... ? ?

ଚନ୍ଦ୍ରକାନ୍ତ ଛୋଟ ପିଲାଟି ପରି ଜୋରରେ ଚିତ୍କାର କରି ଚନ୍ଦ୍ରିକାକୁ ଖୁବ ଆତ୍ମୀୟତାର ସହ ଜଡ଼ାଇ ଧରି କହିଲା... ଏ ମୋତେ ତୁମେ କେବେ ଛାଡି ଚାଲି ଯିବନି ତ... ? ? ?

ଚନ୍ଦ୍ରିକା ଆଶ୍ୱାସନା ଦେବାକୁ ଯାଇ... ତାର ସୋହାଗ ପଣତରେ ଅଶ୍ରୁ ପୋଛି ପଚାରିଲା... ସତ କୁହ... କଣ ପାଇଁ କାନ୍ଦି ଏମିତି ମୋତେ କହିଲ...

ଚନ୍ଦ୍ରକାନ୍ତ ସବୁ କହିଗଲା... ଏହା ପୂର୍ବରୁ ଚନ୍ଦନାକୁ ଭଲ ପାଉଥିଲା.... ଧନୀ ଘରର ଝିଅ ସେ... ଦୁହିଁଙ୍କ ପ୍ରେମ ସମ୍ପର୍କ ଏତେ ବଢ଼ିଗଲା ଯେ.. ଶେଷରେ ଦୁହେଁ ବିବାହ କରିବାକୁ ନିଷ୍ପତି ନେଲେ... ହେଲେ ବିଧିର ବିଧାନ ଥିଲା ଅନ୍ୟ ପ୍ରକାରର... ଚନ୍ଦ୍ରକାନ୍ତ ମଧ୍ୟବିତ୍ତ ପରିବାରର... ପୁଣି ସରକାରୀ ଚାକିରୀ ନ ଥିଲା... ଏ ବିବାହ ଅସମ୍ଭବ ବୋଲି ଚନ୍ଦନାର ବାପା... ଚନ୍ଦ୍ରକାନ୍ତଙ୍କ ବାପାଙ୍କ ପାଖକୁ କିଛି ଅସାମାଜିକ ଲୋକ ପଠାଇ ଧମକ ଦେଇଥିଲେ... କଅଁଳ ନୀରିହା ଚନ୍ଦନା ଚିଠିଟିଏ ଲେଖିଥିଲା... ଚନ୍ଦ୍ରକାନ୍ତ... ମୋତେ ଭୁଲ ବୁଝିବନି... ବାପାଙ୍କର ମାଡ଼ ଗାଳି ଆଉ ସହିପାରୁନି... ତୁମକୁ ନ ପାଇ ମୁଁ ଚାଲିଯାଉଛି ଜହ୍ନ ରାଇଜକୁ... ଆର ଜନମରେ ଆମେ ସେଇଠି ପ୍ରେମର ଘର କରିବା... ଅଗଣାରେ ବହୁତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଲାପ ଗଛ ଲଗାଇବା... ତୁମେ ମୋତେ ସବୁଦିନ ଗୋଟିଏ ଗୋଲାପ ଫୁଲ ମୋତେ ଉପହାର ଦେବ... ସେଠି କେହି ଆମକୁ ଅଲଗା କରିପାରିବେନି... ନାଁ ଥିବ ମୋ ବାପାଙ୍କର ଅହଂକାର ନାଁ ଅନୁଶାସନ... ? ? ?

ବିଦାୟ...

ଚନ୍ଦନା ବିଷପିଇ ସବୁଦିନ ପାଇଁ ଆର ପାରିକୁ ଚାଲିଗଲା....ସେଇ ଦିନଠୁ ମୁଁ ମରି ଯାଇ ସତେ ଯେମିତି ତା ସାଙ୍ଗରେ ମୋ ଆତ୍ମା ଯେମିତି ଯମପୁର ଚାଲି ଯାଇଛି... ଖାଲି ଶରୀର ଏଠି ପଡି ରହିଛି...

ଆଜି ଗୋଲାପ ଦିବସ...ସାଗର ବେଳା ଉପରେ ମୋତେ ଜହ୍ନରେ ଦେଖା ଯାଉଛି ତାର ନିରୀହ ମୁହଁ ସତେ ଯେମିତି କହୁଛି... ଆଜି ମୋତେ ଗୋଲାପଟିଏ ଦେବନି କି... ?

ଚନ୍ଦ୍ରିକା କଥାର ପୂର୍ଣ୍ଣଛେଦ ଟାଣି କହିଲା... ଧୈର୍ଯ୍ୟ ଧର... ପଛ କଥା ଭୁଲି ଯାଅ... ମୁଁ ଆଜି ଠାରୁ ସେତିକି ଭଲ ପାଇବା ଦେବି...ତୁମର ସବୁ ଆବେଗକୁ ମୁଁ ପ୍ରେମର ରଙ୍ଗରେ ଭରିଦେବି... ସତରେ ଚନ୍ଦ୍ରକାନ୍ତ ଏମିତି ଏକ ସ୍ନେହ କାଙ୍ଗାଳ ମଣିଷଟିଏ... ଏହି ଭଳି ଘଟିଯାଇଥିବା କରୁଣ କାହାଣୀ ଶୁଣି ଚନ୍ଦ୍ରିକା ଆଖିରେ ମଧ୍ୟ ଲୁହ ଆସିଗଲା...

ଚନ୍ଦ୍ରକାନ୍ତ ଚନ୍ଦ୍ରିକାର ଲୁହ ପୋଛି ଦେଇ କହିଲା... ଆଜିଠାରୁ ତୁମେ ମୋର ସେହି ହଜିଲା ଗୋଲାପ... ମୁଁ ହତଭାଗ୍ୟ କଣ୍ଟା ଭଳି ଏକ ଅସହାୟ ମଣିଷ... ଦୁହେଁ ଦୁହିଁଙ୍କୁ ଜଡ଼ାଇ ଧରିଥିଲେ... ଯୁଗ ଯୁଗର ସମ୍ପର୍କ ପରି....

ଛୋଟ ଶବ୍ଦ ଦୁଇଟି ଅକ୍ଷର ପ୍ରେମ... ବଦଳାଇ ଦେଇପାରେ ଜୀବନର ଗତିପଥ...ପ୍ରେମର ଦୁଇଟି ଅନୁଭବ... ଗୋଟିଏ ରୂପ ପୂର୍ଣ୍ଣତାର... ଅନ୍ୟଟି ନିଃସଙ୍ଗତାର.... ll

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ପରି କିଏ ହେବ



ଭାରତୀ ଲେଙ୍କା

ଏକ ଛୋଟ ଗାଁରେ ଜଣେ ମା ରହୁଥିଲେ, ଯାହାର ଦୈନନ୍ଦିନ କାର୍ଯ୍ୟ ବହୁତ ବ୍ୟସ୍ତ ଥିଲା । ସେ ପିଲାମାନଙ୍କର ଯତ୍ନ ନେଉଥିଲେ, ଘର କାମ କରୁଥିଲେ ଏବଂ କ୍ଷେତରେ ପରିଶ୍ରମ କରିଥିଲେ । ତାଙ୍କ ସ୍ୱାମୀ ସର୍ବଦା ରୋଗଗ୍ରସ୍ତ ରହୁଥିବାରୁ ତାଙ୍କ ସ୍ୱାମୀଙ୍କର କୌଣସି ସାହାଯ୍ୟ ନଥିଲା ।

ଦିନେ ଗାଁରେ ବହୁତ ଉତ୍ସାହର ସହିତ ଏକ ମେଳା ଅନୁଷ୍ଠିତ ହୋଇଥିଲା । ମାତା ଦେଖିଲେ ଯେ ପିଲାମାନଙ୍କ ପାଇଁ ମେଳାରେ ଅନେକ ଆକର୍ଷଣୀୟ ଖେଳନା ଏବଂ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି । କିନ୍ତୁ ସେତେବେଳେ ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନଥିଲା ।

ମା ଭାବିଲେ, ମୁଁ କାହିଁକି ମେଳାରେ ମୋର କିଛି ସରଞ୍ଜାମ ବିକ୍ରୟ କରିବି ନାହିଁ, ଯାହାଫଳରେ ମୁଁ ମୋ ପିଲାମାନଙ୍କ ପାଇଁ କିଛି ବିଶେଷ କିଣି ପାରିବି ।

ସେ ଘରେ ପ୍ରସ୍ତୁତ କରିଥିବା କିଛି ବୁଣା ସାମଗ୍ରୀ ନେଇ ମେଳାରେ ପହଞ୍ଚି ବିକ୍ରୟ କରିବା ଆରମ୍ଭ କଲେ । ତାଙ୍କର ଦକ୍ଷତା ଏବଂ ଉତ୍ସାହ ତାଙ୍କୁ ଭଲ ଲାଭ ଦେଇଥିଲା ।

ପିଲାମାନଙ୍କର ସୁଖ ଦେଖି ମାତାର ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହେଲା । ସେ ଅନୁଭବ କଲେ ଯେ ତାଙ୍କ ପରିଶ୍ରମ ଏବଂ ସଂଘର୍ଷ ତାଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବାର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ।


ଏହି କାହାଣୀରୁ ଆମେ ଜାଣୁ ଯେ ଯେପରି ଜଣେ ମା ଘରର ସମସ୍ତ କାର୍ଯ୍ୟ କରନ୍ତି, ସେହିପରି ତାଙ୍କ ସୁଖ ପାଇଁ ସମୟ ବାହାର କରିବାର ଅଧିକାର ଆମର ମଧ୍ୟ ଅଛି । ସେମାନଙ୍କର ସଂଘର୍ଷ ଏବଂ ପରିଶ୍ରମ ଆମକୁ ସବୁବେଳେ ପ୍ରେରଣା ଦେଇଥାଏ । ମାଆ ପରି ସଚ୍ଚା ପ୍ରେମ ଆଉ କେହି ଦେଇ ପାରିବେ ନାହିଁ, ମାଆ ରୂପରେ ଈଶ୍ୱରଙ୍କ ଆଶୀର୍ବାଦ ସର୍ବଦା ଆମକୁ ପ୍ରାପ୍ତ ହେଉ ଥାଉ ଏତିକି ପ୍ରାର୍ଥନା, ମାଆ ସବୁବେଳେ ମାଆ, ମାଆର ବିକଳ୍ପ ନାହିଁ ।

ଭାରତୀ ଲେଙ୍କା, କେନ୍ଦ୍ରାପଡ଼ା*

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ମଧୁସ୍ମିତା ବେହେରା

ସ୍ୱପ୍ନ ମୋ ପାଇଁ ଏକ ଏପରି ଶବ୍ଦ ଯାହାର ସଂଜ୍ଞା ଦେବା ପାଇଁ ମୁଁ ଅସମର୍ଥ । କାହାକୁ କାହାକୁ କହିବି ମୁଁ ସ୍ୱପ୍ନ ? ? ଯାହାକୁ ରାତିର ନିଦରେ ଦେଖେ, ନା ଯାହାକୁ ମନରେ ଭାବି ଆଶା ରଖେ ! ! କୁହନ୍ତି ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନି ! ତାହାଲେ କଣ ଯିଏ ସମୟ ପରିସ୍ଥିତି ମଧ୍ୟରେ ଫସି ଆଜି ମେଧାବୀରୁ ଶ୍ରମିକ ହେଇ ରାତିରେ ନିଦକୁ ଭୁଲି ଦିନରାତି କେଇଟା ପଇସା ପାଇଁ ଅନବରତ କାମ କରୁଛି, ସେ କାମକୁ କହିବା ଆମେ ସ୍ୱପ୍ନ ? ? ନା, ଇଚ୍ଛା ବିରୋଧରେ ହେଉଥିବା କାର୍ଯ୍ୟ କେବେ ସ୍ୱପ୍ନ ହୋଇନପାରେ !

ରୌପ୍ୟ ସହର ପାଦଦେଶରେ ଅବସ୍ଥିତ ଏକ ଗ୍ରାମ ଯାହାର ନାମ ସ୍ୱପ୍ନନଗର, ଗାଁର ନାଁ ଯେମିତି ସେଠାକାର ଅଧିବାସୀଙ୍କ ଆଗ୍ରହ ଓ ଆଶା ମଧ୍ୟ ଠିକ୍ ସେମିତି ଉଚ୍ଚ । ଗ୍ରାମରେ ଥାଏ ଜମିଦାରୀ ପ୍ରଥା । ଜମିଦାରଙ୍କ ସହ ଅନ୍ୟାନ୍ୟ ଜାତିର ଲୋକ ମଧ୍ୟ ଗ୍ରାମରେ ବସବାସ କରନ୍ତି । ଜମିଦାରଙ୍କ ଘର ଗାଁର ଉପର ମୁଣ୍ଡରେ ଥିବା ବେଳେ ଗାଁର ଶେଷଭାଗରେ ଥାଏ ଏକ ଗରିବ କମାର ପରିବାର, କିନ୍ତୁ ଜାତି - ଗୋତ୍ର, ଧନୀ - ଦରିଦ୍ର ନିର୍ବିଶେଷରେ ଜମିଦାର ଓ କମାର ପୁଅ ଦୁହେଁ ଭଲ ସାଙ୍ଗ । ଗୋଟିଏ ସ୍କୁଲରେ ପଢ଼ନ୍ତି ଓ ତାଙ୍କ ଦୁହିଁଙ୍କର ସମାନ ଲକ୍ଷ୍ୟ ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ଶିକ୍ଷକ ହେବେ । ଲକ୍ଷ୍ୟ ଥିଲେ ମଧ୍ୟ ଜମିଦାର ପୁଅ ରାହୁଲ ଛାଡିପାରିନି ତା ସଉକ ଏବଂ ଅନ୍ୟ ଦିଗରେ କମାର ଥିଲା ଭାରି ଗରିବ ଓ ସେ ଗରିବୀରୁ ମୁକ୍ତି ପାଇବା ପାଇଁ କମାର ପୁଅ ରାକେଶ କରୁଥିଲା ଅକ୍ଲାନ୍ତ ପରିଶ୍ରମ । କେବେ ଶାନ୍ତିରେ ବସିନି ସେ, ପାଠ ସହ ବାପାଙ୍କୁ ମଧ୍ୟ କମାର କାର୍ଯ୍ୟରେ ସାହଯ୍ୟ କରୁଥିବାବେଳେ ରାହୁଲ ଜମିଦାର ବାପାଙ୍କ ସହ ଏକା ସଙ୍ଗେ ମଉଜ-ମଜଲିସ ଦିନ କାଟେ । ହାଇସ୍କୁଲ ପାଠ ସରିବା ପରେ ଜମିଦାର ପୁଅ ରାହୁଲ ଯାଇଛି ସହରକୁ ଆଉ ଭୂଲିଯାଇଛି ତା ସାଙ୍ଗ ରାକେଶକୁ ତଥାବି ରାକେଶ ତା ଆସିବା ବାଟକୁ ଚାହିଁ ରହି ସାଲିସ କରିନି ତା ପରିଶ୍ରମ ସହ । A Cରେ ଶୁ ଶୁ ଶବ୍ଦରେ ବସି ବଡ଼ ଲାଇବରୀରେ ପଢୁଥିବା ବେଳେ ରାକେଶ ଝଡ଼ ବତାସକୁ ସାଥୀ କରି ପଇସା ଅଭାବରୁ ପଢୁଛି ଛୋଟ ଏକ ପାର୍କରେ ।

ଦୁହିଁଙ୍କର ଆଶା କେବେ ଶିକ୍ଷକ ନିଯୁକ୍ତି ଆସିବ । ଦୀର୍ଘ ୪ ବର୍ଷ ପରେ ହଠାତ୍ ଆସେ ଶିକ୍ଷକ ନିଯୁକ୍ତି ଚିଠି । ରାକେଶ ସ୍ୱପ୍ନ ସାକାର ହେବ ଭାବି କହିଲେ ଖୁସି ନସରେ, କିନ୍ତୁ ରାହୁଲର ଦୁଃଖ ତା ଖୁସି ଠାରୁ ଅଧିକ କାରଣ ବର୍ଷ ତମାମ ଉଚିତ୍ କଷ୍ଟ ନକରି ମଜଲିସରେ ପଢୁଥିବା ରାହୁଲର ଆଶା ଅଧାରେ ରହିବ ଇତି ମଧ୍ୟରେ ସରିଯାଇଛି ପରୀକ୍ଷା ହେଇଯାଇଛି ନିରୀକ୍ଷା ବାକି ଅଛି କେବଳ ଅପେକ୍ଷା ।

ଟଙ୍କାରେ ବିଶ୍ୱାସ କରୁଥିବା ଜମିଦାର ବାବୁ ୧୫ ଲକ୍ଷ ଦେଇ ଅଯୋଗ୍ୟ ପୁଅକୁ କରିଛନ୍ତି ଯୋଗ୍ୟ । ପୁଅ ରାହୁଲ ହେଇଛି ସ୍ଥାନୀୟ ସରକାରୀ ବିଦ୍ୟାଳୟର ଜଣେ ନବ ନିଯୁକ୍ତ ଶିକ୍ଷକ । ସେପଟେ ଟଙ୍କାର ଅର୍ଥକୁ ବୁଝି ପରିଶ୍ରମ କରୁଥିବା ରାକେଶ ଟଙ୍କାର ଲୁଚା ଛପା ଭିତରେ ହେଇଯାଇଛି ଅଯୋଗ୍ୟ ଏବଂ ଶିକ୍ଷକ ହେଇଛି ଗୋଟିଏ ଘରୋଇ ବିଦ୍ୟାଳୟରେ ଯାହାର ମାସିକ ଦରମା ୫୨୦୦ ଟଙ୍କା । ସେତିକି ନୁହେଁ କେଉଁଠି ପଇସା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ରାକେଶ ଦିନରେ ସ୍କୁଲ ଓ ରାତିରେ ହାଡ଼ଭଙ୍ଗା କଷ୍ଟକୁ କରିଦେଇଛି ସାଥି । ଇତି ମଧ୍ୟରେ ହଜିଯାଇଛି ତା ଆଖିର ନିଦ, ଭାଙ୍ଗିଯାଇଛି ତା ଆଶାର ପାହାଡ଼ ଓ ମନରେ ଉଙ୍କି ମାରୁଛି ବାସ୍ତବ ଅର୍ଥ ସ୍ୱପ୍ନର।

ମଧୁସ୍ମିତା ବେହେରା
ପ୍ରାଣନାଥ ମହାବିଦ୍ୟାଳୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା



ନାରାୟଣ ଚନ୍ଦ୍ର ସେନାପତି

ଚହଲା ମନର ତତଲା ଭାବନା ଆନ୍ଦୋଳିତ କରୁଥିଲା ଆଦିତ୍ୟକୁ । ଅତୀତର ସ୍ମୃତି ଫରୁଆ ଖୋଲି ରଶ୍ମିର ପ୍ରେମକୁ ପଖାଳୁ ଥିଲା ନିରାଶାର ଅଶ୍ରୁରେ । କି ମଧୁମୟ ଥିଲା ସେ ଆଶା, କି ସୁନ୍ଦର ଆକୃତି ଥିଲା ଦୁହିଁଙ୍କ ପ୍ରେମ ନୀଳୟ! ଉଦାସୀ ମନଟା କାହିଁକି ଆଉଟୁ ପାଉଟୁ ହେଉଥାଏ । ରାଜଧାନୀର ଆଇଜି ପାର୍କର ଏକ ଝଙ୍କାଳିଆ ଗଛ ମୂଳରେ ଥିଲା ସିମେଣ୍ଟ ଆସନ ଉପରେ ବସି ଦୀର୍ଘ୍ ଶ୍ୱାସଟିଏ ଛାଡ଼ିଲା । ହଠାତ୍ ଏକ ଲାଇଟ୍ ୟେଲୋ ରଙ୍ଗର ଜେନୋଭା କାରରୁ ଓହ୍ଲାଇଲେ ଏକ ଦମ୍ପତ୍ତି । ହାତ ଧରାଧରି ହୋଇ ଉଚ୍ଛୁଳା ହସରେ ପବନକୁ ବାରେଇ ଦେଇ ପଶୁଥାନ୍ତି ପାର୍କ ଭିତରକୁ । ସ୍ତ୍ରୀ ଲୋକଟି ଏତେ ସୁନ୍ଦର ଯେ ସ୍ୱର୍ଗର ରମ୍ଭା କି ମେନକା ଫିକା ପଡ଼ିଯିବେ ତାଙ୍କ ରୁପ ପାଖରେ । ଜିନ୍ସ ସାଙ୍ଗକୁ ବ୍ଲାକ ଟି ସାର୍ଟ, ଚକମକିଆ ଗ୍ଲାସ୍ ସହ ଗୋରା ତକତକ ଚେହେରାରେ ସୁନେଲି ଓଠରେ ରୂପସୀ ସୌଦାମିନୀ ହସ । ଫର୍ ଫର୍ କମ୍ କମ୍ କେଶ ସାଙ୍ଗକୁ ସୁନ୍ଦର ଚାହାଣି ଓ ମଖମଲି ଚାଲି । ବିସ୍ମୟ ହୋଇଗଲେ ଆଦିତ୍ୟ । ନିଜ ଆଖିରୁ ଗ୍ଲାସ୍ ଉତ୍ତାରି ଭାବିଲେ, ଆରେ... ଏ ମୋ ରଶ୍ମି ନୁହଁ ତ ? ସେଇ ଆଖି ସେଇ ଓଠ ସେଇ ହସ ସେଇ ଚାଲି, ହଁ ଏ ରଶ୍ମି, ତା ଛଡା ଆଉ କିଏ ହେବ ? ତା ଆଗ ଦେଇ ଦୁହେଁ ଚାଲିଗଲା ବେଳେ ଆଦିତ୍ୟ ଉପରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କର ନଜର ପଡ଼ିଛି । ଥରେ ନୁହଁ ଦୁଇ ଥର ନୁହଁ ବରଂ ଚାରି ପାଞ୍ଚଥର ସେ ଫେରି ଚାହିଁଛନ୍ତି ଆଡ଼ିତ୍ୟକୁ । ଆଦିତ୍ୟ ମନରେ ଆଶା ଗଜରିଲା । ସତ୍ୟର ପତ୍ରଟା କିଛି ପବନ ନେଇ ସତେ ଯେମିତି ଆଦିତ୍ୟ ମୁହଁ କୁ ଆଉଁସି ଦେଲା । ହଠାତ୍ ଏକ ଫୋନ୍ କଲ ପରେ ତାଙ୍କ ସ୍ୱାମୀ ତୁରନ୍ତ ଚାଲିଗଲେ ବାହାରକୁ, ଏକା ସେହି ଗୋଲାପ ଫୁଲ ବଗିଚା ପାଖରେ ବସିଥାନ୍ତି ସେଇ ସୁନ୍ଦରୀ ମହିଳା ଜଣକ । ଆଦିତ୍ୟ ମନରେ ପୁଳାଏ ସାହସ ବାନ୍ଧି ଚାଲିଲା ତାଙ୍କ ପାଖକୁ ଏବଂ କହିଲା ରଶ୍ମି....କେମିତି ଅଛ ?

ମହିଳା ଜଣଙ୍କ ଚାହିଁ ମୁହିଁ ଫେରେଇ ନେବା ପରେ ପୁଣି ତାଙ୍କ କାନରେ ବାଜିଲା ରଶ୍ମି... ସତରେ ତୁମେ ମୋତେ ଚିହ୍ନି ପାରୁନ, ନାଁ ଅଚିହ୍ନାର ଅଭିନୟ କରୁଛ ?

କଣ କରିବ ସେ, ଏପଟେ ତାର ଯୁଗ ଯୁଗର ପ୍ରେମ ସନ୍ତକ, ସେପଟେ ନିଜ ବିବାହିତ ପତି, କେମିତି - କଣ - କିପରି... ଏଇ ପ୍ରଶ୍ନ ଗୁଡ଼ାକ ତା ମସ୍ତିଷ୍କକୁ କଲ ବଲ୍ କରୁଥାନ୍ତି । ଶେଷରେ ଶୃଗାଳଟିଏ ଅନ୍ୟ ଶୃଗାଳର ରଡ଼ି ଶୁଣି ନ ଭୁକିଲେ ତା ଛାତି ଫାଟିଯିବ ଭୟ କଲାଭଳି କହିଲା, ହଁ ମୁଁ ରଶ୍ମି... ଭଲ ଅଛି। ହେଲେ ତୁମେ.... ?

ଶେଷରେ ତୁମେ ମୋତେ ପର କରିଦେଲ ରଶ୍ମି ? କେମିତି ଲିଭେଇ ପାରିଲ ମନରୁ ???

ଆଖିରେ ଆଖିଏ ଲୁହ, ଛାତିରୁ ଛାତି ଏ କୋହ ମିଶା କଣ୍ଠରେ ରଶ୍ମି କହୁଥାଏ, କଣ କରିବି ? ତୁମକୁ ବହୁତ୍ ଖୋଜିଛି, ବହୁତ୍ ମନେ ପକାଇଛି, ହେଲେ ତୁମକୁ ପାଇଲି ନାହିଁ । ଶେଷରେ ପରିସ୍ଥିତିର ଚାପରେ... ମୁଁ ମହେଶଙ୍କ ହାତ ଧରିବାକୁ ବାଧ୍ୟ ହେଲି । ପ୍ଲିଜ୍ ମୁଁ ଏବେ ବିବାହିତା, ମୁଁ ମଧ୍ୟ ଗୋଟିଏ ସନ୍ତାନର ମାଆ, ଝିଅ ମୋର କଲେଜ ହଷ୍ଟେଲରେ ରହି ପଢୁଛି, ଏବେ ଆସିବେ ସେ, ମୋତେ ସେ ତାଙ୍କ ଜୀବନଠୁ ଅଧିକ ଭଲ ପାଆନ୍ତି । ସେ ଯଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ କଥା ଶୁଣିବେ, ଜାଣିବେ ମୋ ଲାଇଫଟା ନଷ୍ଟ ହୋଇଯିବ । ତୁମେ କେମିତି ଅଛ ଆଦିତ୍ୟ ? ମୋତେ ଦୟାକରି ଏକୁଟିଆ ଛାଡ଼ିଦିଅ ପ୍ଲିଜ୍ । ମୁଁ ତୁମକୁ କଷ୍ଟ ଦେବାକୁ ଚାହୁନି, ମୋ ଭୁଲ ପାଇଁ ମୋତେ କ୍ଷମା କରି ଦେବ ନା ?

ଆଖିର ଲୁହକୁ ସାଥୀ କରି ଭୋ ଭୋ କାନ୍ଦି ଏକ ନିଃଶ୍ୱାସରେ ନିଜ ଘର କୋଠରୀକୁ ଚାଲି ଆସିଲା ଆଦିତ୍ୟ । ବିଛଣା ଉପରେ ମୁହଁ ମାଡ଼ି ଶୋଇ ମନେ ପକାଇଲା ତା ବିଗିଡା ଜନ୍ମ ଜନ୍ମର ଅତୀତ ।

କାହାଣୀ ପରି ଲାଗୁଛି । ସପନପୁରୀ ରାଇଜର ଅଲିଅଳି ରାଜକୁମାରୀ ଥିଲ ପ୍ରୀତିଛନ୍ଦା । ଗୋଟିଏ ଚାଉଳରେ ଗଢ଼ା । ଦେଖିଲେ ଆଖି ଖୋସି ହୋଇଯିବ । ଯେମିତି ରୂପ ସେଇମିତି ଗୁଣ । ସତେ ଯେମିତି  ବିଧାତା ସ୍ୱତନ୍ତ୍ର କରି ଗଢିଛି ତାଙ୍କୁ କେବଳ ସୁନ୍ଦରତାର ଛାଞ୍ଚରେ । ସେ ଥିଲା ପାହାଡପୁର ରାଇଜର ଯୁବରାଜ । ରୂପ ଯେମିତି ତେଜ ସେମିତି ଜ୍ୟୋତି ବି ସେମିତି । ବଳ ବିକ୍ରମ ସଂସ୍କାରରେ ସେ ଥିଲେ ସବୁଠୁ ନିଆରା । ସେଥିପାଇଁ ବୋଧେ ବାପା ମାଆ ନାଁ ରଖିଥିଲେ ପ୍ରେମ କୁମାର । ହଠାତ୍ ଏକ ପ୍ରମୋଦ ଉଦ୍ୟାନରେ ଦେଖା ହୋଇଥିଲା ଦୁହିଁଙ୍କର । ସତେ ଯେମିତି ପରସ୍ପରର ଆଖି ଯୋଡିଏ ଖୋଜୁଥିଲା କରିବାକୁ ସ୍ୱାଗତ । ହେଲେ କେହି କାହା ସହ ପରିଚିତ ନ ହେଲେ ବି ହୃଦୟ ଲେନ୍ସରେ ଫଟୋ ବନାଇ ନେଇ ଯାଇ ଅପେକ୍ଷା କରିଥିଲେ ଭେଟଘାଟ ପାଇଁ ।

ଦିନେ ଜଙ୍ଗଲକୁ ପାରିଧି କରିବାକୁ ଆସିଥାନ୍ତି ପ୍ରେମ କୁମାର ଏକ ନିଦାଘ ବେଳାରେ । ଭୀଷଣ ଶୋଷ ହେବାରୁ ତୃଷା ନିବାରଣ ପାଇଁ ଘୋଡାରୁ ଓହ୍ଲାଇ ପହଞ୍ଚିଲେ ଏକ ନିର୍ଝରଣୀ କୂଳରେ ଯାହାର ଅପର ପାର୍ଶ୍ୱରେ ସଖୀ ମେଳରେ ସ୍ନାନ କରୁଥାନ୍ତି ପ୍ରୀତିଛନ୍ଦା ଆନନ୍ଦ ଉଲ୍ଲାସରେ । ସଖିମାନେ ରାଜକୁମାରଙ୍କୁ ନେଇ ରାଜକୁମାରୀଙ୍କୁ ଚିଡ଼ାଉଥନ୍ତି, ମଜା ଖୁସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥାନ୍ତି । ସେଇ ଭିତରେ ପ୍ରୀତିଛନ୍ଦାର ଲାଜ ଆଉ ପ୍ରେମ କୁମାରଙ୍କ ମୁରୁକି ହସ ସେ ମୁହୂର୍ତ୍ତକୁ ସୁଗନ୍ଧରେ ଭରି ଦେଇଥାଏ । ଦୁଇ ପ୍ରେମୀଯୁଗଳଙ୍କ ଆବେଗର ଝଲକରେ ପ୍ରକୃତି ବି ଲାଜେଇ ଯାଉଥାଏ । ହଠାତ ପ୍ରୀତିଛନ୍ଦାଙ୍କର ଗୋଡ ଖସିଯିବାରୁ ସେ ପାଣିରେ ବୁଡିଗଲେ । ବଞ୍ଚାଅ ବଞ୍ଚାଅ ସଖୀ ମାନଙ୍କର ଧ୍ୱନିରେ ମୁହୂର୍ତ୍ତେ ସମ୍ଭାଳି ନ ପାରି ଯୁବରାଜ ପାଣିକୁ ଡେଇଁ ଉଦ୍ଧାର କଲେ ପ୍ରୀତିଛନ୍ଦାଙ୍କୁ । ପେଟକୁ ଚାପି ପାଣି ବାହାର କରି କାନ୍ଧରେ ବସାଇ ନେଇ ପହଞ୍ଚିଲେ ସପନ ପୁରୀ ରାଜ ଉଆସରେ । ହେଲେ ଦୁଇ ରାଜ୍ୟର ରାଜାଙ୍କ ଶତ୍ରୁତା ପାଇଁ ତାଙ୍କୁ କୃତଜ୍ଞତା ବି ମିଳି ନଥିଲା । ସେଇ ଦିନଠାରୁ ଚାଲିଲା ପ୍ରତ୍ୟହ ରାଜକୁମାରୀ ଯୁବରାଜଙ୍କ ପ୍ରେମ କାହାଣୀ । ଦୁହେଁ ଏମିତି ନିବିଡ ହୋଇଗଲେ ଯେ ଦିନେ ନ ଦେଖିଲେ ପାଗଳ ପରି ହେଉଥିଲେ । ଦୁହିଁଙ୍କ ପ୍ରେମର ନିନାଦରେ ପ୍ରକୃତି ବି ପ୍ରକୃତିସ୍ଥ ହୋଇ ଯାଉଥିଲା । ହେଲେ ଦୁହିଁଙ୍କ ପରିବାର ଏ ମିଳାମିଶାକୁ ବିରୋଧ କଲେ । ଏ ସଂପର୍କ କାଟିବାକୁ ଖାଲି ବାରଣ ନୁହଁ ବରଂ ବିରୋଧ ବି କଲେ । ଉଭୟଙ୍କ ପିତା ମିଳାମିଶା କଲେ ଅପରକୁ ମାରି ଦେବାର ଧମକ ମଧ୍ୟ ଦେଲେ ।

ଜହ୍ନ ତା ନିରିମାଖି କଇଁକୁ କଣ ଭୁଲି ପାରେ ? ପ୍ରଭାକର ତା ପ୍ରାଣପ୍ରିୟା ପଙ୍କଜିନୀଙ୍କୁ କଣ ଭୁଲିପାରେ ?

ସେଇମିତି ପ୍ରୀତି ଛନ୍ଦା ଓ ପ୍ରେମକୁମାର ପରସ୍ପରର ସଂପର୍କ ଓ ନିବିଡ଼ତାକୁ କେମିତି ବା ଏଡେଇ ପାରିଥାନ୍ତେ । ସେଦିନ ନିଦାଘ ସନ୍ଧ୍ୟାରେ ପ୍ରେମକୁମାରଙ୍କ ଛାତିରେ ମଥା ଲୋଟି ପ୍ରୀତିନନ୍ଦା ଦରୋଟି ଭାଷାରେ କହିଥିଲା, ଏ..... ଆମ ସ୍ୱପ୍ନ କଣ ସାକାର ହେବନି ? ଏ ବିବାଦ ଭିତରେ କେମିତି ଆମେ ବିବାହ ବନ୍ଧନରେ ଛନ୍ଦି ହେବା ଯେ ? ସତରେ ତୁମକୁ ନ ପାଇଲେ ମୁଁ ମୋ ଜୀବନ ହାରି ଦେବି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ପାଗଳି ଏମିତି ସବୁ କୁହନ୍ତି, ଏ ପୃଥିବୀରେ କୌଣସି ଶକ୍ତି ନାହିଁ ଆମ ଏ ସଂପର୍କକୁ ଛିଣ୍ଡାଇବା ପାଇଁ, ରାଜକୁମାରୀଙ୍କ ମୁଣ୍ଡ ଆଉଁସି ପ୍ରେମ କୁମାର ଏ ପ୍ରେମ ବୋଳା କଥା କେଇପଦ କହିଥିଲେ ।

ଉଭୟ ରାଜାଙ୍କ ବିରୋଧ ଓ ଯନ୍ତ୍ରଣା ସହି ନପାରି ଦୁହେଁ ଏକ ରାତ୍ରୀରେ ଚାଲିଗଲେ ବହୁ ଦୂରକୁ । ରାଜକୁମାର ଓ ରାଜକୁମାରୀ ପରିଚୟ ବଦଳାଇ ସାଧାରଣ ମଣିଷ ଭାବେ ଆଦିତ୍ୟ ଆଉ ରଶ୍ମି ନାମରେ ପରିଚୟ ସୃଷ୍ଟି କରି ନୂଆ ଦୁନିଆଁରେ ପାଦ ଥାପିଲେ ଦୁହେଁ । ବିବାହ ବି ସରିଗଲା, ସ୍ୱାମୀ ସ୍ତ୍ରୀର ଅଭିନବ ସଙ୍ଗାରେ କାଳାତିପାତ କଲେ ହସ ଖୁସିକୁ ଜାବୁଡ଼ି ଧରି ।

କଥାରେ ଅଛି ପରା ପ୍ରଖର ଜଳସ୍ରୋତ ଓ ଦୃଢ଼ ପ୍ରତିଜ୍ଞା ବ୍ୟକ୍ତି ନିଜ ଗତି ପଥରୁ କେବେ ବିଚ୍ୟୁତ ହୁଅନ୍ତି ନାହିଁ ।

ଜଙ୍ଗଲ ପାଖ ଏକ ଗାଁରେ ରହିବା ପାଇଁ ଦୁହେଁ ପ୍ରେମ ହାତର ସ୍ୱର୍ଶରେ ବନାଇଲେ ଏକ ସ୍ୱର୍ଗସମ ବାସଘର । ଆଦିତ୍ୟ ଶ୍ରମିକ ସାଜି କଲେ କାମ, ଘରେ ରୋଷେଇ କରି ଆଦର୍ଶ ଗୃହିଣୀ ସାଜିଲେ ରଶ୍ମି । ଦୁହିଁଙ୍କ ଏ ଅନାବିଳ ପ୍ରୀତି, ପ୍ରେମର କୁହାଟ, ପ୍ରୀତିର ନିନାଦରେ ଗଗନ ପବନ ବୃକ୍ଷଲତା ବି ସ୍ତବ୍ଧ ଚକିତ ହେଉଥାଏ ।

କଥାରେ ଅଛି ବିପଦ ଯେତେବେଳେ ଆସେ ଭାଇ ବନ୍ଧୁ କୁଟୁମ୍ବଙ୍କୁ ସାଥିରେ ନେଇ ଆସେ । ସୁଖର ସମୟ ସବୁବେଳେ ରହେ ନାହିଁ । ଦିନକର କଥା । ଆଦିତ୍ୟ ନିତିଦିନ ପରି ସେଦିନ ଚାଲିଯାଇଥିଲେ ନିଜ କର୍ମ ସଂସ୍ଥାନକୁ । ଗଲା ବେଳେ କହିଥିଲେ, ଏ ରଶ୍ମି ମୁଁ ଆଜି ସଅଳ ଫେରିବି । ତୁମେ ପ୍ରସ୍ତୁତ ହୋଇଥିବ, ସନ୍ଧ୍ୟାରେ ଗାଆଁ ମୁଣ୍ଡରେ ଏକ ଯାତ୍ରା ହେଉଛି ବୁଲିବାକୁ ଯିବା । ଚାରିକାନ୍ଥରେ ବନ୍ଦୀ ହେଲା ପରି ରହି ରଶ୍ମି ବି ଚାହୁଁଥିଲା ଟିକେ ବୁଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିବାକୁ । ଖୁବ୍ ଶୀଘ୍ର ସବୁ କାମ ସାରିଦେଲା । ଆଦିତ୍ୟଙ୍କୁ ସବୁଠୁ ଭଲ ଲାଗୁଥିବା ଶାଢ଼ୀଟିଏ ପିନ୍ଧି ଉତ୍କଣ୍ଠାରେ ଚାହିଁ ରହିଥାଏ ରଶ୍ମି ଆସିବା ବାଟକୁ ।

ମଣିଷର ସବୁ ଆଶା କଣ ପୂରଣ ହୁଏ ? ବେଳେବେଳେ ସବୁ ସାଇତା ସ୍ୱପ୍ନର ମାଠିଆ ଢୋ କରି ଭାଙ୍ଗି ଯାଏ, ହାତରେ ଧରେଇ ଦେଇ ଭଙ୍ଗା ଖପରା ।

ଠିକ୍ ସେୟା ହିଁ ହେଲା । ରାଜକୁମାରଙ୍କ ପରିବାର ଲୋକ ଠିକଣା ପାଇ ପହଞ୍ଚିଲେ ସେଇ କୁଟୀରରେ ଯେଉଁ କୁଟୀରରେ ଏକାକୀ ଅପେକ୍ଷାରେ ଥିଲା ରଶ୍ମି ତା ମନର ମଣିଷକୁ । ବିଧିର ବିଧାନ, ଭାଗ୍ୟର ବିଡମ୍ବନା । ସଙ୍ଗେ ସଙ୍ଗେ ନିର୍ମମ ମଣିଷ ଗୁଡ଼ାକ ଖିନ ଭିନ୍ କରି ମାରି ଦେଇଥିଲେ ସେ ନିରୀହ ଆତ୍ମାଟିକୁ ।

ପବନ ଥରୁଥିଲା, ଆକାଶ ଡରୁଥିଲା, ପୃଥିବୀ ଧକେଇ କାନ୍ଦୁଥିଲା । କିଏ କହିବ ଆଦିତ୍ୟକୁ ଏ କଥା ? କିଏ ବୋଧ କରିବ ତାକୁ ?

କେତେ ଖୁସିରେ ସାଗର ଜଳ ଫୁଲିଲା ପରି ଆଦିତ୍ୟ ଅଧାବାଟରୁ ଚହଳ ପକାଉଥାଏ, ରଶ୍ମି., ରଶ୍ମି, ଆରେ ରେଡ୍ଡି ତ ? ଶୂନଶାନ ଶ୍ମଶାନରୁ କି ଶବ୍ଦ ବାହାରିବ ଯେ ? ଯଦି ଶବ କଥା କହିପାରନ୍ତା ତେବେ ଶିବଙ୍କୁ କିଏ ବା ଡାକନ୍ତା ?ଆସି ଯାହା ଦେଖିଲା ତା ଆଖି ବିଶ୍ୱାସ କରି ପାରିଲା ନାହିଁ । ତା ସ୍ୱପ୍ନ ଭାଙ୍ଗିଗଲା, ତା ଆଶାର ପାହାଡ ଖସି ପଡିଲା, ତା ପୁନେଇଁ ଜହ୍ନରେ ତୋଳା କଳ୍ପନା ଘର ଆଜି ଅମାବାସ୍ୟାର ଅନ୍ଧକାରରେ ଘୋଡ଼େଇ ହୋଇଗଲା । କି ବିକଟାଳ ଚିତ୍କାର... କି ଯନ୍ତ୍ରଣା ଜର୍ଜରିତ ଆତୁର କ୍ରନ୍ଦନ । ମସ୍ତିଷ୍କର ଭାରସାମ୍ୟ ହରାଇ ପାଗଳ ପରି ଘୁରି ଖୋଜିଲା ସେ । ଶେଷରେ ନିଷ୍ପତ୍ତି ନେଲା କାହିଁକି କାହାପାଇଁ କେମିତି ସେ ବଞ୍ଚିବ । ପାହାଡ ଶୀର୍ଷକୁ ଚଢ଼ି, ରଶ୍ମି... ମୁଁ ଯାଉଛି ତୁମ ପାଖକୁ କହି ଡେଇଁ ପଡିଲା । ଶେଷରେ ସେ ଦୁର୍ଲ୍ଲଭ ପ୍ରାଣଟା ଚାଲିଗଲା ସେଇଠିକୁ ଯେଉଁଠିକୁ ଗଲେ କେହି କେବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରନ୍ତିନି ।

ସେଦିନ ଇହଧାମ ତ୍ୟାଗ କରି ଯେବେ ଆଦିତ୍ୟ ଆତ୍ମା ହୋଇ ସରଗପୁରେ ପହଞ୍ଚିଲା ରଶ୍ମିର ଆତ୍ମା ତାକୁ ଦେଖି ଆଲିଙ୍ଗନ କଲା ଏବଂ ଭୋ ଭୋ କାନ୍ଦିବାକୁ ଲାଗିଲା । ଅଭିମାନରେ କହିବାକୁ ଲାଗିଲା, ଏ ଆଦିତ୍ୟ ତୁମେ ମୋତେ କଥା ଦିଅ, ମୋତେ ଛାଡ଼ି ଆଦୌ ଯିବ ନାହିଁ ନା ? ରଶ୍ମିର ଆଖିରୁ ଲୁହ ପୋଛି କୋହ ଭରା କଣ୍ଠରେ କହିଲା, ନାଁ ରଶ୍ମି ଆଉ ତୁମକୁ ଛାଡି କୁଆଡେ ଯିବିନି । ଆମେ ଯେଉଁଠି ରହିବା ସାଥୀ ହୋଇ ରହିବା । ସେଇ ଆତ୍ମା ଦୁହିଁଙ୍କ ସ୍ନେହ ଶ୍ରଦ୍ଧା ପ୍ରେମ ପ୍ରଣୟ ଦେଖି ସଭିଏଁ ବିସ୍ମିତ ହୋଇଗଲେ ଓ ଆଦର ଯତ୍ନ କରିବାକୁ ଲାଗିଲେ ।

ଏଇମିତି ସୁଖର ଦିନ ବିତିଯାଉ ଥିବା ବେଳେ ହଠାତ୍ ରଶ୍ମିର ଆଉ ଦେଖା ମିଳିଲା ନାହିଁ । ପାଗଳ ପରି ଆଦିତ୍ୟ ସବୁ ଆଡ଼େ ଖୋଜିବାକୁ ଲାଗିଲା । ଏଇମିତି ଆଦିତ୍ୟର ଆତ୍ମା ଖୋଜି ବୁଲୁ ବୁଲୁ ଆଇ ଜି ପାର୍କ ଭିତରେ ବୁଲୁଥିଲା । ହଠାତ୍ ଗୋଲାପ ଉଦ୍ୟାନ ଦେଇ ଆସୁ ଆସୁ ଏକ ଅଲଗା ଉଦ୍ଦୀପନା ସେ ପାଇଲା । ଦେଖିଲା ଗୋଲାପ ଫୁଲଟିଏ ତା ଆଡକୁ ଚାହିଁ ହସୁଛି । ପାଖକୁ ଗଲା ଆଦିତ୍ୟ, ତା ଭିତରୁ ରଶ୍ମିର ସ୍ୱର ବାସ୍ନା ଆଉ ଭାବ ପାଇଲା । ରଶ୍ମି ତୁମେ କେମିତି ମୋତେ ଛାଡି ଆସିଲ ଯେ ? ରଶ୍ମି କହିଲା ମୁଁ ବହୁତ କହିଛି ନା ଯଦି ମୋତେ କିଛି ରୂପ ଦେଉଛ ଆଦିତ୍ୟ ସହ ଦିଅ, ମୋ କଥା କଣ ଶୁଣିଲେ, କହିଲେ ତୁମେ ଆଗ ଆସିଛ, ଆଗ ରୂପ ପାଇବ ।

ଏ ଆଦିତ୍ୟ, ତୁମେ ଭ୍ରମରଟିଏ ହୋଇ ଯାଅନା, ମୋ ଉପରେ ବସିବ, ମୋ ସହ ଖେଳିବ, ମୋତେ ଗେହ୍ଲା କରିବ, ମୋ ଠାରୁ ମଧୁ ଶୋଷିବ ।

ଦୀର୍ଘଶ୍ୱାସ ପକାଇ ଆଦିତ୍ୟ କହିଲା, ନାଁ ରଶ୍ମି ମୁଁ ଭ୍ରମର ହେଲେ ମୋତେ ଯଦି ମାରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ତୁମକୁ ମୋ ଠାରୁ ଛଡେଇ ଦିଏ, ମୁଁ ତୁମ ବିନା ବଞ୍ଚି ପାରିବିନି । ମୁଁ ମରିଯିବି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି, କଣ୍ଟାଟିଏ ହୋଇ ତୁମ ପାଖରେ ରହିବି, ତୁମର ଯତ୍ନ ନେବି, ତୁମର ସୁରକ୍ଷା କରିବି । ଏହା ପରେ ସତକୁ ସତ ସେ କଣ୍ଟା ହୋଇ ଗୋଲାପ ପାଖରେ ଆନନ୍ଦରେ ରହିଲା । ଦିନକର କଥା ଦଳେ ଦୁଷ୍ଟ ପିଲା ଆସି ଗଛରୁ ଫୁଲ ତୋଳୁଥିଲେ, ଯେତେ ଚେଷ୍ଟା କରିଛି ଲୁଚିବାକୁ ହେଲେ ସେମାନେ ସେ ଗୋଲାପକୁ ଛିଣ୍ଡାଇ ନେଲେ ଓ ଦଳି ମକଚି ଫିଙ୍ଗି ଦେଲେ । କଣ୍ଟା କେତେ କାନ୍ଦୁଛି, ତା ଆଗରେ ମକଚି ଦେଇଥିବା ଫୁଲ ପାଇଁ କେତେ ଠାକୁରଙ୍କୁ ନ ଡାକିଛି । ହେଲେ ପାରିଲା ନାହିଁ ତା ସୁରକ୍ଷା ଦେଇ । ଠିକ୍ ସେହିଦିନ ରାତିରେ ପ୍ରବଳ ଲଗାଣ ବର୍ଷା ଯୋଗୁଁ ଗଛଲତା ବେହାଲ ହୋଇଗଲେ । କିଛି ଦିନ ପରେ ସେ ଗଛ ଉପାଡି ଫିଙ୍ଗି ଦିଆଗଲା । ସରିଗଲା ରଶ୍ମି ଆଦିତ୍ୟଙ୍କ ଜୀବନ ସାଥି ଖେଳ। ମାଟିରେ ମିଶିଗଲା ତାଙ୍କ ସ୍ୱପ୍ନ ।

ଦିନ ପରେ ଦିନ ବିତିଗଲା, ରଶ୍ମି ଜନ୍ମ ନେଲା ବ୍ରହ୍ମପୁର ସହରରେ ଏକ ଶୈକ୍ଷିକ ପରିବାରରେ ସ୍ୱାତୀ ନାମକୁ ଧରି । ଆଉ ଆଦିତ୍ୟ ଜନ୍ମ ନେଲା କେନ୍ଦୁଝରରେ ଏକ ଆଧ୍ୟାତ୍ମିକ ପରିବାରରେ ସ୍ୱାଗତ ନାମକୁ ନେଇ । ଚନ୍ଦ୍ରକଳା ପରି ବଢ଼ି ଚାଲିଲେ ଦୁହେଁ, ହେଲେ ପରସ୍ପର ଖୋଜୁଥାନ୍ତି ପ୍ରତିକ୍ଷଣ ଦୁହିଁଙ୍କୁ ପାଇବା ପାଇଁ । ସ୍ୱାତୀ ସ୍କୁଲରେ କଲେଜରେ ୟୁନିଭରସିଟିରେ ସବୁଠି ଖୋଜୁଥାଏ ଆଡ଼ିତ୍ୟକୁ ତା ହୃଦୟକୁ ସ୍ୱାଗତ କରିବା ପାଇଁ । ସ୍ୱାଗତ ବି ଏଣେ ତେଣେ ସବୁଠି ଖୋଜିଛି ସନ୍ଧାନ ନେଇଛି କେଉଁଠି ଅଛି ତା ରଶ୍ମି ତା କୋମଳ ପରଶ ପାଇବା ପାଇଁ ।

ସମୟ ଗଡିଚାଲେ କାହାକୁ ଅପେକ୍ଷା ନ କରି, ପିତା ମାତା ବି କର୍ତ୍ତବ୍ୟର ଦ୍ୱାହି ଦେଇ ବୁଝନ୍ତି ନି ପୁଅ ଝିଅଙ୍କ ପରିସ୍ଥିତି ମାନସିକ ଅବସ୍ଥା । ସ୍ୱାଗତ ଯେତେ ମନା କରିଛି ଯେତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାକୁତି ମିନତି ହୋଇଛି ପିତା ମାତା ରାଣ ନିୟମ ପକାଇ ବିବାହ ବନ୍ଧନର ଛନ୍ଦି ଦେଇଛନ୍ତି ଏକ ସୁଶୀଳା ଯୁବତୀ ସହ ।

ହଠାତ୍ ଫୋନ୍ କଲ ପାଇ ବ୍ୟସ୍ତ ହୋଇଗଲା ସ୍ୱାଗତ । ଫୋନ୍ ରିସିଭ କଲା । କିଏର ଉତ୍ତରରେ ଶୁଣି ନିଜକୁ ସମ୍ଭାଳି ପାରିଲା ନାହିଁ । ମୁଁ ପରା ତୁମ ରଶ୍ମି । ମୁଁ ସିନା ପିତାମାତାଙ୍କ ବାଧ୍ୟରେ ବିବାହ କରିଗଲି ହେଲେ ତୁମେ ତ ଅପେକ୍ଷା କରି ପାରିଥାନ୍ତ ?

ବହୁତ୍ ବୁଝାଇଛି ରଶ୍ମି, ପିତା ମାତାଙ୍କୁ ଏ କାହାଣୀ ବହୁତ ଶୁଣାଇଛି ? ହେଲେ ସଭିଏଁ ହସି ମୋତେ ପାଗଳାମି କରୁଛି ବୋଲି କହିଛନ୍ତି ।

ହେଲେ ତୁମେ...... ଏତେ ଶୀଘ୍ର ଭୁଲିଗଲ ?

ନା ଆଦିତ୍ୟ କେମିତି ତୁମେ କହିପାରୁଛ ତୁମ ରଶ୍ମି ଭୁଲିଯିବ ବୋଲି । ବହୁତ୍ କାକୁତି ମିନତି ହୋଇଛି, ବହୁତ୍ ଖୋଜିଛି, ଖୋଜା ବି କରାଇଛି । ହେଲେ ଝିଅ ପିଲା, ସମୟ ଆଉ ପିତା ମାତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ପାଖରେ ମୁଁ ହାର ମାନିଛି । ହେଲେ ଶେଷରେ ଛନ୍ଦି ହେଲି ଖ୍ୟାତି ସଂପନ୍ନ ସୁଶୀଳ ଶାନ୍ତ ଉଚ୍ଚ ଶିକ୍ଷିତ ଯୁବକ ମହେଶଙ୍କ ସାଙ୍ଗରେ ।

ତୁମେ କେବେ ଆସ ବ୍ରହ୍ମପୁର ଆଦିତ୍ୟ । ମୋ ନାମ ସ୍ୱାତୀ ବୋଲି କହିବ । ଏଇ ନଂବରରେ କଲ କରିବ । ନିଶ୍ଚୟ ଆସିବ ନା ।

ହେଲେ ମୋ ନମ୍ବର୍ କେଉଁଠୁ ପାଇଲ ଯେ, ଆଦିତ୍ୟ କହିଲା ।

ତୁମେ ପାର୍କରେ କାହାକୁ ତୁମ ନମ୍ବର୍ ଡାକୁଥିଲା ବେଳେ ପରା ମୁଁ ନୋଟ କରି ସେଭ୍ କରିଦେଇଛି ।

ହଁ ସ୍ୱାତୀ ମୋ ନାଆଁ ଆଉ ଆଦିତ୍ୟ ନାହିଁ, ସ୍ୱାଗତ ହୋଇଯାଇଛି ।

ସ୍ୱାତୀ ଓରଫ ରଶ୍ମି ସତ କହିବ, ତୁମେ କଣ ମୋତେ ସେତିକି ଭଲ ପାଉଛ ? ପ୍ରଥମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମକୁ କିଏ କଣ ଭୁଲି ପାରେ ? ରଶ୍ମି କେମିତି ଆଡିତ୍ୟକୁ ଭୁଲି ଯିବ ଯେ ?

ସେଦିନ ଆଦିତ୍ୟ ଟ୍ରେନରେ ଚାଲିଲା ବ୍ରହ୍ମପୁର, ଷ୍ଟେସନରୁ ଓହ୍ଲାଇ ଦେଖିଲା ସେଇ ଆଖି ସେଇ ମୁହଁ ସେଇ ହସ, ତାକୁ ସ୍ୱାଗତ କରିବାକୁ ପରା ଆସିଛି । ଦୁହେଁ ଦୁହିଁଙ୍କୁ ସେଇ ଜନ ସମାଗମରେ ବି ବାଛ ବିଚାର ନ କରି ଆଲିଙ୍ଗନ କଲେ । ସେଦିନ ନୀରବୀ ଯାଇଥିବା ପ୍ରକୃତି ବି ନାଚି ଉଠିଲା ଦୁହିଁଙ୍କ ମିଳନରେ । ସ୍ୱାତୀ ସ୍ୱାଗତର ହାତ ଧରି ଟାଣି ଟାଣି ନେଲା ନିଜ ନୂଆ କାର ଭିତରକୁ । କାରରେ ବସି ସ୍ୱାତୀ ଡ୍ରାଇଭିଁ କଲା ବେଳେ ସ୍ୱାଗତ ଆଡ଼କୁ ଚାହିଁ କହିଲା ମନେ ଅଛି ମୋ କଥା....

କୋଉ କଥା ସ୍ୱାଗତ ପାଟିରୁ ନ ବାହାରଣୁ ସ୍ୱାତୀ କହିଲା ସେଇ ଆଇ ଜି ପାର୍କରେ ମ....

ତୁମେ କହିଥିଲ

ସ୍ୱାଗତ ସ୍ୱାତୀର ଗାଲରେ ଗୋଟିଏ ଶକ୍ତ ଚୁମ୍ବନ ଦେଇ କହିଲା, "ଓଃ ମନେ ପଡିଲା, ତୁମେ ମୋ ଗୋଲାପ ମୁଁ ତୁମ କଣ୍ଟା ।"

ସ୍ୱାତୀ କହିଲା ଏ ତୁମେ ଏବେ ବି ସେମିତି ଦୁଷ୍ଟ ଅଛ ?

ସ୍ୱାଗତ କହିଲା, "ମୋ ସ୍ୱାତୀ ପାଖରେ ଦୁଷ୍ଟ ହେବି ନି ଆଉ କୋଉଠି ହେବି ଯେ ?"

ଦୁହିଁଙ୍କ ହସରେ ବାୟୁମଣ୍ଡଳ ବି ଫିଁ କରି ହସିଦେଲା ।

ଜମ୍ବରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନଲାଇନ୍ ଓ ଅଫଲାଇନ୍ ମା



ବାସନ୍ତୀ ଲତା ଜେନା

ଆଜିର ଦୁନିଆ ଆଧୁନିକତାର ପରିପୂର୍ଣ୍ଣ । ବେଶ ପୋଷାକ ଚାଲିଚଳଣି, ଆଚାର ବ୍ୟବହାର ସବୁଥିରେ ପାଶ୍ଚାତ୍ୟ ସଭ୍ୟତାର ମହକ ଭରି ଯାଇଛି । ସମସ୍ତଙ୍କ ହାତରେ ଆଜି ସ୍ମାର୍ଟ ଫୋନ୍, ଘରେ ଘରେ କମ୍ପ୍ୟୁଟର, ଲାପଟପ୍, ଡେସ୍କଟପ୍ କାର୍ଯ୍ୟ କରୁଛି । ହିମାଂଶୁ ପଞ୍ଚମ ଶ୍ରେଣୀରେ ଇଂରାଜୀ ମିଡିୟମ ସ୍କୁଲରେ ପଢୁଥିବା ୧୧/୧୨ ବର୍ଷର ବାଳକଟିଏ । ସେ ତାର ସାଙ୍ଗ ଅଭୟର ପରିବାର ସହିତ ନିଜ ପରିବାରକୁ ତୁଳନା କରୁଛି । ଅଭୟର ବାପା ଗରୀବ । ରିକ୍ସା ଚଳାଇ ଯାହା ରୋଜଗାର କରନ୍ତି, ସେଥିରେ ତାଙ୍କ ପରିବାର ଖୁସିରେ ଚଳିଯାନ୍ତି । ଅଭୟର ମା ଗୃହିଣୀ । ଘର କାମ କରନ୍ତି, ସିଲାଇ ମେସିନରେ ପୋଷାକ ତିଆରି କରି ଦୁଇପଇସା ପାଆନ୍ତି । ତାଙ୍କ ପରିବାରରେ ଧନରେ ଅଭାବ ଅଛି ସତ କିନ୍ତୁ ସୁଖ ଶାନ୍ତି ପୂରି ରହିଛି । ହିମାଂଶୁର ବାପା ମା ଅଫିସର ଅଛନ୍ତି । ସାଢେ ନଅଟାରେ ଅଫିସ ଯାଆନ୍ତି । ପୁଣି ସନ୍ଧ୍ୟା ସାଢେ ପାଞ୍ଚଟାରେ, ଛଅଟାରେ ଘରକୁ ଫେରନ୍ତି । କେବେ କେବେ ସନ୍ଧ୍ୟା ୭ଟା ବି ହୋଇଯାଏ । ଘର କାମ ଓ ରୋଷାଇ କରିବାକୁ ଜଣେ ମାଉସୀ ଅଛନ୍ତି ।

ହିମାଂଶୁ ଯେତେବେଳେ ସ୍କୁଲ ବସରେ ଘରକୁ ଫେରେ ସେତେବେଳକୁ ତିନିଟା ହୋଇ ଯାଇଥାଏ । ସେ ସମୟରେ ତାର ମା ଅଫିସ୍ ରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଥାଆନ୍ତି । ତାକୁ ଘରେ ଭାରି ଏକୁଟିଆ ଏକୁଟିଆ ଲାଗେ । କଲିଂ ବେଲ୍ ବଜାଇଲେ ରୋଷାଇ ମାଉସୀ ଆସି କବାଟ ଖୋଲନ୍ତି । ମାଉସୀ ତାକୁ ଡ୍ରେସ ବଦଳେଇବାକୁ କହନ୍ତି । ଖାଇବାକୁ ବାଢ଼ି ଦିଅନ୍ତି । ହିମାଂଶୁର ସାଙ୍ଗ ଘର ସେଇ ଏକା କଲୋନୀରେ । ବେଳେ ବେଳେ ସେ ତାଙ୍କ ଘରକୁ ବୁଲିଯାଏ । ଦେଖେ ଅଭୟର ମା ଅଭୟକୁ ଦେଖି କୁଣ୍ଢାଇ ପକାନ୍ତି । ବ୍ୟାଗ ତା ଠାରୁ ନେଇ ରଖିଦିଅନ୍ତି । କହନ୍ତି ଯାରେ ଡ୍ରେସ ବଦଳାଇ ଗୋଡ଼ହାତ ଧୋଇପକା । ମୁଁ ଖାଇବାକୁ ବାଢ଼ୁଛି । ଏହା ଦେଖି ହିମାଂଶୁକୁ ଭାରି ଭଲ ଲାଗେ ।

ସେଦିନ ଥିଲା ମଇ ମାସର ଦ୍ୱିତୀୟ ରବିବାର । ମାତୃଦିବସ । ମାଡାମ ଟ୍ୟୁସନ କରନ୍ତି ପିଲାମାନଙ୍କୁ । ସପ୍ତାହରେ ଗୋଟିଏ ଦିନ ସେ ଓଡ଼ିଆ ପଢ଼ାନ୍ତି । ପଚାରିଲେ ପିଲାମାନେ, ଆଜି ମାତୃଦିବସ । ତୁମେ ତୁମ ମାଙ୍କୁ ପ୍ରଣାମ କରିଛ ?  ଦୁଇ ଜଣ ପିଲା ହାତ ଟେକିଲେ । ମାଡାମ ପଚାରିଲେ ତୁମେ କେମିତି ଜାଣିଲ ଆଜି ମାତୃଦିବସ ବୋଲି ? ସୁବ୍ରତ ଓ ରାଜନ କହିଲେ, ବାପା କହିଲେ ଆଜି ମାତୃଦିବସ । ମା'ଙ୍କୁ ପ୍ରଣାମ କର । ମାଡାମ ଖୁସି ହୋଇ କହିଲେ ବାଃ ବହୁତ ସୁନ୍ଦର କଥା । ଯେଉଁମାନେ ମା' ଙ୍କୁ ପ୍ରଣାମ କରିନ ଘରେ ପହଁଚିଲେ ମା'ଙ୍କୁ ପ୍ରଣାମ କରିବ । ସବୁ ପିଲାମାନେ ହଁ କହିଲେ ।

ତା ପରେ ମାଡାମ କହିଲେ ଆଜି ମାତୃଦିବସ । ତୁମେ ତୁମ ମା'ଙ୍କ ବିଷୟରେ କିଛି ଲେଖିବ । ଯାହାକୁ ଯେମିତି ବୁଝୁଛି ସେମିତି ଲେଖ । ସମସ୍ତେ ନିଜ ନିଜର ମା'ଙ୍କ ବିଷୟରେ ସୁନ୍ଦର ସୁନ୍ଦର କଥା ଲେଖିଥିଲେ । କିନ୍ତୁ ହିମାଂଶୁ ଲେଖାଥିଲା ଟିକେ ଅଲଗା । ସେ ଲେଖି ଥିଲା ମୋର ଅଫ୍ ଲାଇନ୍ ମା ଦରକାର  । ଅନ୍ ଲାଇନ୍ ମା ଦରକାର ନାହିଁ । ଅଫ୍ ଲାଇନ୍ ମା'ପିଲା ମାନଙ୍କୁ ଗେଲ୍ହା କରେ ।  କିନ୍ତୁ ଅନ୍ ଲାଇନ୍ ମା କରେ ନାହିଁ । ଅନ୍ ଲାଇନ୍ ମା ପିଜା, ବର୍ଗର୍,ପାସ୍ତା, ଚାଉମିନି ମଗାଇ ଦିଅନ୍ତି । କିନ୍ତୁ ଅଫ୍ ଲାଇନ୍ ମା ନିଜ ହାତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚକୁଲି, ଦୋଷା, ଇଟିଲି, ମଣ୍ଡା, ଉପମା, ରୁଟି ପୁରି ତରକାରୀ କରି ପିଲାଙ୍କୁ ଖାଇବାକୁ ଦିଅନ୍ତି । ଅନ୍ ଲାଇନ୍ ମା ଜିନ୍ସ ଟପ୍ ଛୋଟ ଛୋଟ ଡ୍ରେସ୍ ପିନ୍ଧନ୍ତି । ଅଫ୍ ଲାଇନ୍ ମା ଶାଢ଼ୀ ପିନ୍ଧନ୍ତି । ପିଲା ଦେହରେ ଧୂଳି ଲାଗିଲେ ଶାଢ଼ୀ କାନିରେ ପୋଛି ଦିଅନ୍ତି । ଅଫ୍ ଲାଇନ୍ ମା' ଭୁଲ କଲେ ଗାଳି କରନ୍ତି । ବୁଝାଅନ୍ତି । କିନ୍ତୁ ଅନ୍ ଲାଇନ୍ ମା " ମୋବାଇଲ ରେ ମେସେଜ କରନ୍ତି । ଅଫିସ କାମ କରନ୍ତି । ବ୍ୟସ୍ତ ରହନ୍ତି । ପିଲାଙ୍କୁ ଆୟା ପାଖରେ ଛାଡି ଦିଅନ୍ତି । ଅଫ୍ ଲାଇନ୍ ମା' ନିଜେ ପିଲାଙ୍କୁ ପଢାନ୍ତି । ଗପ କହନ୍ତି । ଗୀତ ଗାଇ ଶୁଆଇ ଦିଅନ୍ତି । କିନ୍ତୁ ଅନ୍ ଲାଇନ୍ ମା ପାଖରେ ସମୟ ନ ଥାଏ । ତେଣୁ ଟ୍ୟୁସନ୍ ମାଷ୍ଟର ରଖି ପଢାନ୍ତି । ପୁନେଇ ପର୍ବରେ ଅଫ୍ ଲାଇନ୍ ମା କ୍ଷୀରି, ପିଠା, ମିଠା, ତିଆରି କରନ୍ତି। ଅନ୍ ଲାଇନ୍ ମା ମଗାଇ ଦିଅନ୍ତି । ଯାହା ଦରକାର ସଙ୍ଗେ ସଙ୍ଗେ ମଗାଇ ଦିଅନ୍ତି । ମୋତେ ଅନ୍ ଲାଇନ୍ ମା ଆଦୋ ପସନ୍ଦ ନୁହେଁ । ମୁଁ ଚାହେଁ ମୋ ମା ମୋ ପାଖରେ ଥାନ୍ତା, ମୋତେ ଗେଲ୍ଲ କରନ୍ତା । ଏଣୁ ମୋତେ ଅଫ୍ ଲାଇନ୍ ମା ଦରକାର । ଯିଏ ମୋତେ ଗେଲ୍ଲ କରିବ, ପାଠ ପଢ଼ାଇବ, ଖାଇବାକୁ ଭାତ ବାଢି ଦେବ, ମୋତେ ଭଲ କଥା ଶିଖାଇବ, ମୋ ସହିତ ଖେଳିବ, ମୋତେ ବୁଲାଇ ନେବ । ସେ ମୋର ପ୍ରିୟ ମା ।

ସମୟ ଅବଧି ଶେଷ ହେଲା । ସମସ୍ତ ପିଲା ମାନଙ୍କର ଲେଖା କାଗଜ ମାଡାମ (ଗୁରୁମା) ସଂଗ୍ରହ କଲେ । ସମସ୍ତଙ୍କ ଲେଖାକୁ ପଢିଲେ । କିନ୍ତୁ ଏ କଣ ? ହିମାଂଶୁର ଲେଖା ପଢି ମାଡାମ ସ୍ତବ୍ଧ ହୋଇ ଗଲେ । ତା ଲେଖାକୁ ଉଚ୍ଚ ସ୍ୱରରେ ପଠନ କଲେ । ଆଖିରେ ଥିଲା ମାଡାମଙ୍କର ଆଖିଏ ଲୁହ । ସେ ହିମାଂଶୁକୁ ଆସି କୁଣ୍ଢାଇ ପକାଇଲେ । ତା ଗାଲରେ ଚୁମା ଦେଇ ଦେଲେ । ମାଡାମ ପିଲାମାନଙ୍କୁ ପଚାରିଲେ, ପିଲାମାନେ ! ତୁମକୁ ଅନ୍ ଲାଇନ୍ ମା ଯେକି ଚାକିରୀ କରନ୍ତି ଦରକାର ନା, ଘରେ ରହୁଥିବା ମା ଦରକାର ? ଅଧିକାଂଶ ପିଲାମାନେ ଏକ ସ୍ୱରରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲେ ଆମକୁ ଅଫ୍ ଲାଇନ୍ ମା ଦରକାର । ଆଉ କିଛି ପିଲା କହିଲେ ମା ଚାକିରୀ କଲେ ଭଲ । ସେ ଦିନର ସ୍ମୃତି ମାଡାମ ଆଜି ବି ଭୁଲି ପାରି ନାହାନ୍ତି ।......

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର ।

ଦୂର ଭାଷ ନଂ : ୮୭୪୮୭୫୫୯୭୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା ବାଣ୍ଟ



ନିତ୍ୟ ରଞ୍ଜନ ନନ୍ଦ

ଆଜି କାଇଁ ତମ କଥା ଭାରି ମନେପଡୁଛି ବିନୁ ବୋଉ । ଆଜି ମନେପଡୁଛି କହିଲେ ଭୁଲ ହେବ ବୋଧେ । ପ୍ରତି ମୁହୂର୍ତ୍ତରେ ମନେପଡୁଛ ତମେ । ଶେଷ ଦିନମାନଙ୍କରେ ମୋ କାନେ କାନେ କହିଥିବା ପ୍ରତ୍ୟକଟି କଥାକୁ ମର୍ମେ ମର୍ମେ ଅନୁଭବ କରୁଛି ମୁଁ । ସତରେ ମୁଁ ଭାରି ସ୍ୱାର୍ଥପର, ନିର୍ଦ୍ଦୟ ମଣିଷଟା । ଜୀବନରେ ଖୁସି ଟିକେ ତମକୁ ଦେଇପାରିଲାନି । ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଥିଲେ ବି ବୟସର ଏ ସାୟାହ୍ନରେ ଜୀବନସାଥୀ ବିନା ଜୀବନଟା ଯେ କେତେ ଶୂନଶାନ, ନୀରବ ଏ ନିବୁଜ କୋଠରୀ ଭିତରେ ମୁଁ ଅନୁଭବ କରିପାରୁଛି, କାନ୍ଥ ବାଡ଼ ସହିତ ନିଜ ମନର ବ୍ୟଥାକୁ ବାଣ୍ଟୁଛି ମୁଁ । ଜୀବନ ସାରା ପଇସା ପଛରେ ଧାଇଁ ଧାଇଁ କେତେବେଳେ ଯେ ଏତେ ଗୁଡ଼ାଏ ବର୍ଷ ବିତିଗଲା ଜଣାପଡିଲାନି । ହେଲେ ପଇସା କଣ ମୁଁ ମୋ ପାଇଁ ରୋଜଗାର କରୁଥିଲି ? ତମର ଏକା ଜିଦ ଆମ ପିଲାମାନେ ଯେତିକି ପଢିବାକୁ ଚାହିଁବେ ଆମେ ପଢ଼ାଇବା । ଏ ସୁନା ଗହଣା, ଜାଗା ବାଡିରୁ କଣ ମିଳିବ । ପ୍ରାଇମେରୀ ସ୍କୁଲ ଶିକ୍ଷକତାର ସ୍ୱଳ୍ପ ବେତନରେ ଚାରି ଚାରୋଟି ପିଲାଙ୍କୁ ପଢେଇବା କଣ ସହଜ ଥିଲା ମୋ ପାଇଁ ? ସେଥିପାଇଁ ସକାଳେ, ସନ୍ଧ୍ୟାରେ ଟିଉସନ କଲି । ତମକୁ ସମୟ ଟିକେ ବି ଦେଇପାରିଲିନି । ମିଛ ମରୀଚିକା ପଛରେ ଧାଇଁ ଧାଇଁ ଆଜି ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ଭାରି କ୍ଲାନ୍ତ ହୋଇପଡିଛି ।

କାଲି ଭଳି ଆଖି ଆଗରେ ନାଚି ଯାଉଛି, ସେ ସମୟର ଜମିଦାର ଘରର ଅଲିଅଳି ଝିଅ ତମେ । ବାହା ହୋଇ ଆସିଥିଲ ସୁନାରେ ଯେମିତି ଛାଉଣୀ ହେଇକି । ଗାଁ ଲୋକ ତ ତମ ଠାରୁ ବେଶୀ ତମ ଗହଣା ଦେଖିବାକୁ ଆସୁଥିଲେ । ଆସ୍ତେ ଆସ୍ତେ କରି ଘର ପାଇଁ, ପିଲା ମାନଙ୍କ ଭବିଷ୍ୟତ ପାଇଁ ଗୋଟେ ଗୋଟେ କରି ସବୁ ଗହଣା ବନ୍ଧା ପଡ଼ିଲା ଲତା ଦେଠେଇଙ୍କ ପାଖେ ।

ତା ପରେ ତମ ମୁହଁକୁ ଚାହିଁବାକୁ ମୋର ସାହସ ହୁଏନି । ତମେ ବୋଧେ ବୁଝିପାର ହସିଦେଇ କୁହ, ସୁନା ଗହଣା ପିନ୍ଧିଲେ ମତେ କିଏ ଚିହ୍ନିବ, ଆମ ପିଲାମାନେ ଯେତେବେଳେ ଅନେକରେ ଏକ ହେଇ ଗଣା ହେବେ, ସେତେବେଳେ ଏ ଦୁନିଆ ଆମକୁ ଚିହ୍ନିବ । ସେଇ ମାନେ ତ ମୋ ଗହଣା ।

ତମ କଥା ସତ ହେଲା ବିନୁ ବୋଉ, ବିନୁ, ସୋନୁ, ମନୁ ସମସ୍ତେ ଆଜି ସରକାରୀ କଳର ଉଚ୍ଚପଦସ୍ଥ କର୍ମଚାରୀ । ହେଲେ ତମେ କଣ ପାଇଲ ଜୀବନରେ । ସର୍ବସ୍ୱ ଦେଇଦେଇ ଜୀବନର ଶେଷ ମୁହୂର୍ତ୍ତରେ ନିଃସ୍ୱ ମଣିଷଟେ ହେଇ ରହିଗଲ । ନା କେବେ ଭଲ ମୁଠେ ଖାଇଲ, ନା ପିନ୍ଧିଲ । ନୀରବରେ ନିଜ କର୍ତ୍ତବ୍ୟ ସାରି ମତେ ଏକା କରି ଚାଲିଗଲ ।

ଆଇଁଷରେ ମୋର ଟିକେ ଲୋଭ ପ୍ରଥମରୁ, ତମେ ତ ଜାଣିଛ ସେଥିପାଇଁ ନିଜେ ଆଳୁ, ଝୋଳ ନେଇ ତଳକୁ ତଳ କରି ମୋ କଂସାରେ ବେଶୀ କରି ଦିଅ ସବୁବେଳେ । ଘରେ ମଟନ ହେଇଥିଲା । ଭାରି ମନ ଥିଲା ଖାଇବାକୁ । ହେଲେ ସାନ ବୋହୂ କହିଲା ମାସେ ତଳେ ବାପା ମଟନ ଖାଇଥିଲେ ଯେ ତାଙ୍କର ପେଟ ଖରାପ ହେଇଥିଲା । ଆଜି ତାଙ୍କୁ ଦବାନି । ବୟସ ହେଲାଣି ହଜମ କରିପାରୁ ନାହାନ୍ତି ଆଉ । ତାଙ୍କ ପାଇଁ ଭାତ, ଭଜା କରିଦେବା, ଦହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକେଇ ଖାଇଦେବେ । ବଡ଼ ବୋହୂ କହୁଥାଏ ମୋ ବାପା, ବୋଉ ତ କେବେ ଠାରୁ ଆଇଁଷ କଣ ପିଆଜ ରସୁଣ ଛାଡିକି ଭଗବାନଙ୍କ ଆଶ୍ରା ନେଇସାରିଲେଣି । ବୁଢ଼ା, ବୁଢ଼ୀ ହେଲେ ଆଉ ଖାଇବାରେ କି ଲୋଭ ଯେ । ତା କଥା ଶୁଣି ମଝିଆଁ ବୋହୂ ବି ଚୁପ ନରହି ଭଲ କଥା ପଦେ କହିଲା, ମୋ ବାପା, ବୋଉ ତ ଗୋଟେ ଟଙ୍କାର ମେଡ଼ିସିନ ବି ଖାଇନାହାନ୍ତି ଆଜି ପର୍ଯ୍ୟନ୍ତ । ମର୍ଣ୍ଣିଙ୍ଗ ୱାକ, ଘର କାମରେ ସାହାଯ୍ୟକୁ ଖାଇବାରେ କଣ୍ଟ୍ରୋଲ କରିଦେଲେ ମେଡ଼ିସିନରେ ହଜାର ହଜାର ଟଙ୍କା କାଇଁ ଖର୍ଚ୍ଚ ହେବ । ତମେ ସବୁବେଳେ କୁହନା ମତେ ମୁଁ ବୋକା, କିଛି ବୁଝିପାରେନା । ହେଲେ ଏସବୁ କଥା ଯେ ମୋ ପାଇଁ ଥିଲା, ବୁଝିପାରିଲି ମୁଁ ବିନୁ ବୋଉ । ତମେ ନାହଁ ନା ମୋ ପାଖେ । ଏବେ ମୁଁ ଚାଲାକ ହେଇଯାଇଛି । ହେଲେ କାହାକୁ କିଛି କହିନି ମୁଁ । ତମେ କହିକି ଯାଇଛ ଆଜିକାଲିକା ପିଲା ତାଙ୍କ କଥା ଧରିବନି କି ରାଗିବନି ମୋ ପିଲାଙ୍କ ଅମଙ୍ଗଳ ହେବ । କହିଦେଲି ସେମାନଙ୍କୁ ଆଉ ମତେ ଆଇଁଷ ଦବନି । ମୁଁ ହଜମ କରିପାରୁନି, ଭାରି ଅସୁଖୀ ଲାଗୁଛି । ଜାଣିଛ ମୋ କଥା ଶୁଣି ସେମାନଙ୍କ ମୁହଁରେ ହସ ଖେଳିଗଲା ।

ଆଉ ଗୋଟେ କଥା କହିବାର ଥିଲା,

ଏ ଘର ଆମର ପୁରୁଣା କାଳିଆ ଘର ହେଲାଣି । ପିଲାମାନେ କଣ ଭାଙ୍ଗିକି ନୂଆ ଡିଜାଇନ ଘର କରିବେ ବୋଲି ନିଜ ନିଜ ଭିତରେ ଘରକୁ ତିନି ଭାଗ କରିଦେଇଛନ୍ତି । ରୀନା ତ ତା ଶାଶୁଘରେ । ଆସିଥିଲା ଭାଗ ବଣ୍ଟା ବେଳେ । ଭାଇ ମାନଙ୍କୁ ବୁଝାଉଥିଲା ନଭାଙ୍ଗିବା ପାଇଁ ଘର । ହେଲେ ଯୋଉଠି ମୋ କଥାର ମୂଲ୍ୟ ପଇସାକର ନାହିଁ । ସେଠି ତା କଥା ବା କିଏ ଆଉ କାହିଁକି ବି ଶୁଣିବ । ତମେ ମୋଟେ ବ୍ୟସ୍ତ ହବନି ବିନୁ ବୋଉ । ମୁଁ ତମ ପିଲା ମାନଙ୍କୁ ଜମା ବି ବିରୋଧ କରୁନି । ହେଲେ କଣ କରିବି କୁହ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମ ଭଳି ତମେ ଗଢିଥିବା ଏ ପଥର କାନ୍ଥ ଗୁଡାକ ବି ଭାରି ଦୃଢ । ଯେତେ ଯାହା ହେଲେ ବି ତମର ଲହୁ, ଲୁହ, ବୁନ୍ଦା ବୁନ୍ଦା ଝାଳରେ ତିଆରି ହେଇଚି ନା, ସହଜରେ ଭାଙ୍ଗିବ ବା କେମିତି ? କାଲି ତ ସେ ରାଜମିସ୍ତ୍ରୀ ଆସି ପାହାର ପରେ ପାହାର ପକାଉଥାନ୍ତି କୁରାଢ଼ୀ, ନିହାଣରେ, ଗୋଟେ ଗୋଟେ ପାହାର ଯେମିତି ମୋ ଛାତି ଉପରେ ବାଜୁଥିଲା । ଭିତରୁ ତ ମୁଁ ଖଣ୍ଡ ଖଣ୍ଡ ହେଇଯାଉଥିଲି, ହେଲେ ତମେ ବ୍ୟସ୍ତ ହୁଅନି । ମୋ ଆଖିର ଟୋପେ ଲୁହ ବାହାରକୁ ବାହାରିବାକୁ ଦେଇନି । ପିଲାଙ୍କର ଅମଙ୍ଗଳ ହେବ କେବେ ତାଙ୍କ ଭୁଲ ପାଇଁ କାନ୍ଦିବନି କହିଥିଲ ନା ତମେ ରାଣ ପକେଇ ।

ପିଲାମାନଙ୍କୁ ବି ମୋ ପାଖକୁ ଛାଡୁନାହାନ୍ତି । କାଳେ ମୋ ପାଖକୁ ଆସିଲେ ସେମାନଙ୍କର ପାଠପଢାରେ ଡିଷ୍ଟର୍ବ ହେବ । ଜୀବନ ସାରା ହଜାର ହଜାର ପିଲାଙ୍କ ଭବିଷ୍ୟତ ଗଢ଼ିଥିବା ମଣିଷଟା କେମିତି ନିଜ ନାତି ନାତୁଣୀଙ୍କ ପଢା ନଷ୍ଟ କରିବ ଭାବିଲ । ରିଷିଟାକୁ ତ ସବୁବେଳେ ଥଣ୍ଡା । ନାକରୁ କଞ୍ଚାପାଣି ବୋହିପଡୁଛି । କାଲି ଗାମୁଛାରେ ତା ନାକଟାକୁ ପରିଷ୍କାର କରି ପୋଛିଦେଲି ଯେ, ସାନ ବୋହୁ ରାଗିକି ଫଁ ଫଁ ହେଲା । ଏମିତି କରିକି ଛୁଆର ଇନଫେକ୍ସନ ହେଇ ସବୁବେଳେ ଥଣ୍ଡା । ଗାମୁଛାରେ ନାକ ପୋଛିଲେ କଣ ଇନଫେକ୍ସନ ହେଇଯାଏ ବିନୁ ବୋଉ । ବଡ଼ ହେବା ପର୍ଯ୍ୟନ୍ତ ତମ ପଣତକାନି ପରା ଥିଲା ପିଲାଙ୍କର ସବୁକିଛି । ଖେଳି ସାରି ଧୂଳି ହେଲେ ପଣତ, ହାତ ଧୋଇ ସାରିଲେ ପୋଛିବାକୁ ପଣତ, ଖଣ୍ଡିଆ ହେଲେ ପ୍ରଥମ ରକ୍ତ ପୋଛା ହେବ ପଣତରେ, ପଙ୍ଖା ନଥିବା ବେଳେ ପଙ୍ଖା ହେବ ପଣତ,କେତେ ଝାଳ, ସିଂଘାଣି ସବୁତ ସେଇ ପଣତରେ । ସେତେବେଳେ ତ ଆମ ପିଲାଙ୍କର କେବେ ଇନଫେକ୍ସନ ହଉନଥିଲା । ଏବେ ସବୁକିଛିରେ ପରିବର୍ତ୍ତନ ।

ଜାଣିଛ ବିନୁ ବୋଉ ଘର ତ ବଣ୍ଟା ସରିଲା । କାଲି ମୁଁ ବଣ୍ଟା ହେବି ତିନି ପୁଅଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ । ଜମିବାଡ଼ି, ଘର ପରେ ବାପା, ମାଆ ତ ବଣ୍ଟା ହୁଅନ୍ତି । ତମେ ସେତିକି ପୁଣ୍ୟ କରିଥିଲ ବୋଲି ଏସବୁ ଆଗରୁ ଚାଲିଗଲ । ମୁଁ ରହିଲି ବାଣ୍ଟ ହେବାପାଇଁ । କେଜାଣି କାଲି କଣ ହେଉଛି, କାହା ଭାଗରେ କେତେ ଦିନ ପଡ଼ିବି ମୁଁ । ନା ବୃଦ୍ଧାଶ୍ରମର ଖଟିଆ ଅପେକ୍ଷା କରିଥିବ ମୋର ସ୍ୱାଗତ କରିବା ପାଇଁ, ଅପେକ୍ଷା କରିଥିବେ ମୋ ଭଳି ଅସହାୟ ବାପାମାନେ ।

ବେଳେବେଳେ ଭାବୁଛି ଏକା ଏକା ଚାରି ଚାରୋଟି ପିଲାଙ୍କୁ ଏ ଦୁନିଆକୁ ଆଣି ଏତେ ବଡ଼ କରିବା ଭିତରେ ଆମେ ତ କେବେ ଭାଗ କରିନେ । ତମେ କଣ ବଡ଼ ପୁଅକୁ ଦଶ ମାସ ଆଉ ସାନକୁ ଛ ମାସ ଗର୍ଭରେ ଧରିଥିଲ ? ସାନକୁ ବେଶୀ ତମ ବକ୍ଷ ଚିରି କ୍ଷୀର ଦେଇଥିଲ, ଆଉ ମଝିଆଁକୁ ଦେଇନଥିଲ ? ଗର୍ଭରେ ଥିବା ବେଳେ କିଏ ତମକୁ କେତେ ଗୋଇଠା ମାରିଥିଲା ହିସାବ କରିଥିଲକି ? ତାହେଲେ ଏମାନେ ଏମିତି କାହିଁକି ହେଲେ ବିନୁ ବୋଉ । ବେଳେବେଳେ ଭାରି ଅସହାୟ ଲାଗୁଛି । ତମେ ଥିଲେ ତମ କାନ୍ଧରେ ମୁଣ୍ଡ ରଖି କାନ୍ଦି ଦେଇଥିଲେ ହୁଏତ ସବୁ ଠିକ ଲାଗିଥାନ୍ତା । ହେଲେ ଏବେ ଏ ବଖୁରିଆ କୋଠରୀଟା ବି ଯେମିତି ମତେ ଖାଇ ଗୋଡ଼ାଉଛି । ମତେ ଟିକେ ତମ ପାଖକୁ ନେଇଯାଅନ୍ତନି ବିନୁ ବୋଉ । ଏ ବାର୍ଦ୍ଧକ୍ୟ ସମୟଟା ଏକ ଅଭିଶାପ ନୁହେଁ ତ ଆଉ କଣ ? ବାପା, ମାଆ କଣ ସତରେ ଏତେ ଅଲୋଡ଼ା ହେଇଯାନ୍ତି  ନିଜ ପିଲାମାନଙ୍କ ପାଖରେ । ମୁଁ କଣ ଏତେ ବଡ଼ ବୋଝ ଯେ, ତିନିଜଣ ପୁଅ ବି ମୋ ଭାର ଆଜି ସମ୍ଭାଳି ନପାରି ମତେ ଭାଗ କରିବାକୁ ନିଜ ନିଜ ଭିତରେ ଠେଲାପେଲା ହଉଛନ୍ତି । କାଲି ସକାଳକୁ ଅପେକ୍ଷା ।

ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ -୯୪୩୭୨୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@drjyotiprasad

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଋତୁ ବସନ୍ତ



ଶିବ ନାରାୟଣ ଦାଶ

ବସନ୍ତ ଆସିଛି ଛୁଇଁ ଆମ୍ବ-ଡ଼ାଳ ବଉଳ ମହକେ,
ବସନ୍ତ ଆସିଛି ଗାଇ କୋଇଲିର କୁହୁ କୁହୁ ଡାକେ,
ବସନ୍ତ ଭରିଛି ରଙ୍ଗ ଅବିର ଓ ଫଗୁର ବାସ୍ନାରେ,
ବସନ୍ତ ହସିଛି ଭରା କିଶଳୟ ନବ ପଲ୍ଲବରେ ।
ତୁମ ଆଉ ମୋ ଭିତରେ ବ୍ୟବଧାନ ଯେତେ
ବସନ୍ତ ଦେଇଛି ପୋଛି
ମୃଦୁ ଚୁମ୍ବନରେ ।

ପତ୍ରଝଡ଼ା ଦେବାପାଇଁ ଗଛମାନେ ହୁଅନ୍ତି ଅଥୟ,
ହେବାପାଇଁ ପଲ୍ଲବିତ ହରିତ ଶ୍ୟାମଳ ।
ଆକାଶରେ ରଙ୍ଗ ବୋଳି ଆସିଲେ ବସନ୍ତ,
ମଳୟରେ ଛୁଇଁ ଯାଏ ମାଦକ ରୋମାଞ୍ଚ ।
ତୁମେ ମୋତେ ଦେଖୁଥିଲେ ଚାହିଁ
ତୁମରି ଅଧର ଫାଂକେ
ବସନ୍ତ ହସଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୀତରାତି ପାହିଯାଏ ଗାଁ ଦାଣ୍ଡ ଧୂଳିର ବାଲିରେ,
ପଉଷ କୁହୁଡି କାଟି ମାଘ ମାସ ସରିଆସେ ଧୀରେ ।
ଦୋଳର ପୁନେଇଁ ଜହ୍ନ ଆକାଶରେ ଉଠିଲାଣି ଦେଖ,
ସାରି ସାରି ଧାନକ୍ଷେତ ଛୁଇଁ ବସନ୍ତର ବାସନ୍ତୀ ସନ୍ଧ୍ୟାରେ ।
ତୁମ ବାଡ଼ି ଅଗଣାକୁ ଛୁଇଁ
ବସନ୍ତ ଆସିଛି ତୁମ
ଦେହେ ଧକ୍କା ଖାଇ ।

ଫଗୁଣର ବକୁଳ ସୁଗନ୍ଧେ ବଉଳର ବାସ ମହକାଇ,
ଦକ୍ଷିଣା ପବନ ବହେ ମଳୟରେ ଦିଗ ଚହଟାଇ ।
ପ୍ରକୃତିରେ ଢାଳି ତୁମ କମନୀୟ ଶୋଭାର ସମ୍ଭାର,
ଋତୁରାଜ ହେ ବସନ୍ତ ! ଲାଗ ସତେ ସ୍ନିଗ୍ଧ ମନୋହର ।
ମୋହ ପାଇଁ ତୁମ ଅନୁରାଗ,
ବସନ୍ତ ଶୁଣାଏ ଗାଇ
ପ୍ରୀତିର ବେହାଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସତ୍ୟ ସହର (୨)



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ସୁନାର ହରିଣ ଲୋଭେ ଆସକ୍ତିର ସୀତାମାନେ
ନିବାରିତ ସମୟର ତିନିଗାର ଡେଇଁ,
ରାତ୍ରିର ରାବଣ ରଥେ ବଳାତ୍କାରେ ଉଡିଯାନ୍ତି
ସହର ଆକାଶପଥେ ଜଣାପଡି-ସମୁଦ୍ରକୁ ଡେଇଁ,
ବାଟ ଓଗାଳିବା ପାଇଁ ସାହସୀ ଜଟାୟୁ, କେହି ଆସେ ନାହିଁ !
ନିଃସହାୟେ କାନ୍ଦୁଥାନ୍ତି ନିତି କଇଁକଇଁ !
ବ୍ୟସ୍ତତାରେ ବିବସ୍ତ୍ର ସହରେ ସମୟର ସୁଅ ଛୁଟେ,
ରାସ୍ତାଘାଟ, ଦପ୍ତରରେ, ହାଟ ବଜାରରେ
ମଣିଷର ଭିଡ ଲାଗିଯାଏ,
ଆଭିଜାତ୍ୟ କଥା କହେ, ମିଛସବୁ ସତ ହୋଇ ରଟେ !

କେବେ କେବେ ଏହି ସହରଟା
ସୃଜନର ମାୟାବୀ ରୂପରେ,
ସାହିତ୍ୟର ସଭା ସମିତିରେ,
ନେତା ମାନଙ୍କର ଭଣ୍ଡ ରାଜନୀତି ମିଥ୍ୟା ଭାଷଣରେ,
ସମାଜର ଭେଦହୀନ ସାମ୍ୟଗୀତି ଗାଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାତିଆଣ ବିଷାକ୍ତ ହସରେ

ଏ ସହର ଛଳ କରି ନିତି ହସୁଥାଏ !

ଉଚ୍ଚନୀଚ ଘୃଣାର ଘା'ରେ

ଅହମିକା ଅଂସେଇର ବଂଶ ଚରିଯାଏ ।

ଦାନୀପଣେ କୃପଣର ଯଦି ହାତ ଖୋଲେ

କ୍ଷୁଧା ଖାଲି ହୁଏ ଛଟପଟ,

ସହସ୍ର ଦାନରେ କେବେ

ଥରେ ହେଲେ ପୁରେ ନାହିଁ ଭୋକିଲାର ପେଟ !

ଋତୁମାନେ ବୁଲିଯାନ୍ତି ଥରେ ଥରେ

ପାଳିକରି ଏ ସହରେ, ବଣ ପାହାଡ଼ରେ,

ଗଛମାନେ ପତ୍ରଝଡ଼ା ଦେଇ ମୁଣ୍ଡିତ ହୁଅନ୍ତି,

ପାଟଳ ପତ୍ରର ଝିନ ଗୈରିକ ବସନ ପିନ୍ଧି

ଧ୍ୟାନମଗ୍ନ ସାଧୁ ପାଲଟନ୍ତି ।

ଜୀବନ ସବୁଜିମାରେ ଏ ବଣପାହାଡ଼

କେବେ ପୁଣି କୋଳ କରିନିଏ

ମଣିଷର ଭଲମନ୍ଦ, ସୁଖଦୁଃଖ, ସଂସାର ଜଂଜାଳ,

ଫୁଲମାନେ ଫୁଲେଇ ହୁଅନ୍ତି

ନାନାରଙ୍ଗ ବୋଳିହୋଇ କେଳି ବିଳାସରେ,

ବସନ୍ତର ମଧୁ ଚୁମ୍ବନରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରର ପୁଷ୍ପିତ ଯୌବନ ହସି ଉଠେ
ଭୁଲି ଯାଇ ଅତୀତର ଶ୍ରମକ୍ଲାନ୍ତ ଝାଳ ।

ବୁକୁଫଟା କାନ୍ଦଣାରେ ଏ ସହର କାନ୍ଦେ ଶ୍ରାବଣରେ,
ବେପଥୁ ବିରହଜ୍ୱର ଥରଥର ଥରେ,
ଋତୁମତୀ କେଦାରେ କେଦାରେ
ମାଟିର ଯୌବନ ଗନ୍ଧ ପବନକୁ ଓଜନିଆ କରେ,
ଧରିତ୍ରୀର ଶୁଦ୍ଧସ୍ନାନେ ନଈନାଳ ଭରେ ।
ସହରର ଉପକଣ୍ଠେ ବରଷକେ ଥରେ,
ହରିତ କ୍ଷେତର ବଧୂ ସୂର୍ଯ୍ୟ-ସୀମନ୍ତିନୀ
ଲହରାଇ ଫୁଲର କେଶର,
ଚାହିଁରହେ ଶାରଦ ନିଶାନ୍ତେ
ନେବା ପାଇଁ ଶିଶିର ଆହାର,
ସୃଷ୍ଟି କଳ୍ପ ଗର୍ଭ ସଂଚାରର ।
ଯୌବନ ଗୁରୁଭାରେ ଲୋଟିପଡେ ଫୁଲର ଫସଲ,
କେବେ ପୁଣି ମଙ୍ଗଳ ମନାସି ପୀତବସ୍ତ୍ର ପରିଧାନ କରେ,
ଅଂଚଳ ଲହରୀମାରେ ଧୀର ସମୀରରେ,
ପାଚିଲା ଧାନର କେନ୍ଦା ନଇଁପଡ଼େ ଅବନତ ଶିରେ ।
ପୁଲକିତ ପ୍ରଣୟ ରାଗିଣୀ ଚକ୍ରବାକ କଂଠୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାସିଯାଏ ଦୂରେ ବହୁଦୂରେ,

ଅଳସୁଆ ଏହି ସହରଟା

ଶୋଇଥିବା ନିଧଡ଼କ ନିଦୁ,

ଚମକି ଉଠଇ ପୁଣି ଫସଲର ଅମଳ ଆଶାରେ ।

ପାର୍ବଣକୁ ଆଗକରି ଶୀତଋତୁ ଆସେ ଏ ସହରେ,

ଜଙ୍ଗଲରେ ନିଆଁ ଜଳିଉଠେ,

ବାଟମାନେ ବଣା ହୋଇଯା'ନ୍ତି ଲିଭିଯାଇ ଧୂଆଁ ପାଉଁଶରେ,

ପାହାନ୍ତାରେ ଦେହ ଥରେ ଉଷୁମ ଶେଯରେ ।

ଧାଙ୍ଗଡ଼ା  ଆଉ ଧାଙ୍ଗଡ଼ୀଙ୍କର ସମାବେଶ ହୁଏ,

ହାଣ୍ଡିଆର ହାଟ ବସେ ଜଙ୍ଗଲ ଭିତରେ

ଛିପିଛିପି  ଜହ୍ନ ଆଲୁଅରେ,

ଦିଆନିଆ ଘିଞ୍ଚାଘିଞ୍ଚି ହୁଏ ଶୀତ ଶେଷ ମାଘେ ପରବରେ ।

ପାହାଡିଆ ସାନୁଚଟାଣରେ

ଚାଙ୍ଗୁର ଚାବୁକ ଖାଇ ମାତାଲି ମନରେ

ଅଶ୍ଳୀଳ ଉତ୍ତାପମାନେ ଏକତ୍ର ହୁଅନ୍ତି,

ଦେହର ଦହନ ବଢେ,

ଧାଙ୍ଗଡ଼ୀମାନେ ଆକର୍ଷଣ ଆତୁର ଆବେଗେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଜ୍ଞାନ ଉତ୍ତେଜନାରେ ଶୀତକାର କରନ୍ତି,

ଆପଣାକୁ ହଜାଇବା ପାଇଁ

ଧାଙ୍ଗଡ଼ାମାନଙ୍କ ମୁଗୁନିପଥର ବପୁରେ,

ବିବଶ ଉଲଗ୍ନ ଦେହ ଲୋଟାଇ ଦିଅନ୍ତି ।

ଧାଙ୍ଗଡ଼ା: ଆଦିବାସୀ ଯୁବକ

ଧାଙ୍ଗଡ଼ୀ: ଆଦିବାସୀ ଯୁବତୀ

ଚାଙ୍ଗୁର : ଆଦିବାସୀ ନୃତ୍ୟରେ ବ୍ୟବହୃତ ବାଦ୍ୟଯନ୍ତ୍ର (ଢୋଲ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିନୁ ତୁମେ ଚାଲିଗଲ



ଶିବାଜୀ
ବାହିନୀପତି

ମୋ ହସଲୁହର ସାଥି ହେବ କହି
ଆଉକା ହାତ ଧରିଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ ।

କହିଥିଲ ମୋତେ ମୁଁ ତୁମର ରାଜା
ତୁମେ ମୋ କନିଆଁ ରାଣୀ
ସାରା ଜୀବନକୁ ଅଧା ରହିଗଲା
ଆମ ଏ ପ୍ରେମ କାହାଣୀ ।

କହିବି ପାରୁନି ସହିବି ପାରୁନି
ଏମିତି ଅଦେଖା ମୋହ
କେମିତି ବଞ୍ଚିବି ଏସାରା ଜୀବନ
ହଜାଇ ମୋ ପରିଚୟ ।

ଲୁହ କୋହ ମୋର ହେଲେ ସହଚର
ପାଉଥିଲି ବୋଲି ଭଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ ।

ଭୁଲି ପାରିବିନି ସହଜରେ କେବେ
ଯେଉଁ ଉପହାର ଦେଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚିନୁ ତୁମେ ଚାଲିଗଲ ।

କେ.ଟି.ଭି. କାର୍ଯ୍ୟାଳୟ
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୮୨୪୯୫୮୦୩୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୀଶ ଅଭିଷେକ



ସୁହଂସ ଭୋଇ

ରାଗ-ରସକୁଲ୍ୟା

ଅଯୋଧ୍ୟା କଟକ ରାଜ ନଅଁର
ଅପରୂପ ଶୋଭା କି ମନୋହର
ଅଭିନବ ବଧୂ ଯେସନେ ସଜ
ଅନ୍ତରେ ଆନନ୍ଦ ହର୍ଷ ମଉଜ ସେ
ଅଧୀଶ ହୋଇବେ ବୋଲି ଯେ
ଅଖିଳ ସାଆନ୍ତ କଉଶଲ୍ୟା ସୁତ ଅରୁଣ ଉଇଁଲେ କାଲି ଯେ

ଅଙ୍ଗରେ ବିମଳ ଅମ୍ବର ପାଟ
ଅମ୍ବୁଜ ସାଜିଛି  ଶିରେ ଘମୋଟ
ଅନିଳ ଭ୍ରମଇ ମହ୍ଲାର ଗାଇ
ଅତ୍ରିଜ ଲୁଚିଛି ନଭେ ଲାଜେଇ ସେ
ଅତୁଲ୍ୟ ଚାକ୍ଷୁଷ ଦୋଷା ଯେ
ଅତି ଉତ୍କଣ୍ଠାରେ  ଚାହିଁକି  ରହିଛି ଭବ୍ୟ ଲଗନକୁ ଉଷା ଯେ

ଅଗାରେ ଅଗାରେ ମୁରୁଜ ଚିତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଗଣାରେ ପୂର୍ଣ୍ଣକୁମ୍ଭ ସଳିତା

ଅଟବୀ ସହିତେ କୁସୁମ ଲତା

ଅୟସେ ଆବାଳ ବୃଦ୍ଧ ବନିତା ସେ

ଅଭିଷେକେ ହେବେ ସାକ୍ଷୀ ଯେ

ଅଳୀକ ଆଦେଶ ଅଟେ ଶିରୋଧାର୍ଯ୍ୟ ଯାହା ବିହି ଅଛି ଲେଖି ଯେ

ପଦ୍ମଶ୍ରୀ, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତ୍ୟୁଷ



ଅଲେଖ ମେହେର

ଶିଶିର ପ୍ରତ୍ୟୁଷ ଭରଇ ଉତ୍କର୍ଷ
ନୀହାରେ ସଜାଇ ତନୁ,
ଭୁଲା ପଥିକକୁ ଡାକେ ହାତଠାରି
ଇକ୍ଷଣେ ଅବଲୋକନୁ ।
ଲୋହିତ ରକତେ ଅବଗାହି ଧରା
ଦିଏ ମନ୍ଦ ମନ୍ଦ ବାତ,
ଦ୍ୱିଜ ମନ୍ମୋହାର ଦ୍ରୁମ ତରୁ ଡାଳେ
ତୋଳେ ମଧୁ ସୁର ସାତ ।
ଦେବାଳୟୁ ଆସେ ପୀୟୁଷର ସରୀ
ହଂସୀ ହଂସ କରେ ପାନ,
ଶୀତର ବସନ ଫେଇ ସର୍ବସହା
ସିତ ବାସେ ଦିଏ ଧ୍ୟାନ ।
କାନନୁ ଆଣଇ ଜୀବନ ମହକ
ଘ୍ରାଣେନ୍ଦ୍ରିୟେ ଯାଏ ପଶି,
ପ୍ରତ୍ୟୁଷ ବେଳାରେ ମଧୁପ ବସଇ
ପ୍ରସୂନ ବକ୍ଷରେ ହସି ।

ନିମ୍ବ ତରୁଡାଳେ କପୋତ ବାହୁନେ
ଉଠରେ ଗଳାର ହାର ,
ତୁମ୍ଭ ବିନା ଲାଗେ ସସାଗରା ମହୀ
ଖେଦ ମହୀରୁହ ଭାର ।
ବଗପନ୍ତୀ ନଭେ ପର୍ଣ୍ଣ ଝାଡି କେଉଁ
ରାଇଜେ ଯାଆନ୍ତି ଉଡି,
ପେଟପାଟଣାକୁ ମିଛ ଆଳାପରେ
ଯାଏ କିବା କିଏ ହୁଡି ।
ତୋ'ରୂପ ଗଗନେ ଉଦ୍ଭାସିତ ହୁଏ
ବାସ କରୁ ଉର ସ୍ଥଳେ,
ଲୋଟଣୀ ବେଳାରେ ଯିବ ସାଥେ ମୋର
ବାୟା ମନ ସଦା ଭାଳେ ।

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଗର କୂଳେ ରାହା



ଆଶୁତୋଷ
ମେହେର

ସାଗରର କୂଳେ କିଆଁ ଲାଗେନା ଏ ମନ ମୋର
ବାଲି ଶେଜ ନିରାଶାର ଗୀତି,
ଭାଙ୍ଗୁଥିବା ଲହଡିର ଛୁଇଁ ଦେଇ ଫେରିଯିବା
ମନଗଢା ଦିଆନିଆ ପ୍ରିତୀ.......।।୦।।

ନୀଳନୀଳ ଜଳରାଶି ଦିଗନ୍ତ ବିସ୍ତାର ମନ
ଗହୀରିଆ ଭାବଗନ୍ତା ଘର,
ଜଣା ପଡେ ନାହିଁ ଜମା ମୁଖାଧାରୀ ମଣିଷରେ
କିଏ ନିଜ ଅବା କିଏ ପର,
ତଥାପି ତ ଭଲଲାଗେ ଭବବନ୍ଧନର ଖେଳ
ସମାଜର ପ୍ରେମଭରା ରିତି......।।୧।।

ଜୀବନର ହୁଲି ଡଙ୍ଗା ଏଇଠି ତ ବାଟ ଭାଙ୍ଗେ
କେଜି ଜଣେ ହାତଠାରି ଡାକେ,
ସକାଳର ସୂର୍ଯ୍ୟୋଦୟ ସଂଜ୍ଞବେଳା ଅସ୍ତରାଗ
ଜୀବନର ଅଭିଳାଷା ମାଗେ ,
ନୀଳ ଢେଉ ଆଶା ଭରେ ବଞ୍ଚିବାର ରାହା ଦିଏ
ଆଗେ ବଢେ କାଟି ଭ୍ରାନ୍ତି ଭିତି........।।୨।।

୫୪, ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜହ୍ନରେ ଜହ୍ନ



ନୀଳମଣି ଚାନ୍ଦ

ଜହ୍ନରେ ଜହ୍ନ ସେ ନଭର ଜହ୍ନ
ଦେଖି ହରଷିତ ହୁଅଇ ମନ ।
ତା ଦେହରେ ଅଛି କଳଙ୍କ ଚିହ୍ନ
ଶୁଣି ଆଚମ୍ବିତ ହୁଅ ମୋ ମନ ।

ସମୁଦ୍ର ମନ୍ଥନୁ ଜନମ ନେଲା
ଆଇ ପୁରାଣଟି ଦେଖେଇ ଦେଲା ।
କୁମୁଦବାନ୍ଧବ ସେ ହିମକର
ଶଶାଙ୍କ, ଚନ୍ଦ୍ରମା ଯେ ଶଶଧର ।

ଇନ୍ଦୁ,ଶଶୀ,ଜହ୍ନ ସେ ନିଶାପତି
ବଦଳାଏ ରୂପ ଯେ ନିତି ନିତି ।
ପୃଥିବୀ ଗ୍ରହର ସେ ଉପଗ୍ରହ
ଜହ୍ନମାମୁଁ ବୋଲି ତାକୁ ଯେ କହ ।

କେମିତି ତା ରାଜ୍ୟ କେମିତି ସିଏ
ଅଭିଯାନଟି ତ ବତେଇ ଦିଏ ।
ଆ ଜହ୍ନମାମୁ ସରଗ ଶଶୀ
ମୋ କାହ୍ନୁ ହାତରେ ପଡରେ ଖସି ।

ପିଲାଦିନେ ଗାଇ ଏମିତି ଗୀତ
ମାଆ ଖୋଇ ଦେଉଥିଲେରେ ଭାତ ।
ଜୋଛନା ଚନ୍ଦନ ଦିଏ ସେ ଢାଳି
ଜହ୍ନରେ ଜହ୍ନ ମୁଁ ହୁଅଇ ଭାଳି ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୭୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ ବ୍ରହ୍ମ



ବୈଶାଖୀ ଦୀପ

ଆକାଶ ନୀଳ, ସମୁଦ୍ର ନୀଳ
ନୀଳ ହିଁ ନିତ୍ୟ, ସତ୍ୟ ଓ ଶାଶ୍ୱତ
ବର୍ଣ୍ଣ ମିଳନର ସୃଷ୍ଟି ହିଁ ନୀଳ
ତେଣୁ ତୁମେ ପ୍ରଭୁ ନିଳବ୍ରହ୍ମ ।

ଶୂନର ଯୋଗେ ଶୂନ, ଶୂନର ଲିନେ ଶୂନ
ଶୂନ୍ୟ ଓ ପୂର୍ଣ୍ଣର ଅଭିନ୍ନରେ
ତୁମେ ପ୍ରଭୁ ଉଦ୍ରେକ
ତେଣୁ ତୁମେ ପରଂବ୍ରହ୍ମ ।

ଗୋଲାକାର ଚକ୍ଷୁ
ପତା ବିହିନେ ନେତ୍ର
ମୁଦ୍ରିତ ନୁହେଁ, ସଦାଜାଗ୍ରତ ତୁମେ
ତେଣୁ ତୁମେ ପ୍ରଭୁ ଚକାନୟନ ।

ନେତ୍ର ଦ୍ୱୟ ସୂର୍ଯ୍ୟଚନ୍ଦ୍ର
ନାଲୀ ଅଧର ମଙ୍ଗଳ
ପ୍ରେମ ମୋହିତ କଳା ଶୁକ୍ର
ତେଣୁ ତୁମେ ପ୍ରଭୁ ନବଗ୍ରହ ।

ଐଶାନ୍ୟରେ ହିମାଳୟ
ନୈରୁତରେ ବଙ୍ଗୋପ
ଅଗ୍ନିରେ ଶ୍ରୀ ମନ୍ଦିର
ତେଣୁ ତୁମେ ପ୍ରଭୁ ବାସ୍ତୁପୁରୁଷ ।

ଲିଙ୍ଗ ଭେଦର ଊର୍ଦ୍ଧ୍ୱରେ ତୁମେ
ପୁରୁଷ ମଧ୍ୟେ ପୁରୁଷତ୍ତୋମ
ନାରୀ ମଧ୍ୟେ ଜଗଦ୍ଧାତ୍ରୀ
ତେଣୁ ତୁମେ ପ୍ରଭୁ ପୂର୍ଣ୍ଣବ୍ରହ୍ମ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାତୃଭାବ ମୂଳତତ୍ତ୍ୱ ତୁମେ

ତେଣୁ ଭ୍ରାତା ଭଗିନୀ ସହ ପୂଜା ପାଅ

ମାନବବାଦର ତୁମେ ପ୍ରତୀକ

ତେଣୁ ତୁମେ ପ୍ରଭୁ ପତିତପାବନ ।

ଭକ୍ତ ଭାବରେ ବନ୍ଧା ତୁମେ

ରତ୍ନସିଂହାସନ ଛାଡ଼ି

ବିଜେ ହୁଅ ନନ୍ଦିଘୋଷେ

ଦର୍ଶନ ଦିଅ ସାରା ବିଶ୍ୱେ

ତେଣୁ ତୁମେ ପ୍ରଭୁ ମହାମହିମା ।

ଜଗତ୍ ଯେ ବିଶ୍ୱବ୍ରହ୍ମାଣ୍ଡ

ନାଥ ଯେ ଅଧୀଶ୍ୱର

ତୁମେ ସମ୍ପୂର୍ଣ୍ଣ ଜଗତର ପ୍ରତୀକ

ତେଣୁ ତୁମେ ଜଗନ୍ନାଥ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିଆରା ସ୍ମୃତି



ଦେବରାଜ ରାଣା

କିଛି ସ୍ମୃତି ହଜିଯାଏ ଅନ୍ଧାର ଗଳିରେ
ପ୍ରେମ ସ୍ପର୍ଶ ଥରେ ପାଇ,
ପ୍ରେମ ପୁଷ୍ପ ତ ଏକ ମଧୁଝରା ମହକ
ହୃଦୟ ଗଭିରେ ଥାଇ ।

ପ୍ରେମ ଋତୁ ତ ଅଦିନିଆ ବାଆ ବତାସ
ଝଡ଼ ସୃଷ୍ଟି କରେ ନୀତି,
ଖୁସି ସିନା ଲାଗେ ମଧୁ ଯାମିନି ପ୍ରୀତି
ଲୁହରେ ଫାଟେ ଯେ ଛାତି ।

ବସନ୍ତ ଗାଏ ସିନା କୋଇଲି ର ଗୁଣ
ରଙ୍ଗ ଅବିର ଫଲ୍ଗୁ ଖେଳ,
ଶ୍ରାବଣୀ ପ୍ରେମରେ ଲୁହ ଝରି ପଡ଼େ
ପାଣି ଫୋଟକା ରେ ବିକଳ ।

ସ୍ମୃତି ନୁହଁ ରଙ୍ଗ, ଚିତା, କାଲି, ଝୋଟି
ଯାହା ଲିଭେଇଲେ ଲିଭି ଯିବ,
ନିଝୁମ ରାତିରେ ଆଖି ବୁଜି ନିଏ ସିନା
ପୂର୍ଣ୍ଣିମୀରେ ପୁଣି ଜଳୁଥିବ ।

ସାଇତା ସ୍ମୃତି ଯେ ନିଆରା ଲାଗେ
ମନ ଗଭୀର ତଳେ,
ଖୁସି ଟିକିଏକୁ ଦୁଃଖର ଯନ୍ତ୍ରଣା
ଲୁହ ଦି ଟୋପା ଢାଳେ।

ଚାଉଳଡ଼ିଆ ,,ଲାଠୋର,,ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବହି ମେଳା



ତାରା ପ୍ରସାଦ ଜେନା

ମୁଖ ମଲାଟର ଛବିକୁ ଚାଟିଲେ
ପେଟେ ହୋଇଯିବ ଜ୍ଞାନ,
ବହି ପ୍ରଚାରଟା କି ବାଗରେ ଆହା
ଦେଖି ହସୁଛନ୍ତି ଜନ !

ଗୁରୁ ବତୀପେଲା ଟେକା ଟେକି ଲେଖା
ଗୁରୁ ପଦ ଚାଟି ଲୋଟେ ,
ଗୁରୁ ଚୋପାଛଡ଼ା ଚେଲା ଟେକି ପୁଣି
ଲେଖା ମହାଭାବ ଘଟେ !

ସେଲଫିର ମଜା ଉଠାଉଛି କିଏ
କୁଣ୍ଢା କୁଣ୍ଢି ହସା ହସି,
ବେସରମ ଆହା ନଗଦ ମିଳନ୍ତି
ହାତଛୁଆଁ ଭିଡ଼ା ଖୁସି !

କିଏ ଗେଣ୍ଡୁମାଳ ବେକରେ ଗଳାଇ
ବହି ଲୋକାର୍ପଣେ ମାତେ,
ଗୋଷ୍ଠୀ ମିଠାଲୋକ ତାଳିକୁ ବଜେଇ
କମ୍ପମାନ କାହିଁ କେତେ !

ବହି ଭିତରଟା ବାଜେ ପଛେ ଥାଉ
ଯାଏ ଆସେ ନାହିଁ କିଛି ,
ପୁରସ୍କାର ସିଏ ହାତେଇ ପାରନ୍ତି
ଖର୍ଚ୍ଚ ପାଣି ଯା'ର ଅଛି !

ଗୁଣଗ୍ରାହୀ ଏଠି ହଜିଗଲେ କାହିଁ
ଭଲ ଲେଖକର କାନ୍ଦ ,
ଅଭିନୟ କରି ସାହିତ୍ୟ ମଞ୍ଚରେ
ଖୁସି ଫାଟିପଡ଼େ ମନ୍ଦ !

ସା.-ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର, ଜିଲ୍ଲା-ନୟାଗଡ଼, ୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବ ପ୍ରାର୍ଥନା



ଆକାଂକ୍ଷା ମିଶ୍ର

ମାନ ଅଭିମାନ ସବୁ ମୂଲ୍ୟହୀନ
ମଣିଷ ବଞ୍ଚିବା ପାଇଁ
ନିଜ ନିଶ୍ୱାସକୁ ଭରସା ପାଉନି
ଜୀବନର ମାନେ ଏହି (୧)

ଅଢେଇ ଦିନିଆ କୁଣିଆ ସଭିଏଁ
ଯିବା ଆଗପଛ ହୋଇ
ଗର୍ବ ଅହଙ୍କାର ରାଗ ରୋଷ ପୁଣି
କରିବା ଯେ କାହିଁ ପାଇଁ ? (୨)

କାନ୍ଦୁଥିଲେ ସିଏ ଲୁହପୋଛି ଦିଏ
ଦୁଃଖରେ ହୁଏ ଯେ ଦୁଖୀ
ଆସେ ନାହିଁ କେବେ ବିପଦ ତା ପାଇଁ
ସାହାତାର ଚକାଆଖି (୩)

ଜନ୍ମ ଜନ୍ମାନ୍ତର ସମ୍ପର୍କ ଥାଉ ହେ
ଜଗା ତୁମ ସାଥେ ମୋର
ଭଲରେ ଥାଏକି ମନ୍ଦରେ ଥାଏ ମୁଁ
ଜାଣି କରିବନି ଦୂର (୪)

ଆଖିରେ ଦେଖୁଛି ହସୁଚି ଅଧର୍ମ
ଧର୍ମ ଗଡ଼ାଉଚି ଲୁହ
ତଥାପି କହୁଛି କହୁଥିବି ପ୍ରଭୁ
ଧର୍ମର ହେବ ଜୟ। (୫)

ମଲ୍ଲୀପୁର (ନିଆଳ), ଖୋର୍ଦ୍ଧା
୯୯୩୮୦୨୭୦୧୨୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁ ସେପରି ହେଇଯିବୁନି ତ ?...



ଅନୁଶ୍ରୀ ନାଏକ

ଦେଖିଛି ଆଜି ଦୀପ୍ତି ସଳିତାର ଅତୃପ୍ତ କ୍ଷୁଧାକୁ
ତୁ ସଳିତା ପରି ହେଇଯିବୁନି ତ
ମାପିଛି ଆଜି ମହାନଦୀର ଗମ୍ଭୀରତାକୁ
ତୁ ମହାନଦୀ ପରି ହେଇଯିବୁନି ତ
ଶୁଣିଛି ଆଜି ଅଦିନ ମେଘର ଗର୍ଜନକୁ
ତୁ ଅଦିନ ମେଘ ପରି ହେଇଯିବୁନି ତ
ସାଉଁଟିଛି ଆଜି ଶେଫାଳୀର ଉଦାସୀନତାକୁ
ତୁ ଶେଫାଳୀ ପରି ହେଇଯିବୁନି ତ
ଭେଟିଛି ଆଜି ସମୟର ଉପେକ୍ଷିତାକୁ
ତୁ ସମୟ ପରି ହେଇଯିବୁନି ତ
ଛୁଇଁଛି ଆଜି ଗୋଲାପର କଣ୍ଟକତାକୁ
ତୁ ଗୋଲାପ ପରି ହେଇଯିବୁନି ତ
ଆହ୍ୱାନ କରିଛି ଆଜି ନିହାଣର ବଧିରତାକୁ
ତୁ ନିହାଣ ପରି ହେଇଯିବୁନି ତ
ଯୁଝିଛି ଆଜି ଗର୍ବିତ ବହ୍ନି ର ଶତ୍ରୁତାକୁ
ତୁ ବହ୍ନି ପରି ହେଇଯିବୁନି ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁଭବ କରିଛି ଆଜି ଅର୍ଦ୍ଧ ଯାମିନୀର ନୀରବତାକୁ

ତୁ ଅର୍ଦ୍ଧ ଯାମିନୀ ପରି ହେଇଯିବୁନି ତ

ଜାଣିଛି ଆଜି କ୍ରୂର ଦୁନିଆର ସ୍ୱାର୍ଥପରତାକୁ

ତୁ ଦୁନିଆ ପରି ହେଇଯିବୁନି ତ

ପଢିଛି ଆଜି ଇତିହାସ ପୃଷ୍ଠାର ଦୁର୍ଦ୍ଧାନ୍ତତାକୁ

ତୁ ସେପରି ହେଇଯିବୁନି ତ !!

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଥାଉ ତୁମ ବଡ଼ପଣ



ନିରଞ୍ଜନ ସାହୁ

ତୁମ ବଡ଼ପଣ ତୁମ ଠାରେ ଥାଉ
ଲୋଡ଼ାନାହିଁ ଦୟା ଆଉ
ବୁଝି ମୁଁ ଗଲିଣି ତୁମ ହାବଭାବ
ଜାଣିଗଲିଣି ବି ଭାଉ ।

ଶୁଣିଥିଲି କେତେ ମହିମା ତୁମର
ପଢ଼ିଛି ତୁମରି କଥା
ବାସ୍ତବ ଜୀବନେ ଭାବିଲା ବେଳକୁ
ଘୁରି ଯାଉଅଛି ମଥା
ଶରଣରକ୍ଷଣ ବାନା ଉଡାଇକି
ଆଶ୍ରିତରେ ସାଧ ଦାଉ ।

କେତେ ଯେ ପ୍ରାର୍ଥନା କେତେ ଯେ ଗୁହାରି
ଅରଣ୍ୟ ରୋଦନ ସମ
କେତେ ଜଣାଇବି ଆୟୁ ସରିଆସେ
ଭେଟ ହେବ ଯାହା ଯମ
ବୋଝ ଦେହେ ଲଦି ନଳିତା ବିଡାଟା
କେଉଁ ସୁଖ ପ୍ରଭୁ ପାଉ ?

କଥା ଶୁଣିଦେଲେ ପେଟ କି ପୁରିବ
ମନ କି ବୁଝିବ କେବେ
ମୋ ସ୍ଥାନରେ ରହି ନିଜକୁ ପରଖ
ଜାଣିପାରିବ ହେ ତେବେ
ଦୁଃଖେ ଜନମିଛି ଦୁଃଖରେ ମରିବି
ଅକାଳେ ମୋ ଜୀବ ଯାଉ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ୍ଟା ଓ ଫୁଲ



ଗୁପ୍ତେଶ୍ୱର ଚାନ୍ଦ

କୋମଳତା ଗୁଣ ଆପଣେଇ ଫୁଲ
ସଭିଙ୍କ ଠୁଁ ଲଭେ ଆଦର ।
ଦିଅଁ ଙ୍କ ଗଳାରେ ଶୋଭା ପାଏ ନିତି
କି ସୌଭାଗ୍ୟ ସତେ ତାହାର ।।୦
ଶିଶୁ ହେଉ ଅବା ଯୁବକ ଯୁବତୀ
ତୋଳି ନିଅନ୍ତି ଅନୁରାଗେ ।
ଅନ୍ୟକୁ ଆଘାତ ଦିଏ ବୋଲି କଣ୍ଟା
ତିରସ୍କାର ଲେଖା ତା' ଭାଗ୍ୟେ ।।୧
ଯେମିତି ସ୍ୱଭାବ ବହିବା ମନରେ
ସେମିତି ମିଳିବ ବେଭାର ।
ସବୁଜିମା ଘେନି ସିନା ଶୋଭାପାଏ
ଏ ମହୀରେ ଶସ୍ୟ କେଦାର ।।୨
ଉତ୍ତମ ଗୁଣଟି ଆବୋରି ସଂସାରେ
ଜୀବନ ସରସ ସୁନ୍ଦର ।
ସଭିଙ୍କର ହୁଏ ପ୍ରିୟ ପାତ୍ର ଦେଖ
ପିକ ବାଣୀ ଯେଣୁ ମଧୁର ।।୩

କାଉ-କୋଇଲିର ରଙ୍ଗ ଏକା ହେଲେ
ସ୍ୱଭାବ ଅଲଗା ତାଙ୍କର।
ମରାଳ ପିଠିରେ ମାତା ସରସ୍ୱତୀ
ବିରାଜି କରନ୍ତି ବିହାର ।।୪
ବକ ବୁଲୁ ଥାଏ ଗୋହିରୀ ବିଲରେ
ଆମିଷ ସନ୍ଧାନ ତାହାର ।
ଦୁର୍ଗନ୍ଧ-ସୁଗନ୍ଧ ଦ୍ୱିବିଧ ପ୍ରବନ୍ଧ
ଏକଥା ମନରେ ବିଚାର ।।୫
ସଭା ମଧ୍ୟେ ଜ୍ଞାନୀ ପଣ୍ଡିତ ବୋଲାଏ
ଭାଷା ତା'ର ଯେଣୁ ସଂଯତ ।
ଭାବି ଚିନ୍ତି ବୁଝି ବିଚାରି କରମ
କଲେଟି ବିପଦ ମୁକତ ।।୬
ବୁଝାମଣା ଭଲ ରହିଲେ ସମ୍ପର୍କ-
ସେତୁଟି ହୁଅଇ ସୁଦୃଢ଼ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଈଶ୍ୱର ମିଳନ୍ତି ପରା ଏ ହୃଦୟ
ପବିତ୍ର ହେଲେ ମନ ମୂଢ଼ ।।୭
ଭକତ ହୃଦୟ କୋମଳ କାରଣୁ
ଲଭେ ସେ ଅଚିରେ ମାଧବ ।
ପ୍ରୀତ ପରଂବ୍ରହ୍ମ ଚାହିଁ ନିରିମଳ
ତା' ମନ ସରଳ ସ୍ୱଭାବ ।।୮
କହ ବାଇ ମନ କୁସୁମ ହେବୁ କି
କଣ୍ଟକ କରି ସୁବିଚାର ।
ଯେମିତି ରୋପିବା ସେମିତି କାଟିବା
ଏ ଅଟଇ ବେଦର ଗାର ।।୯
ଦୂର ଦୃଷ୍ଟି ବଳେ ବିଜ୍ଞ-ଜନେ ଭୁତ-
ଭବିଷ୍ୟତ କରି କଳନା ।
ପୁରାଣ ପୃଷ୍ଠା ରେ ଅଛି ଲିପିବଦ୍ଧ
ନୁହଁଇ କବିର କଳ୍ପନା ।।୧୦

ଗ୍ରାମ/ପୋଷ୍ଟ:- ସମାସିଂହା:- ଝାରସୁଗୁଡ଼ା ;
ମୋ.ନଂ.୭୬୮୩୮୪୧୦୭୪.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜେଜେ ମାଆ



ବିକାଶ କୁମାର
ହୋତା

ଜେଜେ ମାଆ ପରି ଆଉ କିଏ ହେବ
ସଦା ସେ ସେନେହ ଦିଏ
ପାକୁଆ ପାଟିରେ ଖିଲି ଖିଲି ହସି
ଆମ ଘର ଗଢୁଥାଏ ।।(୧)

କୋଳରେ ବସେଇ କେତେ ସ୍ନେହ କରି
କରିଛି ଛୋଟରୁ ବଡ଼
ଆଶିଷ ଲଭିଣ ତାହାରି ଆମରି
ବଦଳେ ଜୀବନ ମୋଡ଼ ।।(୨)

ଜେଜେ ମାଆ ପାଶେ ଆମେ ସବୁ ବସି
କରୁଥାଉ କେତେ ଅଳି
ବୁଝେଇ ସୁଝେଇ କେତେ ରକମର
ଗପ କହେ ଭଳି ଭଳି ।।(୩)

କୋଳେଇ କାଖେଇ ମଣିଷ କରିଛି
କରିଅଛି ଜପା ମାଳି
ଅଝଟ ହୋଇଲେ କେବେ କେବେ ପୁଣି
ଦିଅଇ ମଧୁର ଗାଳି ।।(୪)

କିଛି ଅସୁବିଧା ହୋଇଲେ ଆମରି
ଆମକୁ ସାହାରା ଦିଏ
ନିଜେ ନ ଶୋଇକି ରାତି ସାରା ଖାଲି
ଆମକୁ ସେ ଜଗି ରୁହେ ।।(୫)

ଗୀତା, ଭାଗବତ ଶିକ୍ଷଣୀୟ କଥା
ଶୁଣାଏ ଆମକୁ ବସି
କେତେ ଖୁସି ଲାଗେ ଶୁଣିବାକୁ ତାହା
ପାଖକୁ ତାହାରି ଆସି ।।(୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠ ନ ପଢ଼ି ବି ଜେଜେ ମାଆ ଆମ

ଅଟଇ ଯେ ମହାଜ୍ଞାନୀ

ଆମରି ଘରର ମେରୁଦଣ୍ଡ ସିଏ

ଚଳୁ ତା'ର କଥା ମାନି ।।(୭)

ଆଉ କେହି ନାହିଁ ତାଆ ଠାରୁ ବଡ଼

ହେବେନି କେ ତା'ର ତୁଲ

ଅଛି କେ ସଂସାରେ ଦେଇକି ପାରିବ

ତିଳେମାତ୍ର ତା'ର ମୂଲ ।।(୮)

ଦୀର୍ଘଜୀବି କର ଜେଜେ ମାକୁ ମୋର

କାଳିଆର ପାଶେ ଅଳି

କୋଟି ଦଣ୍ଡବତ କରୁଛି ହେ ନାଥ

ଚରଣରେ ତୁମ ଢ଼ାଳି ।।(୯)

ଦକ୍ଷିଣକାଳୀ ରୋଡ଼, ବିଦ୍ୟାନଗର, ଢେଙ୍କାନାଳ

୭୦୦୮୯୨୮୭୯୮, ୮୨୪୮୨୯୨୦୫୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସନ୍ଧ୍ୟାର ଆଗମନ



ଶିଳ୍ପା ଡାଙ୍ଗୁଆ

ଦିନ ସରିଗଲେ ସଞ୍ଜ ନଇଁ ଆସେ
ସନ୍ଧ୍ୟା ସମୟର ଶୋଭା ଦିଶେ
ସୂର୍ଯ୍ୟ ଲୁଚିଗଲେ ଜହ୍ନ ଆଲୁଅରେ ଧରଣୀ ଚମକି ଉଠେ
ପଶ୍ଚିମ ଆକାଶେ ସୂର୍ଯ୍ୟ ବୁଡ଼ିବା ଦୃଶ୍ୟ ଦେଖି
ସମସ୍ତଙ୍କ ମନ ଆନନ୍ଦରେ ପୁରିଉଠେ ।।
ଏ ସମୟେ ଲାଗେ ଅତି ମନୋହର
ସଭିଙ୍କୁ ମୁଗ୍ଧ କରେ ତାର ସୁନ୍ଦର
ସନ୍ଧ୍ୟା ଅଗମନେ ଗାଈ ଗୋରୁ ପଲ ଫେରନ୍ତି
ସମସ୍ତେ ନିଜ ନିଜ ଗୁହାଳକୁ ।।
ବିହଙ୍ଗ ବିହଙ୍ଗୀ ପକ୍ଷୀକୁ ମେଲାଇ
ଫେରନ୍ତି ନିଜ ବସାକୁ
ବିଲ ବାଡି କାମ ସାରିଣ ଚାଷୀ
ଆନନ୍ଦେ ଫେରନ୍ତି ନିଜ ଘରକୁ ।।
ସଭିଏ ନିଜ ନିଜ କର୍ମ ସାରି
ଫେରନ୍ତି ନିଜ ଗୃହକୁ
ସନ୍ଧ୍ୟା ଆଗମନେ ଗ୍ରାମର ଦୃଶ୍ୟ ଦେଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗେ ଅତି ମନୋରମ ।।

ଜହ୍ନ ଆଲୁଅରେ ଟିକି ଟିକି ତାରା

ମଲ୍ଲି ଫୁଲ ସମ ସୁନ୍ଦର

ଧୀର ଧୀରେ ଯେତେବେଳ ସନ୍ଧ୍ୟା ନଇଁ ଆସେ

ସନ୍ଧ୍ୟା ପ୍ରଦୀପ ର ଶୋଭା ଦିଶେ ।।

ତୁଳସୀ ଚଉଁରା ମୂଳେ ସଞ୍ଜ ଦୀପ ଥୋଇ

କୁଳ ବଧୂ ପ୍ରଣିପାତ କରେ

ଆଇ ମାଁ ବସେ କାହାଣୀ କହି

ପିଲାଏ ଶୁଣନ୍ତି ତାକୁ ଅତି ମନ ଦେଇ ।।

ସନ୍ଧ୍ୟା ସମୟେ ଭାଗବତ ଟୁଙ୍ଗୀରେ

ଚାଲେ ଭାଗବତ ପାଠ

ଗ୍ରାମ ବୃଦ୍ଧା ସବୁ ଏକତ୍ର ହୋଇ

କରନ୍ତି ଏହାକୁ ପାଠ ।।

ଧିରେ ଧିରେ ଏହି ସନ୍ଧ୍ୟା ଆଗମନେ

ପ୍ରକୃତି ର ଦୃଶ୍ୟ ଦେଖି ହୁଅନ୍ତି ସମସ୍ତେ ମୁଗ୍ଧ ।।

ନାମ - ଶିଲ୍ପା ଡାଙ୍ଗୁଆ
ସମ୍ବଲପୁର, ହୀରାକୁଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ସମସ୍ତ ହୃଦେ ଭଗବାନ



ଜ୍ଞାନ ରଞ୍ଜନ ଦାଶ

ଦାରୁ ଦେହେ ବ୍ରହ୍ମ ରହି ଦାରୁ ବ୍ରହ୍ମ
ଅନ୍ନ ଦେହେ ଅନ୍ନ ବ୍ରହ୍ମ
ସେପରି ସକଳ କଳେବରେ ବିଜେ
ସ୍ୱୟଂ ଆତ୍ମା ରୂପୀ ବ୍ରହ୍ମ ।୧।

ଆତ୍ମା ବିନା ଜୀବ ବିବର୍ତ୍ତିତ ଶବ
ପଡି ରହେ ଧରା ଲୋକେ
ବ୍ରହ୍ମ ପ୍ରାପ୍ତି ଯୋଗେ ଯାଏ ମୁକ୍ତି ମାର୍ଗେ
ଗମେ ବଇକୁଣ୍ଠ ଲୋକେ ।୨।

ଜାତି ଧର୍ମ ବର୍ଣ୍ଣ ଗୋତ୍ର ନିର୍ବିଶେଷେ
ନିଜେ ଆତ୍ମା ରୂପୀ ବ୍ରହ୍ମ
ବିଜେ ପ୍ରତି ଦେହେ ଏହି ବିଶ୍ୱ ଗେହେ
ପରିହରି ତାରତମ୍ୟ ।୩।

ଅନିଳ ଯେପରି ପରିମଳ ପୁରି
ଛୁଇଁ ଯାଏ ପ୍ରତି ସ୍ଥାନ
ଭୂମି ଠାରୁ ଭୂମା ଯାଏ ଯଥା ରବି
କରେ କର ନିପାତନ ।୪।

ଜୀବାତ୍ମା ସେପରି ପ୍ରତି ଘଟେ ପୁରି
ଅଛନ୍ତି ସମ ଭାବରେ
କର୍ଣ୍ଣଧାର ରୂପେ ବାହୁଥାନ୍ତି ବସି
ପ୍ରତି ଜୀବନ ନାବରେ ।୫।

ନରସିଂହପୁର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦେହ ପ୍ରେମ ଅମର



ପ୍ରଭାସ କୁମାର
ମହାପାତ୍ର

ଶରୀରକୁ ଭଲ ପାଏ ଏ ଦୁନିଆ
ପାଏନି ଭଲ ମନକୁ ।
ମିଛଟାରେ କୁହେ କେତେ ଭଲ ପାଏ
ମନ ନୁହେଁ ସେ ତନୁକୁ ॥

ଯଦି ଭଲ ସତେ ପାଏ କିଏ ସତେ
ପିଣ୍ଡ ନୁହେଁ ହୃଦୟକୁ ।
ହୃଦୟ ସ୍ପନ୍ଦନ ଯେବେ ରହିଯାଏ
ଛୁଏଁ ନାହିଁ କାହିଁ ତାକୁ ! !

ଦୁନିଆରେ ସତ ଚିରନ୍ତନ ପ୍ରେମ
ଅବୟବ ନୁହେଁ ମନ ।
ପିଣ୍ଡ ହୁଏ ନଷ୍ଟ ପ୍ରମାଣ ଯେ ସ୍ପଷ୍ଟ
ମନକୁ ମିଶାଅ ମନ ॥

ଦୈହିକ ସମ୍ପର୍କ ନୁହେଁ ସେତ ପ୍ରେମ
ସିଏ ଅଟଇ କାମନା ।
ସମ୍ପର୍କ ସରିଲେ ପ୍ରେମ ସରିଯାଏ
ପ୍ରେମ ହୋଇଯାଏ ଚୂନା ॥

ସିନ୍ଦୁର ଦେଇଣ ହାସଲ କରିବା
ଶରୀର ଭାରି ସହଜ ।
ମନକୁ ଜିଣିବା ପ୍ରେମରେ ବାନ୍ଧିବା
ନୁହଁଇ ଏତେ ସହଜ ॥

ବିଦେହ ପ୍ରେମର ସୃଷ୍ଟି ଅଛି ତାର
ବିନାଶ ନାହିଁ ମହୀରେ ।
ବିଦେହ ଭାବରେ ଭଲ ପାଅ ଥରେ
ହାରିବନି ଜୀବନରେ ॥

ନା ଥିବ ପାଶେ ପାଇବାର ଆଶା
ନା ଦେବା ହରେଇବାର ।
ଏ ସାରା ବିଶ୍ୱରେ ଅସଂଖ୍ୟ ପ୍ରେମରେ
ବିଦେହ ପ୍ରେମ ଅମର ॥

ମୟୂରଭଞ୍ଜ, ଓଡିଶା
ଦୂର ଭାଷ - ୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସ୍ମୃତି



ଶୁଭସ୍ମିତା ନାୟକ

ତୁମେ ଅଭୁଲା ସ୍ମୃତି ରୂପୀ ପାରବାର ।
ନିଶବ୍ଦ ନିଶିଥିନୀର କୋହ ଭରା ବୈଶାନର ।।
କେବେ ସାଜ ବିରହ ବେଦନାର ଅବିରତ ଲୋତକ ।
କେବେ ତୁମେ ମୋ ମନର ପ୍ରୀତି ପୁଲୋକ ।।
ପ୍ରତ୍ୟୁଷରୁ ପ୍ରଦୋଷ ଯାଏ ବିତି, ଭାବି ତୁମ କଥା ।
ତୁମେ କି ଜାଣିବ ମୋ ମନର ବ୍ୟଥା ।।
ନୀର ପାଇଁ କେକୀ ଚାହେଁ ଅନ୍ତରୀକ୍ଷ ଯେମିତି ।
ବାଟ ଚାହିଁ ଥାଏ ତବ ସେମିତି ।।
କେବେ ହେବ ଅପେକ୍ଷାର ଅନ୍ତ ।
ଉଦିତ ହେବ ତପନ ସହ ସୁମନର ବନ୍ତ ।।
ତୁମେ କି ଜାଣିବ ପାରି ମୋ ମନର ଭାବ ।
ଅନ୍ତରଯାମି ଜାଣେ ସେ ଅନ୍ତରର ଭାବ ।।
ଶୀତୁଆ ସକାଳର ତୁମେ ଶିଶିର ବିନ୍ଦୁ ।
କେବେ ତୁମେ ଅସହ୍ୟ ତାତିର ଶୀତଳ ଇନ୍ଦୁ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଦେହ



ନଳିନୀ ଦାଶ

ସନ୍ଦେହ ଜାଲରେ ପଡନା ମଣିଷ
ଜୀବନ ହୋଇବ ନାଶ
ଏହି ଶବ୍ଦଟିକୁ ଜୀବନେ ଯୋଡନି
କ୍ଷଣକେ କରିବ ଧ୍ୱଂସ ।

ପାଇବନି କେବେ ଜୀବନରେ ଖୁସି
ନଥିବ ଆନନ୍ଦ ମନେ
ଆଖି ଲୁହ ଢ଼ାଳି ଦିନ କଟାଇବ
ସୁଖ ପାଇବନି ଦିନେ ।

ବରଷ ବରଷ ସମ୍ପର୍କ ତୁଟିବ
ନିମିଷେ ହୋଇବ ଚୁନା
ବିନା ନିଆଁରେତ ଜୀବନ ଜଳିବ
ବଢ଼ିବ ଦୁଃଖ ଯାତନା ।

ଈର୍ଷା ହିଂସା ଘୃଣା ସାଙ୍ଗରେ ଆଣିବ
ପରିବାର ନଷ୍ଟ ହେବ
ଭାରି ଶକ୍ତିଶାଳୀ ସନ୍ଦେହ ଶବ୍ଦଟି
ଜମା ତୁଣ୍ଡେ ନଧରିବ ।

ନଷ୍ଟ କେତେ ନାରୀ ପୁରୁଷ ଜୀବନ
ପଡି ସନ୍ଦେହ ଜାଲରେ
ନିତି ଦେଖୁଅଛେ ଖବର କାଗଜ
ଟିଭି ଓ ମୋବାଇଲରେ ।

ଜନ୍ମିତ ସନ୍ତାନ ପିତା ମାତା ଭଗ୍ନୀ
ସଭିଏଁ ହୁଅନ୍ତି ଛନ୍ନି
ଖୁସି ଯାଇଥାଏ ଜୀବନୁ ଉଭେଇ
ମାୟା ଜାଲେ ଦିଏ ବାନ୍ଧି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ଓ ହୃଦୟ ଯାଇଥାଏ ଭାଙ୍ଗି
ଅଶାନ୍ତିର ନିଆଁ ଜଳେ
ମନ ମଧ୍ୟେ ସ୍ଥାନ ଦେବନି ଯଦିଓ
ପରିବାରେ ହସ ଖେଳେ ।
ଐଶ୍ୱର୍ଯ୍ୟ ସମ୍ପଦ ଭରି ରହିଥାଉ
ଜୀବନେ ମିଳେନା ଶାନ୍ତି
ସନ୍ଦେହ ଶବ୍ଦକୁ ମନେ ସ୍ଥାନ ଦେଲେ
ଡାକି ଆଣଇ ଅଶାନ୍ତି ।
ଖୁସିରେ ଜୀବନ ଉପଭୋଗ କର
ଦୁଃଖ ଆସିବନି ଦିନେ
କେବେହେଁ ଛୁଇଁବ ନାହିଁ ମନ୍ଦଚିନ୍ତା
ବଞ୍ଚିବ ଆନନ୍ଦ ମନେ ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ଦୂରଭାଷ—୯୨୩୮୯୯୬୬୪୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଧରାବତରଣ



ମନୋରଞ୍ଜନ ସୁରୁଜାଳ

ଆନନ୍ଦମୟ ଏ ସୃଷ୍ଟିରେ ଜୀବନ ମଧୁମୟ ।
ପ୍ରଭୁଦତ୍ତ ସର୍ବ ବିଭବ ଝରେ ତହୁଁ ଅମୀୟ । ।
ଜଡ ଚେତା ସମୀକରଣ ତମାଳେ ମଧୁକୁଞ୍ଜ ।
ମଧୁକର ଲଭେ ଅମୃତ କିବା ଦିବସ ସଞ୍ଜ । ।

ଖୋଜିଲେ ପାଇବା ସରବେ କଲେ ମଧୁ ସନ୍ଧାନ ।
ଶିକ୍ଷା ଦେବା ଆଳ ଭୋ ପ୍ରଭୁ ଏଠି ଜୀବ ବନ୍ଧନ । ।
ମଣିଷ ଜୀବନ ଲଭିଛି ପାଇ ତୁମ ଆଶୀଷ ।
ତୁଚ୍ଛ ଲାଗେ ଏଇ ସଂସାର ଯହିଁ ଯୋଚା ପୀୟୂଷ । ।

ପଶୁ ପକ୍ଷୀ ଠାରୁ ହୀନ କି ହୃଦେ ନାହିଁ ବିଚାର ?
ଶାସ୍ତ୍ରୋଚିତ କର୍ମ ନ କରି ଜୀବନ ନାରଖାର । ।
ପ୍ରାଣ ଯାଉ ପଛେ ବ୍ୟାଘ୍ରର ଭୁଞ୍ଜଇ କି ସେ ଘାସ ?
ଟାକି ଥାଏ ଯେହ୍ନେ ଚାତକ ପହିଲି ମେଘରସ । ।

ଜୀବ ଛାଡିଯିବ ପଛକେ ଗାଭି ମାଂସ ନ ଛୁଏଁ ।
ସାତ୍ତ୍ୱିକ ଭୋଜନେ ଆମକୁ ଦିବ୍ୟ ଅମୃତ ଦିଏ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଦାଚାର ଇଷ୍ଟ ଚିନ୍ତନ ଦିବ୍ୟଜ୍ଞାନ ସଂଯୁତ ।
ଦୁର୍ଲଭ ମାନବ ଜୀବନ ହୃଦେ ପ୍ରଭୁ ସମ୍ଭୃତ ।।

ପ୍ରକୃତ ପ୍ରେମର ସନ୍ଧାନ ଦେଖ ଶିଖୀ କି ଚାହିଁ ।
ଦେହ ଦାହ ନୁହଁ ସତରେ ନିଶି ଚାନ୍ଦକୁ କଇଁ ।।
ସିଂହ ପରି ଥରେ ସଂଯୋଗ ସ୍ଥାପି ଦୁନିଆଁ ରୀତି ।
ମଣିଷ ବିବେକ ବିକିଛି କରି ପର ପୀରତି ।।

ମାନବ ଦାନବ ଦେବତା ପଶୁପକ୍ଷୀ ଆବର ।
ଅମୃତ ଗରଳ ବିଭିଦ ସୂତ୍ର ତୁମ ସୃଷ୍ଟିର ।।
ଯୁଗ ଅନୁସାରେ ଧରିଣ ପ୍ରଭୁ ମାନବ ତନୁ ।
ମାନବିକ ଧର୍ମ ସ୍ଥାପନ ଫୁଙ୍କି ମୋହନ ବେଣୁ ।।

କୁକ୍କୁଟ ରାବଇ ରାତିରେ ଜାଣେ ବ୍ରହ୍ମ ମୁହୂର୍ତ୍ତ ।
କିଚିରି ମିଚିରି ଶବଦ ଯେହ୍ନେ ପବିତ୍ର ଗାତ୍ର ।।
ଧରାବତରଣେ ମହାର୍ଘ୍ୟ ଯାଚି ଦେଇଛ ସବୁ ।
ହଳାହଳ ତୀବ୍ର ଜ୍ୱାଳାରେ ନିନ୍ଦେ ତୁମକୁ ବିଭୁ ।।

ସୌଜନ୍ୟ-ସମ୍ପାଦକ " ପ୍ରୀତି ପ୍ରଣତି "
ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସନ୍ତୁଷ୍ଟ



ବିନୟାନନ୍ଦ
ବସ୍ରସ୍ୟ

ଯାହା ମୁଁ ଦେଖୁଚି
ମୋ ଆଖି ଆଗରେ
ସେ ସବୁର ସ୍ରଷ୍ଟା ତୁମେ,
ପତ୍ର ପୁଷ୍ପ ଫଳ
ଜଳ ସବୁ ତୁମ
ସୃଷ୍ଟି ମିଛରେ ମୁଁ ଭ୍ରମେ,
କି ଦେଇ ପୁଜିବି ପ୍ରଭୁ,
ହେଲେ ଏଇ ମନ କରି ବୃନ୍ଦାବନ
ତୁମକୁ ଥାପୁଚି ପ୍ରଭୁ ।୧

ଶୁନ୍ୟ ହୋଇ ଆସି
ଶୁନ୍ୟେ ଯିବି ମିଶି
ସତ୍ୟ ଶାନ୍ତି ଦୟା କ୍ଷମା,
ଧର୍ମ ଅର୍ଥ କାମ
ମୋକ୍ଷ ଜାଲେ ପଡି
ମନ ବୁଝେନାହିଁ ଜମା,
ଏ ସବୁ ତୁମର ବାହା,
ତୁମ ପାଖେ ରଖି ହିଂସା ଦ୍ୱେଷ
ରାଗ କ୍ରୋଧ ଦେଇଅଛ ଯାହା ।୨

ଭକ୍ତି ଶ୍ରଦ୍ଧା ପ୍ରେମ
ବିଶ୍ୱାସ ଗୁଣକୁ
ଦେବି ବୋଲି ଭାବିଥିଲି,
ମାୟା ମୋହ ସଙ୍ଗେ ଆଶକ୍ତି ଜଞ୍ଜାଳ
ତୁମେ ଦେଲ ମୋତେ ପେଲି,
ତୁମକୁ ମୁଁ ଭୁଲି ଗଲି,
ମିଛ ପଛେ ଧାଇଁ
ଅଣ ନିଃଶ୍ୱାସୀ ମୁଁ
ବଞ୍ଚି ଥାଉ ମରିଗଲି ।୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ପରସାଦ
ତୁମକୁ ଅରପି
କେଉଁ ଅବା ଲାଭ ଅଛି,
ତୁମ ଦିଆ ଗୁଣ
ଅମୀୟ ଭାବକୁ
କେଉଁ ଅବା ବୁଝିଅଛି,
ଚିହ୍ନି ଅଚିହ୍ନା ହେଉଛି,
ମୋ ରାଣ ମୋତେ
ଭଲପାଆ ବୋଲି ମୋତେ
ଯେମିତି ଲାଗୁଛି ।୪

କଦଳୀ ନଡ଼ିଆ କୋରାଖଇ ମିଠା
ଖିରି ଖେଚେଡ଼ି ବେଶର,
ଫଳମୂଳ ଦେଇ
ପୂଜା କରୁଅଛି

ଭାବ ଭକ୍ତି କାହିଁ ମୋର,
ହୃଦୟ ନାହିଁ ମୋହର,
ଦେଇ ପାଇବାକୁ ସର୍ତ୍ତ ରଖୁଅଛି
ପାପ ଅଟେ ନାମ ଯାର ।୫

ଦିଅଁ ଦେଖିବାକୁ
ମନ୍ଦିର ଯାଉଛି
ଦେଉଳେ ଦେବତା ନାହିଁ,
ଦେଲେ କାଳେ ସିଏ ବତାଇବ ବୋଲି
ନାନା ଦ୍ରବ୍ୟ ଥାଏ ଦେଇ,
ମୋହର କିଛି ତ ନାହିଁ,
ଦେଇ ନେଇ କିଏ ଦେବତା ସନ୍ତୁଷ୍ଟ
କରଅଛି ଅବା ଭାଇ ? ୬

ମଲ୍ଲୀପୁର ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରହିଲା କି କିଛି ପଛରେ



ପ୍ରତୀକ୍ଷା ଦାଶ

ପିଲାଦିନ :-

ସ୍କୁଲ୍ ବ୍ୟାଗ୍ ଧରି ଘରୁ ବାହାରିଲେ
"ମା "ପଚାରିଲା
ଦେଖି ନେ ରେ ଝିଅ ସବୁ ନେଇଛୁ
ନା କିଛି ରହିଗଲା ପଛରେ ?
ଜୀବନର ଅତି ଅମୂଲ୍ୟ ସମୟ
ତାକୁ ତ ଛାଡିଲି ପଛରେ
ଚକ୍ ପେନସିଲ, ବହି ଖାତା ଯେତେ
ତାକୁ ବା କିଏ ପଚାରେ ?

ସାଙ୍ଗସାଥି :-

ଧୂଳି ଖେଳ ଛାଡ଼ି ଆଗକୁ ବଢ଼ିଲି
ଶୈଶବ ରହିଲା ପଛରେ
ଉଚ୍ଚଶିକ୍ଷା ପାଇଁ ଆଗକୁ ବଢିଲି
"ସାଙ୍ଗଟିଏ " ଆସି ପଚାରେ
ସୁଟକେଶ୍‌ଟିକୁ ସାଙ୍ଗ ପରଖି ନେ ରେ
କିଛି ରହିଲା କି ପଛରେ ?
ପନ୍ଦର ବରଷ ହସ ଖେଳ ସାଥି
ସ୍ମୃତି ତ ରହିଲା ପଛରେ
ରୁମାଲ, ଚଷମା , ମୋବାଇଲ୍ ଫୋନ୍
ଏ ସବୁ କୁ କିଏ ପଚାରେ ?

ଭାଇ ଭଉଣୀ :-

ପରଘର କରି ବିଦା କଲେ ବାପା
ଧରା ଇହେ ଆନ ହାତରେ
ବନ୍ଧୁ ପରିଜନ ଅଧା ବାଟ ଯାଇ
" ଭଉଣୀ " ଭାଇ କୁ ପଚାରେ
ଦେଖି ନିଅ ଭାଇ ସବୁ ଯାଇଛି କି ନା
ରହି ଗଲା କିଛି ପଛରେ ?
ହୃଦୟ ଟୁକୁଡା ପର କରି ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲି ଯାଏ ନିଜ ବାଟରେ

ଲେହେଙ୍ଗା, ଘାଗରା, ଫୁଲ ଓ ଗଜରା

ଏସବୁ କୁ କିଏ ପଚାରେ ?

ମନ :-

ଦି ମାସ ର ଛୁଆ ଆୟା ପାଶେ ଛାଡ଼ି

କର୍ମ କ୍ଷେତ୍ରେ ଯେବେ ବାହାରେ

"ଆୟା" ପଚାରେ ଦେଖି ନିଅ ଦିଦି

ରହିଲା କି କିଛି ପଛରେ ?

ଯାହା ପାଇଁ ଆଜି ରୋଜଗାର କରେ

ତାକୁ ତ ଛାଡିଲି ପଛରେ

ଆଉ କଣ ଅଛି ଅମୂଲ୍ୟ ସଂପଦ

ରହିଯିବ ଯେ ପଛରେ ?

ଚାକିରି :-

ଅବସର ବେଳେ ସମ୍ବର୍ଦ୍ଧନା ପରେ

ଫୁଲ ତୋଡା ଦେଇ ହାତରେ

ଷାଠିଏ ବରଷ ବିନିମୟ ପରେ

ପିଅନଟି ଆସି ପଚାରେ

ଆଗ ପଛ ସବୁ ଦେଖନ୍ତୁ ମ୍ୟାଡମ୍

ରହିନି ତ କିଛି ପଛରେ

ଜୀବନରେ ଯେତେ ଅର୍ଜିତ ଜ୍ଞାନକୁ

ଛାଡ଼ି ତ ଯାଉଛି ପଛରେ

ଫାଇଲ, ପ୍ରୋଜେକ୍ଟ, ଡାଏରୀ ଉପାଧି

ଏ ସବୁକୁ କିଏ ପଚାରେ

ଜୀବନ :-

ଏଇ ଅଛି ବନ୍ଧୁ ଚାଲିଯିବ ଏବେ

ରହି ଯିବ ସବୁ ପଛରେ

ଜୀବନକୁ ଏଠି ଭରସା ନାହିଁ ତ

ସବୁ ରହିଯିବ ପଛରେ

କ୍ଷଣିକ ଜୀବନ କ୍ଷଣିକରେ ଯିବ

ରହିଯିବ ସବୁ ପଛରେ

ଗାଁ - କଳଦିଆ , ଜିଲ୍ଲା - କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତ୍ୟ ଶିବ ସୁନ୍ଦର



ଦେବାର୍ଚ୍ଚନ ମେହେର

ତୁମେ ହିଁ ଜଗତ ଈଶ୍ୱର,
ତୁମେ ହିଁ ପରମେଶ୍ୱର ।।

ତୁମେ ହିଁ ଅନିଶ୍ୱର,
ତୁମେ ହିଁ ଗିରୀଶ୍ୱର ।।

ତୁମେ ହିଁ ମହେଶ୍ୱର,
ତୁମେ ହିଁ ମାତଙ୍ଗେଶ୍ୱର ।।

ତୁମେ ହିଁ ଦିଗମ୍ବର,
ତୁମେ ହିଁ ଧବଳେଶ୍ୱର ।।

ତୁମେ ହିଁ ଶିବ ଶଙ୍କର,
ତୁମେ ହିଁ ରାମେଶ୍ୱର ।।

ତୁମେ ହିଁ ନାଗେଶ୍ୱର,
ତୁମେ ହିଁ ପ୍ରାଣେଶ୍ୱର ।।

ତୁମେ ହିଁ ଚମ୍ପେଶ୍ୱର,
ତୁମେ ହିଁ ହର ।।

ତୁମେ ହିଁ ଦୟାର ସାଗର,
ତୁମେ ହିଁ କରୁଣା କର ।।

ତୁମେ ହିଁ ଗଙ୍ଗାଧର,
ତୁମେ ହିଁ ଜଟାଧର ।।

ତୁମେ ହିଁ ଭକ୍ତର ସ୍ନେହର ଠାକୁର,
ତୁମେ ହିଁ ସତ୍ୟ ଶିବ ସୁନ୍ଦର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ହିଁ ସଦାଶିବ,
ତୁମେ ହିଁ ମହାଦେବ ।।

ତୁମେ ହିଁ କୈଳାସ ପତି,
ତୁମେ ହିଁ ଉମା ପତି ।।

ତୁମେ ହିଁ ପ୍ରାଣ ଦାତା,
ତୁମେ ହିଁ ସଂହାର କର୍ତ୍ତା ।।

ତୁମେ ହିଁ କାର୍ତ୍ତିକେୟଙ୍କ ପିତା,
ତୁମେ ହିଁ ଜଗତର ପିତା ।।

ତୁମେ ହିଁ କଲ୍ୟାଣ କାରୀ,
ତୁମେ ହିଁ ମାୟାଧାରୀ ।।

ତୁମେ ହିଁ ଚନ୍ଦ୍ରମା ଧାରଣ କାରୀ,
ତୁମେ ହିଁ ମୋକ୍ଷ ପ୍ରଦାନକାରୀ ।।

ତୁମେ ହିଁ ବୃଷଭ ଧାରୀ,
ତୁମେ ହିଁ ଭସ୍ମ ଧାରଣକାରୀ ।।

ତୁମେ ହିଁ ତ୍ରିଶୂଳ ଧାରୀ,
ତୁମେ ହିଁ ନୀଳକଣ୍ଠ ଧାରୀ ।।

ତୁମେ ହିଁ ରୌଦ୍ର ରୂପ ଧାରୀ,
ତୁମେ ହିଁ ପାପ ନାଶକାରୀ ।।

ତୁମେ ହିଁ ତିନି ଲୋକର ସ୍ୱାମୀ,
ତୁମେ ହିଁ ଭୂତପ୍ରେତଙ୍କ ସ୍ୱାମୀ ।।

ତୁମେ ହିଁ ବିଷ୍ଣୁଙ୍କ ଅତି ପ୍ରିୟ,
ତୁମେ ହିଁ ପାର୍ବତୀଙ୍କ ଅତି ପ୍ରିୟ ।।

ତୁମେ ହିଁ ଯଜ୍ଞମୟ,
ତୁମେ ହିଁ ମୃତ୍ୟୁଞ୍ଜୟ ।।

ବାପୁଜୀନଗର, ଜିଲ୍ଲା - ବୌଦ୍ଧ, ମୋ -
୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଲଯିବା ସଖୀ ଶିବମନ୍ଦିର



ରାମଚନ୍ଦ୍ର ପ୍ରଧାନ

ଚାଲ ଯିବା ସଖି ଶିବ ମନ୍ଦିର
ସରାଗେ ପାଳିବା ମହା ଜାଗର ।
ଅରଖ, ଦୁଦୁରା,ଟଗର ତୋଳି
ଯତନେ ଗୁନ୍ଥିବା ପ୍ରଭୁଙ୍କ ମାଳି ।
ହାତରେ ଧରିଣ ଫୁଲ ଚାଙ୍ଗୁଡ଼ି
ଶିବ ଲିଙ୍ଗେ ଦେବା କ୍ଷୀର ଅଜାଡ଼ି
ଲିଙ୍ଗରେ ଚଢ଼ାଇ ବେଲ ପତର
ଭକ୍ତିରେ ଜପିବା ଶିବ ମନ୍ତର ।
କିଆ, କେତକୀରେ ଭରି ଭକତି
ଉଜାଗର ରହି କାଟିବା ରାତି ।
ଶିବଙ୍କୁ ସୁମରି ଜାଳିଲେ ଦୀପ
ହରିବେ ସେ' ଆମ ଶୋକ ସନ୍ତାପ ।


ହୃଦେ ଭାବ ଭକ୍ତି କଲେ ସରଳ
ପାନ କରିବେ ସେ' ସବୁ ଗରଳ ।
ରହିବନି ଆଉ ଜୀବନେ ଦୁଃଖ
ବରଷିବ ଖାଲି ଅମାପ ସୁଖ ।
ଦେବଙ୍କର ଦେବ ସେ' ମହାଦେବ
ମହା ମୃତ୍ୟୁଞ୍ଜୟ ତାଙ୍କରି ସ୍ତବ ।
ପୁଣ୍ୟ ମହାଦୀପ ଉଠିବା ପରେ
ଘରକୁ ଫେରିବା ଯେ ଯା' ବାଟରେ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା,ଗଞ୍ଜାମ,
ମୋବାଇଲ୍; ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିବ ଶଙ୍କର



ଶୁଭସ୍ମିତା ପ୍ରଧାନ

ଈଶ୍ୱର ମଧ୍ୟରେ ସାର ଅଟ ତୁମେ
ଅପାର କୃପା ତୁମର,
ଅଳ୍ପେ ତୋଷ ହୋଇ ବର ଦାନ କର
ବାବା ହେ ଭୋଳା ଶଙ୍କର ।

କୋପେ ଦିଅ ବର ତପେ ଦିଅ ବର
ଭକ୍ତି ବିନୁ ମୁକ୍ତି ନାହିଁ,
ତୁମ ଆଶୀର୍ବାଦେ କଳା ବଳଦ ଯେ
ଧଳା ବୋଲି ଜଣାଯାଇ ।

ବିଷପାନ କରି ସମୁଦ୍ର ମନ୍ଥନେ
ନିଳକଣ୍ଠ ହେଲ ତୁମେ,
ଚନ୍ଦ୍ରଶେଖର ଯେ ନାମ ବୋଲାଉଛ
କପିଳାସେ ରହି ତୁମେ ।

ବାର ମାସେ ତେର ପରବ ପଡଇ
ତହିଁରେ କାର୍ତ୍ତିକ ସାର,
ଧର୍ମମାସ ବୋଲି ଜଣାଯାଏ ଏହି
ହବିଷ କରେ ସଂସାର ।

ମହା ଶିବରାତ୍ରୀ ଉଜାଗରେ ତୁମ
ଚାହିଁଥାନ୍ତି ଭକ୍ତ ମାନେ,
ମନସ୍କାମ ପୂରା ହେବା ଆଶାନେଇ
ଜାଳନ୍ତି ଦୀପାଳି ଧ୍ୟାନେ ।

ଛୋଟ ଥିଲା ବେଳେ ବୁଦ୍ଧି ମୋ ନଥିଲା
ଜପୁଥିଲି ତୁମ ନାମ,
ହେଜ ହେବା ପରେ ଏବେ ମୁଁ ଜାଣୁଛି
ଅପାର ମହିମା ତୁମ ।

ସବୁ କିଛି ତୁମେ ଅଟ ମୋ ଜୀବନେ
ବାପା ମାଆ ଭାଇ ପରି,
ତୁମକୁ ଅଜ୍ଞାତ ନାହିଁ କର୍ମ ମୋର
ଯାହା ମୁଁ ଯାଉଛି କରି ।

ଭାବନାରୁ ଜାତ ପରମ ବିଶ୍ୱାସ
ପ୍ରଭୁ ମଣେ ପ୍ରସ୍ତରକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଶୀର୍ବାଦ ଲଭେ ସେହି ଭାଗ୍ୟବାନ
କୃପା କର ହେ ଯାହାକୁ ।
ଗଇଶ ଦୁଦୁରା ପୁଷ୍ପ ଅର୍ପଣ ଯେ
କରେ ପ୍ରଭୂ ତୁମ ପାଶେ,
ଜୀବନେ ତାହାର ତୁମରି କୃପାର
କରୁଣା ସଦା ବରଷେ ।
ବେଲପତର ସେ ତୁମରି ଶିରରେ
ଶୋଭାପାଏ ଚୀରଦିନ,
କେତେ ପୁଣ୍ୟ ଲଭି ଏ ଜନମେ ସିଏ
ପାଇଛି ତୁମ ଶରଣ ।
ଓମ୍ କାର ଆରମ୍ଭ ତୁମରି ନାମରେ
ଆକାର ଅନ୍ଧକାରର,
ବିଭସ୍ମ ବିଭୋର ଜପ ତପ ତୁମେ
ସର୍ବେ ଅଟ ତୁମେ ସାର ।
ତୁମେ ସୃଷ୍ଟି ପୁଣି ତୁମେ ହି ବିଲୟ
ତୁମେ ହି ତ ମହାକାଳ,
ଲେଖିଅଛ ତୁମେ କାଳର କପାଳ
ତୁମେ ହି ସୃଷ୍ଟିର ମୂଳ ।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ତାନଶ୍ରୀ ପାଣିଗ୍ରାହୀ

ହେ ଶିବ ଶଙ୍କର ଭୋଳା ମହେଶ୍ୱର
ତୁମେ ତ ସତ୍ୟ ସୁନ୍ଦର
ଉଜାଗର ରହି ଜାଳିବି ପ୍ରଦୀପ
ପ୍ରଣାମ ଘେନ ହେ ମୋର...

ଅରଖ ଦୁଦୁରା ବେଲପତ୍ର ସାଥେ
ଶିରେ ଢାଳି କଞ୍ଚା କ୍ଷୀର
ହେ କୈଳାସ ପତି ରୋଗ ବ୍ୟାଧି ନାଶି
ଦୁଃଖ କରିଦେବ ଦୂର...

ହାତରେ ତ୍ରିଶୂଳ ମସ୍ତକରେ ଗଙ୍ଗା
ଭାଲେ ତୁମ ଦିବ୍ୟ ଜ୍ୟୋତି
ପଞ୍ଚାକ୍ଷରୀ ମନ୍ତ୍ର ଜପି ପୂଜା କରି
ପାଳିବି ଜାଗର ରାତି...

ଆହେ ଯୋଗେଶ୍ୱର ହେ ଡମ୍ବରୁଧର
ତୁମରି ଚରଣେ ଭକ୍ତି
ପ୍ରାର୍ଥନା କରୁଛି ସବୁରି ପ୍ରତି ହୃଦୟରେ
ଭରିଦିଅ ସୁଖ ଶାନ୍ତି...

ପବିତ୍ର ହୃଦୟେ ଜାଳିବା ଦୀପାଳି
ଦୀପ ଯେ ପରମ ଜ୍ୟୋତି
ସବୁରି ହୃଦୟେ ଜ୍ଞାନ ଆଲୋକରେ
ପୂର୍ଣ୍ଣ ହେଉ ଶିବରାତ୍ରି ॥

ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ ଜାଗର



ନିବେଦିତା ପଣ୍ଡା

ସମୁଦ୍ର ମନ୍ଥନ କରିଥିଲେ ଯେବେ
ଦେବ ଓ ଦାନବ ଗଣେ,
ଅମୃତ ସହିତ ହଳାହଳ ବିଷ
ମନ୍ଥନର ଉଦ୍ଗୀରଣେ ।

ଭାଗ ବଣ୍ଟରାରେ ନେଲେ ନାହିଁ କେହି
ହଳାହଳ ବିଷ ମାନ,
ସମୁଦ୍ର ଜଳରେ ଭାସିଗଲା ଦୂରେ
ପିଇଲେ ଗଲା ଜୀବନ ।

ଦେବତା ଗଣ ବି ଭୟେ ଥରହର
ଆଶା ଆଶଙ୍କାରେ ଥାଇ,
ଶିବଶଙ୍କରଙ୍କୁ ନିବେଦନ କଲେ
ନିରାକରଣର ପାଇଁ ।

ପାନକଲେ ଶିବ ସବୁ ହଳାହଳ
ନୀଳକଣ୍ଠ ହେଲା ନାମ,
ବ୍ରହ୍ମାଣ୍ଡର ରକ୍ଷା କରିଲେ ଶଙ୍କର
କରିଲେ ମହାନ କାମ ।

ଫାଲ୍ଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀ
ଥିଲା ସେହି ପୁଣ୍ୟ ରାତ୍ର,
ଦେବତା ଗଣ ଯେ ଉଜାଗର ରହି
ଗାନ କଲେ ଶିବସ୍ତୋତ୍ର ।

ମହାଶିବରାତ୍ରୀ ନାମରେ ସେ ରାତ୍ରି
ପ୍ରସିଦ୍ଧି ଲାଭ କରିଲା,
ପୁରାଣ ବର୍ଣ୍ଣିତ ଘଟଣାବଳୀ ଯେ
ଯୁଗ ଯୁଗକୁ ରହିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ଦିନ ଶିବ ହେଲେ ଆବିର୍ଭାବ
ଲିଙ୍ଗରେ ଦେଲେ ଦର୍ଶନ,
ମହାଶିବରାତ୍ରୀ ଭକ୍ତିରେ ପାଳିଲେ
ଶିବ ହୋଇବେ ପ୍ରସନ୍ନ ।

ଜାଳିବ ଜାଗର ପୂଜିବ ଶଙ୍କର
ଅରଜିବ ମହାପୁଣ୍ୟ,
କରି ପଞ୍ଚାକ୍ଷର ମନ୍ତ୍ରରେ ମନନ
ଦେବଲୋକ ପ୍ରାପ୍ତି ଜାଣ ।

ସତ୍ୟ, ଶିବ, ସୁନ୍ଦର, ପରମେଶ୍ୱର
ଧୈର୍ଯ୍ୟ, ସାହସ ପ୍ରତୀକ,
ପୂଜିଲେ ଲଭିବ ଆଶୀଷ ତାଙ୍କର
ସଦା ମଙ୍ଗଳ ଦାୟକ ।

ରାଉରକେଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହା ଶିବରାତ୍ରୀ



ରାଧାଶ୍ୟାମ
ମହାନ୍ତି

ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ
ପଡେ ମହାଶିବରାତ୍ରି
ବରଷକ ପରେ ଆସିଅଛି ଫେରି
ମନ୍ଦିରେ ଜାଳିବା ବତି ।

ଜାଗର ଜାଳିବା ଶିବଙ୍କୁ ଜପିବା
ପଞ୍ଚାକ୍ଷର ମନ୍ତ୍ରବାଣୀ
ଶିବଙ୍କୁ ସନ୍ତୁଷ୍ଟ କରିଲେ ଜାଣିବ
ବରଦେବେ ମନ ଜାଣି ।

ସମୁଦ୍ର ମନ୍ଥନ ଯେତେ ବେଳେ ହେଲା
ବାହାରିଲା ସେଠୁ ବିଷ
ତାକୁ ପାନକରି ନୀଳକଣ୍ଠ ହେଲ
ଆହେ ପ୍ରଭୁ ଆଶୁତୋଷ ।

ବେଲପତ୍ରେ ପ୍ରଭୁ ଦିଶଇ ସୁନ୍ଦର
ମସ୍ତକେ ଦୁଦୁରା ଫୁଲ
ଶୁଦ୍ଧ ପୂତ ଭାବେ ଉଜାଗର ରହି
ଜାଳନ୍ତି ଦୀପର ଆଳ ।

ଭକ୍ତିର ପ୍ରଦୀପ ଜାଳିଦିଏ ପ୍ରଭୁ
ମନକୁ ରଖି ହରଷ
ତୁମ କୃପା ଯେବେ ମିଳିବ ଆମକୁ
ମନ ହୋଇବ ସରସ ।

ନିଶାର୍ଦ୍ଧ ରାତିରେ ଉଠେ ମହାଦୀପ
ଦେଖୁଥାଏ ନେତ୍ର ମୋର
ଆହେ ଯୋଗୀବର ନାମଟି ତୁମର
ତୁମ କରୁଣା ଅପାର ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ରମେଶ ଟାକ୍ରୀ

ଏ ଫଗୁଣ ମାସେ କୃଷ୍ଣପକ୍ଷ ଆସେ
ପଡ଼େ ଚତୁର୍ଦ୍ଦଶ ତିଥି
ଶିବ ମନ୍ଦିରରେ ଭକ୍ତି ଭାବନାରେ
ହୁଏ ମହାଶିବରାତ୍ରୀ ।୧।

ରହି ଉପବାସ ପୂଜନ୍ତି ମହେଶ
ଭକତି ଭାବନା ନେଇ
ରହି ଉଜାଗର ଜାଳନ୍ତି ଜାଗର
ଶିବ କୃପା ପ୍ରାପ୍ତ ପାଇଁ ।୨।

ବେଲ ପତରରେ କେତକୀ ଫଳରେ
ଥାଏ ଅଧିକ ଆଦର
ଦେଲେ ଘିଅ ଧୂପ ଜଳେ ମହାଦୀପ
ସନ୍ତୁଷ୍ଟ ହେବେ ଶଙ୍କର ।୩।

ହେଲେ ଶିବ କୃପା ବିପଦରୁ ରକ୍ଷା
ହୁଏ ମାନବ ଜୀବନେ
ମିଳେ ଶୁଖ ଶାନ୍ତି ନଥାଏ ଅଶାନ୍ତି
ଭକତି ରଖିଲେ ମନେ ।୪।

ସମୁଦ୍ର ମନ୍ଥନ ହେଲା ଯେଉଁ ଦିନ
କରିଥିଲ ବିଷପାନ
ଯୋଗାଇ ସୁରକ୍ଷା ବିପଦରୁ ରକ୍ଷା
କଲ ପ୍ରଭୁ ସେହିଦିନ ।୫।

ବୃଷବ ବାହାନ ସଙ୍କଟ ମୋଚନ
କରିବାକୁ ପରିତ୍ରାଣ
ନକରି ପ୍ରତୀକ୍ଷା ସର୍ବଜନ ରକ୍ଷା
କଲ ଜଗତ କଲ୍ୟାଣ ।୬।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ଲତା ବେହେରା

ଭକତ ମେଳରେ ଆନନ୍ଦ ବିଭୋରେ
ଆସେ ମହାଶିବରାତ୍ରୀ
ଦେବ ଦେବ ମହାଦେବଙ୍କର ହୁଏ
ପବିତ୍ର ଏ ମହାନୀତି ।

ବସନ୍ତ ଆସିଲେ ଫଗୁଣ ଆସଇ
ଅମବାସ୍ୟାର ସେ ରାତି
ଉଜାଗରେ ରହି ଦୀପଟି ଲଗାନ୍ତି
ପାଳନ୍ତି ଜାଗର ରାତି ।

ଦିନ ସାରା ଭକ୍ତ ଓପାସେ ରହିଣ
ମନରେ ରଖି ଭକତି
ରାତି ହେଲେ ଯାଇ ଶିବ ମନ୍ଦିରରେ
ପାଳଇ ଜାଗର ରାତି ।

ଉତ୍ସବ ମୁଖର ଥାଏଟି ମନ୍ଦିର
ଭକତ ଗହଳ ଭର୍ତ୍ତି
ନିର୍ଜଳାରେ ଉପବାସ ରହି ପୂଜେ
ନିଷ୍ଠାରେ ଶିବ ଶକତି ।

ଶ୍ରଦ୍ଧା ଭକତିରେ ବିଶ୍ୱାସେ ପୂଜନ୍ତି
ଅନ୍ତରେ ପାର୍ବତୀ ପତି
ଦୁଦୁରା ଅରଖ  ବେଲପତ୍ର ଚମ୍ପା
ଜାଳି ପ୍ରଦୀପ ଭକତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଥ୍ୟା କଥା କହି ମିଛ  ସାକ୍ଷୀ  ଦେଇ
କେତକୀର ପ୍ରତିଶ୍ରୁତି
ଅଭିଶପ୍ତ ହେଇ କେବଳ ମସ୍ତକେ
ଚଢେ ଏଇ ଶିବରାତ୍ରୀ  ।

ତପେ ଅବା କୋପେ ବର ଦେଇଥାନ୍ତି
ଶିବ ଶମ୍ଭୁ ଉମା ପତି
ଶିବରାତ୍ରୀ ଦିନ କେତକୀ ଅର୍ପିଲେ
ଶାପରୁ ହୋନ୍ତି ମୁକତି ।

ପଞ୍ଚାକ୍ଷର ମନ୍ତ୍ର ସାଥେ ମହାଦୀପ
ଉଠଇ ଯେବେ ଜଗତି
ହୁଳହୁଳି ଘଣ୍ଟ ଶବ୍ଦେ ମୁଖରୀତ
ପୁଲକିତ ମନ ଅତି ।

ମହାଜଗାରକୁ ଦର୍ଶନ କରିଣ
ଭକ୍ତିରେ କରି ପ୍ରଣତି
ଶିବରାତ୍ରୀ ବ୍ରତ କରି କରି ସମାପନ
ହୃଦେ ଧ୍ୟାୟୀ ପଶୁପତି ।

ବିଶ୍ୱ ଜଗତର ଅନ୍ଧାରକୁ ଦୂର
କରନ୍ତି ବୃଷଭ ପତି
ଦେବାଳୟ ଶିବ ମନ୍ଦିରେ ପାଳନ୍ତି
ଭକ୍ତେ ମହା ଶିବରାତ୍ରୀ ।

ଦେବେ ଦେବ ମହାଦେଙ୍କ ପୟରେ
କରୁଛି ଭକ୍ତି ପ୍ରଣତି
ଧରିବନି ଦୋଷ ଆହେ ଆଶୁତୋଷ
ଆଶ୍ରା ଦିଅ ଉମା ପତି ।

ଜକା, ଢେଙ୍କାନାଳ  ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ରିନା ବେହେରା

ଆଜି ମହାଶିବରାତ୍ରି

ଯିବା ଶିବ ମନ୍ଦିର

ରହି ଉଜାଗର

ଜାଳିବା ଜାଗର

ମନ ହୃଦୟରେ ଭକ୍ତି ଶ୍ରଦ୍ଧା ରଖି

ବାବା ମହେଶ୍ୱଙ୍କୁ ମାଗିବା ବର

ଦେବଙ୍କର ଦେବ ସେ ଭୋଳାଶଙ୍କର

ଜାଗରରେ ଆର୍ବିଭାବ ହେବେ ଶଙ୍କର

ଜଗତଜନଙ୍କୁ ଦର୍ଶନ ଦେବେ

କୋଟି ଜନ୍ମରୁ ଉଦ୍ଧାର କରିବେ

ହେ ଶିବଶଙ୍କର ତୁମେ ମହେଶ୍ୱର

ମନ ମନ୍ଦିରରେ ପଦାର୍ପଣ କର

ସାରା ସଂସାରକୁ ପ୍ରଭୁ ରକ୍ଷାକର

ଯାହାଙ୍କ ଜଟାରେ ଶୋଭାପାଏ ଗଙ୍ଗା

ଗଳାରେ ସର୍ପ, ହାତରେ ତ୍ରିଶୂଳ

ମଥାରେ ଚନ୍ଦ୍ରମା କଲ ଧାରଣ

ଆଶୁତୋଷ ସିଏ ଡମ୍ୱରୁଧାରୀ

ସାରା ସଂସାରର ହିତ ପାଇଁ

ବିଷ ପାନ କରି ସାଜିଲେ ନୀଳକଣ୍ଠେଶ୍ୱର

ଆସିଲା ଜାଗର ରହିବି ଉଜାଗର

ଜାଳିବି ମୁଁ ଘିଅ ଦ୍ୱିପ

ନାଶ ହେବ ସର୍ବପାପ

ଏତିକି କରୁଣା କର ଆଶୁତୋଷ

ତୁମ ନାମ ତୁଣ୍ଡେ ଥାଉ

ପଞ୍ଚାକ୍ଷର ମନ୍ତ୍ର ଜପି ନିତି ଦିନ

ଜୀବନ ମୋ ଧନ୍ୟ ହେଉ ।

ପାରାଦ୍ୱୀପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ସବିତା ଜେନା

ରାତି ତ ରାତି, ମହାଶିବରାତ୍ରି
ଫଗୁଣ କୃଷ୍ଣ ଚତୁର୍ଦ୍ଦଶୀ ତିଥି ,
ଚତୁର୍ଦ୍ଦିଗ ଦେଖ ଖାଲି ଶିବମୟ
ସାରା ସଂସାରେ ଆଶୀର୍ବାଦ ବୃଷ୍ଟି ।

ସେ ଯେ ମହାଦେବ ଭୋଳା ଶଙ୍କର
ବିଭୂତି ଭୂଷଣ  ନିରାଡ଼ମ୍ବର ,
ସୃଷ୍ଟି ରକ୍ଷା ପାଇଁ ବିଷ ପାନ କରି
ନୀଳକଣ୍ଠ ହେଲେ ସେ ଯୋଗେଶ୍ୱର ।

ଅଳପ  ତପରେ  ହୁଅନ୍ତି  ତୋଷ
ନାମ ବହିଲେ ତେଣୁ ଆଶୁତୋଷ,
ଭକତ ଦୁଃଖକୁ ନିମିଷେ ହରନ୍ତି
ଭରି ଦିଅନ୍ତି ତା ମୁଖେ ହରଷ  ।

ମହାଶିବରାତ୍ରି  ଅବସରରେ
ଯେ ପୂଜେ ମହେଶ ଭକ୍ତି ଭାବରେ ,
ମଙ୍ଗଳମୟ ସେ ଶମ୍ଭୁ ମହାଦେବ
ଆଶିଷ  ଢାଳନ୍ତି ଭକ୍ତ ମଥାରେ ।

ଉଜାଗର ରହି ଜାଗର ଦୀପ
ଜାଳି ଶିବ ଭକ୍ତ କରନ୍ତି ତପ ,
ଶିବ କୃପା ବଳେ ଜୀବନୁ ଅନ୍ଧାର
ଦୂର ହୋଇ ମିଳେ ଆଲୋକ ପଥ  ।

ଅରଖ ଦୁଦୁରା ବେଲପତର
ଚମ୍ପାଫୁଲ ସହିତ କଞ୍ଚା କ୍ଷୀର,
ଶ୍ରଦ୍ଧାରେ ଅର୍ପଣ କରିଣ ପୂଜିବି
ମନରେ ଜପି  ଶିବ ପଞ୍ଚାକ୍ଷର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୈବ ପୀଠ ଉତ୍ସବ ମୁଖରିତ
ରାଜାଠୁ ରଙ୍କ ସବୁ ଆନନ୍ଦିତ,
ମହାଦୀପ ଦରଶନେ ପାପ କ୍ଷୟ
ମନ ହୋଇଯାଏ ସ୍ୱଚ୍ଛ ପବିତ୍ର ।

ଶିବ ଠାକୁରଙ୍କ ପାଦେ ଭକତି
ରଖିଥାଉ ସଦା ମୋ ମୂଢ଼ ମତି,
ହର ପାର୍ବତୀଙ୍କୁ ବିନୟ ସ୍ତୁତି
ରଖିଥିବ ହେ ତୁମ କୃପା ଦୃଷ୍ଟି ।

କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ସ୍ୱାଗତିକା ସାହୁ

ସମସ୍ତ କଳ୍ପାନ୍ତରେ ତୁମେ ହେ ସ୍ୱୟଂଭୁ
ସର୍ବତ୍ର ପରିବ୍ୟାପ୍ତ ହେ ଅଦିଶ୍ୱର ମହେଶ୍ୱର
ଶିବ ବିନା ଜଡ଼ ଏ ଜଗତ ଗତି
ଚେତନା ଚୈତନ୍ୟ ଉଦୟ ଧାରା ସେ

ମସ୍ତକେ ଅର୍ଦ୍ଧଚନ୍ଦ୍ର ଶୋଭେ
ଜଟାରୁ ଗଙ୍ଗା ହେ ଗଙ୍ଗାଧର
ଭସ୍ମ ବିଲୋପି ତୁମେ ଭସ୍ମାବିଭୂଷିତା
ଗଳାରେ ବାସୁକି ହାତେ ଡ଼ମରୁ ତ୍ରିଶୂଳ

ପଞ୍ଚାକ୍ଷରି ମନ୍ତ୍ରରେ ଶିବମୟ ସଂସାର
ଫାଲଗୁନ ଚତୁର୍ଦ୍ଦଶୀ କୃଷ୍ଣପକ୍ଷ
ସଂସାର ପାଳେ ବିଶ୍ୱାସ ଭକ୍ତିରେ
ପ୍ରତି ପ୍ରହରେ ଶିବରାତ୍ରୀ

ପଳାଶ,ଦୂଦୁରା, ଅରଖ,ଗୟସ
କେତକୀ ଅଟେ ପ୍ରିୟ ଶମ୍ଭୁନାଥଙ୍କ
ଶୁଦ୍ଧମନେ ଉପବାସ ସହ ସମର୍ପେ
କରି ପ୍ରଜ୍ଜ୍ୱଳନ ଅଖଣ୍ଡ ଦୀପ ଉଜାଗରେ

ପ୍ରତି ଶୈବ ପିଠେ ଭକ୍ତଙ୍କର ଭିଡ
ସମଗ୍ର ଜଗତ ସଜାଗ ତତ୍ପର ନେଇ ଶିବନାମ
ମନ୍ଦିର ବେଢାରେ ମଧ୍ୟ ରାତ୍ରିରେ ସର୍ବେ
ଚଢନ୍ତି ନୈବେଦ୍ୟ ଆଉ ମହାଦୀପ

ସଂସାର କଲ୍ୟାଣ ନିମନ୍ତେ କଲ ପାନ
ହଳାହଳ ବିଷ ଅକୁଣ୍ଠ ଚିତରେ
ତେଣୁ ତ ବିହିଲ ନୀଳକଣ୍ଠ ନାମ
ଗାଥା ଅନ୍ଧାର ଉପରେ ଆଲୋକର ଜୟ

ଅନ୍ତଃକରଣ, ସର୍ବ ବିକାର କର ଭସ୍ମ
ଉଦ୍ଧାର କର୍ତ୍ତବ୍ୟର ତାଡନାରେ
ହେ ସୃଷ୍ଟିକର୍ତ୍ତା ଭାଲ ନେତ୍ର
ତୁମେତ ପୂର୍ଣ୍ଣ, ଅପୂର୍ଣ୍ଣର ନିତ୍ୟ ନିର୍ଘୋଷ

ଉମରକୋଟ,ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମହା ଶିବରାତ୍ରୀ



ଭାସ୍କର ରାଉତ

ଦେହ ଦେଉଳରେ କୈଳାସ ଶିଖରେ
ବସିଛନ୍ତି ସେ ସ୍ୱୟଂମ୍ଭୁ
ଅର୍ଦ୍ଧନାରୀଶ୍ୱର ରୂପରେ ସାକାର
ମସ୍ତକରୁ ଝରେ ଅମ୍ବୁ ।
ତିନିଧାର ହୋଇ ବହିଯାଏ ସେହି
ମିଶନ୍ତି ଯେଉଁ ସ୍ଥାନରେ
ସେହି ସ୍ଥାନ ଗୋଟି ତ୍ରିବେଣୀ ଘାଟଟି
ତାହାକୁ ଯେ ଭେଦିପାରେ ।
ଚଢ଼ି କୈଳାଶକୁ ଭେଟିବ ତାହାଙ୍କୁ
ଜୀବନ ଧନ୍ୟ ହୋଇବ
ଅହର୍ନିଶି ଦୀପ ଦେଉଥାଏ ଧାପ
ଲିଭିଲେ ଅନ୍ଧାର ହେବ ।

ରହି ଉଜାଗର ଜାଳୁଛୁ ଜାଗର
ମହାଶିବରାତ୍ରି ପାଇଁ
ନିର୍ଜୀବ ମନ୍ଦିର ଦିଅଁ ତ ପଥର
ସ୍ୱରୂପ ଦର୍ଶନ ନାହିଁ ।


ଏ ଭବ ସାଗର ଅତ୍ୟନ୍ତ ଦୁସ୍ତର
ପାରି ହେବୁ ଯେବେ ତୁହି
ଦେହ ଦେଉଳରେ ଜାଗର ଜାଳିରେ
ଆଦିମାତା ସେବ ରହି ।
ଖର୍ପରକୁ ଧରି ପଥକୁ ଆବୋରି
ଜଗିଅଛି ପରା ସେହି
ତୋ ସେବାରେ ସେହି ତୋଷ ହେଲେ ଯାଇ
ଦ୍ୱାରକୁ ଖୋଲିବ ତହିଁ ।
ପଶିଲେ ସେ ଦ୍ୱାରେ ନଥିବୁ ସଂସାରେ
ଦେଖିବୁ ସ୍ୱରୂପ ତହିଁ
ମହା ଶିବରାତ୍ରୀ ହୋଇବ ସମାପ୍ତି
ଦର୍ଶନ କରିବୁ ରହି ।

ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
୯୭୨୬୪୮୬୬୨୮

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ବିନୋଦିନୀ ଦାଶ

ସଖି ଗୋ, ଆଜି ମହାଶିବରାତ୍ରୀ
ଉପବାସେ ଦେବ ଦେବ ମହାଦେବେ
କରିବା ପୂଜା ଆଳତି
ଉଜାଗର ରହି ଶିବ ମନ୍ଦିରରେ
ଜାଳିବା ଜାଗରବତି ।

କେତକୀ ଚାହିଁଛି ବରଷେ ହେଲାଣି
ପ୍ରଭୁ ପାଦେ ଲାଗି ପାଇଁ
ଅରଖ, ଗୟସ, ମନ୍ଦାର, ଦୁଦୁରା
ଚମ୍ପା, ବେଲପତ୍ର ନେଇ,
ପ୍ରଭୁ ମସ୍ତକେ ଚଢ଼ାଇ,
ଗୋଧନ କ୍ଷୀରରେ କରି ଅଭିଷେକ
ପଞ୍ଚାକ୍ଷରୀ ମନ୍ତ୍ର ଗାଇ
ପ୍ରଭୁ ଭୋଳାନାଥ ହୋଇବେ ଜାଗ୍ରତ
ଦେଖି ଆମ ଭକ୍ତି ସ୍ତୁତି
ସଖି ଗୋ, ଆଜି ମହାଶିବରାତ୍ରୀ ।

ତାଙ୍କୁ କୃପା ଭିକ୍ଷା କରିବା ଗୋ ସଖୀ
ମନସ୍କାମ ପୂରା ପାଇଁ,
ଆଜି ଏ ବିଷମ ସଙ୍କଟରେ ନିଶ୍ଚେ
ସାହା ହେବେ ଉମା ସାଇଁ,
ବିପଦ ଯିବ ଦୂରେଇ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ ପରା ପ୍ରଭୁ ବିଷପାନ
ଜଗତ ମଙ୍ଗଳ ପାଇଁ
କରୁଣାବତାର ଦେବଦେବ ହର
ଅପାର ତାଙ୍କର ଶକ୍ତି,
ସଖି ଗୋ, ଆଜି ମହାଶିବରାତ୍ରୀ ।

ନପାଇ ଶିକାର ସନ୍ଧ୍ୟାକାଳ ହୋନ୍ତେ
ବ୍ୟାଧ ହିଂସ୍ରଜନ୍ତୁ ଭୟେ,
ଚଢ଼ି ଏକ ବୃକ୍ଷେ ଛିଣ୍ଡାଇ ପତ୍ରକୁ
ଗଣି ତଳକୁ ପକାଏ,
ପ୍ରଭାତ ହୁଅନ୍ତେ ସିଏ,
ଓହ୍ଲାଇ ଦେଖନ୍ତେ ଲିଙ୍ଗ ପଞ୍ଝମାଥେ
ବିଲ୍ୱପତ୍ର ଢଙ୍କା ଥାଏ ।

ଯାଚି ଦେଲେ ବର ସେହି ଦିନୁ ଶିବ
ପାଲୁ ଚତୁର୍ଦ୍ଦଶୀ ତିଥି
ସଖୀ ଗୋ, ଆଜି ମହାଶିବରାତ୍ରୀ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ଦେବେନ୍ଦ୍ର ନାୟକ

ଶିବ ଚତୁର୍ଦ୍ଦଶୀ ରାତ୍ରରେ ଜନମ
ପରମ ପିତା ଶିବଙ୍କ
ଭକ୍ତି ନୈବେଦ୍ୟ ଅର୍ପଣ ପୂର୍ବକ ଯେ
ପାଳନ୍ତି ଜଗତ ଯାକ ।

ଉପବାସ ରହି ଉଜାଗର ହୋଇ
ମହା ଦୀପକୁ ଦର୍ଶନ
ଦୀପ ଜାଳି ଜାଳି ଶିବ ନାମ ସ୍ମରି
କରନ୍ତି କେତେ ବିଧାନ ।

ଷୋଡ଼ଶ ଉପଚାରେ ଭକ୍ତି ନୈବେଦ୍ୟ
କରି ଥାଆନ୍ତି ବିଧାନ
ଚତୁଃବର୍ଗ ଫଳ ପ୍ରାପ୍ତି ନିମନ୍ତେ ଯେ
କରନ୍ତି ଶିବ ପୂଜନ ।

ଜାତି ଧର୍ମ ବର୍ଣ୍ଣ ସଭିଏଁ ସମାନ
ଅଟନ୍ତି ଶିବଙ୍କ ପାଶେ
କିଏ କହେ ଆଲ୍ଲା କିଏ କହେ ଯୀଶୁ
ଯା'ନ୍ତି ପରମାତ୍ମା ପାଶେ ।

ଅକାଳ ମୃତ୍ୟୁ ହରଣ କରନ୍ତି ଯେ
ପରମାତ୍ମା ସଦାଶିବ
ଭକ୍ତ ମନବାଞ୍ଛା ପୂର୍ଣ୍ଣ କରନ୍ତି ସେ
ଗ୍ରହଣ କରନ୍ତି ଭାବ ।

ଶିବ ବାବାଙ୍କର ଧରାବତରଣ
ଦିନକୁ ମାନିବା ପାଇଁ
ମହାଶିବରାତ୍ରୀ ପାଳନ କରନ୍ତି
କେତେ ମାନସିକ ଦେଇ ।

ମିଟୁଆଣୀ ଠାକୁରମୁଣ୍ଡା ମୟୂରଭଞ୍ଜ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହା ଶିବରାତ୍ରୀ



ନୂତନ କୁମାର ବେହେରା

ବାର ବ୍ରତ ଉପାସନା କରି ଭକ୍ତଜନ
ନିଷ୍ଠା ସହକାରେ ପାଳେ ମହାଶିବରାତ୍ରି
ଫଗୁଣମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ,
ମହା ଅନ୍ଧକାରର କାଳିମାକୁ
ଦୂରେଇ ଦେବାକୁ ଜାଳେ ଦୀପ
ଶିବଙ୍କ ଆରାଧନାରେ ଦେଇ ଧ୍ୟାନ ।

ସମୁଦ୍ର ମନ୍ଥନେ ବାହାରିବାରୁ ବିଷ
ପାନ କରି ଶିବ ହେଲେ ନୀଳକଣ୍ଠ ,
ସଂସାରର ବିଷରୁ ରକ୍ଷା ପାଇବାକୁ
ଭକ୍ତଜନ ସମାଗମ ହୁଏ ଶୈବପୀଠ ।

ମୃତ୍ୟୁକୁ ଜୟ କରି ସେ ମୃତ୍ୟୁଞ୍ଜୟ
ଦେବ ଦେବ ବାବା ଆଶୁତୋଷ,
ପୂଜିଲେ ତାଙ୍କୁ ମିଳେ ପୂଣ୍ୟଫଳ
ଜୀବନରେ ଆସେ ଶାନ୍ତି ସନ୍ତୋଷ ।

ଜପ କଲେ ଶିବ ମହାମନ୍ତ୍ର
ଦୂର ହୋଇଯାଏ ଆକସ୍ମିକ ବିପଦ,
ମନେ ରଖିଥିଲେ ଶ୍ରଦ୍ଧା ଭକ୍ତି ଭାବ
ଆସେ ନାହିଁ କେବେ ଅବସାଦ ।

ଶିବଙ୍କ ମହିମା ଅପାର କରୁଣା ଅଶେଷ
ଭକ୍ତ ଜନ ପାଇବାର ଆଶେ,
ଗୁହାରି କରେ ରହିବାକୁ ମଙ୍ଗଳେ
ଦୀପ ଜାଳେ ସେ ରାତ୍ରେ ତାଙ୍କରି ପାଶେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିବ ଶବ ମଧ୍ୟେ 'ଇ' କାର ଭେଦ ମାତର
ଶିବ କୃପା ବିନା ଏ ଶରୀର ଶବ,
ଯେତେ ଥାଉ ଧନ ଦରବ ଐଶ୍ୱର୍ଯ୍ୟ
ବୁଜିଲେ ଆଖି ସବୁ ଚାଲିଯିବ ।

ଏ ଜୀବନ ବି ଏକ ମହାଶିବରାତ୍ରି
ଭବିଷ୍ୟତର ଘନ ଅନ୍ଧାରରେ ରହି,
ସଂସାରର ବିଷୟ୍ରା ବିଷ ପିଇ ପିଇ
ଅବଚେତନ ନିଦ୍ରା ମନକୁ ନିଏ ମୋହି ।

ଦୂରେଇ ଦେବାକୁ ସେ ଅନ୍ଧକାର
ଜ୍ଞାନର ଦୀପ ଜାଳେ ଜାଗ୍ରତ ହୋଇ,
ସତ୍ କର୍ମ କଲେ ଶାନ୍ତିରେ ଦିନ କାଟେ
ବାବା ଭୋଳା ଶଙ୍କରଙ୍କଠାରୁ ବର ପାଇ ।

ମହାଶିବରାତ୍ରିର ଏ ଜୀବନ ଅର୍ଥ ବୁଝି
ଅଖଣ୍ଡ ଆଶା ଭରସା ରଖି ମଣିଷ,
ଚାଲିଥିଲେ ସଦା କର୍ମର ସତ୍ୟପଥେ
ମିଳେ ସାର୍ଥକତା ଅତୁଟ ରହେ ବିଶ୍ୱାସ ।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ଫଗୁଣ ଖୋଜୁଛି ଠିକଣା ତାର



ସ୍ୱାଗତିକା ସାହୁ

ଚତୁଃର୍ଦ୍ଦିଗ ଆଜି ସଜଳ ଶ୍ୟାମଳ
ଆମ୍ବ ବଉଳର ହସେ
ଧରଣୀ ରାଣୀଟି ପିନ୍ଧିଛି ସତେକି
ଓଢ଼ଣୀ ସବୁଜ ଦିଶେ ।।

ଶୀତର ଲହରୀ ରୁଷି ଚାଲିଗଲା
ବସନ୍ତର ଆଗମନେ
ଫଗୁଣର ଫଗୁ ରଙ୍ଗେଇବା ପାଇଁ
ଅଙ୍କୁରିତ ସଭି ମନେ ।।

ରଙ୍ଗ ବେରଙ୍ଗର ପ୍ରସ୍ଫୁଟିତ ଫୁଲେ
ଫୁଲେଇ ପରଜାପତି
ମଳୟ ପବନ ଦେଉଛି ଅଞ୍ଜନ
ଜଳାଏ ପ୍ରେମିକ ଛାତି ।।

ରଙ୍ଗୀନ ସ୍ୱପ୍ନରେ ଭିଜିଯାଏ ମନ
ଶୁଭେ କାକଳିର ସ୍ୱର
ପ୍ରତିଧ୍ୱନି ଆସେ ବାସ୍ତବତା ଦିଶେ
ପ୍ରତିଛାୟା ଏ କାହାର ।।

ଋତୁଚକ୍ର ତୁମେ ବହିନେଇଗଲ
ପାଞ୍ଚ ଋତୁ ଅନୁପ୍ରାଣେ
ବସନ୍ତ ପାଇଁକି ଠିକଣା ହଜିଛି
ଖୋଜୁଛି ସେ ପ୍ରତିକ୍ଷଣେ ।।

ଆମ୍ବ ବଉଳରେ ଅଛି କି ତା ନାମ
ଅଛି ଫୁଲ ପାଖୁଡ଼ାରେ ?
କୋଇଲିର ସୁର ଦିଏ କି ବାରତା
ମିଳେ କିବା ପବନରେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଉନି ଠିକଣା  କରେ ମନଉଣା
ଫଗୁଣର ଫୁଲପେନ୍ଥା
ଫଗୁଣର ଫଗୁ ହୁଏ ବାଟବଣା
ନପାଇ ସଠିକ ରାସ୍ତା ।।

ଦେଖାଇ ଦିଅହେ ବତାଇତ ଦିଅ
ଜାଣିଛ ଠିକଣା ଯଦି
ସୁରୁଜ କିରଣେ ସ୍ୱାଗତ ଜଣାଏ
ଫଗୁଣର ପ୍ରୀତିଛନ୍ଦି ।।

ପ୍ରେମର ବସନ୍ତ ମଳୟ ପବନେ
ଧରା ବୁକୁ ସବୁଜିମା
କୃତଜ୍ଞ ରହିବେ ତୁମରି ପାଖରେ
ଦେଇ ଶ୍ରଦ୍ଧା ପ୍ରୀତି କ୍ଷମା ।।

ବରଷି ଦିଅହେ ଉତ୍ତରର ବର୍ଷା
ମନର ଜ୍ୱଳନ ଥମୁ
ଆଶା ପାରିଜାତ ବାସ୍ନା ବିମୋହିତ
ଫଗୁଣକୁ ମିଳୁ ଛାମୁ ।।

କନ୍ଧମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାନ୍ଦୁଛି ଯମୁନା, ଝୁରୁଛି ରାଧା



ଏଲିନା ପାଣିଗ୍ରାହୀ

*କାନ୍ଦୁଛି ଯମୁନା ଝୁରୁଛି ରାଧା*
*ପ୍ରେମ ପୁରାଣ ତାଙ୍କ ରହିଲା ଅଧା*
କ୍ଷଣକରେ ସବୁ ସମ୍ପର୍କ ଭାଙ୍ଗି
ମଥୁରା ଚାଲିଲେ କୃଷ୍ଣ
ଶ୍ରୀ ରାଧାଙ୍କୁ ଛାଡ଼ି...
ମାତା ଯଶୋଦାଙ୍କୁ ବୁଝାଇବା କିଏ
ଗୋପପୁରେ ଆସିଛି
ଦୁଃଖର ଲହରି ମାଡ଼ି..

*ଝୁରୁଛି ରାଧା କାନ୍ଦୁଛି ଯମୁନା*
*କହ୍ନେଇ ବିନା କିଛି ଭଲ ଲାଗେନା*
ଯମୁନା ସାଜିଲା ଲୁହର ନଈ...
କଦମ୍ବ ଆଉ ଫୁଟିବ ନାହିଁ...
କାହ୍ନୁ ବିନା କଦମ୍ବ ମୂଳ ହେଲା ଶ୍ମଶାନ...
ଯମୁନା କୂଳେ ଆଉ ଶୁଭୁନି ବଇଁଶୀର ଶ୍ୱନ...
ଗୋପ ଦାଣ୍ଡେ, ଖୋଜୁଛନ୍ତି ଗାଈ ପଲ
କହ୍ନେଇ ତୁମେ କାହିଁ ଗଲ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

*କାହ୍ନୁଛି ଯମୁନା ଝୁରୁଛି ରାଧା*

*କର୍ତ୍ତବ୍ୟ ଆଣିଲା ପ୍ରେମରେ ବାଧା*

ଯମୁନା କୂଳେ ବସି ରାଧା ରାଣୀ

କାହ୍ନାର ବାଟ ରହିଛନ୍ତି ଚାହିଁ....

ମଥୁରା ଗଲେ ଯେଦିନୁ କହ୍ନେଇ

ଆଉ ତ ଜମା ସେ ଫେରିଲେ ନାହିଁ....

ନିଦକୁ ଚୋରେଇ, ସ୍ୱପ୍ନକୁ ଛଡ଼େଇ

କାହିଁ ବାହୁଥିଲ

ପ୍ରେମ ନଦୀରେ ପ୍ରଣୟର ନାଆ....

ଯିବାକୁ ଥିଲା ଯଦି ତୁମ

ତାହେଲେ

ମୋ ଜୀବନେ ଆସୁଥିଲ କିଆଁ...

*କାହ୍ନୁଛି ଯମୁନା ଝୁରୁଛି ରାଧା*

*ନୀୟତିର ହାତେ ଯେ କହ୍ନେଇ ବନ୍ଧା*

ପରିସ୍ଥିତି ଚକ୍ରେ ପଡ଼ି କହ୍ନେଇ

ସାଜିଛି ଯେ ସେ ସ୍ୱାର୍ଥପର........

ହୃଦୟଟି ତାର ଅଟେ ଜୀବନ୍ତ

ନୁହେଁ ସେ  ପଥରର........

ହେଲେ କିଏ ସେ ବୁଝିବ, କିଏ ସେ ଜାଣିବ

କାହ୍ନୁ ଯେ ଝୁରୁଛି ପିରତି ରାଧାର .....।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଟିରେ ଗୋଟିଏ ମୋ ଲକ୍ଷ୍ମୀ



ସୁଭଦ୍ରା ମହାପାତ୍ର

ରୂପରେ ଅନନ୍ୟା ଗୁଣ ବତୀ କନ୍ୟା
ସତେ ମାତା ଅନ୍ନପୂର୍ଣ୍ଣା
କୋଟିକେ ଗୋଟିଏ ଖୁଣିବ ବା କିଏ
ସର୍ବ ଗୁଣରେ ସମ୍ପନ୍ନା ...(୧)

ସରଳା ସୁଶୀଳା କର୍ଯ୍ୟେ ଦକ୍ଷଶିଳା
ସଂସ୍କାର ସଂସ୍କୃତି ବହି
ଦୁଇ କୂଳ ହିତା ମୋ ଲକ୍ଷ୍ମୀ ଦୁହିତା
ସଂସାର ନିଏ ଚଳାଇ...(୨)

ବାଲ୍ୟକାଳୁ ତାର ଭଲ ଗୁଣ ଦେଖି
ସଭିଏଁ ହୁଅନ୍ତି ଖୁସି
ବିଦ୍ୟା ପଠନରେ ଥାଏ ସେ ଆଗରେ
ମନ ମୋହି ନିଏ ହସି....(୩)

ବଡ ଅଫିସର ହୋଇଥିଲେ ପରା
ଗର୍ବ ଅହଙ୍କାର ନାହିଁ
ନିଜ ସାଧ୍ୟମତେ  ସର୍ବଦା ସଭିଙ୍କୁ
ସାହାଯ୍ୟ ସେ କରିଥାଇ....(୪)

ଗୁରୁ ଗୁରୁଜନ ମାନଙ୍କୁ ଅମାନ୍ୟ
କେବେହେଲେ ନକରଇ
ଶାଶୁ ଶଶୁରଙ୍କ ସେବା କରି ସେହି
ସଦା ସୁନାମ ଅର୍ଜଇ....(୫)


ଏହିପରି କନ୍ୟା ରତ୍ନ ପାଇ ମୁହିଁ
ଅଟେ ବଡ ଭାଗ୍ୟବାନ
ସଦା ରହୁ ସୁଖୀ ସଉଭାଗ୍ୟବତୀ
ପ୍ରଭୁ ପଦେ ନିବେଦନ.....(୬)

କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧିବର୍ଷ



ବିଦ୍ୟୁତପ୍ରଭା ମିଶ୍ର

ବିଜ୍ଞାନର ଖେଳ କେତେ କୌତୁହଳ
ପୃଥିବୀ ଆମର ଘୁରେ
କେହି ନଜାଣନ୍ତି ତାଉପରେ ରହି
ଲାଗେ ରହିଥାନ୍ତି ସ୍ଥିରେ ।
ଚାରିବର୍ଷେ ଥରେ  ଅଧିବର୍ଷ ପଡେ
ଆମ ଏହି ଧରା ପରେ
ଅଣତ୍ରିଶ ସଂଖ୍ୟା ଦିନଟି ମିଶଇ
ଫେବୃଆରୀ ମାସଟିରେ ।

ସୂର୍ଯ୍ୟ ଚାରିପଟେ ଘୁରଇ ପୃଥିବୀ
ମହାକର୍ଷଣର ବଳେ,
ସମୟକୁ ଚାହିଁ ହୁଅଇ ହିସାବ
ଭୋଗ କରୁ ଧରା ତଳେ ।
ତିନିଶ ପଞ୍ଚଷଠି ଓ ଛଅ ଘଣ୍ଟା
ପରିକ୍ରମଣ ସମୟ,
ବର୍ଷରେ ଭୋଗ ତିନିଶ ପଞ୍ଚଷଠି
ଛଅ ଘଣ୍ଟା ବାକି ଥୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିବର୍ଷେ ଥରେ ସେଇ ଛଅ ଘଣ୍ଟା

ହୋଇଥାଏ ଏକଦିନ,

ଫେବୃଆରୀ ମାସସାନ ଯେଣୁ ମିଶି

ବଢିଯାଏ ଏକ ଦିନ ।

ଚାରି ଦ୍ୱାରା ଯେଣୁ ବିଭାଜ୍ୟ ହେଉଛି

ଦୁଇହଜାର ଚବିଶ

ଏଇବର୍ଷ ଫେବୃଆରୀ ମାସ ତେଣୁ

ହେଉଅଛି ଅଣ ତ୍ରିଶ ।

ଶତାବ୍ଦୀର ଶେଷ ହୋଇଲେ ବରଷ

ଚାରିଶହେ କର ଭାଗ,

ଭାଗ ହୋଇଗଲେ ହୁଏ ଅଧିବର୍ଷ

ନାମ ତାର ହୁଏ ଯୋଗ ।

ଗୋଟିଏ ଦିବସ ଅଧିକ ପାଇଛ

କର ତାର ଉପଯୋଗ,

ଈଶ୍ୱର ଙ୍କ ନାମ ସ୍ମରିବାରେ ଆସ

ତାହାହିଁ ବିଶେଷ ମାର୍ଗ ।।


ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧିବର୍ଷ



କୁମୁଦିନୀ ପତି

ପ୍ରତି ଚାରିବର୍ଷ ଅନ୍ତରରେ ଆସେ
ଗୋଟିଏ ଅଧିବରଷ,
ଫେବୃଆରୀ ମାସ ଗୋଟେ ଦିନ ବଢ଼ି
ହୁଏ ଯେ ଅଣତିରିଶ ।

ଚାରି ଦ୍ୱାରା ଯେଉଁ ବରଷ ବିଭାଜ୍ୟ
ଶୂନ ରହେ ଭାଗଶେଷ,
ସେହି ବରଷକୁ ସଭିଏଁ ଜାଣନ୍ତି
ବୋଲି ଯେ ଅଧିବରଷ ।

ଆମ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ
ଜନମି ଅଧିବରଷେ,
କେଡେ ଭାଗ୍ୟବାନ ହୋଇ କରି ସିଏ
ବୁଲିଲେ ଦେଶେ ବିଦେଶେ ।

ଜନ୍ମଦିନ ଅବା ବିବାହ ବାର୍ଷିକୀ
ଯା'ର ପଡେ ଏହି ଦିନେ,
ଚାରି ବରଷରେ ଥରେ ପାଳିଥାନ୍ତି
ଦୁଃଖୀ ହୋଇ ମନେ ମନେ ।

ଏତେ ଦୁଃଖ କାହିଁ ଦିଅ ଅଧିବର୍ଷ
ଚାରି ବରଷରେ ଆସି,
ଦୁଃଖ ସହ ସ୍ମରଣୀୟ ହୁଏ ଦିନ
ଫେବୃଆରୀ ଅଣତିରିଶି ।

ନିୟତିର ଗତି ଏଡାଇବା ପାଇଁ
କାହାର ବା ଶକ୍ତି କାହିଁ,
ହେ ଅଧିବରଷ ନିଶ୍ଚୟ ଆସିବ
ହସ ଖୁସି ସବୁ ନେଇ,
ହସ ଖୁସି ସବୁ ନେଇ ।

ଠାକୁରମୁଣ୍ଡା, ମୟୁରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶା



ଅଜିତ କୁମାର
ପାଢ଼ୀ

ଆଶା ଓ ଭରଷା  ଜୀବନ
ଅଦମ୍ୟ  କଳ୍ପନାର ଭରସାରେ
ନିର୍ଝରେ ଝରଣା !
କଳ୍ପନା ତୁମରି କିରଣ ।

ଆଶା ତୁମେ ! ବୈତରଣୀରେ ବନ୍ୟା
କେବେ ମତ୍ତ ପ୍ରମତ୍ତ ଭାବନା ଭାବୁକ
ଚୁମାଟିଏ ଦେବାପାଇଁ
ସମୁଦ୍ରକଳ୍ପନା,,,,,,
ଆଶା ତୁମେ  !

ଆଶାର ଆକାଂକ୍ଷା ଭିତରେ
ପ୍ରଜାପତି ଗୋଲାପ ବନରେ
ତା କଢ଼ରେ ଦେଉଅଛି ଚୁମା
ମିଳିଯାଏ ଅଭିପ୍ସାର ଜୋଛନା
ଆଶାର ପ୍ରଜାପତି  !

ଆଶା ! ତୁମେ ସ୍ୱପ୍ନ ମହଲରେ
ପ୍ରେମ ପ୍ରୀତି ଭରା ଜୋଛନା
ରାଜ ଉଆସର ରାଜକନ୍ୟା
ମନ ଆକାଶରେ ପ୍ରେମର ଜୋଛନା
ଆଶାବାନ୍ଧି ବାସ୍ତବିକତାର ପ୍ରେମ,,
ତୁମେ ଆଶାର ରାଜକନ୍ୟା  ।

ଆଶା ତୁମେ  !
ଦୁର୍ଲ୍ଲଭ ଯୌବନର  ପାରିଜାତ
ଆସିଯାଅ ହୃଦୟରେ ଆଶାବାନ୍ଧି. !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷିପ୍ରପବନରେ ଉଲ୍ଲାସିତ ଢେଉ
କେଉଁ  ଗୋଲାପୀ ଓଠରେ
କିସ୍‌ଟିଏ ଦେବାପାଇଁ
ମୋ ଆଶା ବାନ୍ଧେ  ଜୀବନ,,,

ଆଶା ତୁମେ !
ଆଶାବାନ୍ଧି ଡେଣାସାଜେ ଉଡ଼ନ୍ତାପକ୍ଷୀ
ମନରାଇଜେ ଆଶାବାନ୍ଧି
ସପନ ମହଲ ଗଢ଼ିବାର ଆଶା ବାନ୍ଧି
ଆଶା ତୁମେ ଅଭିପ୍ସାର ଖେଳଘରେ

ନୂଆପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲୁଆ ଫଗୁଣ



ହାସ୍ୟମୟୀ ରାଜ

ପୌଷ ଆସିଥିଲା
ଥିରି ଥିରି ପାଦେ
କୁହୁଡି କାକର ସାଥେ
ପତ୍ର ଝଡ଼ାର
ଦୁଃଖକୁ ନେଇ
ପୃଥିବୀ କାନ୍ଦେ ପଥେ ।।

ହରିଅଛି ତା'ର
ଶ୍ୟାମଳିମା ଶୋଭା
ଶିରିହୀନ ରୂପ ଦେଖେ
ଅବୁଝା ମନକୁ
ବୁଝାଉ ଅଛି ସେ
କେତେ ଯେ ବିରସ ମୁଖେ ।।

ସ୍ୱପ୍ନ ଦେଖୁଛି ସେ
ଆସିବ ଫଗୁଣ
ଫେରେଇ ଦେବ ତା ରୂପ
ହସିବ ସେ ପୁଣି
ଶ୍ୟାମଳ ଦଳରେ
ଦେବ କୁହୁକର ଲେପ ।।

ଲେଖୁଛି ସେ ଚିଠ
ଆଖି ମଳି ଉଠି
ଫଗୁଣ ପ୍ରେମିକ ତା'ର
ଆସ ଆସ ପ୍ରିୟ
ଅପେକ୍ଷା କରିଛି
କାହିଁକି ବିଳମ୍ବ କର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଇଲି ଗାଇବ

ମନ ମତାଣିଆ

କୁହୁ କୁହୁ ମଧୁ ସ୍ୱର

କୃଷ୍ଣ ଚୂଡା ବି

ହସିବ ଲାଜରେ

ସଜେଇ ରଙ୍ଗ ଅଧର ।।

ବଉଳ ଚାହିଁଛି

ସ୍ୱାଗତ କରିବ

ଖେଳିବ ମଳୟ ସହ

ବାଟ ଚାହିଁ ବସି

ଅନେଇ ବସିଛି

ଆଖିରେ ଲାଖିଛି ଲୁହ ।।

ଫୁଲୁଆ ଫଗୁଣ

କେତେ ଯେ ତୋ ଗୁଣ

ଅବିର ବୋଳିବୁ ଦେହେ

ମନରେ ପ୍ରେମର

ରଙ୍ଗ ବୋଳିବୁ

ବିରହ ଗୀତ ସେ ଗାଏ ।।

ପଳାସ ଫୁଲକୁ

ଗଭାରେ ଖୋସିବ

ତୁ ଆସିଲେ ସିନା ସିଏ

ଚୁପି ଚୁପି କଥା

କହିବୁ ତା କାନେ

ବାଟ ଚାହିଁ ତୋର ରହେ ।।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲେଇ ଫଗୁଣ



ଗୀତାଞ୍ଜଳୀ ଭୂୟାଁ

ଫୁଲେଇ ଫଗୁଣ ପକାଇଛି ରାଣ
ପ୍ରିୟ ବସନ୍ତକୁ ଧରାଗମନେ
ପହିଲି ଚିଠିରେ ପ୍ରୀତିର ସନ୍ଦେଶ
ମଳୟ ଆଣିଛି କୋକିଳ ସ୍ୱନେ ।

ମଧୁ ଋତୁରାଜ ପଡ଼ି ପଦ ରଜ
ପ୍ରକୃତି ସୁଷମା ଲାବଣ୍ୟମୟ
ଆମ୍ର ବକୁଳର ସୁବାସ ଚହଟେ
ତନୁ ମନ ପ୍ରାଣ ହୁଏ ଅଥୟ ।

ରଙ୍ଗ ବେରଙ୍ଗର କୁସୁମ ସମ୍ଭାର
ପ୍ରିୟାକୁ ଦେଇଛି ବସନ୍ତ ଭେଟି
ରୂପସୀ ଗଭାରୁ ରଜନୀଗନ୍ଧାର
ନିଶିରେ ସୁରଭି ଯାଉଛି ଛୁଟି ।

ଫୁଲେଇ ଫଗୁଣ ଋତୁରାଟ ଶିରେ
ଆଙ୍କିଛି ଅବିରେ ସ୍ମୃତି ସ୍ମାରକୀ
ସପ୍ତରଙ୍ଗ ଛିଟା ମଳୟ ମରୁତ
ସ୍ପର୍ଶେ ଶିହରଣ ଜାଗେ ସତେକି ?

ଅନତି ଦୂରରେ ଶୀତ ପରାହତ
ଉପଗତ ଏବେ ମଧୁ ମୁହୂର୍ତ୍ତ
ପ୍ରେମ ରସେ ରାସ ରଚେ ମଧୁମାସ
ପୁଲକେ ଉତ୍‌ଫୁଲ ହୁଅଇ ଚିତ୍ତ ।

ରଙ୍ଗ ପିଚକାରୀ ମାରୁଛି କହ୍ନେଇ
ସରମରେ ସଢେ ରାଧିକା ରାଣୀ
କୁଞ୍ଜ କାନନର ମନ ଛନ ଛନ
ଉଜାଣୀ ବହୁଛି ଯମୁନା ପାଣି ।

ରାଇ ଦାମୋଦର ଶାଶ୍ୱତ ପ୍ରେମର
ମଧୁର ମୂର୍ଚ୍ଛନା ତ୍ୟାଗ ପ୍ରତୀକ
ଫଗୁ ଅବିରର ରଙ୍ଗ ହୋଲି ଖେଳ
ପ୍ରେମ ମୈତ୍ରୀ ଭାବ କରେ ଉଦ୍ରେକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନ୍ମଦିନ ଶୁଭେଚ୍ଛା

*ଅନନ୍ୟାର ଅନନ୍ୟ ପ୍ରତିଭା ଦେବାଶିଷ

ଚକ୍ରବର୍ତ୍ତୀ ଙ୍କ ଜନ୍ମଦିନରେ ଶୁଭେଚ୍ଛା*



ନାରାୟଣ ଚନ୍ଦ୍ର
ସେନାପତି

କ୍ରାନ୍ତି ମାସର ଏଗାର ତାରିଖ
ବୀର ଦର୍ପେ ଯେବେ  ଧରାକୁ ଛୁଏଁ
ଐତିହାସିକ କେନ୍ଦୁଝର ଭୂଇଁ
କ୍ରାନ୍ତିକାରୀ ପୁତ୍ର ଜନମ ଦିଏ ।

ଦେବଙ୍କ ଆଶିଷ ପୁଷ୍ପ ପାଇବାରୁ
ଦେବାଶିଷ ନାମ ରହିଲା ଶୁଭ
ଖୁସିରେ ନାଚିଲେ ପିତା ମାତା ଦୁହେଁ
ଭାବିଲେ ମଥାରୁ ହଟିଲା ବୋଝ  ।

ପିଲାଟି ଦିନରୁ ଶିଷ୍ଟ ମିଷ୍ଟ ବାଣୀ
ନିର୍ଭୀକତା, ସ୍ପଷ୍ଟ କଥା ତାଙ୍କର
ବିଚକ୍ଷଣ ବୁଦ୍ଧି ବିସ୍ମୟ କରିଲା
ସଭିଏଁ ବୋଲନ୍ତି କି ଜ୍ଞାନ ତାହାର  ?

ଭାଷାକୁ ସୁଗନ୍ଧ ଭାବରେ ଆଉଁସି
ସାହିତ୍ୟକୁ ଦେଲେ ପ୍ରେମ ପୀୟୂଷ
ଯୁବକ ସମୟୁ ତାଙ୍କରି ପ୍ରତିଭା
ଦେଖି ଡରୁଥିଲା ଝଡ଼ ବତାସ  ।

ବ୍ୟଙ୍ଗରେ ହସାନ୍ତି ରସ ବିତରନ୍ତି
ସଭିଏଁ କହନ୍ତି ହେ ରସରାଜ
ସାହିତ୍ୟ ମଞ୍ଚରେ ଆଦରରେ ଡାକି
କହନ୍ତି ହେ ରାଜ ହୁଅ ବିରାଜ  ।

ସରକାରୀ କାର୍ଯ୍ୟେ ନିପୁଣ ସକ୍ରିୟ
ସଭିଏ ଦିଅନ୍ତି କେତେ ସମ୍ମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁ ଆଚରଣ ମେଳାପି କାରଣ
ଦେଇଥାଏ ତାଙ୍କୁ ପ୍ରେମ ଆସନ ।

ଅନନ୍ୟା ଅଗଣା ମହକି ନାଚଇ
ପ୍ରତିଦିନ ତାଙ୍କ ପେନ୍ଥା ପେନ୍ଥାକୁ ପାଇ
ପାଞ୍ଚ ମୁରୁଜରେ ଅନନ୍ୟା ଚଟାଣ
ତତ୍ତ୍ୱ ମାନଚିତ୍ର ନିତି ରଚଇ ।

ସନ୍ତୁଳିତ ସ୍ୱଚ୍ଛ ଭାଷଣ ତାଙ୍କର
ପ୍ରତି ଶବ୍ଦ ବାକ୍ୟ ଶିକ୍ଷଣ ଭରା
ସେସବୁ ପିଇଲେ ଅନ୍ତ ପରିଷ୍କାର
ଆଦରିଲେ ହେବ ପ୍ରତିଭା ଝରା ।

ମୋ ପ୍ରତି ତାଙ୍କର ସ୍ନେହ ମାପିବାକୁ
ବିଜ୍ଞାନ ଗଢିନି ଦକ୍ଷ ଏକକ
ଆମ ସମ୍ପର୍କର ବହଳ କଳିବା
ସ୍ୱାର୍ଥପର ପାଇଁ ନିରର୍ଥକ ।

ସାହିତ୍ୟ ପ୍ରାଙ୍ଗଣେ ଖେଳୁଯାଉ଼ ଦେଖି
କେନ୍ଦୁଝର ମାଟି କରଇ ଗର୍ବ
ଚୁପି ଚୁପି କୁହେ ଅମ୍ଳାନ ପ୍ରତିଭା
ଏ ପରା ବାସ୍ତବ ବେଦ ଅଥର୍ବ ।

ଆଜି ତାଙ୍କ ପୁଣ୍ୟ ଜନମ ଦିବସେ
ଅର୍ପଣ କରୁଛି ମେଞ୍ଚେ ଶୁଭେଚ୍ଛା
ଦୀର୍ଘଜୀବୀ ହୋଇ ପୂରଣ କରନ୍ତୁ
ଦେଶ ଦଶ ଜାତି ମନୋବାଞ୍ଛା ।

ଜମ୍ଦରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସ ସ୍ୱପ୍ନ ଏଠି



ପ୍ରୀତିପଦ୍ମା ଦାଶ

ମନ ମଉଳାନାରେ ଫୁଲଗଛ

ମନ ମାରେନା

ଖୋଜେନା ମୁଠାଏ ମାଟି

ଛ ମାଣ ଆଠ ଗୁଣ୍ଠ ବନ୍ଧକ ପଡିଛିରେ

ଉପନିବେଶର ସନ୍ଧିପତ୍ରରେ

ମାଟିର ଦାମ୍ ସୁନା ହୀରାଠୁ ବି ବେଶୀ

କେଉଁଠୁ ପାଇବୁରେ ତୋ ପାଇଁ ମୁଠାଏ ମାଟି

ମାଟି ସ୍ୱପ୍ନ ଏଠି........ମାଟି ସ୍ୱପ୍ନ ଏଠି

ଆଖି ବୁଜିଦେ ରେ ଆର୍ଯ୍ୟ ସୁତ

ବନ୍ଦ କର ତୋର କାନ

ତୋ ନେତୀ ଯାଉଛିରେ କଂସେଇ ଖାନା

କିଛି ସମୟ ଉତ୍ତାରେ ଫେରିବ ସିଏ

ଗାଢ ନାଲି ରଙ୍ଗ ବୋଳିହୋଇ

ଟୁକୁରା ଟୁକୁରା ମାଂସ ଖଣ୍ଡ ହୋଇ

ଅଭ୍ୟସ୍ତ ହୋଇଯାଆରେ ନୂଆ ଭୁଆସୁଣୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋ ଆଦର୍ଶ ସ୍ୱାମୀର ଆଭିଜାତ୍ୟପୂର୍ଣ୍ଣ ଚଳନିରେ
ଗଣ୍ଡା ଗଣ୍ଡା ଉସମାନା ତାରା ଅଛନ୍ତିରେ
ପ୍ରତି ଗାଁ ଭିତରେ, ଗାଁ ମୁଣ୍ଡରେ, ସହରରେ,ବଜାରରେ
ତୋ ସ୍ୱାମୀ ଫେରିବ ଆଜି ନ ହେଲେ କାଲି
ଉତ୍ତୁରି ଗଲେ ତା ଦେହରୁ ବିଦେଶୀ ନାଲି ପାଣି
ଯଦି ତୁ ପଢିଥିବୁ ପେଟେଣ୍ଟ ମେଡିସିନ ଗପ
ଭୁଲିଯା ଭୁଲିଯା...ଦେବ ନାହିଁ ସେ କାମ
ଦେବ ନାହିଁ ସେ କାମ

ହେ ଆର୍ଯ୍ୟନାରୀ
ଆଶାକରେନାରେ ବୁଦ୍ଧାଏ ବିଶ୍ୱାସ
ବିଶ୍ୱାସ ବି ସ୍ୱପ୍ନ ଏଠି
ପାରିବୁ ଯଦି ମଦୁଆ ସହିତ ସାଲିସ୍ କର
ନ ପାରିଲେ ନିଜ ପାଇଁ ଏକ ପୃଥିବୀ ଗଢ
ଜାଣେ, ଆସିବ ତୋ ପାଇଁ ଅନେକ କଷ୍ଟ
ତଥାପି ଛାତିକୁ ପଥର କର
ଉତ୍ତର ନାରୀବାଦକୁ ପାଥେୟ କରି
ନିଜ ଅସ୍ମିତା ରୂପୀ ପ୍ରଦୀପକୁ ପ୍ରଜ୍ଜ୍ୱଳିତ କର ।

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡାକିଦେଇ ଝୁଲା ଧରେଇ ଦେଲ



ହେମନ୍ତ କୁମାର ନାୟକ

ଗ୍ରୁପ୍ ମହିଳାଙ୍କୁ ଶାଢ଼ୀ କିଣିବାକୁ
ଏକ ହଜାର ଟଙ୍କା ଯୋଗାଇ ଦେଲ
ଇସି ମେମ୍ବର ବ୍ଲେଜର ପିନ୍ଧିବ
ତାହା ପାଇଁ ତିନି ହଜାର ଦେଲ
ପୁରୁଷ ପୁଅକୁ କାହିଁକି କେଜାଣି
ବଜେଟରେ ତୁମେ ନିରାଶ କଲ
ଦେଇପାରିଲନି ଧୋତି କି ଟାଙ୍ଗଲ
ପଂଚାୟତରେ ଝୁଲାଟି ଧରାଇଦେଲେ
ଡାକି ଦେଇ ଝୁଲା ଧରେଇ ଦେଲ ।

ତେଇଶି ବରଷ ଶାସନ କରିଲ
ନବିନ ଓଡ଼ିଶା ଚାରା ରୋପିଲେ
ଯୋଜନା ଉପରେ ଯୋଜନା ଆଣିଲ
କାଳିଆ ବଳିଆ କେତେ ଖୋଲିଲ
ସମ୍ଭାଳି ନ ପାରି ଯୋଜନା ତୁମ୍ଭର
ମୋଦିଙ୍କ ସହିତ ବାଣ୍ଟି କରିଲ

କାଳିଆ ପ୍ରେମରେ ମୋଦି ପଡ଼ିଗଲେ
ବଳିଆକୁ ତୁମେ ନିରାଶ କଲ
ଚାଷୀ, ମୂଲିଆଟି ଆଶା କରିଥିଲା
ଡାକି ଦେଇ ଝୁଲା ଧରେଇ ଦେଲ ।

ହାଇସ୍କୁଲ ଛୁଆ ପିନ୍ଧେ ନିତି ନୂଆ
ଅଙ୍ଗନବାଡ଼ି ଦିଦି ପାଏ ଆଦର
ଶିକ୍ଷକ ଷ୍ଟ୍ରାଇକ ବାରମ୍ବାର ହୁଏ
ତାଙ୍କ ଦରମାକୁ ବଢ଼ାଇ ଦେଲ
ଯୁକ୍ତ ତିନି ପିଲା ଖୁସି ହୋଇଗଲା
ତାଙ୍କ ପାଇଁ ଯେଉଁ ବ୍ୟବସ୍ଥା କଲ
ସାନ ପିଲା ଭୋଟ ଦେବନାହିଁ ବୋଲି
ତାଙ୍କ ପକେଟଟି ଫାଙ୍କା ରଖିଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଷୀ ପାଇଁ ପୁଣି ନିଷ୍ଠୁର ହେଲ

ଡାକି ଦେଇ ଝୁଲା ଧରେଇ ଦେଲ ।

ଆଗତ ଭବିଷ୍ୟ ଜାଣି କି ପାରିଲ

ଲକ୍ଷ୍ମୀଙ୍କୁ ବସ୍ ଭିତରେ ବୁଲାଇଲ

ସ୍ୱାମୀଙ୍କୁ ତାଙ୍କର ଭିକ୍ଷା ଝୁଲା ଦେଇ

ଭିକ୍ଷା ମାଗିବାର ଇଙ୍ଗିତ ଦେଲ

ଡାକି ଦେଇ ଝୁଲା ଧରେଇ ଦେଲ ।

ତେନ୍ତୁଲି ନଣ୍ଡା, କେନ୍ଦୁଝର

୮୦୯୮୨୪୦୭୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୃଙ୍ଖଳାକୁ ନେଇ ସଙ୍ଗୀତ ରଚିବି



ଗାୟତ୍ରୀ ଦାଶ

ଶୃଙ୍ଖଳାକୁ ନେଇ ସଙ୍ଗୀତ ରଚିବି
ସୁର, ଲୟ, ତାଳ ଯୋଖି !
ଗାଇବି ଆଜି ମୁଁ ମନ୍ଦିର ପ୍ରାଙ୍ଗଣେ
ମାଆ ବୀଣାପାଣି ସାକ୍ଷୀ !!

ଏ ମନ୍ଦିର ନୁହେଁ ପ୍ରତିମାପୂଜାର
ଧୂପ-ନୈବେଦ୍ୟ-ଆଳୟ !
ମାଆ ବୀଣାପାଣି ଚରଣେ ଅର୍ପିତ ,
ଅଗଣା କବିତାମୟ !!

ଶୃଙ୍ଖଳା ଶବ୍ଦର ବିଶ୍ଳେଷଣ ନୁହେଁ
ସାମୟିକ , ସାଧାରଣ !
ନୀଳସାଗରର ସୀମାହୀନତାରେ
ଅସୀମ ତା' ଆଚରଣ !!

ଜନନୀ ଜଠରୁ ଶୃଙ୍ଖଳାର ଜନ୍ମ ,
ଜନ୍ମରୁ ମରଣ ଯାଏ !
ଶୃଙ୍ଖଳାକୁ ନେଇ ମଣିଷ ବଞ୍ଚଇ ,
ମଶାଣିକୁ ଯିବାଯାଏ !!

ଶୃଙ୍ଖଳିତ ସମାଜର ସହରରେ
ଶୃଙ୍ଖଳାର କଇଁ ଫୁଲ !
ପ୍ରୀତି-ପାଖୁଡ଼ାର ନିର୍ଲିପ୍ତ ରଙ୍ଗର
ସରଳତାରେ ନିର୍ମଳ !!

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାନବ ଜୀବନ ଜନ୍ମରୁ ମରଣ
ଶୃଙ୍ଖଳାକୁ କରି ସାଥୀ !
ଆଗକୁ ଆଗକୁ ପାଦ ବଢ଼ାଇଲେ
ଜୀବନେ ନଥାଏ ଭୀତି !!

ପ୍ରୀତି-ପ୍ରଣୟର ସୁନ୍ଦର ସଂସାର ,
ଛଳନାର ବହୁ ଦୂରେ !
ଖୋଜିବସେ ଏକ ନିଛକ ଦୁନିଆ
ଶୃଙ୍ଖଳାର ସାମ୍ରାଜ୍ୟରେ !!

ବିଶୃଙ୍ଖଳତାର ଫଳ ଭୟାବହ ,
ଶୃଙ୍ଖଳା ଶାନ୍ତିସମୃଦ୍ଧ !
ସାମଗ୍ରିକ ସମାଜକୁ କରିଥାଏ
ଉନ୍ନତ , ଯୋଜନାବଦ୍ଧ !!

ଶୃଙ୍ଖଳାବୋଧକୁ ଗାଣିତିକ ସୂତ୍ରେ
ଅଧିକ ଗୁରୁତ୍ୱ ଦେଇ !
ଭିନ୍ନ ଏକ ସମାଜର କଳ୍ପନାରେ
ଦେବା ନିଜକୁ ହଜାଇ !!

ଅଶାନ୍ତିର ଝଡ଼ ଅପସରି ଯିବ ,
ନଥିବ ଯୁଦ୍ଧ-ବିଷାଦ !
ମାନବ ଜନମ ସାର୍ଥକ ହୋଇବ ,
ଲିଭିଯିବ ଅବସାଦ !!

ଯାଜପୁର !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେଖାଇ ବାମନ ରୂପ



ରମାକାନ୍ତ ସ୍ୱାଇଁ

*ରାଗ--ଚୋଖି*

ସଜ ହେଲା ନନ୍ଦିଘୋଷ ଆସ'ହେ ପରାଣ ଈଶ
ଘୋଷ ଯାତ୍ରା କରି ତୃପ୍ତ କର ଭକତ
ଜୀବନେ କରିନି ପୂଣ୍ୟ ମୋ'ହୃଦ ଜଗତି ଶୂନ୍ୟ
ନ'କର ନ'କର ପ୍ରଭୁ କୁଟ କପଟ
କର ଯୋଡ଼ି କରେ ମିନତି
ନନ୍ଦିଘୋଷେ ଦେଖି ପ୍ରଭୁ
ପାଇବି ଶାନ୍ତି ।୧।
ଦେଖାଇ ବାମନ ରୂପ ଅରୂପ ଛାଡି ସ୍ଵରୂପ
ଅଧମ ଅକ୍ଷମ ଜନେ ଦିଅ ମୁକତି
ଚାହୁଁ ନାହିଁ ପୂନର୍ଜନ୍ମ ଦେଖିବି ପରମ ବ୍ରହ୍ମ
ଅସାର ସଂସାର ଛାଡି ଚରଣେ ଶାନ୍ତି
ଜଗତ କରତା ଗୋସାଇଁ
କରୁଛି ଗୁହାରି ପାଦେ
ଶ୍ରୀମୁଖ ଚାହିଁ।୨।
ନଶ୍ବର ଶରୀର ମୋର ବଢିଲାଣି ପାପ ଭାର
ସହିବା ନୁହଁଇ ଆଉ କାନ୍ଦେ ହୃଦୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଡ଼ ଦାଣ୍ଡେ ଆସି ନାଥ ହୋଇବ ପରାଣ ମିତ

ହୃଦୟ ସ୍ୟନ୍ଦନେ ପ୍ରଭୁ କର ବିଜୟ

ଶ୍ରୀକ୍ଷେତ୍ର ବିହାରୀ ଶ୍ରୀପତି

ଦିବ୍ୟ ରୂପ ଦରଶନେ

ସଂସାରୁ ମୁକ୍ତି ।୩।

କାଳିଆ ସାଆନ୍ତ କଳା ଚକା ଆଖି ଚକା ଡୋଳା

ସଅଳ ହୋଇଲେ ସୁସ୍ଥ ଭକତ ତୃପ୍ତ

ହୋଇବୁ ନବଯୌବନ ପତିତ କରି ଦର୍ଶନ

ଆନନ୍ଦେ ଗାଇବ ନାମ ଜଗତ ନାଥ

ନିଳାଦ୍ରୀ ବିହାରୀ ଗୋସାଇଁ

ବିଜୟ ହୋଇବ ରଥ

ଭକତ ପାଇଁ।୪।

ବାଜୁ ଥିବ ଖୋଳ ତାଳ ଶୁଭୁ ଥିବ ହରିବୋଲ

ନାଚୁଥିବେ ଦେବଦାସୀ ହୋଇ କଲ୍ଲୋଳ

ବଡ଼ ଦାଣ୍ଡେ ଗଡିଗଡି ଭକତ ନେବେ'ଟି ଭିଡ଼ି

ଚାହିଁଛି ମାଉସୀ ତୋତେ କରିବ କୋଳ

ଜନମ ବେଦୀରେ ପୀରତି


ସାଙ୍ଗରେ ଭଉଣୀ ଭାଇ

ଦର୍ଶନେ ଶାନ୍ତି ।୫।

ସା/ପୋ-ପାଟସୁନ୍ଦର ପୁର, କଟକ-୯୮୬୧୭୨୨୭୧୯ ।

 Magazine Downloaded from www.aahwaan.com

# ଦୁଃଖରେ ତୋଳିଛି ଘର



ଅରୁନ୍ଧତୀ ଲେଙ୍କା

ଦୁଃଖରେ ତୋଳିଛି ମୋର ଏ ମନ୍ଦିର
ନାହିଁ ଏଠି ଅହଂକାର
ଦୁଃଖକୁ ମଣିଛି ସୁଖ ସବୁଦିନ
ଆହେ ମୋ କଳାଠାକୁର ।।

ଦିନ ମଜୁରିଆ ଖଟିଲେ ମୁଁ ଖାଏ
ନାହିଁ ଘରେ ଖୁଦ ମୁଠେ
ତଥାପି ସାହସ ଭାଙ୍ଗିନି ଏ ମନେ
ସବୁଦିନ ମୁହିଁ ହସେ ।।

କାହାକୁ କହିବି ଦୁଃଖର ଯନ୍ତ୍ରଣା
କିଏ ହେବ ଆମ ସାଥି
ଯାହାକୁ କହିବି ସିଏତ ହସିବେ
ପାଇବୁନି ଆମେ ମୁକ୍ତି ।।

ଯାହା ଦେଇଅଛ କାଳିଆ ସାଆନ୍ତ
ସେଇଥିରେ ଆମେ ଖୁସି
ବେଳେ ବେଳେ ଆମେ ଅଭିମାନ କରୁ
ଦେଖି ଆମ ପରିସ୍ଥିତି ।।

କର୍ମ ସାରି ଯେବେ ଆସେ ମୁଁ ଘରକୁ
ପତ୍ନୀ ମୋର ଖୁସିହୁଏ
ସକାଳ ପହରୁ ଖାଇ ସେ ନଥାଏ
ମୁଁ ଆଣିଲେ ସିଏ ଖାଏ ।।

ମଲା ଯାଏ ପ୍ରଭୁ ଥିବ ଆମ ସାଥେ
ଆଉ କିଛି ଲୋଡା ନାହିଁ
ତମରି ଭାବରେ ଏ ଦୁଃଖୀ ଦରିଦ୍ର
ଘଡ଼ିଏ ରହୁଛି ଚାହିଁ ।।

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସବୁଦିନ ପରି ଦିନଟି ଏହି...



ଶ୍ରୀୟାଂଶୀ ମହାନ୍ତି

ମଳୟ ପବନ ଯାଉଛି ବହି,
ବିହଙ୍ଗମ  ଉଡେ ଆକାଶେ ଯାଇ,
ସବୁ ଦିନ ପରି ଦିନଟି ଏହି....
ଜହ୍ନ ଯାଉଛି ବିଦାୟ ନେଇ
ସକାଳ ସୂରୁଜ ଆସୁଛି ପାହି,
ସବୁ ଦିନ ପରି ଦିନଟି ଏହି...
ସମୟ ମୁଁ ଯାଇଛି ପାଇ
ନିଜ ଭିତରେ ମଜିଛି ମୁହିଁ
ସବୁ ଦିନ ପରି ଦିନଟି ଏହି....
ଉଠିଛି ମନ ନାଚି ଓ ଗାଇ
ଦି' ପଦ କିଛି ଲେଖିବା ପାଇଁ
ସବୁ ଦିନ ପରି ଦିନଟି ଏହି.....
ସକାଳୁ ଲୋକେ ବ୍ୟସ୍ତ  ହୋଇ
ଲାଗିଛନ୍ତି ନିଜ କାମରେ ଯାଇ
ଦୁନିଆ ଯାଇଛି ସ୍ୱାର୍ଥପର ହୋଇ,
କେହି ତ ଏଠି ନିଜର ନାହିଁ
ପଚାରୁନି ଏଠି ଭାଇକୁ ଭାଇ
ଆଗ ଭଳି ଦିନ ଆଉ କାହିଁ,
ଆଗ ଭଳି ଦିନ ଆଉ ତ ନାହିଁ........
ଘଡିଏ ସୁଖ ପାଇବା ପାଇଁ,
ମଣିଷ ଯାଇଛି ନୃଶଂସ ହୋଇ
ଶ୍ରଦ୍ଧାଭକ୍ତି ଆଉ ଏଠାରେ ନାହିଁ
ଆଗ ଭଳି ଦିନ ଆଉ ତ ନାହିଁ...
ମଣିଷ ଜୀବନ କଅଣ ଭାଇ
ଆଜି ଅଛି ତ କାଲିକୁ ନାହିଁ,
ମଣିଷ ଯାଇଛି ଅନ୍ଧ ହୋଇ
ଏତେ ଗର୍ବ କଅଣ ପାଇଁ
ମଣିଷ ଯାଇଛି ବଦଳି ଭାଇ
....ବଦଳି ଭାଇ ! !

କଣ୍ଟାପଡ଼ା, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଗୁରୁ !



ବର୍ଷାରାଣୀ
ମହାମଲ୍ଲିକ

ଘନ ଶର୍ବରୀର କାଳିମା ଭିତରେ
ମୁଁ ପଡ଼ିଥିଲି ପଥ ହରା ହୋଇ..
ଦେଖାଇଲ ରାହା କରି ମତେ ଆହା
ହେ ଗୁରୁ,
ତମେ ଦେବଦୂତ ନା ଖୋଦ୍ ଈଶ୍ୱର
ଉଦ୍ଧାରିଲ ଧରି ମୋର ବାହା ।

ମୁଁ ବୁଡ଼ିଥିଲି ଅଜ୍ଞାନ ସମୁଦ୍ରେ
ଜ୍ଞାନର ଶକତି ଦେଲ ଭରି ସେ ମୁହୂର୍ତ୍ତେ
ବର୍ତ୍ତିଛି ମୁଁ ତୁମ ପାଇଁ,
ହାରି ଯାଉଯାଉ, ହଜି ଯାଉଯାଉ, ବୁଡ଼ି ଯାଉଯାଉ
ସମ୍ଭାଳିଛ କ୍ଷଣେ କ୍ଷଣେ
ତୁମକୁ ମନେ କରିବା ଆଗରୁ ।

ହେ ମୋର ଦ୍ୱିତୀୟ ଈଶ୍ୱର
ମୋ ସୃଷ୍ଟିକର୍ତ୍ତା ପିତା ମାତା ପରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବି ନେଇଚି ମୁଁ, ତମେ ମୋ ପ୍ରଭୁ
ହର୍ତ୍ତା କର୍ତା ଭାଗ୍ୟ ବିଧାତା
ପଥ ପ୍ରଦର୍ଶକ ମୋର
ମୋ ଭବିଷ୍ୟ ନିର୍ମାତା ।

ଯେତେବେଳେ ବି ହୋଇଛି ଅସହାୟ,
ହେଉ ଜଟିଳ ଅଙ୍କ କଷୁକଷୁ
ହେଉ ସାହିତ୍ୟର ଶବ୍ଦାର୍ଥ, ଭାବାର୍ଥ କି ସରଳାର୍ଥ...
ଅବା ମୋ ଜୀବନର ଯୋଗ ବିଯୋଗରେ
ବତାଇଛ ଆଙ୍ଗୁଳି ଦେଖାଇ
ମୋ ସୁଖ ଦୁଃଖ ହାହାକାର କଷ୍ଟ ଯନ୍ତ୍ରଣାରେ ।

ଏ ହାତ ଥିବ ଯେତେ କାଳ ଏ ଶିଶୁ ମଥାରେ
ମୁଁ ନୁହେଁ ଅସହାୟ କି ନିସହାୟ,
ଅବା ଡର ନାହିଁ ମୋର
ଖସି ଯିବ ବୋଲି ପାଦ ଶିଉଳୀ ପଥରେ
ମୁଁ ଜାଣେ ମୋର କିଛି ହେବ ନାହିଁ
ଯେତେଦିନ ତମେ ଅଛ ଏଇ ଜୀବନରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ତ ହାରିନ କେବେ

ଦେଖି ଧୁଁ ଧୁଁ ଖରାକୁ

ଦେହ ଥରା ଶୀତର ଜାଡ଼କୁ

ଅମାନିଆ ଅଦିନିଆ ବର୍ଷାକୁ,

ତୁମ ଅଂଶ ତୁମ ସମ୍ପତ୍ତି ମୁଁ

ମୁଁ ଭଲା ହାରିବି କିପରି

ଦେଖି ଜୀବନର ଅସରନ୍ତି ପରୀକ୍ଷାକୁ ।

ତମେ ଜୀବନ କରିଛ ଆମକୁ

ତୁମ କର୍ମତତ୍ପରତା

ତୁମ ସମୟାନୁବର୍ତ୍ତିତା

ହେ ଗୁରୁ ତୁମେ ଭୁଲିଛ ନିଜକୁ

କରିବାକୁ ଆମକୁ ଜଗତଜିତା ।

ତମେ ଥିବ ମୋ ମନର ଚିନ୍ତା ଚେତନାରେ

ଯେତେଦିନ ବହୁଥିବ ରକ୍ତ ମୋ ଶିରା ପ୍ରଶିରାରେ,

ତମ ଶିକ୍ଷା ଦୀକ୍ଷା ଭୁଲେଇ ଯିବିନି

ସବୁ କାମ ଦେବ ଲକ୍ଷ୍ୟ ପ୍ରସ୍ତୁତିରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଗାଳି କୁଇନାଇନ୍ ବଟିକା
ଭଲ ବାଟକୁ ନେଇ ଆସେ ଶୀଘ୍ର...
ଯଦିଓ ବାଧେ ଟିକେ କଷ୍ଟ ହୁଏ
ମୁଁ ଜାଣେ ତା ଠୁଁ ବି ଅଧିକ କରତି ହେଉଥିବ
ତୁମର ଛାତି...
ଦେଖି ଆମ ମଥାପୋତା ସ୍ଥିତି ।

ଆମକୁ ଖୁବ୍ ସୁନ୍ଦର ଭାବରେ ଗଢ଼
ଯେମିତି ଦୁନିଆ ବଜାରରେ ଆମ ଭାଉ କମି ନ ଯାଉ
ପ୍ରାଣପଣେ ଗଢୁଥାଅ,
ସବୁ ଗୁରୁ ଚାହାଁନ୍ତି ଯେ ତା ହାତ ତିଆରି
କଣ୍ଢେଇର ଚାହିଦା ବଢୁ...
ତମେ କଣ କମ ବଡ଼ ଶୀଳ୍ପି
ତମାମ୍ ଜୀବନ ଗଢ଼ିଆସୁଛ
ଏଇଟା ତ ତୁମ ଅସଲ ଖୁସି ।

ପୁତ୍ର ପୁତ୍ରୀ ସ୍ନେହ ତୁମ କରେ ଆପଣାର
ଶିଷ୍ୟ ମଧ୍ୟେ ଗଣ ନିଜକୁ ହେ ଶ୍ରେଷ୍ଠ ନର
ମୁଁ ଦେଖିଛି ତମେ ଲିଭାଇ ଦେବା ଆଗରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହିଦିଅ ଥରେ ଆମ ଆଖିକୁ

ବୁଝିଯାଅ ମନତଳ ବାକି ସନ୍ଦେହକୁ

ଝାଳ ପୋଛ ଚାହିଁ କୁହ ପୁଣି

ତମେ ଯେତେଥର କହିବ ମୁଁ ସେତେଥର ପ୍ରସ୍ତୁତ

ତମେ ନ ବୁଝିବା ପର୍ଯ୍ୟନ୍ତ...

ହେ ଗୁରୁ ତମେ ମହାନ, ଚିର ଦିନ ମୋ ଆଦର୍ଶ

ତମେ ନୁହତ ନର

ନର ରୂପେ ବିରାଜିତ ସ୍ୱୟଂ ଶ୍ରୀ ଇଶ୍ୱର ।

ବର୍ଷାରାଣୀ ମହାମଲ୍ଲୀକ

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁ ବାନ୍ଧିଲି ମୁଁ ଲୁହ ସାଥିରେ



ବିଷ୍ଣୁ ପ୍ରସାଦ ମିଶ୍ର

ହସୁଥିଲା ମନ ପାଇଗଲା ବୋଲି
ଆଶା ଦରିଆରୁ ମଣି ମୁକୁତା ,
ଜଣା ନ'ଥିଲା ସେ ଖୁସିର ଜୁଆରେ
ଅଛି କେତେ ମିଛ କେତେ ସତ୍ୟତା ।।

ସପନ ଭିତରେ ହଜୁଥିଲା ମନ
ଖୋଜୁଥିଲା ଚିଜ ମିଳିଛି ମୋତେ ,
ଭାବି ପାରିଲିନି ମୋହର ଭିତରେ
କୋହ ର ପୂର୍ଣ୍ଣତା ରହିଛି କେତେ ।।

ବାନ୍ଧିଥିଲି ବନ୍ଧୁ ସାରା ଜୀବନକୁ
ବନ୍ଧନ ଅତୁଟ ରହିବ ବୋଲି ,
ବନ୍ଧୁର ମନଟା ଗରଳରେ ଭରା
ମୁଖରେ ଅମୃତ ଜାଣି ନ'ଥିଲି ।।

ମିଳିଥିଲା ଯେଉଁ ଶାମୁକା ଭିତରୁ
ମୁକୁତା ହେଲେ ସେ ହଜିବ ଦିନେ ,
କିଛି ହସ ଦେଇ ଲୁହେ ଭିଜାଇବ
ଆଶା ମୋ ନଥିଲା ଏକଥା ମନେ ।।

ବିଶ୍ୱାସରେ ବିଷ ପିଇବାକୁ ପଡେ
ଏଇ କଥାଟିକୁ ପାରୁନି ଭାବି ,
ସାରା ଜୀବନ ମୋ ବିତିବ ଏମିତି
ଦେଖି ଦେଖି ସେଇ ମନର ଛବି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହି ହୁଏ ନାହିଁ ସହି ହୁଏ ନାହିଁ
ଅକୁହା ସାଜିଛି ଅନ୍ତର କଥା ,
ସହିବାକୁ ହୁଏ ଜୀବନ ଯନ୍ତ୍ରଣା
ମନକୁ ବୁଝାଇ ମନର ବ୍ୟଥା ।।

ବଞ୍ଚିବାର ନେଇ ହଜିଛି ଆଗତ
ହସ ବି ଲିଭିଛି ନିଜ ଓଠର,
ଖୁସୀର ସପନ ଦେଖୁ ଦେଖୁ ଆଜି
ଲୁହ'କୁ କରିଛି ବନ୍ଧୁ ନିଜର ।।

ରଥଶର୍ମା କଲୋନୀ
କୋରାପୁଟ
୯୧୨୪୦୪୯୧୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଧୁ ବାନ୍ଧିଲି ମୁଁ ଲୁହ ସାଥିରେ



ସନ୍ତୋଷ କୁମାର ସାହୁ

କେତେ ବସନ୍ତର ମଧୁର ପ୍ରଣୟେ
ଖୋଜିଛି ଦିବସ ରାତି
ପ୍ରଭାତ ରବିର ସୁନେଲି କିରଣେ
ହୃଦୟେ ଆଙ୍କିଛି ପ୍ରୀତି....
ନୀଳ ଆକାଶର ଦୂର ଦିଗବଳୟେ
ନିଜକୁ ହଜେଇ ଦେଇ
ଖୋଜିଛି ସାଥିକୁ ବୈଶାଖୀ ତାତିରେ
ପାଇବାକୁ ଟିକେ ଛାଇ....
ମନମୁତାବକ ପାଇଲି ସାଥୀଟେ
ଭାବିଲି ସେ ଆପଣାର
ପ୍ରାଣଠୁ ଅଧିକ ପାଇଲି ଭଲ ମୁଁ
ବନ୍ଧୁଙ୍କୁ ମୁଁ ନିରନ୍ତର
ଶୟନ ସପନେ ପ୍ରେମସିକ୍ତ ହୋଇ
ସୁସମ୍ପର୍କ ଦେଲି ଗଢ଼ି
ବନ୍ଧୁ ସହ କଲି ମଧୁର ଆଳାପ
ଦୁଃଖ ଗଲା ମୋତେ ଛାଡ଼ି...

ସୁନାର ସପନ ସତ ହେଲା ବୋଲି
ହେଲି ମୁହିଁ ଆନନ୍ଦିତ
ଅଳପ ଦିନରେ ସପନ ଆମର
ଭାଙ୍ଗିଗଲା ଅକସ୍ମାତ.....
ବନ୍ଧୁ କଲା ଛଳ ତୁଟିଗଲା ମୋହ
ସ୍ୱପ୍ନ ଥିଲା ଅସୁମାରୀ
ଗଭୀର ହୃଦୟେ ଲାଗିଲା ଆଘାତ
କାଟିଦେଲା ଅଣ୍ଟି ଛୁରୀ....
ନିବିଡ଼ ବିଶ୍ୱାସେ ଗଢ଼ିଥଲି ବନ୍ଧୁ
ରଖି ପ୍ରଣୟର ମୋହ
ବନ୍ଧୁ ସହ ଭାବ ବାନ୍ଧିଥିଲି ସିନା
ମୋ ଆଖିରେ ଦେଲା ଲୁହ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ ସ୍ୱାଧୀନତା



ମଧୁସ୍ମିତା
ବେହେରା

ସ୍ୱାଧୀନ ଭାରତରେ ଆଜି ନାରୀ
ଅବାଧ ଗୋଟିଏ ସାରୀ ପରି ,
ଶୂନ୍ୟ ଆକାଶର ମୁକ୍ତ ବିହଙ୍ଗ
ହେବା ପାଇଁ ଇଛା ଧାରୀ ।୧।

ସ୍ୱାଧୀନ ଦେଶର ସନ୍ତାନ ବୋଲି
ଆମେ ସିନା କରୁ ଗର୍ବ ,
କେଉଁଠି ପାଇଛ ନାରୀ ସ୍ୱାଧୀନତା
ଥରେ ଖାଲି ତୁମେ ଭାବ ।୨।

ଆଜି ବି ତ ନାରୀ ଦୁନିଆଁ ଦାଣ୍ଡରେ
ଏକା ଚାଲି ପାରେ ନାହିଁ ,
ସୁରକ୍ଷିତ ଭାବେ ରହିବାକୁ ଟିକେ
ସାହାରା ଖୋଜି ବୁଲଇ ।୩।

ମାନବ ଭିତରେ ଦାନବ ସ୍ୱଭାବ
କରେ ତାକୁ ଆତଙ୍କିତ ,
କୁହୁଳି କୁହୁଳି ବଞ୍ଚେ ଦୁନିଆଁରେ
କରିବାକୁ ତା ସପନ ସତ ।୪।

ନାରୀ ପାଇଁ ଯଦି ସମ୍ମାନ ରହିବ
ପୁରୁଷର ମନ ତଳେ ,
ପ୍ରଗତି ପଥରେ ସଭ୍ୟତା ଆମ
ଆଗେଇବା ମହୀତଳେ ।୫।

ନାରୀ ନୁହେଁ କେବେ ଭୋଗ୍ୟ ବସ୍ତୁଟେ
ବିଳାସ ସାମଗ୍ରୀଟିଏ,
ସିଏ ହୋଇଥାଏ ବିଶ୍ୱ ବିଜୟୀ
ଯିଏ ନାରୀକୁ ସମ୍ମାନ ଦିଏ ।୬।

+୩ ଓଡ଼ିଆ ସମ୍ମାନ
ପ୍ରାଣନାଥ ସ୍ୱୟଂଚାଳିତ ମହାବିଦ୍ୟାଳୟ
ମୋ -୬୩୭୦୩୩୦୪୪୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଉଡ଼ାଣ



ତ୍ରିନାଥ ନନ୍ଦୀ

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୧

ପବନରେ ସେ ଭାସି ଭାସି ଯାଏ ,

ଡେଣା ଥାଇ ବି ନ ହଲେଇ ଉଡ଼ି ସେ ଯାଏ ।। ୨

ସେଜେ ସେଇ ଉଡା ଚଢେଇ,

ତାକୁ ଚାଳକ ନିଏ ଉଡେଇ ।। ୩

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୪

ମନେ ମନେ କେତେ ହସ ଫୁଟଇ ,

କେତେଦୂର ଉଡିଯାଏ ସେଇ ଉଡା ଚଢେଇ ।। ୫

ସେଇ ଚଢେଇ ର ଯାତ୍ରୀ ମୁହିଁ,

ସେଇ ଚଢେଇ ର ଯାତ୍ରୀ ମୁହିଁ ।। ୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୭

କେବେ କେମିତି ଖୋଜୁଥିଲି ,

ଉଡା ଚଡେଇରେ ବସି ଉଡିବି ବୋଲି ।। ୮

ମନ ଖୋଜିଲି ଦିନ ଆସିଲା ,

ତନୁ ମନରେ ଶୀହରଣ ସୃଷ୍ଟି କରିଦେଲା ।। ୯

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୧୦

ପ୍ରଥମ ଉଡାଣ ର ପ୍ରଥମ ସ୍ମୃତି ରେ ,

ଉଡାଣ ହେବ ଉଡାଜାହାଜ ରେ ।। ୧୧

ପ୍ରଥମ ଉଡାଣ ପ୍ରଥମ ଅନୁଭବ ,

ସଭିଙ୍କ ପାଇଁ ସୁଖ ଭରିଦେବ ।। ୧୨

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୧୩

ବିଦେଶ କୁ ଉଡିବି କି ଦେଶେ ଉଡ଼ିବି ,

ପ୍ରଥମ ଉଡାଣ ଏ ମୋର ଉଡ଼ିବି ମୁଁ ଆକାଶେ ଉଡିବି ।। ୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମ ଉଡାଣ ପ୍ରଥମ ଅନୁଭୁତି,

ଅନୁଭୁତି କଥା ଜୀବନର ସ୍ମୃତି।। ୧୫

ଉଡ଼ା ଚଢ଼େଇ ଉଡା ଜାହାଜ,

ଉଡ଼ା କଳରେ ଲାଗିଲାଣି ଉଡାଜାହାଜ ।। ୧୬

ଉଡି ଉଡି ଯାଏ ଉଡା ଚଢେଇ ,

ଉଡ଼ି ଉଡ଼ି ଯାଏ ଉଡା ଚଢେଇ।। ୧୭

ଉଡ଼ା ଚଢ଼େଇ ଉଡା ଜାହାଜ,

ଉଡ଼ା କଳରେ ଲାଗିଲାଣି ଉଡାଜାହାଜ ।। ୧୮

+୨ ୨ବର୍ଷ କଳା

ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ,ବାଲେଶ୍ୱର

ମୋ-୮୧୧୮୦୪୦୩୯୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହୃଦୟର ସ୍ୱର ସବୁଠୁ ମିଠା



ବାସନ୍ତୀ ଲତା
ଜେନା

ହୃଦୟ ବଗିଚା ଯେବେ ପ୍ରସ୍ଫୁଟିତ ହୁଏ
ଆନନ୍ଦ ମନ ହୃଦୟ ମଧୁରତା ଦିଏ,
ସରଗର ପାରିଜାତ ହାତେ ତୋଳି ଧରେ
ପ୍ରୀତି ଫୁଲ ମହକଇ ମନ ଅଗଣାରେ ।୧।

ପିତା ମାତା ସ୍ନେହ ଶ୍ରଦ୍ଧା ଥାଏ ଯା ଭାଗ୍ୟରେ
ସେତ ଭାଗ୍ୟବାନ ସୁତ ଏ ଧରା ଧାମରେ,
ମମତା ଅନୁଶାସନେ ଗଠନ ଜୀବନ
ବିଦ୍ୟା ବୁଦ୍ଧି ସୁଚରିତ୍ର ମହୀରେ ମହାନ ।୨।

ପିତା ମାତା ବୃଦ୍ଧ କାଳେ ଥିଲେ ସୁରକ୍ଷିତ
ହୃଦୟ ତନ୍ତ୍ରିରୁ ଝରେ ମଧୁର ସଂଗୀତ,
ଦାମ୍ପତ୍ୟ ଜୀବନେ ଯଦି ଥାଏ ପ୍ରେମ ଭରି
ବିଶ୍ୱାସ ଭରସା ସେତୁ ମଜଭୂତ ତରି ।୩।

ବନ୍ଧୁ ଠାରେ ବନ୍ଧୁ ପ୍ରେମ ପୂରି ରହି ଥିଲେ
ବିପଦ ସମ୍ପଦ ବେଳେ ପାଖରେ ସେ ଥିଲେ,
ଅବାଟରୁ ବାଟକୁ ସେ ବନ୍ଧୁଙ୍କୁ ଆଣଇ
ମଠୁ ଠାରୁ ବନ୍ଧୁ ପ୍ରେମ ମିଠା ଯେ ହୁଅଇ ।୪।

ପର ଉପକାରେ ଯଦି ବିତଇ ଜୀବନ
ଦୁଃଖି ରଙ୍କି ମୁଖେ ହସ ନ ହୁଏ ସପନ,
ଈଶ୍ୱରଙ୍କ କୃପା ଝରେ ସେ ବ୍ୟକ୍ତି ଉପରେ
ଶୀତଳ ହୃଦୟ ତାର ମିଠାସ୍ୱର ଭରେ ।୫।

ଜାତି ଦେଶ ପାଇଁ ଯିଏ ଦିଏ ବଳିଦାନ
ଦିବା ନିଶି ଚିନ୍ତା କରେ ସ୍ୱଚ୍ଛ ତାର ମନ,
ନିଃସ୍ୱାର୍ଥ ଜୀବନ ତାର ପର ପାଇଁ ଝୁରେ
ହୃଦୟର କୋମଳତା ମିଠା ମଧୁ ଝରେ ।୬।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନୀ ଉତ୍କଳର ସ୍ୱାଭିମାନୀ ବରପୁତ୍ର



ସଙ୍ଗୀତା ପଣ୍ଡା

ଜନମଦିନରେ ଭୂମିପୁତ୍ରଙ୍କର
ଶପଥ ଆମେ ଯେ ନେବାରେ
ତାଙ୍କରି ସ୍ମୃତିରେ ତାଙ୍କ ବୀରତ୍ୱର
ଗାଇଯିବା ଆମେ ଗାଥାରେ ।

ମହାପରାକ୍ରମୀ ଥିଲେ ରଣାଙ୍ଗନେ
ଜିତି ହାରିଯାଇଥିବା ବାଜି
ଆସରେ ଶିଖିବା ତାଙ୍କଠୁ ବୀରତା
ନ ହାରି ଜୀବନ ବାଜି ।

ଜୀବନ ଯୌବନ ଦେଇ ସିଏ ବଳି
ଶିଖାଇଲେ ଦେବା ଜଳାଞ୍ଜଳି
ତାହାଙ୍କ ଜୟନ୍ତୀ ଆଜି ଆମେ ପାଳି
ଦେବା ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ତାଙ୍କ ଆଦରଶ ତାଙ୍କରି ପୌରୁଷ
ଭରିଛି ଉତ୍କଳ ମାନସେ
ଖୋଜୁଅଛି ସାରା ଏସିଆ ଆକାଶ
ମହାଦେଶୀୟ ଯୁଗପୁରୁଷ ସେ ।

ହାର ମାନିଥିଲା ବାର୍ଦ୍ଧକ୍ୟ ବୟସ
ସେ ଥିଲେ କାଳଜୟୀ ପୁରୁଷ
ଯୁବବର୍ଗ ପ୍ରାଣେ ଅଦମ୍ୟ ସାହସ
ଭରୁଥିଲେ ସେହି ବୀରପୁରୁଷ ।

ସାଢ଼େ ଚାରିକୋଟି ଭରା ଏଇ ମାଟି
କଳିଙ୍ଗ ପୁତ୍ରଙ୍କୁ କରଇ ପ୍ରଣାମ
ବୀର ପ୍ରସବିନୀ ମୋ ଉତ୍କଳ ମାଟି
ଆଜି ଦୁହିଁଙ୍କୁ କରେ ମୁଁ ସଲାମ୍ ।

ଭଞ୍ଜନଗର
ଭ୍ରାମ୍ୟଭାଷ - ୯୯୩୮୬୬୮୧୩୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟ



ମଧୁସ୍ମିତା ସାହୁ

ସାହିତ୍ୟ ଆଞ୍ଜୁଳେ ଛିଞ୍ଚିତ ପୁଲ୍ଲକ,
ମନେ ଫୁଟଇ ସବୁଜ,
ଉନ୍ନତି ସାଧିତ ମନର ଗଗନ,
ଭରି ଉଠଇ ଅଗ୍ରଜ ।।

ସୃଜନତା କୋଳେ ନିତ୍ୟ ବାସ ହିତ,
ସାହିତ୍ୟର ଡାଳେ ପଥ,
ଅବାଞ୍ଛିତ ଫଳ ମନାସେ ଚିନ୍ତିତ,
ସମ୍ମାନ ସାରଥି ରଥ ।।

ସଂସାରେ ଟଙ୍କାରେ ସବୁତ ମିଳଇ,
ମିଳେ ନାହିଁତ ସମ୍ମାନ,
ମାଗିଯାଚି ଲୋଡି ମହତ ଚାହିଦା,
ଛଳନାରେ ହୀନଦାନ ।।

ହାତରୁ ସରାଇ ଘୋଡାପଛେ ଧାଇଁ,
ତୁଳନା କରିବା ବୃଥା,
ସମ୍ମାନ ମିଳିବା କାଠିକର ପାଠ,
ପୈସା ନୁହେଁ ସବୁକଥା ।।

ଘୋଡ଼ା ନାହିଁ ଏହା ଶ୍ରେଷ୍ଠ ସୃଷ୍ଟି ଧାରା,
ଜୀବନକୁ ଗଢିଦେବ,
ଅତୁଳନୀୟ ମାନଦଣ୍ଡ ଅମାପ,
ପ୍ରଶସ୍ତ ସ୍ଥାନକୁ ନେବ ।।

ଭାଷା ଶବ୍ଦ ଭାବନାର ରୁପାନ୍ତର,
ଛୁଇଁବା ନୁହେଁ ସହଜ,
ଏକତ୍ର ସୂତ୍ରରେ ସାଧୁ ପରିଜନ,
ଯୌଥର ପଦେ ବିରାଜ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାହିତ୍ୟ ମାନେସ୍ୱହିତ  ପ୍ରଭୃଦାନ,
ସ୍ଥିତ ମହତ ପଣିଆ ,
ଲୁଚି ବସିଅଛି ଆସ୍ତିକ  ସୁମନ,
ଫଳ ବହୁ ସୁଆଦିଆ ।।

ଯାହା ମନ ଯେପରି  ଭାବେ ସେପରି,
କଳ୍ପନା ରାଜ୍ୟ କୁ ତୋଳି,
ନିଃସ୍ତବ୍ଧର୍ ଅନ୍ତରାଳେ ପ୍ରଭୁ ଦର୍ଶନ,
ସାହିତ୍ୟ ଦିଏ ଢାଳି ।।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ—୯୩୪୦୭୮୫୪୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାର୍ଥକ୍ୟ



ଆକୁଳାନନ୍ଦ ପୃଷ୍ଟି

ଗାଁ ଠାରୁ ପଡ଼ା ପିଲାଠାରୁ ବୁଢା
ତୁମେ ସମସ୍ତଙ୍କ ଭାଇ
ସୁଖରେ ଦୁଃଖରେ ପୂଜା ପାର୍ବଣରେ
ଆମ ସହ ଥିଲ ରହି ।

ମାନବ ସେବାକୁ ମାଧବଙ୍କ ସେବା
ଭାବୁଥିଲ ତୁମେ ମନେ
ଘର ଦ୍ୱାର ଛାଡି ସାଇକେଲ ଧରି
ବୁଲୁଥିଲ ପଡ଼ା ଗ୍ରାମେ ।

ସେବା ସହ ତୁମ ନେତୃତ୍ୱ ବଢିଲା
ତୁମେ ହେଲ ପ୍ରିୟ ନେତା
ଶୁଭ ବେଳ ଦେଖି ଦଳରେ ମିଶିଲ
ଧରିଲ ଦଳୀୟ ଛତା ।

ପ୍ରତିଶୃତି ଦେଲ ସ୍ୱପ୍ନ ଦେଖାଇଲ
ନିର୍ବାଚନ ଗଲ ଜିତି
ଆମେ ଖୁସି ହେଲୁ ବାଣ ଫୁଟାଇଲୁ
ଆଶା କଲୁ ଘୋଡ଼ା ହାତୀ ।

ଗାଁ ଛାଡି ତୁମେ ରାଜଧାନୀ ଗଲ
ସେଠି ହେଲ ତୁମେ ମନ୍ତ୍ରୀ
ତୁମ ପଛେ ପଛେ ଧାଡ଼ି ଲମ୍ବାଇଲେ
ବାବୁ ଠିକାଦାର ଯନ୍ତ୍ରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ଲୋକସବୁ ତୁମକୁ ଭେଟିଲେ

ଭେଟି ଦେଲେ ଉପହାର

ଗରିବ ଜନତା ମାଡ଼ି ପାରିଲେନି

ମନ୍ତ୍ରୀଙ୍କ ସିଂହ ଦୁଆର ।

ଭଲରେ ମନ୍ଦରେ ତୁମକୁ ଖୋଜିଲେ

ମିଳେନି ତୁମର ଭେଟ

ଖବରକାଗଜ ଟେଲିଭିଜନରେ

ବାହାରେ ତୁମର ଫଟୋ ।

ସାମ୍ବାଦିକ ଡାକି ବିବୃତି ଲମ୍ବାଅ

ଆଛା ଦିନ ଗଲା ଆସି

ତୁମେ ତ ଗୋଦଡା କୋଡ଼ିବ ଯେତିକି

ମାଡ଼ିବ ତା ଠାରୁ ବେଶୀ ।

ସେବକରୁ ତୁମେ ଶାସକ ବନିଲ

କ୍ଷମତା ଚାବୁକ ଧରି

ଅର୍ଥ କ୍ଷମତା ବଢ଼ି ବଢ଼ି ଯାଏ

ଜମିରେ ବାଲୁଙ୍ଗା ପରି ।

ପାର୍ଥକ୍ୟ କାଲି ଆଜିର

କାଲିଥିଲ ଆମ ଗାଁ ଗୋପଳିଆ

ଆଜି ରାଜା ଗୋପପୁର

ଦୁର୍ଭାଗ୍ୟ ଭାରତୀୟଙ୍କର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

ମାହାଳପଡ଼ା କଣ୍ଟିଡି କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ଆଖିରେ ଲୁହ



ହରେରାମ ପଣ୍ଡା

ଦେଖିଛ କି ବନ୍ଧୁ ଦେଖିଛ କି,
ମାଟିମାଆ ଲୁହ ଦେଖିଛ କି ?
ଯେଉଁଠି ଜନମି ଏଡୁଟେ ହେଲଣି
ତା ମନକୁ କେବେ ବୁଝିଛ କି ?
ସ୍ୱାଧୀନ ହୋଇଛି ଜନନୀ ଆମର
ସ୍ୱାଧୀନତା ଆମେ ପାଇଛନ୍ତି ,
ଅଧିକାର ଖାଲି ହାତେଇ ନେଇଛେ
କର୍ତ୍ତବ୍ୟ ଆମର ଭୁଲିଛନ୍ତି ।
ତେଲିଆ ମୁଣ୍ଡରେ ତେଲ ବୋଳାହୁଏ
ଆଇନ୍ କାନୁନ୍ ବାଟବଣା ,
ଦିନ ଦି 'ପହରେ ଲୁଣ୍ଠନ ଧର୍ଷଣ
ସେଥିପାଇଁ ନାହିଁ କଟକଣା ।
ପାଠୁଆ ବେକାରୀ ଦାଦନ ଖଟୁଛି
ଚଷାପୁଅ ହୁଏ ହଟହଟା ,
ଭଙ୍ଗା ଚାଳି ତଳେ ଦିନ କେ କାଟୁଛି
କିଏ ଗଢ଼େ କୋଠା ପରେ କୋଠା ।

ଦରଦାମ ଆଜି ଆକାଶ ଛୁଇଁଛି
ସେଥିପାଇଁ ନାହିଁ ଟିକେ ଧ୍ୟାନ ,
ଜନସେବା ଖାଲି ପ୍ରବଞ୍ଚନା ଏଠି
ପ୍ରତିଶ୍ରୁତି ମିଛ ପ୍ରଲୋଭନ ।
ରାଜକୋଷ ଲୁଟି ଯିଏ ବଡ଼ ହେଲା
ଦେଶର ମହତ ଜନ ସିଏ ,
ଦେଶଟା ପଛକେ ବନ୍ଧା ପଡିଯାଉ
ତାଙ୍କର କିସ ବା ଆସେ ଯାଏ ?
ସତ୍ୟ ଅହିଂସା ଏ ଦେଶର ଆତ୍ମା
ଏ ଦେଶ ଜନତା ମନେ ନାହିଁ ,
ଯୋଗ୍ୟ ବୋଲି ଆମେ କିପରି କହିବା
ମାଆର ଆଖିରେ ଲୁହ ଦେଇ ?

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଠକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହିନୀ ବସନ୍ତ



ସୁବ୍ରତ ଜେନା

କବିତା ଯୋଉଠି ଡେଣା ଝାଡି ଉଡିଯାଏ
ସେଠି ତିଆରି ହୁଏ ଫୁଲର ବଗିଚା
ଅଚାନକ ଅନେକ ରଙ୍ଗ ନେଇ ଆସେ ବସନ୍ତ
ମଳୟ ପବନ କେମିତି ଆଉ ଚୁପ ରହନ୍ତା
ସେ ବି ସଂଚରି ଯାଏ ଦିଗରୁ ଦିଗ
ଏଇଠି ଲେଖା ଆରମ୍ଭ ହୁଏ ପ୍ରେମ ପ୍ରଣୟର ।

ପ୍ରତୀକ୍ଷା ଅନେକ ବର୍ଷର ତୁମେ ଗଲା ପରେ
ବିରହି କିନ୍ତୁ ନିତି ଅଶ୍ରୁରେ ଧୁଏ ବେନି ନେତ୍ରକୁ
ମନର ବେଦନା ଚାପି ରଖିବା ହୁଏତ ଅସମ୍ଭବ
ତଥାପି ସେ ଚେଷ୍ଟା କରେ ଜଡ଼ ହେବାକୁ
ଅପେକ୍ଷା କରିବାକୁ ଏମିତି ବସନ୍ତ ପରେ ବସନ୍ତ
ଅନେକ ଥର ମନ ବୁଝେନି
ସେ ଧାଇଁ ଯାଏ ଝରକା ପାଖକୁ
କାହାର ପାଦ ଶବ୍ଦରେ ଲାଗେ କାଳେ ତୁମେ ଆସିଛ ବୋଲି
ହେଲେ ସବୁଥର  ଦେଖେ ନିରାଶାର ମୁଖ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଯେ କେମିତି  !

କଣ ହୃଦୟକୁ ରଖିଛ ନା ଫିଙ୍ଗି ଦେଲଣି କୋଉଠି

ଏତେ ସହଜରେ ଭୁଲିଗଲ ଶେଷ ଶ୍ରାବଣ ର କଥାକୁ

ଯୋଉଠି ଏ ବେଙ୍ଗ ବେଙ୍ଗୁଲି ଦୁହେଁ ମିଳନରେ ବ୍ୟସ୍ତ

ପୃଥିବୀ ପିନ୍ଧୁଛି ନୂଆ ସବୁଜ ରଙ୍ଗର ଶାଢ଼ୀ

ମୁହଁ ରେ ମାଖୁଛି କେତେ ରଙ୍ଗର ଅବୀର

ଏ କେମିତି ବିଚାର କହିଲ

ବିଚାରୀକୁ ପିନ୍ଧିବାକୁ ପଡୁଛି ବିଧବା ନାରୀର ପ୍ରତୀକ

ନା ତୁମେ ବୁଝିପାରିବନି ନାରୀ ଅନ୍ତରକୁ

ତୁମେତ ଛାଡି ଯାଇଛ ଜଳି ଜଳି ଅଙ୍ଗାର ହବାକୁ

ହେଲେ ବୁଝୁନ କାହିଁକି

ସେ ଜଳନ୍ତା ଅଙ୍ଗାରର ପ୍ରତିଟି କଣିକାରୁ ବାହାରୁଛି ତୁମ ନାଁ

ପାରିବତ କେବେ ଥରେ ଆସି ଦେଖିପାରି ।

ଆଜି ମନ ଆକାଶରେ ମେଘର ସମ୍ଭାର

ମନ ହୁଏ ମନ ଖୋଲି ନାଚିବାକୁ ଏ ବର୍ଷାରେ ଭିଜି ଭିଜି

ତୁମେ ଯଦି ଥାନ୍ତ

ତୁମ ବାହୁ ବନ୍ଧନୀରେ ବର୍ଷାରେ ଭିଜିବାର ମଜା ନିଆରା

ଏ ବସନ୍ତ ମଉଛବରେ ତୁମେ ତୋଳି ଧରନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଗୁଣର ଅକୁହା ଉନ୍ମାଦନାକୁ

ତେଣିକି ଯିଏ ଯେତେ କହୁଛି କହୁ ମତେ ଆଉ ତୁମକୁ ନେଇ

ଦେଖ ଆଜିବି ମୁଁ ତୁମ ପ୍ରତିକ୍ଷାରେ।।।

ସୁବ୍ରତ ଜେନା

ଶୂରଡିହ,ନନ୍ଦିପୁର, ଯାଜପୁର

୯୭୭୬୨୦୮୯୩୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲାଞ୍ଛିତ ଗଣତନ୍ତ୍ର



ଡଃ ଆର୍ଯ୍ୟକୁମାରୀ
ପ୍ରଜ୍ଞା ପାରମିତା

ଗଣତନ୍ତ୍ର ଆଜି ଲାଞ୍ଛିତ ଏଠି,
ବ୍ୟକ୍ତି ସ୍ୱାର୍ଥର ଦରବାରେ !
ଜନମଙ୍ଗଳ ରାଷ୍ଟ୍ରର, ଆଉ
ନାହିଁ ପଦଚିହ୍ନ, ଦେଖିବା ପାଇଁ କି ଥରେ !
ମାନସିକ ଭାରସାମ୍ୟ ହରାଇ
ନିରୀହ ଜନତା ତାତେ ।
ବୁଦ୍ଧିଆଣୀ ଜାଲ ପରକାରେ ଆଜି
ଷଡ଼ଯନ୍ତ୍ରର ଶିକାରେ !
ବେକାରି ଯୁବକ ଅସନ୍ତୁଷ୍ଟ ହୁଏ,
ଦୁନିଆର ରୀତି ଦେଖି,
ପ୍ରତି ମୁହୂର୍ତ୍ତରେ ଆହତ ମନକୁ
ସାନ୍ତ୍ୱନା ଦିଏ,
ଅନ୍ତର କୋହକୁ ଚାପି
ସମୟ ସମୟ ସରିଗଲା ଦେଖି
ପାହିଲାନି ରାତି
ସହିଲାନି ଛାତି
ମିଛ ଭଣ୍ଡ ସଂସାରେ
ମନର ଶୋଚନା ଅବ୍ୟର୍ଥ ଚେତନା
ଭାବନାର ରଙ୍ଗକଳ୍ପ
ପ୍ରାସଙ୍ଗିକହୀନ ବେଆଇନ କାମ
ଖାଲି ମାରେ ଦୀର୍ଘଶ୍ୱାସ
ନିଃସ୍ୱ ଜନତା, ବେକାରୀ ଯୁବକ
ଜାଳିଛି ଅଗ୍ନି
ମନରେ ମନରେ ରାତ୍ରିର ଅନ୍ଧକାରେ
ଦିନ ଆଲୁଅରେ
ଭ୍ରଷ୍ଟାଚାରୀ ବୁଲେ
ମେଲି ତା ପସରା
ସହରର ଉପକଣ୍ଠେ;
ନାସ୍ତି ପଦଧ୍ୱନି ତଳରୁ ଉପର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି

ଫମ୍ପା ଧୂଆଁ ବାଣ ମାଡ଼...

ବଦଳିବ ସବୁ ସହର ନକ୍ସା

ବଦଳିବ ଆଜି ଜୀବନରେଖା ।

ଶୁଣି ଶୁଣି କାନ

ଆକ୍ତା ମାକ୍ତା ମନ

ଶୃଙ୍ଖଳାହୀନ

କଦାକାର ପ୍ରତିଶ୍ରୁତି ।

ଡକ୍ଟର ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା, ଅଧ୍ୟାପିକା
କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଂଜାମ
smartrupa2012@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳା କୁହୁକ !



ତନୁଜା
ପ୍ରିୟଦର୍ଶିନୀ

ସବୁ କଳ୍ପନାଜଳ୍ପନା ମୋର, ହୋଇଯାଏ ସ୍ତବ୍ଧ
ଯେବେ ଆରମ୍ଭ କରେ ମୁଁ ତୁମ, ରୂପ ବର୍ଣ୍ଣନାର କାର୍ଯ୍ୟ
ତୁମ କୁହୁକ ଭରା, ତୀକ୍ଷ୍ଣ ଚାହାଣୀ ଆଗରେ
ମୂଲ୍ୟହୀନ ଲାଗେ, ସାତ ସିନ୍ଧୁକର ଧନରତ୍ନ ।

ଆଖିଦୁଇ ତୁମ ଅଝଟିଆ ଅତି
ଚାହାଣୀରେ ମୋତେ ଦେଉଛି ସେ ବାନ୍ଧି ।
ତୁମ ମଧୁର ବଚନ ଜିଣେ ମୋର ମନ
ସ୍ୱର ସଦା ଶୁଣୁ,ଚାହେଁ ମୋର କର୍ଣ୍ଣ ।

ଚଞ୍ଚଳ, ଚପଳ ପ୍ରତିମା ତୁମର
ହସ ଅଟେ ତୁମ, ଜହ୍ନ ଠୁ ବି ମନୋହର ।
ସୁନୀଳ କମଳ ଅଟେ, ଦେହଟି ତୁମର
ନୀତି ସ୍ୱପ୍ନରେ ଆସୁଛ, ଚହଟାଇ ବାସ ଚନ୍ଦନର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ବସୁଛ, କଥା ମୋ ଶୁଣୁଛ
ସମସ୍ୟା ସମାଧାନର, ରାସ୍ତା ବି ଦେଖାଉଛ ।
ଜୀବନରେ ଆସୁଥିବା, କଷ୍ଟ ପାଇଁ
ଦୋଷ ଦେଲେ, ଦୋଷ ବି ସହୁଛ ।

ମୁରଲୀ ବଜାଇ, ମନକୁ ମୋହୁଛ
ଅଶାନ୍ତ ମନକୁ ମୋର, ଶାନ୍ତ କରାଉଛ ।
ଯେଉଁ ରୂପେ ଦେଖିବାକୁ, ଇଛା ହୁଏ ମୋର
ପରଦିନ ସେଇ ରୂପେ ସ୍ୱପ୍ନରେ ଆସୁଛ ।

କିଛି ନ କହିବି ସବୁ ବୁଝି ଯାଉଛ
ମୋର ସବୁ ପ୍ରଶ୍ନର ଉତ୍ତର ଦେଉଛ ।
ହେ କୃଷ୍ଣ ! ଜଗତ ଈଶ୍ୱର ହେଇ ବି
ଗୋଟେ ତୁଚ୍ଛ ମଣିଷ ଅଧୀନରେ, କେମିତି ରହିଛ ?

ସାଲେପୁର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ରଷ୍ଟା ଓ ସୃଷ୍ଟି



ଡଃ ମନୋରଞ୍ଜନ ବିଷୋୟୀ

ଏ ଗୋଲିଆ ପୃଥିବୀଟା
ଗଢ଼ିଦେଲା କିଏ
ଆଉ ସେ କେବେ ଯଦି
ଈଶ୍ୱର ବୋଲାଏ
ତେବେ କହ
ମୋର ସ୍ରଷ୍ଟା କିଏ ?

ସବୁଜ ଅରଣ୍ୟ ଆଉ
ନିବୁଜ ଅନ୍ଧାର
ସୁନୀଳ ସାଗର ଆଉ
ବିରାଟ ଅମ୍ବର
ଯଦି କିଏ ସୃଷ୍ଟି କରିଥାଏ
ସିଏ ଯଦି ଈଶ୍ୱର ବୋଲାଏ
ତେବେ କାହିଁକି
ଦେଖା ସେ ନ ଦିଏ ?

ପଞ୍ଝାଏ ମାନବ ଠାରେ
ପୁଳାଏ ହିଂସ୍ରତା
ଗୁଡ଼ାଏ ନିରବ କ୍ଷୁଧା
ମୁଠାଏ ନିଃସ୍ୱତା
ଦେଇ ଯିଏ ଦୁର୍ବଳ କରାଏ
ସିଏ ତେବେ
ପୂଜା କାହିଁକି ପାଏ ?

ଏ ଜୀବନ ଗାଡୁଆ ସଂସାରେ
ବିକଳ ସନ୍ତାନ ମୁଖେ
ସ୍ତନ ଧାରା ଦିଏ
ଭୋକିଲା ପେଟକୁ ଖାଦ୍ୟ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫାଙ୍କା ମନେ

ଶାନ୍ତି ଭରିଦିଏ

ଶୁଷ୍କ ମରୁ ଜୀବନ ପ୍ରାନ୍ତରେ

ପାରିଜାତ ଫୁଲ ତୋଳିଦିଏ

ନିଃସ୍ୱ ମନ ଧୂସର ଆକାଶେ

ଅମରାବତୀର ସ୍ୱପ୍ନ

ସଜାଗ କରାଏ

ସେହି ନିଷ୍ଟେ

ଈଶ୍ୱର ବୋଲାଏ ।

କିନ୍ତୁ ନିଃସ୍ୱ ନିଜେ

ଆଉ କେହି ନୁହେଁ

ଏ ବାସ୍ତବ ମରୁପଥେ

କବି ସେ ବୋଲାଏ ।

ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହୃଦୟର ଶୂନ୍ୟତା



ଅମୃତନାରାୟଣ
ଶତପଥୀ

ହୃଦୟରେ ଯେବେ ଶୂନ୍ୟତା ଭାବ ଆଗମନ ହୁଏ ବନ୍ଧୁ,
ସେହି ସମୟରେ ମନରେ ପୁଣି ସୃଜନଶୀଳତା ବାନ୍ଧୁ ।(୧)
ଅବା ପୁଣି ସେହି ହୃଦୟ ଶୂନ୍ୟତା ଈଶ୍ୱର ଭକ୍ତିରେ ମଜ୍ଜୁ,
ଯାହା ଗୁରୁତ୍ୱପୂର୍ଣ୍ଣ ଛଡାଇବା ପାଇଁ ମୋହ ଅହମିକା ରଜ୍ଜୁ ।(୨)
ଅସଫଳତା ଓ ଅକାଳ ଘଟଣା ଅବା ଦୁର୍ଘଟଣା ପାଇଁ,
ମନୁଷ୍ୟ ହୃଦୟ ଦୁଃଖ ଏବଂ ପୁଣି ଶୂନ୍ୟତାରେ ଭରି ଯାଇ ।(୩)
ସେହି ଶୂନ୍ୟତାକୁ ପୂର୍ଣ୍ଣ କରିବାକୁ ଲୋଡା ଭକ୍ତି ସମର୍ପଣ,
ଅବା ନିଜ ଭାବନା ପରିପ୍ରକାଶରେ ନ କରିବାକୁ କାର୍ପଣ୍ୟ ।(୪)
ଅସାର ସଂସାରରେ ହୃଦୟ ଶୂନ୍ୟତା ପୂର୍ଣ୍ଣତା ହେବ ତେବେ,
କିଏ ଅଟେ ଆତ୍ମା କ'ଣ ତା ପ୍ରତିରୂପ ଦିବ୍ୟଜ୍ଞାନ ମିଳିବ ଯେବେ ।(୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପକ୍ଷହୀନ ପକ୍ଷୀ



କିରନ୍ ସ୍ୱାଇଁ

ଉଡ଼ନ୍ତା ମେଘ ସହ
ଆକାଶର ଛାତିରେ
ଉଡ଼ିବାକୁ ଇଛା ଯେ,
ମତେ ଅନୁମତି ନେବାକୁ ହେବ !
ତଥାପି,
ତାଙ୍କ ଝରକା ପଛପଟ
ଅନାବନା ଘାସ ବୁଦା ପରି
ଓପାଡ଼ି ଫିଙ୍ଗି ଦେବେ ସେମାନେ
ସବୁତକ ଇଛାକୁ ।
ମୁଁ ଖୋଜିବି ପୁଣି
ଅନେକ ଦୂର ପର୍ବତ, ବଣ
ଅବା ନଦୀରେ,
ହେଲେ ମୋ ଇଛା ସେତେବେଳକୁ
ଭାସି ସାରିଥିବ କଉ ଅଜଣା
ନଈର ସୁଅରେ କିମ୍ବା
ଅଙ୍କାବଙ୍କା ଝରଣାର ଗତିରେ ।

ବିନା ଅନୁମତିରେ
ଯଦି କିଞ୍ଚିତ୍ ଆକାଶ ପାର ହେବି
ପୁଣି ସେଠାରେ ଜଗି ବସିଥିବେ
ଅନେକ ରାବଣ
ଜଟାୟୁ ସମ
ପକ୍ଷ କାଟିବାକୁ
ମୁଁ ପଡ଼ିବି ଧରାଶାୟୀ ହେଇ ।
ଏ ଅସୀମ ଆକାଶ ବୋଧେ
ଅକ୍ତିଆରରେ ତାଙ୍କର,
ବେଳେ ବେଳେ
ମୋ ନିଜସ୍ୱ ଆକାଶର
ପାଚେରୀ ଡେଇଁ
ହଜିଯାଇଥିବା ଇଛାର ସନ୍ଧାନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଭ୍ରମଣ କରେ,

ପୁଣି ନେଇ କେତେକ

ଦରମରା ପ୍ରଶ୍ନର ପାହାଡ଼

ଝିଅ ! ତୋ ସାହସ ଏତେ ବଡ଼ ?

ହଁ କାରଣ, ଏ ପୃଥିବୀ ମୋର

ଏ ଆକାଶ ମୋର,

ଏ ମେଘ ମୋର,

ଏ ପକ୍ଷ ବି ମୋର ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଥ ଓ ପାଦ



ଦଣ୍ଡାସି ପ୍ରଧାନ

ଜୀବନ ଯାନକୁ     ଯୋଡି ପାଦ ପଥ
ମଣ୍ଡନ ନୀରବେ ଧାଏଁ
ଚାଲି ଜାଣିଲେ ହିଁ     ସୁଗମିତ ହୁଏ
ଜୀଇଁବା ମାତ୍ରା ବଢାଏ ।୦ ।

ପଥ ବହୁଦୂର     ଯାଏ ଲମ୍ବିଥାଏ
ସୁଗମ ଦୁର୍ଗମ ଘେନି,
ଲକ୍ଷ୍ୟ- ସ୍ଥାନ- ସ୍ଥଳ     ନିର୍ଦ୍ଧାରିତ ହେଲେ
କାଳ ରହେ ମନ ମାନି ।୧ ।

ପଥଗାମୀ ଯାତ୍ରୀ     ବିବିଧ ବର୍ଣ୍ଣାଳୀ
ଭାଷା ରୁଚି ରଙ୍ଗ ଢଙ୍ଗେ,
ଆନେ ଆନୁ ଆନ     ସ୍ୱଭାବରେ ଭିନ୍ନ
ଚାଲିବାକୁ ହୁଏ ସଙ୍ଗେ ।୨ ।

ପଥ କି ବୁଝିଛି     ଅବସ୍ଥା ବ୍ୟବସ୍ଥା
ନିର୍ବିକାର ଗତି ବୃତ୍ତେ,
ସାଥୀ ସମଝୋତା     ସମ୍ଭାର ବ୍ୟାପାର
ସମତ୍ୱ ମନ୍ତ୍ରର ମତେ ।୩ ।

ଦୂର ବା ସମୀପ     ଯାନ ଯନ୍ତ୍ର ତନ୍ତ୍ର
ବୁଝେ ନାହିଁ ପଥ ବେଳ,
ବିଚାରା ଯାତ୍ରୀ ମୁଁ     ବଢାଇଛି ପାଦ
ଜାଣେ ନାହିଁ ଏତେ ଛଳ ।୪ ।

ସକାଳର ମନ୍ତ୍ର     ମଧ୍ୟାହ୍ନର ବାସ୍ନା
ସନ୍ଧ୍ୟାର ଭଜନ ସୁର,
ବିଚାର ବୁଦ୍ଧିରେ     ବିଭୂତି ରଞ୍ଜିତେ
ଚଳେ ତାଳ ଲୟ ଧାର ।୫ ।

ପଥ କି ଜାଣିଛି     କିଏ କେତେବେଳେ
କେତେ ବା ଥୋଇଛି ଭାର,
ବିସ୍ତାରି ମେଲିଛି     ସମୂହ ସେବାରେ
ଦିନ ରାତି ଏକାକାର ।୬ ।

ବରଷା କାକର     ଖରା ଶୀତ କୋପ
ଉଜ୍ଜ୍ୱଳ ଘନ ଅନ୍ଧାରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମର୍ପିତ କରି ପଡିଛି ପଡିବି
ପାଦକୁ ଛୁଇଁ ଆଦରେ ।୭ ।
ଶରଧା ସମ୍ମାନ ପଦ ପଦକରେ
କେଉଁ ସୁଖ ଅବା ମିଳେ,
ସେବା ଧର୍ମ ପ୍ରୀତି କେତେ ସୁଖମୟ
ଅବତରି ମହୀ ତଳେ ।୮ ।
ପଥ ଓ ପାଦର ନିବିଡ ସମ୍ପର୍କ
ବିବିଧ ବିଭିନ୍ନ ରୂପ
ଯୁଗେ ଯାତ୍ରା ଯୁଦ୍ଧେ ବଦଳି ନାହିଁତ
ଯଥାଯଥ ମାପଚୁପ ।୯ ।
ପଥ ଶିଖାଉଛି ନିର୍ବିକାର ପଣ
ସାର୍ବଜନୀନ ନୀତି
ସୁନ୍ଦର ମଧୁର ମହକ ମୂର୍ଚ୍ଛନା
ଶାଶ୍ୱତ ତା'ର ଗୀତି ।୧୦ ।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ : ୮୭୭୦୧୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବସନ୍ତ ପଞ୍ଚମୀ



ଆଭାଞ୍ଜଳି ତ୍ରିପାଠୀ

ବେଦ ପୁରାଣର ସନ୍ଧି ସମାସକୁ
ଓଲଟା ପାଲଟା କରି
ଆତ୍ମଶ୍ଲାଘୀ ନର ବାହାସ୍ଫୋଟ ମାରେ
ଅଜ୍ଞାନୀ ଦୁର୍ବଳ ନାରୀ ।

ନାରୀଜାଗରଣ  ସଶକ୍ତିକରଣ
ଶିକ୍ଷା ସମାନତା  ନାରୀ ନିଷ୍ପେସିତା
କେତେ ଶବଦର  ନବ କଳେବର
ଉଠେ ଅସଂଲଗ୍ନ  ପ୍ରଶ୍ନର ଭଣ୍ଡାର ।

ସେ ପ୍ରଶ୍ନମାଳାର  ସଂଲଗ୍ନ ଉତ୍ତରେ
ଫଗୁଣ ଛିଟାର ପହିଲି ତିଥିରେ
ବସନ୍ତ ପଞ୍ଚମୀ ଜ୍ଞାନର ଆଧାର
ସ୍ୱସ୍ତିକ ବଚନେ ଫଗୁଣ ପ୍ରଜ୍ଞାର ।

ଯା ବାକ୍‌ରୁ ଝରେ ଓଁକାରର ଧ୍ୱନି
ତହୁଁ  ଶବ୍ଦ  ବର୍ଣ୍ଣ  ସ୍ୱର ଓ ବ୍ୟଞ୍ଜନ,
ବୁଦ୍ଧି ବିବେକର ଅଧିଷ୍ଠାତ୍ରୀ  ଦେବୀ
ଆଖିରେ  ତାଙ୍କର ଜ୍ଞାନର ଅଞ୍ଜନ ।

ଶାନ୍ତି ବିଶୋଭନା ସବୁ ଯୋଗର ସାଧନା
ପ୍ରକୃତିକୁ ଦିଏ ଆକୃତି,
ବେଦ ବେଦାଙ୍ଗର ସଂସ୍କୃତି ସଭ୍ୟତା
ତା ଦେହୁ ସବୁ ତ ଉତ୍ପତ୍ତି ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆପାଦମସ୍ତକ ବିଜ୍ଞେ ସୁଶୋଭିତା
ବିଷାଦ ବିଶଲ୍ୟକରଣୀ,
ମେଧା ଜନ୍ମଦାତ୍ରୀ କମଳବାସିନୀ
ହଂସାସୀନା ଜ୍ଞାନତୃଷ୍ଣା ବିମୋଚନୀ ।

ସ୍ମୃତି ଶ୍ରୁତିଗ୍ରନ୍ଥ  ସବୁର ସେ ସ୍ରୋତ
କରି ପ୍ରଜ୍ଞା ଶକ୍ତି ବିସ୍ତାର,
ପ୍ରତୀତି  ବିସ୍ମୃତି ତା' ଇଛାରେ ଚାଳିତ
ଉଚ୍ଚନୀଚ ଭାବନାର ।

ଯା  ବୀଣା ଧ୍ୱନିରୁ ସାତ୍ତ୍ୱିକ ସ୍ଫୁରିତ
ପଞ୍ଚମହାଭୂତ ତା ଦେହୁ କ୍ଷରିତ
ତା  ଆଶିଷ ରେଣୁରେ କେତେ ଯେ ମହତ୍ତ୍ୱ
ସବୁ ଚିନ୍ତା ଅପବର୍ଗେ ହୁଏ ରୂପାୟିତ ।

ପୁରାଣ ପୋଥିକୁ ଅଙ୍ଗିଲା ପ୍ରସଙ୍ଗେ
ଯେ କରେ ଅବଜ୍ଞା ଅଙ୍ଗନାର
ସ୍ୱୟଂ ସରସ୍ୱତୀ ନାରୀର ସ୍ୱରୂପ
ସର୍ବ ବିଦ୍ୟାର ସେ ସମ୍ଭାର  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଜାରେ ଗୁଣରେ ମୋହିତ



ବିଶ୍ୱରଞ୍ଜନ ମହାନ୍ତି

ଖଦ୍ୟୋତିକା ଦିନେ   ହେବ ସୂର୍ଯ୍ୟସମ
ତେଜିଆନ କରି କାୟ
କରିବାକୁ ହେବ   ଅନେକ ତପସ୍ୟା
ରଖି ଦେବତାରେ ଲୟ ।

ମହତ ଜନଟି   ହୁଏ ନଭେତାରା
କାର୍ଯ୍ୟେ ମଣେ ତାକୁ ସ୍ୱର୍ଗ
ସପ୍ତଋଷି ସଙ୍ଗେ   ସନ୍ଧ୍ୟାକାଶେ ଶୋଭେ
ଦେଖାଏ ମାନବେ ଦିଗ ।

ଅନେକ ଜନମ   ପାରି ହୋଇ ଦୁଃଖେ
ସତ୍ୟ ଧର୍ମ ନ୍ୟାୟ ପାଳି
ନିଷ୍ଠାରେ ପାଳିବ   ମହତ ନିୟମ
ପରିବାର ସଙ୍ଗେ ଜଳି ।

ହଜାରେ ଗୁଣର   ଫଳର ସମାନ
ଯଦି ସେ ନିଏ ଦାୟିତ୍ୱ
ସମସ୍ତଙ୍କୁ କରି   କାର୍ଯ୍ୟରେ ମୁଗଧ
ଗୁଣରେ କରି ମୋହିତ।

ଚାର୍ଟର୍ଡ୍ ଆକାଉଣ୍ଟାଣ୍ଟ,
କ୍ୱାର୍ଟର ସଂ :୫ଆର୍୫,, ଓୟୁଏଟି କଲୋନୀ
ୟୁନିଟ୍ - ୮, ଭୁବନେଶ୍ୱର, ୯୩୩୭୧୨୪୯୧୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ହୋଲି



ସଞ୍ଜୟ ନାଏକ

ଆସିଲା ରଙ୍ଗର ପରବ ହୋଲି,
ଯିବା ଆମେ କେମିତି ଭୁଲି ।

ଗୋଟେ ପାଖେ ଆମେ ମିଳି,
ରଙ୍ଗ ହେବା ସବୁ ବୋଳି ।

ରଙ୍ଗରେ ଭରି ରହିବ ଶରୀର,
ମୁହୁଁ ଚିନି ନାଇଁ ପାର କାହାର ।

ଏ ଉତ୍ସବରେ ନାହିଁ ଭେଦଭାବ,
ରଙ୍ଗ ହେବ ନାହିଁ ଅଭାବ ।

ଆସିଅଛି ବର୍ଷକୁ ଥରେ,
ଆଣିଛି ପ୍ରେମକୁ ସାଥିରେ ।

ପାଳିବା ନାଚ ଗୀତ କରି,
ଶୁଭେଚ୍ଛା ପିଚକାରି ମାରି ।

ରଏନଗୁଡା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଥର ବସନ୍ତେ



ପ୍ରଶାନ୍ତ କୁମାର ନାଥ

ଏଥର ବସନ୍ତ ଆସିଛି ଧରାକୁ
ନିର୍ବାଚନ ବାର୍ତ୍ତା ଧରି
ମଳୟ ବତାଶ ବହୁନି ଆକାଶେ
ଆଉ ରୁଷା ସେ ଯେ ମାରି ।

ଫୁଲ ବନ ଆଉ ଫୁଲେଇ ହେଉନି
ଋତୁରାଜ ଆଗମନେ
କିଶଳୟ ଶୋଭା ଦିଶୁ ନାହିଁ ଭଲ
ନେତାଙ୍କର ଦରଶନେ ।

କୋଇଲିର କୁହୁ ଶୁଭୁନାହିଁ ବେଶି
ଦଳୀୟ ନେତାଙ୍କ ଡରେ
ମଧୁମଖି ଆଜି ଘୁମେଇ ପଡିଛି
ମଧୁ ଫେଣା ମଧୁଘରେ ।

ମଦର ନିଶାରେ ମହୁଲର ଫୁଲ
ମାଦକତା ଭରୁ ନାହିଁ
ଚୋରା ଚଇତାଳି ଚୋରାଇ ପାରୁନି
ଜନ ମନ ଦେହ ଛୁଇଁ ।

ନିର୍ବାଚନ ପାଇଁ ମନ ରକ୍ତ ମୁଖା
ଫିକା ଲାଗେ ଫଗୁ ରଙ୍ଗ
ମଳୟଟା ଯଦି ପ୍ରଳୟ ହୁଅଇ
ପ୍ରକୃତି ହେବ କି ସାଙ୍ଗ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଜି ତ ଗଲାଣି ହଳଦୀ ବସନ୍ତ
ନିର୍ବାଚନ ମଣ୍ଡଳୀରେ
ଭରସା ପାଉନି ନୂତନ ଡାଳକୁ
ପତ୍ର ଝଡ଼ି ଯିବା ପରେ ।

ଦିଶୁନାହିଁ ଆଉ ଫଗୁଣ ଦେହରେ
କୃଷ୍ଣ ଚୁଡା ନାଲି ଜଟ
ନିର୍ବାଚନ ପାଇଁ ଚାରିଆଡେ ଉଡ଼େ
ଗାନ୍ଧୀ ମୁଣ୍ଡ ନାଲି ନୋଟ ।

ଏଥର ବସନ୍ତେ ଭ୍ରମର ଖୋଜୁଛି
ସୌଖିନୀ ନବ ପାଟ
ନେତା ଜନତାଙ୍କ ଗହଳି ଭିତରେ
ବସନ୍ତ ପାଉନି ବାଟ ।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା
ଦୂରଭାଷ -୮୬୫୮୨୫୨୪୨୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାତବ୍ ଖାନା



ସୁନୀଲ କୁମାର ଅଗସ୍ତି

ଅନାଥ୍ ଆମେ

ମାଁ' ବୁଆ ଥାଇ

ଜନମ୍ କଲା,

ଜବର୍ ଆମର୍

ହାତ୍ ଗୋଡ୍

ଇଫାଲେ ଆମେ ଛୁଟା,,

ଆଁଏଖ୍ ଦିଶୁଛେ ଝଲ୍  ଝଲ୍

ତବବି ଆମେ କଣା,

କୁଶେ ଦୁରୁ

ପାରସୁଁ ଶୁନି

ମିଲୁଛେ ଚାଉଲ୍ 'ଟଁକିଆ',,

ଫିରଭି ଇଫାଲେ

ଆମେ ଅବଗି ଭଁଏରା,,

ଛୁଟା କଣା ଭଁଏରା କା'ଯେ

ଅଛେ ନ' ଦାତବ୍ ଖାନା,

ଆଏଲେ ତାତି

ଭୋଟ୍ ଗୁଟେ ଗୁଟେ ଦଉଥିମା,

ଟିଟିଲାଗଡ଼, ବଲାଙ୍ଗୀର

ମୋ : ୭୬୮ ୪୯୬ ୯୭୩୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତତେ ନୁରୁଛେଁ ମୁଇଁ...



ଶୋଭାରାଣୀ
ମାଝୀ

ତତେ ନୁରୁଛେଁ ମୁଇଁ
ତତେ ଝୁରୁଛେଁ ମୁଇଁ
ତୁଇ ଗଲା ଦିନୁ ତତେ
ସୋର କରୁଛେ ମୁଇଁ
ମାଁ ମାଁ ବଲି ଅଧା ବାଟୁ
ଡାକି ଦେଲେ ମତେ
ଧାଇଁ ଆସୁଥେଁ ମୁଇଁ
ତତେ ନୁରୁଛେଁ ମୁଇଁ
ତତେ ଝୁରୁଛେଁ ମୁଇଁ
ତୋର୍ ସେ ଦୁଇ ଦାଁତ୍
ଦେଖା ହଁସି ଆର୍
ତୋର୍ ନାକ ଚଢାକେ
ସୋର୍ କରୁଛେଁ ମୁଇଁ

କଜଲ୍ ମଖାଲା ବେଲେ
ତୋର ମୁଁହୁଁ ଦେଖା
ହରେ କୃଷନ୍ କହେଲେ
ତୋର ତାଲି ପିଟା କେ
ସୋର୍ କରୁଛେଁ ମୁଇଁ
ତତେ ନୁରୁଛେଁ ମୁଇଁ
ତତେ ଝୁରୁଛେଁ ମୁଇଁ
ତୋର୍ ଚକ୍ ଚକ୍ ଆଁଖିର
ଚମକ୍ ତୋର୍ ଛୋଟ୍
ଛୋଟ୍ ହାତର୍ ଦମକ୍
କେ ନରୁଛେଁ ମୁଇଁ
ତତେ ଝୁରୁଛେଁ ମୁଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୋର ସେ ନାନା ନାନା ଗାନା

ତୋର ସେ ତନାଘନା ଖାନା

ତୋର୍ ସେ ବୁଟ୍ ବୁଟ୍ ଚାଲି

ତୋର ସେ ହରେକୃଷନେ

ତାଲି କେ ନୁରୁଛେଁ ମୁଇଁ

ତତେ ଝୁରୁଛେଁ ମୁଇଁ

କେ ଜାନି ଫେର୍ କେଭେ

ଆସଲେ ମାଏସି କହିବୁ ମତେ

ତୋର ମାଁ ଡାକ୍ କେ ସୋର୍

କରୁଛେଁ ମୁଇଁ ତତେ ନୁରୁଛେଁ

ମୁଇଁ ତତେ ଝୁରୁଛେଁ ମୁଇଁ.......

ଶୋଭାରାଣୀ ମାଝୀ

ଡୁଙ୍ଗୁରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆଦିକବି



ଅକ୍ଷୟ କୁମାର ରାଉତ

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁର ସ୍ଥିତ କନକବତୀ ପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପର ଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧା ନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପର ଅବସ୍ଥାରେ ପୌରାଣିକ କାହାଣୀଗୁଡିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେ ପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେ ପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପର ଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତ ମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇ ଦେଉନଥିଲେ । ଏହିପରି ଅସହାୟ ମୂହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ, ଯାହା ଉପରୁ ଶୁଭିବ ତୁ ଲେଖିବୁ ।" ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନୋନିବେଶ କଲେ । କଳ୍ପବଟ ମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତମାନେ "ହାତୀ ବାର ଯୁଣ ତାର ଘଂଟିବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନ ହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା ।

'ମା'ଙ୍କ ଦତ୍ତ ଲେଖନୀ ସାହାଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜୁନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସାଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ଥ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍ସିଂହପୁର
ମୋ : ୯୯୩୭୬୯୦୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତଙ୍କର ସନ୍ଧ୍ୟା ୧୪ ଫେବୃଆରୀ ୨୦୧୯



ଅନନ୍ତ କୁମାର

ଫେବୃଆରୀ ୧୪ ତାରିଖ କଥା ମନେ ପଡିଗଲେ ସାରା ଶରୀରରେ ନିଆଁ ଲାଗି ଯାଉଛି ଆଉ ଆଖିରେ ଅସରା ଲୁହ ସାଙ୍ଗକୁ ହୃଦୟରେ ବୁକୁଫୁଟା କୋହ ଭରି ଯାଉଛି । ୨୦୧୯ ଫେବୃଆରୀ ୧୪ ଆମ ଭାରତୀୟ ମାନଙ୍କ ପାଇଁ ଦୁଃଖଦ ସମ୍ବାଦ ଆଣିଥିଲା ଯାହା ଯୁଗ ଯୁଗ ପାଇଁ ସ୍ମରଣୀୟ ହେଇ ପ୍ରତ୍ୟେକଟି ଭାରତୀୟମାନଙ୍କ ମନରେ ଜାଗ୍ରତ ହେଇ ରହିବ । ସେଦିନ ଚାହୁଁ ଚାହୁଁ ଅଦିନିଆ ଝଡ଼ ଭଳି ମାଡି ଆସିଲା ମୃତ୍ୟୁର କରାଳ ଆଖି ସାମ୍ନାରେ ଅକସ୍ମାତ ଚାଲିଗଲା ଆମ ୪୦ ଯବାନଙ୍କ ପ୍ରାଣ । କେହି କିଛି ବୁଝିବା ପୂର୍ବରୁ କାପୁରୁଷ ଭଳି କିଛି ଆତଙ୍କବାଦ ପୁଲୱାମା ନିକଟରେ ଆମ ଯବାନଙ୍କ ଗାଡ଼ିକୁ ନୃସଂଶ ଭାବେ ବୋମା ବିସ୍ଫୋରଣ କରିଥିଲେ ଯାହା ଫଳରେ ଆମ ୪୦ ଯବାନଙ୍କ ମରଶରୀର ଖଣ୍ଡ ବିଖଣ୍ଡିତ ହେଇ ପଡ଼ିଲା ଆଖି ପିଛୁଳାକେ ଯାହା ସାରା ଭାରତ ବାସୀଙ୍କ ଛାତିକୁ ଥରାଇ ଦେଇଥିଲା । ଏହି ବର୍ବର କାଣ୍ଡ ସାରା ବିଶ୍ୱକୁ ଶୋକାକୁଳ କରିଦେବା ସହ ଭାରତ ବର୍ଷକୁ ସ୍ତବ୍ଧ କରିଦେଇଥିଲା । ସେଦିନର ଘଟଣା ମନେ ପଡିଗଲେ ଲୋମ ଆଜିବି ଟାଙ୍କୁରି ଉଠୁଛି ଆଉ ଆଖିରୁ ଧାର ଧାର ଅଶ୍ରୁ ବାହାରି ଆସୁଛି, ସେଦିନ ଏକାଥରକେ ୪୦ ଯବାନଙ୍କ ଯୁଇ ଜଳୁଥିଲା ଯାହା ଆମ ଭାରତୀୟ ମାନଙ୍କ ପାଇଁ ଥିଲା ହୃଦୟ ବିଦାରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍ର ଯାହା ଆଜି ବି ଛାତି ଭିତରକୁ କଷ୍ଟ ଦେଉଛି । ସତରେ ସେଦିନ ଅକସ୍ମାତ ରାକ୍ଷସରୂପୀ ଆତଙ୍କବାଦ ସାଜି ପଶୁଭଳି ନୃସଂଶ ଭାବେ ଆମ ଯବାନମାନଙ୍କୁ ଏମିତି ମାରିଥିଲେ ଆଜିବି ସାରା ଦେଶବାସୀଙ୍କ ସହ ଭାରତମାଆର ଆଖିରୁ ଲୁହ ନୁହେଁ ଲହୁ ଝରୁଛି । ସେଦିନ କେତେ ମାଆ ନିଜର ବୀର ପୁତ୍ର ପାଇଁ ସେଦିନ ଛାତି ଫଟାଇ କାନ୍ଦି କାନ୍ଦି ଅଚେତ ହେଇଛି ତ କିଏ ସ୍ୱାମୀ ହରାଇ ବିଧବା ସାଜିଛି ତ କିଏ ଅନାଥ ପାଲଟିଛି ବାପାକୁ ହରାଇ କିଏ ନିଜର ବୀର ଭାଇ ହରାଇଛି ତ କିଏ ଆଶାବାଡି ହରାଇଛି କିନ୍ତୁ ଆମ ମାଟି ମାଆ ଭାରତ ଭୂମି ପାଇଁ ବାହୁବଳି ବୀର ଯୋଦ୍ଧାମାନଙ୍କୁ ହରାଇଛି ସତ କିନ୍ତୁ ଶତ୍ରୁ ଆଗରେ ନତମସ୍ତକ ହେଇ ନାହିଁ । ବୀରତ୍ୱର ସହ ଲଢ଼େଇ କରି ପ୍ରତିଶୋଧ ନେଇଛି । ସତରେ ସେଦିନ ଘଟଣାକୁ ଭୁଲି ହେବନି ଯୁଗ ଯୁଗକୁ ଅଭୁଲା ସ୍ମୃତି ହେଇ ଚିରକାଳକୁ ଇତିହାସରେ ଲିପିବଦ୍ଧ ହେଇରହିବ ସତ ତଥାପି ଆମେ ଭାରତ ମାତାର ସମସ୍ତେ ଜଣେ ଜଣେ ସୁଯୋଗ୍ୟ ସନ୍ତାନ ହିସାବରେ ଆମର ବି ଏ ପବିତ୍ର ମାଟି ପ୍ରତି ଏ  ଭାରତ ମାଆର ସହିଦ ଯବାନଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି । କିଛି ନ ହେଲେ ନାହିଁ ଆମ ନିଶ୍ୱାସ ଚାଲୁଥିବା ଯାଏଁ ଦେହରେ ରକ୍ତ କଣିକା ବହୁ ଥିବା ଯାଏଁ ପ୍ରତିବର୍ଷ ଫେବୃୟାରୀ ୧୪ରେ ଆମେ ସହୀଦ୍ ହେଇଥିବା ବୀର ଯବାନମାନଙ୍କୁ ଏବଂ ସେମାନଙ୍କ ପରିବାର ପାଇଁ ଛୋଟିଆ ଛୋଟିଆ କ୍ୟାଣ୍ଡେଲ କିମ୍ବା ଦୀପଟିଏ ଜାଳି ସେମାନଙ୍କ ଅମର ଆତ୍ମାର ପ୍ରାର୍ଥନା କରିବା ସହ ପରିବାର ପାଇଁ ଭଗବାନଙ୍କ ପାଖେ କିଛି ମୁହୁର୍ତ୍ତ ପ୍ରାର୍ଥନା କରି ଆଗାମୀ ଯୁବ ପିଢି ପାଇଁ କିଛି ଦିଗ୍ ଦର୍ଶନ ଦେବା ।

ଭାରତ ମାତା କି ଜୟ

କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

ଯୋଗାଯୋଗ -୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଉସୀ ମାଆର ପୋଡ଼ପିଠା



ପୁଷ୍ପଲତା ମିଶ୍ର

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା । ଗ୍ରାମ ଠାରୁ ସହରରୁ ଆରମ୍ଭ କରି ସାର ବିଶ୍ୱ ଆଜି ଗହଳ ଚହଳ ଭରପୁର । ପବିତ୍ର ରଥଯାତ୍ରା ହେବ ତିନି ଠାକୁର ରଥରେ ବିଜେ ହେବେ, ମାଉସୀ ମାଆ ପ୍ରଭୁଙ୍କର ବାଟ ଅନେଇ ବସିଥିବ, ପ୍ରଭୁଙ୍କର ପ୍ରିୟ ପୋଡ଼ ପିଠା ପ୍ରସ୍ତୁତିରେ ଲାଗି ପଡ଼ିଥିବେ । ବାଦାମ, କର୍ପୁର, ଖଣ୍ଡ ଲବଣୀ ଦ୍ରାକ୍ଷା, ପେସ୍ତା, ଅଳେଇଚ, ଲବଙ୍ଗ, ସହିତ ତାଙ୍କ ବକ୍ଷର ଅମୃତକୁ ଭରି ଦେଇଥିବ ପୋଡ଼ପିଠାରେ । କାଳିଆର ମନେ ପଡ଼ିଯାଇଛି ତ୍ରେତୟା ଯୁଗର କଥା ଏଇ ତାର ମାଉସୀ ମାଆ ହେଇଥାଏ କାକୀ ମାଆ କୈକେୟୀ । ମୋ କାକୀ ମା ଭରତକୁ ସ୍ତନ୍ୟପାନ କରାଉ ଥାଆନ୍ତି ତାହା ମୁଁ ଦେଖି ଧାଇଁ ଗଲି କାକୀ ମାଆଙ୍କ କୋଳକୁ । କୋଳରେ ବସି ଅନ୍ୟ ପଟ ସ୍ତନକୁ ପାଟିରେ ପୁରାଇ ଅମୃତ ପାନ କରିଲି । ଏହା ଦେଖି ପିତା ଦଶରଥ ମୁରୁକି ମୁରୁକି ହସି ରାଜ ଉଆସକୁ ଚାଲିଗଲେ । ଆସିଗଲେ ସୁମିତ୍ରା ନନ୍ଦନ ଲକ୍ଷ୍ମଣ ଓ ଶତ୍ରୁଘ୍ନ ମୋର ଅମୃତ ପାନକୁ ଦେଖି ଲାଜେଇ ପଳେଇଗଲା ବେଳେ ମୋ କାକୀ ମାଆ ସେ ଦୁଇଜଣଙ୍କ ଲାଜ ଛଡେଇବାକୁ ଯାଇ ଟାଣିଆଣିଲେ ତାଙ୍କ କୋଳକୁ ତଥାପି ଲାଜରେ ତାଙ୍କୁ ମୁଁହ ପୋତି ରହିଲେ । ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ତଥାପି ସେ ଦୁଇ ଜଣ ଲାଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରି ପକେଇଲେ ଉଆସ ଭିତରକୁ । ମୁଁ କହିଲି, କାକୀ ମାଆ ତୁମ ବକ୍ଷର ଅମୃତ ପରା ଏକା ମୋର ! ଏଥିରେ ଆଉ କାହାରି ଭାଗ ନାହିଁ ।

ଆଉ ଦିନକର କଥା ମାତା କୌଶଲ୍ୟା ମୋର ପ୍ରଭାତ ଅବକାଶ ସାରି ସୁବାସିତ ଜଳରେ ସ୍ନାନ ବଢାଇ ପାଟ ପିତାମ୍ବରୀ ପିନ୍ଧାଇ, ଭ୍ରୂଲତାରେ କୁଙ୍କୁମା ସଜାଇ ପ୍ରଭାତ ମଣୋହି ପାଇଁ ସଜାଡି ରଖିଲେ ଖେଚୁଡ଼ି ଅର୍ଣ୍ଣ, ସର ଲବଣୀ, ମାଖନର ପୂଳି ଓ ପୋଡ଼ା ପିଠା ମୋତେ କୋଳେଇ ନେଲେ ଖୁଆଇ ଦବାକୁ କିନ୍ତୁ ମୁଁ ଭାରି ଅଝଟ ହେଲି ମଣୋହି ନ ହେବା ପାଇଁ ବହୁ ପ୍ରକାର ଫନ୍ଦି ଫିକର କଲି । ହାତୀ ଦେବି ଘୋଡ଼ା ଦେବି ସରଗରୁ ଚାନ୍ଦ ଦେବି ନାନା ପ୍ରକାର କଥା କହି ଖୁଆଇବା ପାଇଁ ଯେତେ ଚେଷ୍ଟା କଲେ ମୁଁ ଥିଲି ନଛୋଡବନ୍ଧା ! ମୁଖ ହଲାଇ ନାହିଁ କରି ଓଠ ଚିପି ରଖିଥାଏ । ମୁଁ ଅଥୟ ହୋଇ ମାତା କୌଶଲ୍ୟାଙ୍କ କୋଳରୁ ଖସି ଆସିଲି, ଛନ୍ଦ ମଧୁର ଦୌଡ଼ର କଟିକିଙ୍କିଣୀ ଝୁମ୍ ଝିମ୍ ହୋଇ ବାଜୁଥାଏ, ମାତା ପୁତ୍ରଙ୍କର ଲୁଚାଛପା ଖେଳରେ ପ୍ରାସାଦର ଅଙ୍ଗନ୍ ରେ ବାତ୍ସଲ୍ୟ ନୃତ୍ୟର ଆସର ସୃଷ୍ଟି ହେଉଥାଏ ।

ଅଦୂରରେ ରହି ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ କାକୀ ମାଆ କୈକେୟୀ, ମନ ହେଉଥାଏ ତାଙ୍କ କୋଳକୁ ଦୌଡ଼ି ପଳାନ୍ତି ମୋ ମନ କଥା କେମିତି ଜାଣିପାରିଲେ ମୋ କାକୀ ମା ।

କୌଶଲ୍ୟା ମାଆଙ୍କୁ କହିଲେ ଅପା ତୁମେ ଗଲ, ସେ ଦେହଳି ଅତି କ୍ରମ କରି ବହି ପ୍ରାଙ୍ଗଣକୁ ଗଲାଣି ତୁମେ ତ ପାଟ ମହିଷୀ, ଅପା ତୁମ ପାଇଁ ସେଇଟା ନିଷିଦ୍ଧାଞ୍ଚଳ, ଅପାଙ୍କୁ ଚିଡାଇ କହୁଥାଏ ଆମ ପରାକ୍ରମ ଶାଳୀ କୋଶଳ ରାଜାଙ୍କ ରାଜ କନ୍ୟା ଗେହ୍ଲା ନନ୍ଦିନୀ ପରା ପିତାଙ୍କ ଠାରୁ ଶିଖିଥିବା କୌଶଳ ଶିଖିଛ । ଆସ ମତେ ଧରିକି ଦେଖାଅ ତୁମର ପରାକ୍ରମ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୌଶଲ୍ୟା ଅପା ରାଗ ତମ ତମ ହୋଇ ଫେରି ଆସିଲେ, ସେ ଜାଣିଛନ୍ତି ରାମର ଅଝଟ ପଣିଆର ଔଷଧ ଅଛି ତାର କାକୀ ମା'ଙ୍କ ପାଖରେ । ମତେ ଅପା କହିଲେ ଦେଖିଲୁଣି କୈକେୟୀ ସେ ଅମାନିଆ ଟୋକାର କାଣ୍ଡ, ମୁଁ ସିନା ଗର୍ଭଧାରିଣୀ ହେଲେ ତୁ ପରା ତାର ପ୍ରକୃତ ମାଆ !

ସେ ମୋ କଥା ବ୍ୟତୀତ ତୋ କଥା ଶୁଣିବାକୁ ଟାକି ବସିଥାଏ, ତୁ ଯାଆ ତାକୁ ଧରି ଆସିବୁ ମୁଁ ମଣୋହି ପାଖରେ ଅଛି । କୈକେୟୀ ଯେତେ ବେଳେ ରାମକୁ ଆଣିବାକୁ ଅର୍ଗଳି ଟପି ଗଲେ ସେତେବେଳେ ଭାବଗ୍ରାହୀର ଚଗଲାମି ଆରମ୍ଭ ହୋଇଗଲା ।

ଗେହ୍ଲେଇ ଗେହ୍ଲେଇ ହୋଇ କହିଲା ମୁଁ ଜାଣିଥିଲି ମୋ କାକୀ ମା ଆସିବ ମତେ ଗେଲ କରିବ କୋଳରେ ବସାଇ ଖୁଆଇ ଦବ । କେତେ ଚଗଲାମି ବାହାର କରି କହିଲୁ ମୋ କଥା ଯଦି ରଖିବ ତେବେ ଯାଇ ମୁଁ କାକୀ ମା କଥା ରଖିବି ନ ହେଲେ ଏ ଥର ତୁମ ସହ କଟି ! ମୁଁ କହିଲି ହଉ ହଉ ତୋ କଥା ରଖିବି ଆସିଲୁ ମୋ ଧନଟା ବା ଆସେ ମୋ କୋଳକୁ ଆସେ । ତୋର ଅଝଟ ପଣରେ କହିଲୁ ସମିତି ହବନି ତୁମେ ପ୍ରଥମେ ସତ୍ୟ କର ତେବେ ଯାଇ କହିବି, ତୁମେ କୈକେୟ ରାଜାଙ୍କ ଦୁଲାଳୀ ନା ଏବେ ହଁ କହି ପରେ ନା କହି ଦେବ ଯେ !! ଅଭିମାନରେ କହିଲି ତୁମେ ଆମ ପିତା ମାତାଙ୍କ ନାମ ନ ଜପିଲେ ଦିବ୍ୟ ମଣୋହି ତୁମକୁ ରୁଚେ ନାହିଁ !

ହଁ ସତ୍ୟ କଲି ଆସେ କୌଶଲ୍ୟା ମା ପରା ଚାହିଁ ବସିଛନ୍ତି । ଏତେ ଅଝଟ ପରେ ତୋ ଚଗଲାମି ସରିଲା ନାହିଁ, କହିଲୁ ସିମିତି କଣ ସତ୍ୟ କରା ଯାଏ କି ମୋ ପାଖରେ ଠକାମି ଚଳିବନି, ମତେ ଛୁଇଁ ତ୍ରିବାର ସତ୍ୟ କରିବାକୁ ପଡ଼ିବ କାକୀ ମା ! ତେବେ ଯାଇ ଆମ ମାଆ ପୁଅଙ୍କ କଥା କାଳ କାଳକୁ ରହିବ ତୁମେ ହେଉଥିବ ମାଆ ମୁଁ ହେଉଥିବି ପୁଅ । ମୁଁ ଶ୍ରୀ ରାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ କୈକେୟୀ ! ମୁଁ କୃଷ୍ଣ ତୁମେ ଯଶୋଦା ! ମୁଁ ଦାରୁ ବ୍ରହ୍ମ ଜଗନ୍ନାଥ ତୁମେ ମୋ ମାଉସୀ ମା ଅର୍ଦ୍ଧାହିନୀ ! ! ମୁଁ ତୋତେ କୋଳକୁ ନେଇ ଆସିଲି ମତେ ଜାବୁଡ଼ି ଧରି କହି ଚାଲିଲୁ କାକୀ ମା ତୁମେ ମତେ ଧରି ସତ୍ୟ କରିଛ ମୁଁ ଯାହା କହିବି ତୁମେ ସେଇଆ କରିବ । ମୁଁ ତାହାର ରହସ୍ୟ କଳନା କରି ପାରିଲିନି ସତ୍ୟ କରି ଦେଲି, ମୋ କୋଳରୁ ଓହ୍ଲେଇ ଗୋଟେ ଅନ୍ଧାର ଘରକୁ ନେଇ ଗଲୁ ଆଉ ଚୁପି ଚୁପି କି କହିଲୁ କାକୀ ମା ସତ୍ୟ ଲଂଘନ ବ୍ୟକ୍ତିର ତ୍ରିଭୁବନରେ ସ୍ଥାନ ନାହିଁ, ମୁଁ ପରମ ସତ୍ୟ କଥା କହୁଛି, ଯେଉଁ ସତ୍ୟ ପରମ ଚେତନାରୁ ଆସିଅଛି ।

ବାଳୁତ ଶିଶୁର ସତ୍ୟ ସମ୍ପର୍କରେ ଅଦ୍ଭୁତ ବ୍ୟାଖ୍ୟା ଶୁଣି ଚମକି ପଡିଲି ମୁଁ ! ଅତି ଗମ୍ଭୀର ଭାବରେ କହିଲା କାକୀ ମା, ରାବଣ ବୋଲି ରାକ୍ଷସ ତିନି ଭୁବନରେ ଉତ୍ପାତ କରୁଛି ତାକୁ ବିନାଶ କରିବାକୁ ହେବ । ତୁମେ ପିତା ଦଶରଥଙ୍କୁ ସତ୍ୟ କରାଇ ଦୁଇଟି ବର ମାଗିବା ପୂର୍ବରୁ ଯାହା ପିତା ତୁମକୁ ଦବାକୁ କହିଥିଲେ । ପ୍ରଥମ ବରରେ ରାମ ଚଉଦ ବର୍ଷ ବନ ଯିବ, ଦ୍ୱିତୀୟ ବରରେ ଭରତ ଅଯୋଧ୍ୟାରେ ରାଜା ହେବ । ଏ ପ୍ରସ୍ତାବରେ ମୋ ମୁଣ୍ଡ ଘୁରିଗଲା, ଚକ୍ଷୁକୁ କିଛି ଦୃଶ୍ୟ ହେଲା ନାହିଁ । ରାମକୁ ଚଉଦ ବର୍ଷା ବଣକୁ ପଠାଇ ସତ୍ୟକୁ ହୃଦୟରେ ଲୁଚାଇ ମୁଁ ଘର କୋଣରେ ରହି କିଭଳି ସନ୍ତୁଳିତ ହେଉଥିଲି ତୁ ଜାଣି ପାରିବୁନିରେ ଭାବଗ୍ରାହୀ ! ! ତୋର ବନଗମନ ପରେ ଦଶରଥ ଦେହ ତ୍ୟାଗ କଲେ, ମୁଁ କାନ୍ଦି ପାରିଲିନିରେ ଧନ କାଳେ ତୋ ସତ୍ୟ ଧରା ପଡ଼ିଯିବ ଏ ରକ୍ଷାସୁଣୀ ରାମ ପରି ପୁଅକୁ ବନକୁ ପଠାଇ ଲୋକ ଦେଖାଣିଆ କାନ୍ଦୁଛି ।

ଦୁଃସମ୍ବାଦ ପାଇ ଭରତ ଦୌଡ଼ି ଆସିଲା ମାତୁଳାଳୟରୁ ଆସି ଦେଖେ ତ ରାମ ବନଗମନ କରିଛି । ସେ ଦାରୁଣ ବିପର୍ଯ୍ୟୟର ମୂଳ କାରଣ ତାର ମା । ରାଗରେ ମୋ ମୁହଁକୁ ଚାହିଲାନି, କଣ କହି ତାକୁ ସାନ୍ତ୍ୱନା ଦେଇଥାନ୍ତିରେ ଭାବଗ୍ରାହୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୈବୀ ରହସ୍ୟର ଉଦ୍ଘାଟନ ଭୟରେ ତୋରି ନାମ ଜପି ନିରବ ରହିଲି । ସମଗ୍ର ଅଯୋଧ୍ୟାରେ ପ୍ରଚାରିତ ହେଲା ଭରତ ଓ ଅଯୋଧ୍ୟାବାସୀ ତୋତେ ଫେରାଇ ଆଣିବାକୁ ବଣକୁ ଯିବେ । ଏକ ବିରାଟ ଯାତ୍ରା ଏ ବିପୁଳ ସମାବେଶରେ କିଏ ବା କାହାକୁ ଲୋଡୁଛି । ରଥ ଅଟକି ରହିଥିଲା କାହିଁକି ମୁଁ ଜାଣେନି ! ଟାହି ଟାପରା କଥାକୁ ଭ୍ରୁକ୍ଷେପ ନକରି ରଥରେ ଯାଇ ବସିଲି । ତୋତେ ଟିକେ ଦେଖିବା ପାଇଁ ରାମ ! ! !

ମୁଁ ନିଜକୁ ନିଜେ ବୁଝି ପାରିଲି ଏ ଅଯୋଧ୍ୟା ନୁହେଁ ଏ ତ୍ରେତୟା ନୁହେଁ ମୁଁ କାକୀ ମାଆ ନୁହେଁ ମୁଁ ଜଗତର ନାଥ ଜଗନ୍ନାଥଙ୍କର ମାଉସୀ ମାଆ ଅର୍ଦ୍ଧାସିନୀ ! ! ବଳଗଣ୍ଡି ଠାରେ ତୋ ରଥ ଅଟକି ଥିଲା ମୋ ମନ୍ଦିର ପାଖରେ ତୁ ଚକା ଚକା ଆଖିରେ ଚାହିଁ ରହୁଥିଲୁ, ମୁଁ ହସୁଛି କି କାନ୍ଦୁଛି ଜାଣିବା ପାଇଁ ମୋତେ ଦେଖି କଣ ଜାଣିଲୁରେ ଚକା ନୟନ ମୁଁ ଠିକ୍ ଅଛି ନା ନାହିଁ ?

ତୋର ସେହି ଗୁପ୍ତ ରହସ୍ୟକୁ ପ୍ରକାଶ କରିଛି କି ନାହିଁ ? ତୋ ପ୍ରଚଣ୍ଡ ସତ୍ୟକୁ ମୋ ଭିତରେ ରଖି ପାରିଛି କି ନାହିଁ ? ? ମୁଁ ଅପେକ୍ଷା କରି ରହିଛି ତୋ ଆସିବା ବାଟକୁରେ ଭାବଗ୍ରାହୀ । ତୋ ପାଇଁ ସଜାଡି ରଖିଛି ସୁସ୍ୱାଦୁ ପୋଡ଼ ପିଠାକୁ ସଜାଇ ରଖିଛି ।

ତୋରି ପାଇଁ ମୋ ବକ୍ଷର ଅମୃତ ଭରି ଦେଇଛି ଏଇ ପୋଡପିଠାରେ ......

ପୁଷ୍ପଲତା ମିଶ୍ର, ଭୁବନେଶ୍ୱର

୯୩୩୮୨୯୯୪୭୫୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଟିଟିଭ ପକ୍ଷୀର କାହାଣୀ



ବିଜୟ କୁମାର ସାହୁ

ସମୁଦ୍ର ତଟରେ ଏକ ଛୋଟ ଦ୍ୱୀପ ଥିଲା । ସେଠାରେ ଅନେକ ପକ୍ଷୀ ବାସ କରୁଥିଲେ । ସେମାନେ ସମସ୍ତେ ନିଜ ନିଜର ଘର ନିର୍ମାଣ କରି ବଡ ଆରାମରେ ରହୁଥିଲେ । ଗୋଟିଏ ଟିଟିଭି ପକ୍ଷୀ ଏବଂ ତା'ର ଧର୍ମପତ୍ନୀ ମଧ୍ୟ ଏକ ସୁନ୍ଦର ଘର ନିର୍ମାଣ କରି ରହୁଥିଲେ । ଦିନେ ସ୍ତ୍ରୀ ଟିଟିଭି ତା ସ୍ୱାମୀଙ୍କୁ କହିଲା ହେ ସ୍ୱାମୀ ! ମୁଁ ଚାରୋଟି ଅଣ୍ଡା ପ୍ରଦାନ କରିବି । ଏହି ସ୍ଥାନ ଆମ ପାଇଁ ଏବଂ ଆମ ସନ୍ତାନମାନଙ୍କ ପାଇଁ ଅନୁକୂଳ ନୁହେଁ । ଏଠାରୁ ଆମେ ଅନ୍ୟତ୍ର ଯାଇ ଏକ ସୁରକ୍ଷିତ ସ୍ଥାନରେ ରହିବା ଯେଉଁଠି ଆମକୁ କୌଣସି ପ୍ରକାର ଭୟ ନ ଥିବ ।  ମୁଁ ନିର୍ଭୟ ଓ ନିଃସଙ୍କୋଚ ସହିତ ଅଣ୍ଡା ଦେବି ।

ସ୍ତ୍ରୀ ପକ୍ଷୀର ପ୍ରସ୍ତାବକୁ ସ୍ୱାମୀ ଅଗ୍ରାହ୍ୟ କରିଦେଲା ବରଂ ତାକୁ କ୍ରୋଧ ପରବଶ ହୋଇ କହିଲା ଆରେ ! ତୁ କ'ଣ ଜାଣୁ ? ଏହି ସୁନ୍ଦର ସ୍ଥାନ ପରିତ୍ୟାଗ କରି ଆମେ ଅନ୍ୟତ୍ର ଯିବା କାହିଁକି ? ଆମେ ଏଠାରୁ ଗଲାପରେ ଯଦି କେହି ଆମ ଘରକୁ ଅଧିକାର କରିନିଏ ତେବେ ଆମେ କ'ଣ କରିପାରିବା ? ପୁଣି ଏହି ଘର ଆମପାଇଁ ସ୍ୱର୍ଗଠାରୁ ମଧ୍ୟ ବଡ । ସ୍ତ୍ରୀ ପକ୍ଷୀ କହିଲା ହଁ ସ୍ୱାମୀ ଏହାତ ସତ କଥା କିନ୍ତୁ ଦେଖ ତ ଆମ ଘରଟି କେଉଁଠାରେ ଅବସ୍ଥିତ । ସମୁଦ୍ରକୂଳରେ ନା, ଏଠି ପ୍ରତିଦିନ ପ୍ରତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁହୂର୍ତ୍ତରେ ସମୁଦ୍ରରୁ ଲହଡି ଆସି ଆମ ଘର ଅଗଣାରେ ବାଡେଇ ହେଉଛି । କୌଣସି ଦିନ ଯଦି ପ୍ରଖର ଲହଡି ଆସେ ତେବେ ଆମ ଘରକୁ ଭସାଇ ନେବ । ମୁଁ ଚାହୁଁଛି ଆମ ସନ୍ତାନ ମାନଙ୍କ ପାଇଁ ସେପରି ବିପଦ ନ ଆସୁ । ବୁଦ୍ଧିମାନ ପୁରୁଷ ବେଳ ଥାଉ ଥାଉ ଭବିଷ୍ୟତରେ ଆସିବାକୁ ଥିବା ବିପଦରୁ ରକ୍ଷା ପାଇବା ପାଇଁ ଉପାୟ ସ୍ଥିର କରିଥାଏ । ଯେଉଁ ଲୋକ ବିପତ୍ତି ଆସିବା ପୂର୍ବରୁ ନିଜ ଜୀବନ ପ୍ରତି ସଜାଗ ହୋଇନଥାଏ ପରେ ସେ ଅନୁତାପ କରିଥାଏ । କୁହାଯାଇଛି ରୋଗ, ଶତ୍ରୁ, ଅଗ୍ନି ଏବଂ ଋଣ ଏହି ଚାରୋଟି ପ୍ରତି କେବେବି ଅବହେଳା କରିବା ଉଚିତ ନୁହଁ । ନଚେତ ଏହି ସବୁ ଜୀବନକୁ ନଷ୍ଟ କରିଦେବ । ସମୁଦ୍ର କୂଳରେ ଜୀବନ ବଞ୍ଚାଇବା ଲମ୍ବା ସମୟ ପର୍ଯ୍ୟନ୍ତ ଅନୁକୂଳ ନୁହେଁ, ନଚେତ କେତେବେଳେ ଯେ ଉଚ୍ଚ ଲହଡି ଆସି ଆମ ଘରକୁ ଭସାଇ ନ ନେବ ତାହା କିଏ ବା କହିବ ? ହେ ସ୍ୱାମୀ ! ଯେପରି ନଦୀ ତଟବର୍ତ୍ତୀ ଗୃହ ଗୁଡିକ ଭୀଷଣ ବନ୍ୟା ପ୍ରଭାବରେ ଭାସିଯାଇଥାଏ ସେପରି ଅବସ୍ଥା ଆମର ନ ହେଉ । ଆମେ ସମୁଦ୍ରକୂଳରେ ବାସ କରୁଅଛେ । ସମୁଦ୍ରରୁ ସୃଷ୍ଟି ବଡ ବଡ ଲହଡି ହାତୀକୁ ଭସାଇନିଏ ଏପରି ଅବସ୍ଥାରେ ଆମେ ଆମ ଘରକୁ କ'ଣ ସୁରକ୍ଷା ଦେଇପାରିବା ? ଆମେ ତୁଚ୍ଛ ପ୍ରାଣୀ । କୁହାଯାଇଛି ପରେ କ୍ରନ୍ଦନ କରିବା ଭଲ କିନ୍ତୁ ପ୍ରଥମେ କିଛି କଷ୍ଟ ସ୍ୱୀକାର କରି ନିଜର ସୁରକ୍ଷା କରିନେବା ବୁଦ୍ଧିମାନର କାର୍ଯ୍ୟ ।

ସ୍ତ୍ରୀ ଟିଟିଭିର କଥା ଶ୍ରବଣ କରି ସ୍ୱାମୀ କହିଲା ହେ ଭୀରୁ ! ତୁ କାହିଁକି ଅଯଥା ଚିନ୍ତା କରୁଅଛୁ । ସ୍ୱଭାବରେ ତୁ ହେଉଛୁ ସ୍ତ୍ରୀ ଜାତି । ଏଣୁ ଏପରି ସ୍ୱାଭାବିକ ଭୟ ଓ ଆଶଙ୍କା ତୋ ମନରେ ଉଦ୍ରେକ ହେଉଅଛି । ତୁ ନିଶ୍ଚିନ୍ତ ରହ । ବାକି ସବୁ କାମ ମୋ ଉପରେ ଛାଡି ଦେ । ଯେଉଁ ପ୍ରାଣୀ ଯୋଗ ଦ୍ୱାରା ନିଜର ଆୟୁଷକୁ ନିୟନ୍ତ୍ରଣ କରିଥାଏ ଏବଂ ଶକ୍ତି ସଞ୍ଚୟ କରିଥାଏ ସେ ବ୍ୟକ୍ତି ଶତ୍ରୁକୁ ମଧ୍ୟ ପରାସ୍ତ କରିଥାଏ । ବୁଦ୍ଧିମାନ ବ୍ୟକ୍ତି ପାଇଁ କୌଣସି କାର୍ଯ୍ୟ କଠିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ । ପରିଶ୍ରମ କରୁଥିବା ବ୍ୟକ୍ତି ନିମିତ୍ତ କୌଣସି ଲକ୍ଷ୍ୟ ଦୂର ନୁହେଁ । ବିଦ୍ୱାନ ଲୋକ ପାଇଁ କୌଣସି ସ୍ଥାନ ବିଦେଶ ନୁହେଁ ଅର୍ଥାତ ସେ ସବୁଠାରେ ପୂଜା ପାଇଥାଏ । ମଧୁର ବଚନ କହୁଥିବା ପ୍ରାଣୀ ପ୍ରତି କେହି ପର ନୁହଁନ୍ତି ।

-୨-

ସମୁଦ୍ରର ଏତେ ସାହାସ ବା ଶକ୍ତି କାହିଁ ଯେ, ସେ ଆମ ଘରକୁ ଭସାଇ ନେବ ଏବଂ ଆମ ସନ୍ତାନମାନଙ୍କର କ୍ଷତି କରିବ । ସେ ଯଦି ଏପରି ଧୃଷ୍ଟତା କରେ ତେବେ ମୁଁ ତା'ର ସମସ୍ତ ଜଳକୁ ଶୋଷି ନେଇ ତୃଷ୍ଣା ନିବାରଣ କରିବି । ହେ ପ୍ରିୟେ! ନିର୍ଭୟ ସହିତ ଆମେ ଏଠାରେ ହିଁ ରହିବା ।

ସ୍ତ୍ରୀ ପକ୍ଷୀ କହିଲା ହେ ସ୍ୱାମୀ! ଯେ ହେଉଛି ତୁମର ଅହଂକାର । ପ୍ରଥମେ ଅନୁଚିତ କାର୍ଯ୍ୟ କରିବା ଉଚିତ ନୁହଁ । ସ୍ତ୍ରୀ ପକ୍ଷୀ ଯେତେ ଯାହା ବୁଝାଇଲେ ସୁଦ୍ଧା ପୁରୁଷ ପକ୍ଷୀ ତା କଥାକୁ ମାନିଲା ନାହିଁ ବରଂ ସମୁଦ୍ରକୁ ଗାଳି ଦେବାକୁ ଲାଗିଲା । ଭୀରୁ ଲୋକ ଅଳସୁଆ ଲୋକ କିଛି ତ କରିବେ ନାହିଁ ବରଂ କଥା କଥାରେ ଭୟ ସୃଷ୍ଟି କରିବେ । ସମୁଦ୍ର ଉଭୟ ପତିପତ୍ନୀଙ୍କର କଥୋପକଥନ ଶ୍ରବଣ କରୁଥିଲେ । ସେ ଚିନ୍ତାକଲେ ଯେ କ୍ଷୁଦ୍ର ପକ୍ଷୀ ଟିଟିଭିର କେତେ ବଡ ଅହଂକାର । ପୁରୁଷ ପକ୍ଷୀ ସ୍ତ୍ରୀ ପକ୍ଷୀ ସମ୍ମୁଖରେ ଗୋଡ ଦୁଇଟିକୁ ଉପରକୁ ଟେକି ବସି ରହିଲା । ସାଗର ଦେବତା ମନେମନେ ଚିନ୍ତାକଲେ ହଁ, ମୁଁ ତା ଅଣ୍ଡାକୁ ଭସାଇ ନେବି ନାହିଁ ପରନ୍ତୁ ଅହଂକାରୀ ଟିଟିଭି ପକ୍ଷୀର ଶକ୍ତିକୁ ଅବଶ୍ୟ ଦେଖିବି ।

ଦିନେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଟିଟିଭି ଅଣ୍ଡାକୁ ନିବାସସ୍ଥଳୀରେ ଛାଡିଦେଇ ଖାଦ୍ୟ ଅନ୍ୱେଷଣରେ ଅନ୍ୟତ୍ର ପ୍ରସ୍ଥାନ କଲେ । ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସମୁଦ୍ର ଅଣ୍ଡା ଗୁଡିକୁ ନିଜର ତରଂଗରେ ଭସାଇ ନେଲେ । କିଛି ସମୟ ପରେ ଟିଟିଭି ପକ୍ଷୀ ଦ୍ୱୟ ଆସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ ପାଇଲେ ତାଙ୍କର ଅଣ୍ଡା ନାହିଁ । ମା ଟିଟିଭି ଉଚ୍ଚ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲା । ସେ ତା ସ୍ୱାମୀକୁ ଗାଳି ଦେବାକୁ ଯାଇ କହିଲା, ମୁଁ କହୁଥିଲି ନା ସ୍ୱାମୀ ଆମେ ଏଠାରେ ରହିବା ସୁରକ୍ଷିତ ନୁହେଁ ବୋଲି । ଏବେ ଅବସ୍ଥା କ'ଣ ହେଲା ସ୍ୱଚକ୍ଷୁରେ ଦେଖିଲ ତ ? ନାନାପ୍ରକାର କଟୁ କଥା କହିବାକୁ ଲାଗିଲା ଏବଂ ମୁଣ୍ଡ କୋଡି ହୋଇ ବିଳାପ କରିବାକୁ ଲାଗିଲା । ନିଜ ସ୍ତ୍ରୀର ସମସ୍ତ କଟୁବାକ୍ୟକୁ ଶୁଣିବାକୁ ଲାଗିଲା । ହେ ବନ୍ଧୁ ! ଯେଉଁ ଲୋକ ମିତ୍ରର ହିତ କଥା ଶୁଣେ ନାହିଁ ସେ ପରେ ପଶ୍ଚାତାପ କରିବା ସାର ହୁଏ । ଏଥିପାଇଁ ସଙ୍କଟ ଆସିବା ପୂର୍ବରୁ ବୁଦ୍ଧିମାନ ବ୍ୟକ୍ତି ଉପାୟ ଖୋଜିଥାନ୍ତି ଏବଂ ପରକ୍ଷଣରେ ସେ ସୁଖୀ ଜୀବନ ଅତିବାହିତ କରିଥାଏ । ଭାଗ୍ୟ ଉପରେ ଭରଷା କରୁଥିବା ବ୍ୟକ୍ତି କିମ୍ବା ନିଜର ହିତୈଷୀ ବ୍ୟକ୍ତିଠାରୁ ପୃଥକ ରହୁଥିବା ବ୍ୟକ୍ତିର ବିନାଶ ହୋଇଥାଏ । ଯେଉଁ ମନୁଷ୍ୟ ବିପତ୍ତି ଆସିବା ପୂର୍ବରୁ ଅନ୍ୟତ୍ର ଚାଲିଯାଇଥାଏ ସେ ନିଜର କିମ୍ବା ଦେଶର ବିପତ୍ତି ଦେଖି ନ ଥାଏ । ସ୍ତ୍ରୀ ଟିଟିଭିର ପରାମର୍ଶକୁ ତ ପୁରୁଷ ପକ୍ଷୀ ଭ୍ରୂକ୍ଷେପ କଲାନାହିଁ କିନ୍ତୁ ତା'ର ପ୍ରତ୍ୟେକ କଟୁବାକ୍ୟ ଗୁଡିକ ତା ହୃଦୟକୁ ଭୀଷଣ ବାଧୁଥାଏ ।

ସ୍ତ୍ରୀକୁ ବିଳାପ କରୁଥିବାର ଦେଖି ତାକୁ ପ୍ରବୋଧନା ଦେବାକୁ ଯାଇ କହିଲା ହେ ପ୍ରିୟେ ! ଯାହା ତ ହେବା କଥା ତାହା ଘଟି ସାରିଲାଣି । ଏବେ ତୁମେ ଆଉ ଚିନ୍ତା କରନାହିଁ । ମୁଁ ଯେମିତି ହେଲେ ତୁମ ଅଣ୍ଡା ଆଣିଦେବି । ଏହାପରେ ଟିଟିଭି ସମୁଦ୍ରକୁ ଧମକ ଦେବାକୁ ଯାଇ କହିଲା – ହେ ଦୁଷ୍ଟ ସାଗର ! ତୁ ବ୍ୟର୍ଥଟାରେ ମୋ ସନ୍ତାନ ମାନଙ୍କୁ ନେଇଯାଇ କିଛି ଠିକ କରିନାହୁଁ । ଏହାର ପରିଣାମ କିଛି ଭଲ ହେବନାହିଁ । ଅବଶ୍ୟ ତୁ ମୋ କ୍ରୋଧକୁ ଜାଣିନାହୁଁ । ତୋର ଧୃଷ୍ଟତା ତୋତେ ମହଙ୍ଗା ପଡିବ । ସ୍ତ୍ରୀ ପକ୍ଷୀ ସ୍ୱାମୀଙ୍କର ଏପରି ବୃଥା ଅହଂକାର ଦେଖି କହିଲା ହେ ସ୍ୱାମୀ ! ତୁମେ ସମୁଦ୍ର ସହିତ ଶତ୍ରୁତା କରିବାକୁ ଯାଉଅଛ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଦ୍ୱାନ ବ୍ୟକ୍ତିମାନେ କହିଅଛନ୍ତି ବଳବାନ ଲୋକ ସହିତ ଶତ୍ରୁତା କରିବା ଅନୁଚିତ । ଫଳ ବିପରୀତ ହୋଇପାରେ, ଯେପରି ମାଟିରେ ଜଳୁଥିବା ଅଗ୍ନି ତା ନିକଟ ପାର୍ଶ୍ୱରେ ଥିବା ଅନ୍ୟ ସମସ୍ତଙ୍କୁ ଜାଳି ଦେଇଥାଏ ।

-୩-

ଯେଉଁ ଲୋକ ଶତ୍ରୁର ବଳକୁ ନ ଜାଣି ତା ପ୍ରତି ଶତ୍ରୁତା ଆଚରଣ କରେ ସେ ବ୍ୟକ୍ତି ଜଳୁଥିବା ଅଗ୍ନିରେ ପତଙ୍ଗ ଯେପରି ଝାସ ଦେଇଥାଏ ସେହିପରି ତା'ର ଅବସ୍ଥା ହୋଇଥାଏ । ପୁରୁଷ ପକ୍ଷୀ କହିଲା ଆଲୋ ! ତୁ କ'ଣ ଜାଣିନାହୁଁ ଅଙ୍କୁଶ ଛୋଟ ହେଲେ ବି ତା ସାହାଯ୍ୟରେ ମାହୁନ୍ତ ବିଶାଳକାୟ ହସ୍ତୀକୁ ବଶୀଭୂତ କରିବାରେ ସକ୍ଷମ ହୋଇଥାଏ । ଆରେ ! ଛୋଟ ଅଗ୍ନି ସ୍ଫୁଲିଙ୍ଗ ବିରାଟ ଘରକୁ ଭସ୍ମ କରି ଦେଇଥାଏ, ଆକାଶରେ ମାରୁଥିବା ବିଜୁଳି ଦେଖିବାକୁ ଛୋଟ ହୋଇପାରେ କିନ୍ତୁ ସେହି ବିଜୁଳି ବିରାଟ ପର୍ବତକୁ ନଷ୍ଟ କରିଦେଇପାରେ । ବଳବାନ ବ୍ୟକ୍ତି ସେ ଅଟେ ଯାହା ପାଖରେ ତେଜ ଥାଏ । ତୁ ମୋର ଶକ୍ତିକୁ ଏବେ ଅବଲୋକନ କର । ମୁଁ ମୋର କ୍ଷୁଦ୍ର ଚଞ୍ଚୁ ସାହାଯ୍ୟରେ କିପରି ସମୁଦ୍ରର ଜଳକୁ ଶୁଖାଇ ଦେବି । ନିକଟରେ ଅନ୍ୟ ପକ୍ଷୀମାନେ କହିଲେ ହେ ବନ୍ଧୁ ! ତୁମ ସ୍ତ୍ରୀର କଥା ମାନିଯାଅ । ଆମେ ହେଲେ କ୍ଷୁଦ୍ର ପକ୍ଷୀ କୁଳର ଜୀବ । ଆମର କି ଶକ୍ତି ଅଛି ଯେ ବିଶାଳ ସମୁଦ୍ରକୁ ଶୁଷ୍କ କରିଦେବା । କାହିଁ ବିସ୍ତୀର୍ଣ୍ଣ ସାଗର କାହିଁ ଆମେ କ୍ଷୁଦ୍ରାତିକ୍ଷୁଦ୍ର ଜୀବ । ଆମେ କେତେ ଛୋଟ ପ୍ରାଣୀ । ଆମେ କୌଣସି ପ୍ରକାର ତୁମକୁ ସାହାଯ୍ୟ କରିପାରିବୁ ନାହିଁ । ବରଂ ଆମ୍ଭମାନଙ୍କଠାରୁ ବଳବାନ ଏବଂ ବିରାଟ ପକ୍ଷୀ ଗରୁଡଙ୍କୁ ଯାଇ ଗୁହାରୀ କରିବା, ଅବଶ୍ୟ ସେ ତୁମକୁ ସାହାଯ୍ୟ କରିବେ । ସେ ତୁମର ଦୁଃଖ କଥା ଶ୍ରବଣ କରି ସମୁଦ୍ରଠାରୁ ତୁମ ସନ୍ତାନମାନଙ୍କୁ ଫେରାଇ ଆଣି ପାରିବେ । ଗରୁଡ ନ ଶୁଣିଲେ ବି ଦୁଃଖ କରିବାର ନାହିଁ କାରଣ ବଳବାନ ବ୍ୟକ୍ତି, ସୁପରାମର୍ଶ ଦେଉଥିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ତ୍ରୀ ଏବଂ ସଜ୍ଜନ ବ୍ୟକ୍ତିଙ୍କ ସମ୍ମୁଖରେ ନିଜର ଦୁଃଖ କଥା କହିଦେଲେ କିଛି ଲାଘବ ହୋଇଯାଇଥାଏ ।

ଟିଟିଭି ପକ୍ଷୀ ସମେତ ସମସ୍ତ ପକ୍ଷୀଗଣ ଗରୁଡଙ୍କ ପାଖରେ ପହଞ୍ଚି ତାଙ୍କୁ କହିଲେ ହେ ମହାତ୍ମନ ! ହେ ସ୍ୱାମୀ ! ଏହି ଟିଟିଭି ପକ୍ଷୀର ଅଣ୍ଡାକୁ ସାଗର ନେଇଯାଇ ଅଛନ୍ତି । ଏହାର ବଂଶ ବିନାଶ ହୋଇଗଲା । ଆପଣ ହେଉଅଛନ୍ତି ଆମ୍ଭମାନଙ୍କର ରାଜା । ଏ ସଂସାରରେ କୌଣସି ନିନ୍ଦନୀୟ ଲୋକର କାର୍ଯ୍ୟ ଦେଖି ଅନ୍ୟମାନେ ସାହାଯ୍ୟ କରିନଥାନ୍ତି । ଯେଉଁ ରାଜା ପ୍ରଜା ମାନଙ୍କର ହିତ ସାଧନ କରିଥାନ୍ତି ସେ ରାଜା ସମସ୍ତଙ୍କର ପୂଜନୀୟ ହୋଇଥାନ୍ତି । ଆମେ ହେଉଛୁ ଆପଣଙ୍କର ପ୍ରଜା ଏବଂ ଆପଣ ହେଉଅଛନ୍ତି ଆମ୍ଭମାନଙ୍କର ସ୍ୱାମୀ । ଯେଉଁ ରାଜା ପ୍ରଜାମାନଙ୍କର ହିତ ସାଧନ କରିନଥାନ୍ତି ସେ ରାଜା ଯେତେବଡ ସମ୍ରାଟ ହୋଇଥାନ୍ତୁ ନା କାହିଁକି ପ୍ରଜାମାନଙ୍କର ପାପ ବହନ କରିଥାନ୍ତି । ଯାହାର ବନ୍ଧୁ ନଥାନ୍ତି ରାଜା ହେଉଅଛନ୍ତି ତା'ର ପ୍ରକୃତ ବନ୍ଧୁ । ଯାହାର ଆଖି ନାହିଁ ତା ଆଖି ହେଉଛନ୍ତି ସ୍ୱୟଂ ରାଜା ।

ପକ୍ଷୀମାନଙ୍କର ଆକୁଳ ନିବେଦନ ଶୁଣି ଗରୁଡ ଦୟାରେ ଦ୍ରବିଭୂତ ହୋଇଗଲେ । ଗରୁଡ ସେଦିନ ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ନାହିଁ । ଏଣେ ଭଗବାନ ବିଷ୍ଣୁ ଗରୁଡଙ୍କୁ ଡକାଇଲେ । ପାର୍ଷଦ ମାନେ ଯାଇ ଗରୁଡକୁ ଭଗବାନଙ୍କ ସଂବାଦ ଦେଲେ, କିନ୍ତୁ ଗରୁଡ ଆସିବାକୁ ରୋକଠୋକ ମନା କରିଦେଲେ । ପାର୍ଷଦମାନେ କହିଲେ ହେ ଗରୁଡ ! ତୁମର ଏପରି କ'ଣ ହୋଇଗଲା ଯେ, ତୁମେ ଆଜି ଭଗବାନଙ୍କ ସେବାରେ ଉପସ୍ଥିତ ହେବ ନାହିଁ ? ଗରୁଡ ଭଗବାନଙ୍କ ନିକଟକୁ ଗଲେ ନାହିଁ । ବିଷ୍ଣୁଙ୍କ ବାହନ ଗରୁଡ ନ ଯିବା ବଡ ଆଶ୍ଚର୍ଯ୍ୟ କଥା । ଆଗରୁ ଏପରି ଘଟଣା ଘଟି ନ ଥିଲା । ପାର୍ଷଦମାନେ ଫେରିଯାଇ ଭଗବାନଙ୍କୁ କହିଲେ ହେ ସ୍ୱାମୀ ! ଆପଣଙ୍କ ସେବାରେ ଆଜି ଗରୁଡ ସହଯୋଗ କରିବେ ନାହିଁ ବୋଲି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ । ପୁଣି କହିଲେ ଆଜି ପର୍ଯ୍ୟନ୍ତ ମୁଁ ତାଙ୍କର ସେବା କରିଆସିଅଛି କିନ୍ତୁ ଭଗବାନ ମୋର କିଛି ଉପକାର କରିନାହାଁନ୍ତି । ଅନ୍ୟ କାହାକୁ ବାହନ କରିନେବେ ।

-୪-

ଆମ ଜାତି ଭାଇ ଟିଟିଭି ପକ୍ଷୀର ସନ୍ତାନମାନଙ୍କୁ ସମୁଦ୍ର ଚୋରାଇ ନେଇଛି । ମୁଁ ଯାଉଛି ସମୁଦ୍ରର ଜଳକୁ ଶୁଖାଇଦେବି । ହଁ, ସାଗର ହେଉଛି ଭଗବାନ ବିଷ୍ଣୁଙ୍କର ଶ୍ୱଶୁର ଘର । ତୁମେମାନେ ଯାଇ ଲକ୍ଷ୍ମୀପତିଙ୍କୁ କୁହ ସେ ସାଗର ଉପରେ ବଳ ପ୍ରୟୋଗ କରିବେ । ପାର୍ଷଦମାନଙ୍କଠାରୁ ସମସ୍ତ କଥା ଶ୍ରବଣ କରି ଭଗବାନ ସମୁଦ୍ରତଟରେ ପହଞ୍ଚି ଆଗ୍ନେୟ ଅସ୍ତ୍ର ଧାରଣ କରି କହିଲେ ହେ ସାଗର ! ତୁମେ ଟିଟିଭି ପକ୍ଷୀର ସନ୍ତାନମାନଙ୍କୁ ଫେରାଇଦିଅ ନଚେତ ମୁଁ ଏହି ଆଗ୍ନେୟ ଅସ୍ତ୍ର ପ୍ରୟୋଗ କରିବାକୁ ବାଧ୍ୟ ହେବି । ସମୁଦ୍ର ଭୟ ପାଇଗଲେ ଏବଂ ତତକ୍ଷଣାତ ଟିଟିଭି ପକ୍ଷୀର ସନ୍ତାନମାନଙ୍କୁ ଆଣି ଫେରାଇଦେଲେ । ଟିଟିଭି ଦମ୍ପତ୍ତିଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାଜା ପ୍ରସନ୍ନ ହେଲେ ସେ ପ୍ରଜାମାନଙ୍କୁ ଅନେକ ପ୍ରକାର ଧନ ଦୌଲତ ପ୍ରଦାନ କରିଥାନ୍ତି କିନ୍ତୁ ଭଗବାନଙ୍କ ନିଜର ସେବକକୁ ବଞ୍ଚାଇବାକୁ ଯାଇ ନିଜେ ମର୍ତ୍ତ୍ୟକୁ ଅବତରଣ କରିବାରେ ଅବହେଳା କରନ୍ତି ନାହିଁ । ସେଦିନ ଗରୁଡଙ୍କ ଇଜ୍ଜତ ରକ୍ଷା କରିବାକୁ ଯାଇ ସେ ସ୍ୱୟଂ ପ୍ରକଟ ହୋଇଗଲେ । ସେଦିନ ସମୁଦ୍ର ହାରିଗଲେ । ଶତ୍ରୁ ଛୋଟ ହେଉ କି ବଡ ହେଉ ଯଦି ତା ଶକ୍ତିର ସଠିକ କଳନା କରାନଯାଇ ତାହା ସହିତ ଶତ୍ରୁତା କରାଯାଏ ତେବେ ପରାଜୟ ହେବା ନିଶ୍ଚିତ ।

ଉପସ୍ଥାପନା : ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୦୪୮୭୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଜିରେ ଲାଗିଛି ନିରୀହ ଜୀବନ



ଆଶୁତୋଷ ନାୟକ

ଭାରତରେ ରେଳଯାତ୍ରା ସବୁଠୁ ସୁରକ୍ଷିତ ଏବଂ ଆରାମଦାୟକ ଏହା ସାଧାରଣ ଲୋକଙ୍କର ବିଶ୍ୱାସ ରହିଛି । ଏଥିପାଇଁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ଟ୍ରେନରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିଥାନ୍ତି । ବସ ଏବଂ ବିମାନଯାତ୍ରା ଅପେକ୍ଷା ଏଥିରେ ଟିକେଟର ମୂଲ୍ୟ ଅପେକ୍ଷାକୃତ କମ ରହିଥାଏ । ସେଥିପାଇଁ ରେଳଯାତ୍ରା କରିବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି । ବିଗତ କିଛି ବର୍ଷ ମଧ୍ୟରେ ଛୋଟ, ବଡ଼ ରେଳ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ସଂଚାର କରୁଛି । ସୁରକ୍ଷିତ ଭାବେ ନିଜେ ଏବଂ ନିଜର ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁପରିଜନ ନିଜର ଗନ୍ତବ୍ୟ ସ୍ଥଳରେ ପହଁଚିପାରିବେ ତ ? କୌଣସି ଅଘଟଣ ତାଙ୍କ ସହିତ ଘଟିଯିବନି ତ ? ଏହିପରି ଅନେକ ଅସୁମାରୀ ପ୍ରଶ୍ନ ଯାତ୍ରୀ ମନ ମଧ୍ୟରେ ଉଙ୍କି ମାରୁଛି । ନିଜର ସୁରକ୍ଷା ପାଇଁ ରେଳଯାତ୍ରୀଙ୍କୁ ସଦାସର୍ବଦା ଚିନ୍ତିତ, ଭୟ ଏବଂ ଆଶଙ୍କା ମଧ୍ୟରେ ରହିବାକୁ ପଡୁଛି । ରେଳ ଦୁର୍ଘଟଣାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି କିନ୍ତୁ ଦୁର୍ଘଟଣାକୁ ରୋକିବାରେ ସରକାର ବିଫଳ ହେଉଛନ୍ତି । ରେଳ ଦୁର୍ଘଟଣା କମିବାର ନା ଧରୁନି । ପୁଣି ବାରମ୍ବାର ଏହିପରି ଦୁର୍ଘଟଣାର ଲୋକମାନେ ଶିକାର ହେଉଛନ୍ତି । ଟ୍ରେନମାନଙ୍କ ମଧ୍ୟରେ ଯେପରି ଧକ୍କା ନହୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିଲାଗି ଆଣ୍ଟି-କଲିଜନ ଡିଭାଇସି ବା କବଚ ସିଷ୍ଟମର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି ।

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଞ୍ଚିପାରିବା ଏଥିରେ ସନ୍ଦେହର ଅବକାଶ ନାହିଁ । ଯେଉଁ କେତେଟି ହୃଦୟବିଦାରକ ଅତି ଭୟାଭୟ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ । ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା । ୧୯୮୧ ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡିଥିଲା ଏକ ପାସେଞ୍ଜର ଟ୍ରେନ । ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ୍ୟ ରହସ୍ୟ ହୋଇରହିଛି । ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା । ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଊର୍ଦ୍ଧ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା । ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ୍ୟ ସରକାର ଜାଣିବାକୁ ସକ୍ଷମ ହେଇପାରି ନଥିଲେ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉକିଛି ବ୍ୟକ୍ତି ବନ୍ୟା, ବାତ୍ୟାର  କାରଣ ଦର୍ଶାଇଥିଲେ ।

୧୯୯୫ ଅଗଷ୍ଟ ୨୦ ଉତ୍ତରପ୍ରଦେଶର କାଳିନ୍ଦୀ ଏକ୍ସପ୍ରେସକୁ ଟକ୍କର ଦେଇଥିଲା ପୁରୁଷୋତ୍ତମ ଏକ୍ସପ୍ରେସ । ଏହି ଭୟଙ୍କର ରେଳଦୁର୍ଘଟଣାରେ ୩୦୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ସରକାରୀ ତଥ୍ୟ ଅନୁସାରେ ଏବଂ ଅନେକ ଲୋକ ଏଥିରେ ଆହତ ହୋଇଥିଲେ । ଏକ ଗାଈକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ କାଳିନ୍ଦୀ ଏକ୍ସପ୍ରେସର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକପାଇଲଟ୍ । ବ୍ରେକ୍ ଜାମ ହୋଇଯିବା ପରେ ଏହା ଷ୍ଟେସନରେ ଠିଆ ହୋଇଥିଲା ସେତିକିବେଳେ ପୁରୁଷୋତ୍ତମ ଏକ୍ସପ୍ରେସ ପଛରୁ ଆସି ଏହାକୁ ଧକ୍କା ଦେଇଥିଲା । ୧୯୯୮ ମସିହା ନଭେମ୍ବର ୨୬ରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ଓ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲ ମଧ୍ୟରେ ଧକ୍କା ହୋଇଥିଲା ପଞ୍ଜାବର ଖାନ୍ନା ଠାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଥିଲା । ରେଳଧାରଣା ଭାଙ୍ଗିଥିବା ଯୋଗୁଁ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲର ୬ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଠିକ୍ ସେହି ସମୟରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ପଛରୁ ଆସି ଧକ୍କା ଦେଇଥିଲା । ଏହି ଭୟଙ୍କର ଦୁର୍ଘଟଣାରେ ୨୧୨ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ । ୧୯୯୯ ମସିହା ଅଗଷ୍ଟ2ରେ ଘଟିଥିଲା ଏକ ଭୟଙ୍କର ଦୁର୍ଘଟଣା ଯେତେବେଳେ ସବୁ ଯାତ୍ରୀ ବିଶ୍ରାମ ନେଉଥିଲେ ଠିକ୍ ରାତି ୧ ଟା ୩୦ରେ ଘଟିଥିଲା ବଡ଼ ଦୁର୍ଘଟଣା । ଆସାମର ଗୁଆହାଟିରେ ଅଵଧ - ଆସାମ ଏକ୍ସପ୍ରେସ୍ ଏବଂ ବ୍ରହ୍ମପୁତ୍ର ମେଲ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୨୮୫ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଏବଂ ଅନେକ ବ୍ୟକ୍ତି ଏଥିରେ ଆହାତ ହୋଇଥିଲେ । ତ୍ରୁଟିପୂର୍ଣ୍ଣ ସିଗନାଲ ଯୋଗୁଁ ଏପରି ଭୟାବହ ଦୁର୍ଘଟଣା ଘଟିଥିଲା ।

ମାଓବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୧୦ମସିହା, ମେ, ୨୮ ତାରିଖରେ ଘଟିଥିଲା ବିରାଟ ବଡ଼ ରେଳ ଦୁର୍ଘଟଣା । ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା କ୍ଷମାଶୁଳି ଓ ସାରଦିଆ ମଧ୍ୟରେ ହୋଇଥିଲା ଶକ୍ତିଶାଳୀ ବିସ୍ଫୋରଣ କିମ୍ବା କୌଣସି ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଜ୍ଞାନେଶ୍ୱରୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା । ଫଳରେ ଏକ ମାଲବାହୀ ଟ୍ରେନ ସହିତ ଏହାର ଧକ୍କା ହୋଇଥିଲା । ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଟ୍ରେନ ଅଟକିଥିଲା । ଏହି ସମୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଓବାଦୀମାନଙ୍କର ବର୍ବରତାର ସମସ୍ତ ସୀମା ଟପି ଯାଇଥିଲା । ସେମାନେ ୧୪୮ଜଣ ନିରୀହ ଯାତ୍ରୀଙ୍କୁ ହତ୍ୟା କରିଥିଲେ । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୦ ପର୍ଯ୍ୟନ୍ତ ଆମଦେଶରେ ଛୋଟ ବଡ଼ ରେଳ ଦୁର୍ଘଟଣାକୁ ମିଶାଇ ୧୩୦୦୦ ଦୁର୍ଘଟଣା ଘଟିଛି ଏବଂ ୧୬୦୦୦ରୁ ଊର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ଅକାଳ ବିୟୋଗ ହୋଇଛି । ଦେଶର ଅନେକ ରେଳମନ୍ତ୍ରୀଙ୍କ ସମୟରେ ବଡ଼ ରେଳ ଦୁର୍ଘଟଣା ଘଟିଛି କିନ୍ତୁ କ୍ୱଚିତ କୌଣସି ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସବୁଠୁ ଆଗରେ ଅଛନ୍ତି ଆଦର୍ଶ ରାଜନେତା ଲାଲବାହଦୁର ଶାସ୍ତ୍ରୀ । ନଭେମ୍ବର, ୧୯୫୬ ଆରିୟାଲୁରରେ ରେଳ ଦୁର୍ଘଟଣା ଘଟି ୧୪୬ବ୍ୟକ୍ତିଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ ହୋଇଥିଲେ ଏବଂ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କର ଉତ୍ତରଦାୟିତ୍ୱ ଓ ନୈତିକତା ଅନ୍ୟ ରାଜନେତାଙ୍କ ପାଇଁ ସଦା ସର୍ବଦା ଆଦର୍ଶ ହୋଇରହିବ । ଏକବିଂଶ ଶତାବ୍ଦୀ ୨୦୨୩ରେ ସବୁଠୁ ବଡ଼ ଭୟଙ୍କର ଲୋମହର୍ଷଣକାରୀ ରେଳ ଦୁର୍ଘଟଣା ଯାହା ସାରା ବିଶ୍ୱକୁ ଆଚମ୍ବିତ କରିଦେଇଥିଲା । ସନ୍ଧ୍ୟା ୭ଟା ସମୟରେ କରମଣ୍ଡଳ ଏକ୍ସପ୍ରେସ ଏବଂ ଯଶୱନ୍ତପୁର -ହାଓଡା ସୁପରଫାଷ୍ଟ ଏବଂ ଏକ ମାଲବାହି ଟ୍ରେନ ମଧ୍ୟରେ ଧକ୍କା ହୋଇଥିଲା । ଏହି ହୃଦୟ ବିଦାରକ ଲୋମହର୍ଷଣକାରୀ ଭୟଙ୍କର ରେଳଦୁର୍ଘଟଣାରେ ୨୯୦ରୁ ଊର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ପ୍ରାଣହାନି ଘଟିଛି ଏବଂ ଅନେକ ଏଥିରେ ଆହତ ହୋଇଛନ୍ତି ।

ସଦ୍ୟତମ ରେଳ ଦୁର୍ଘଟଣା ଯାହାକି ବୁଧବାର ୧୧ ଅକ୍ଟୋବରରେ ଘଟିଛି । ନର୍ଥଇଷ୍ଟ ଏକ୍ସପ୍ରେସର ୨୧ଟି ବଗି ଲାଇନଚ୍ୟୁତ ହୋଇଛି ବିହାରର ରଘୁନାଥପୁର ଷ୍ଟେସନ ନିକଟରେ । ଏଥିରେ ୬ଜଣ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏଥିରେ ଆହତ ହୋଇ ବିଭିନ୍ନ ଚିକତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରେଳବାଇର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ  ଟ୍ରାକରେ ରହିଥିବା ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଇଞ୍ଜିନିୟରିଂ ବିଭାଗର ଗୁରୁତର ଅବହେଳା ପାଇଁ ଏପରି ଘଟିଛି  ବୋଲି ଏହି ରିପୋର୍ଟରେ ଉଲ୍ଲେଖ ଅଛି । ଏହି ଦୁର୍ଘଟଣାରେ ସରକାରୀ ରିପୋର୍ଟ ଅନୁସାରେ ରେଳବିଭାଗର ୫୨କୋଟି ଟଙ୍କା କ୍ଷତି ହୋଇଛି ।

କେତେକ ଅସାମାଜିକ ତତ୍ତ୍ୱ ମାଓବାଦୀ, ଆତଙ୍କବାଦୀ ନିଜର ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଅନେକ ସମୟରେ ଜାଣିଶୁଣି ଷଡଯନ୍ତ୍ର କରି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେଥିପାଇଁ ସମୟ ଆସିଛି ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ପଡିବ, ଯେପରିକି ଭବିଷ୍ୟତରେ ରେଳ ଦୁର୍ଘଟଣା ରୋକାଯାଇ ପାରିବ । ସମ୍ପୂର୍ଣ୍ଣଭାବେ ଦୁର୍ଘଟଣାକୁ ରୋକାଯାଇ ନପାରିଲେ ମଧ୍ୟ୍ୟ ଏହାକୁ କମ କରାଯାଇ ପାରିବ । ଆଣ୍ଟିକଲିଜନ ଡିଭାଇସି ବା କବଚ ସିଷ୍ଟମ ବହୁଳମାତ୍ରରେ ବ୍ୟବହାର କରାଯାଇ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ । ଟ୍ରେନ ଲୋକୋପାଇଲଟଙ୍କ ଠାରୁ ଆରମ୍ଭ କରି ସିଗନାଲ ମ୍ୟାନ, ଇଞ୍ଜିନିୟର ପର୍ଯ୍ୟନ୍ତ ସମସ୍ତ ରେଳବାଇ କର୍ମଚାରୀ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ । ସମସ୍ତଙ୍କର ମିଳିତ ସହଯୋଗରେ ରେଳ ଦୁର୍ଘଟଣାକୁ ନିଶ୍ଚିତ ଭାବେ ରୋକାଯାଇ ପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର,
୭୦୨୦୬୧୭୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମୀନ ସାୟାନି, ଏକ କିମ୍ବଦନ୍ତୀ



ଅସିତ ମହାନ୍ତି

ଏକ କିମ୍ବଦନ୍ତୀ ସ୍ୱର ସବୁଦିନ ପାଇଁ ବନ୍ଦ ହୋଇଗଲା ! ଅମିନ ସାୟାନି (୨୧ ଡିସେମ୍ବର ୧୯୩୨ - ୨୦ ଫେବୃଆରୀ ୨୦୨୪) ଜଣେ ପ୍ରସିଦ୍ଧ ଭାରତୀୟ ରେଡିଓ ସଞ୍ଚାଳକ ଏବଂ ଉଦଘୋଷକ  ଥିଲେ । ସେ କେବଳ ଭାରତରେ ନୁହେଁ ଏସିଆରେ ମଧ୍ୟ ସୁନାମ ଅର୍ଜନ କରିଥିଲେ । ତାଙ୍କର ପ୍ରସିଦ୍ଧ କାର୍ଯ୍ୟକ୍ରମ "ବିନାକା ଗୀତାମାଲା" ରେଡିଓ ସିଲୋନରେ ପ୍ରସାରିତ ହୋଇଥିଲା । ଆଜି ବି ଅନେକ ରେଡିଓ ଅପରେଟର ସେମାନଙ୍କୁ ଅନୁକରଣ କରି ନିଜକୁ ଉନ୍ନତ କରିବାରେ ସଫଳ ହୋଇଛନ୍ତି । ଭାରତୀୟ ସଙ୍ଗୀତ ପ୍ରସାରଣ ଜଗତରେ ଅମିନ ସୟାନି ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଥିଲେ, ଯାହା ଆଇକନିକ ରେଡିଓ ଶୋ "ବିନାକା ଗୀତାମାଲା" ଆୟୋଜନ ପାଇଁ ବେଶ୍ ଜଣାଶୁଣା । ଭାରତୀୟ ସଙ୍ଗୀତ ଶିଳ୍ପରେ ସୟାନୀଙ୍କ ଅବଦାନ ଏବଂ ସଙ୍ଗୀତପ୍ରେମୀଙ୍କ ପିଢ଼ି ଉପରେ ତାଙ୍କର ପ୍ରଭାବ ଅତ୍ୟନ୍ତ ଅଧିକ । "ବିନାକା ଗୀତାମାଲା" ଏକ ସାପ୍ତାହିକ କାଉଣ୍ଟଡାଉନ୍ ରେଡିଓ ଶୋ ଥିଲା ଯାହା ଲୋକପ୍ରିୟ ବଲିଉଡ ଗୀତ ପ୍ରସାରଣ କରିଥିଲା ଏବଂ ଦର୍ଶକଙ୍କ ଭୋଟ୍ ଆଧାରରେ ସେମାନଙ୍କୁ ସ୍ଥାନିତ କରିଥିଲା । ୧୯୫୦ ରୁ ୧୯୯୦ ଦଶକରେ ପ୍ରସାରିତ ଏହି ଶୋ ଏକ ସାଂସ୍କୃତିକ ଘଟଣା ଏବଂ ସମଗ୍ର ଭାରତରେ ସଂଗୀତ ଉତ୍ସାହୀମାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଏକ ମୁଖ୍ୟ ପ୍ଲାଟଫର୍ମ ପାଲଟିଥିଲା । ଅମିନ ସୟାନୀଙ୍କ ଚରିତ୍ରବାଦୀ ସ୍ୱର, କାହାଣୀ କହିବା ଏବଂ ସଙ୍ଗୀତ ପ୍ରତି ଆଗ୍ରହ ତାଙ୍କୁ ଶ୍ରୋତାମାନଙ୍କ ମଧ୍ୟରେ ପ୍ରିୟ ବ୍ୟକ୍ତିତ୍ୱ କରିଥିଲା । ଗୀତଗୁଡ଼ିକର ସୟାନୀଙ୍କ ଯତ୍ନଶୀଳ କ୍ୟୁରେସନ୍, ତାଙ୍କର ଭିନ୍ନ ଉପସ୍ଥାପନା ଶୈଳୀ ଏବଂ ଦର୍ଶକଙ୍କ ସହ ଯୋଡିବାର କ୍ଷମତା "ବିନାକା ଗୀତାମାଲା" କୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଶ୍ରୋତା କାର୍ଯ୍ୟକ୍ରମ ଭାବରେ ପରିଣତ କଲା । ସୋ ମାଧ୍ୟମରେ ସେ କେବଳ ମନୋରଞ୍ଜନ କରିନାହାଁନ୍ତି ବରଂ ଭାରତୀୟ ସଙ୍ଗୀତ, ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଟ୍ରେଣ୍ଡ ଏବଂ ଅନ୍ୟାନ୍ୟ ବିଷୟରେ ଶ୍ରୋତାମାନଙ୍କୁ ମଧ୍ୟ ଶିକ୍ଷିତ କରିଥିଲେ । ଭାରତୀୟ ସଂଗୀତ ଏବଂ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅମିନ ସୟାନୀଙ୍କ ଉତ୍ସର୍ଗ ବଲିଉଡ ମ୍ୟୁଜିକ୍ ପ୍ରୋଗ୍ରାମିଂର ଦୃଶ୍ୟକୁ ଆକୃଷ୍ଟ କରିବାରେ ସାହାଯ୍ୟ କରିଥିଲା ଏବଂ ଭାରତୀୟ ଗଣମାଧ୍ୟମ ଇତିହାସରେ ଏକ ଆଇକନ୍ ବ୍ରଡକାଷ୍ଟର୍ ଭାବରେ ତାଙ୍କ ସ୍ଥାନକୁ ସିମେଣ୍ଟ କରିଥିଲା । ତାଙ୍କର ଉତ୍ତରାଧିକାରୀ ସଂଗୀତ ଶିଳ୍ପ ଉପରେ ପଡିଥିବା ପ୍ରଭାବ ଏବଂ ଏୟାରୱେଭରେ ତାଙ୍କ ସ୍ୱର ଶୁଣିବାରେ ବଢୁଥିବା ଲୋକଙ୍କ ହୃଦୟ ଦ୍ୱାରା ବଞ୍ଚିଥାଏ । ରେଡିଓ ଏବଂ ମନୋରଞ୍ଜନ ପ୍ରତି ଏକ ଆଗ୍ରହ ଦେଖାଇ ଅମିନ ସୟାନି ଅଳ୍ପ ବୟସରେ ପ୍ରସାରଣରେ ତାଙ୍କର ଉଲ୍ଲେଖନୀୟ କ୍ୟାରିଅର୍ ଆରମ୍ଭ କରିଥିଲେ । ସେ ୧୯୪୦ ଦଶକ ଶେଷରେ ରେଡିଓରେ ଘୋଷକ ଭାବରେ କାର୍ଯ୍ୟ କରିବାର ଏକ ସୁଯୋଗ ନେଇଥିଲେ । ଶ୍ରୋତାମାନଙ୍କ ସହିତ ସଂଯୋଗ ପାଇଁ ତାଙ୍କର ପ୍ରତିଭା ଏବଂ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଶୀଘ୍ର ସ୍ପଷ୍ଟ ହୋଇଗଲା । ୧୯୫୨ରେ ରେଡିଓ ସୋ "ବିନାକା ଗୀତାମାଲା" ଆୟୋଜନ କରିବାକୁ ମନୋନୀତ ହୋଇଥିବା ବେଳେ ସାୟାନୀଙ୍କ ବଡ ପରିବର୍ତ୍ତନ ଆସିଥିଲା । ଦର୍ଶକଙ୍କ ଅନୁରୋଧ ଏବଂ ଭୋଟ୍ ଉପରେ ଆଧାର କରି ସପ୍ତାହର ବଲିଉଡର ଗୀତ ଗୁଡ଼ିକୁ ଗଣନା କରିବା ସହିତ ଶୋ'ର ଫର୍ମାଟ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୋତାମାନଙ୍କ ସହିତ ପୁନଃ ପ୍ରତିରୂପିତ ହୋଇଥିଲା ଏବଂ ସାୟାନୀଙ୍କୁ ଖ୍ୟାତି ଅର୍ଜନ କରିଥିଲା । ତାଙ୍କର ସ୍ୱତନ୍ତ୍ର ସ୍ୱର, ଆକର୍ଷଣୀୟ ବିତରଣ ଶୈଳୀ ଏବଂ ଭାରତୀୟ ସଙ୍ଗୀତ ବିଷୟରେ ବିସ୍ତୃତ ଜ୍ଞାନ ତାଙ୍କୁ ସମଗ୍ର ଦେଶରେ ଦର୍ଶକଙ୍କ ମନରେ ଆକର୍ଷିତ କରିଥିଲା । ସୟାନୀଙ୍କ ଶ୍ରୋତାମାନଙ୍କୁ ଆକର୍ଷିତ କରିବା ଏବଂ ତାଙ୍କ ପ୍ରସାରଣ ମାଧ୍ୟମରେ ସେମାନଙ୍କ ସହିତ ବ୍ୟକ୍ତିଗତ ସଂଯୋଗ ସୃଷ୍ଟି କରିବାର କ୍ଷମତା ତାଙ୍କୁ ରେଡିଓ ଜଗତରେ ପୃଥକ କରିଥିଲା । ବର୍ଷ ବର୍ଷ ଧରି ଅମିନ ସାୟାନୀଙ୍କ କ୍ୟାରିୟର ବୃଦ୍ଧି ପାଇଲା ଯେହେତୁ ସେ "ବିନାକା ଗୀତାମାଲା" ଏବଂ ଅନ୍ୟାନ୍ୟ ରେଡିଓ କାର୍ଯ୍ୟକ୍ରମ ଆୟୋଜନ କରି ଭାରତୀୟ ପ୍ରସାରଣ ଶିଳ୍ପରେ ଜଣେ ପ୍ରିୟ ତଥା ସମ୍ମାନିତ ବ୍ୟକ୍ତି ଭାବରେ ତାଙ୍କର ସ୍ଥିତିକୁ ଦୃଢ କରିଥିଲେ । ସଂଗୀତ ପ୍ରତି ତାଙ୍କର ଆଗ୍ରହ ଏବଂ ତାଙ୍କ ହସ୍ତଶିଳ୍ପ ପ୍ରତି ଉତ୍ସର୍ଗୀକୃତ କିମ୍ବଦନ୍ତୀ କ୍ୟାରିୟର ପାଇଁ ଏକ ପଥ ପରିଷ୍କାର କରିଥିଲା ଯାହା ଭାରତୀୟ ରେଡିଓ ଏବଂ ମନୋରଞ୍ଜନ ଇତିହାସରେ ଏକ ଅବିସ୍ମରଣୀୟ ଚିହ୍ନ ଛାଡିଥିଲା । ଏହି ମହାନ ବ୍ୟକ୍ତିଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି !

ଆବାହକ
ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ , ସୁଜନପୁର, ଯାଜପୁର
୯୩୪୮୭୭୮୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଙ୍ଗଳସୂତ୍ର



ସ୍ୱାଗତିକା ସାହୁ

ହିନ୍ଦୁ ଶାସ୍ତ୍ରରେ ମଙ୍ଗଳସୂତ୍ର ପବିତ୍ର ବିବାହ ସ୍ମୃତିର ମର୍ମ ଧ୍ୱନୀ । ସାତ ଜନ୍ମ ପାଇଁ ଏକ ପ୍ରତିଶୃତି । ଆଞ୍ଜୁଳାଏ ନିମନ୍ତ୍ରଣ, ମିଶି ଜନ୍ମ ଜନ୍ମାନ୍ତର ଜୀବନ ବିତେଇବାର । ନିବିଡ଼ ଅଶ୍ଲେଷରେ ନିମ୍ନଜିତ ହୁଅନ୍ତି ନବ-ବିବାହିତା । ବିଶ୍ୱାସ ବ୍ୟାସର ଅପୂର୍ବ ଉନ୍ମେଷ ସେ ମଙ୍ଗଳ ସୂତ୍ର । ବହୁତ ଗୁରୁତ୍ୱ ଦିଆଯାଇଥାଏ ଏହାକୁ ଯାହା ସୌଭାଗ୍ୟକୁ ସ୍ପର୍ଶ କରୁଥିବା ଖଣ୍ଡିଏ ସୂତା । ଚରମ ପ୍ରତିଜ୍ଞା ଜାଗ୍ରତ କରେ, କର୍ତ୍ତବ୍ୟବୋଧର ଚାରୁ ଚମକ ରଚନା ସେ । ବିବାହ ବେଦିରେ ସ୍ୱାମୀ ଦଶଦିଗପାଳ ଦେବାଦେବୀ, ପବିତ୍ର ହୋମାଗ୍ନି ସମ୍ମୁଖରେ ନିଜ ସ୍ତ୍ରୀକୁ ପରିଧାନ କରାଏ । ଜନ୍ମ ଜନ୍ମାନ୍ତରେ ଯୋଡି ପାଇଁ ନିଜ ସହ । ଏହା ସ୍ୱାମୀଙ୍କ ଅସ୍ତିତ୍ୱର ପରିଚୟ ଦେଇଥାଏ । ଏକ ବିବାହିତା ମହିଳାର ଶଙ୍ଖା, ସିନ୍ଦୁର, ପାଉଁଜି, ଝୁଣ୍ଟିଆ ଇତ୍ୟାଦି ଯେତିକି ମହତ୍ୱପୂର୍ଣ୍ଣ ହୋଇଥାଏ ଏହାଠାରୁ ଅଧିକ ମହତ୍ୱପୂର୍ଣ୍ଣ ମଙ୍ଗଳସୂତ୍ର ମଧ୍ୟ ହୋଇଥାଏ । ହିନ୍ଦୁଶାସ୍ତ୍ର ଅନୁସାରେ ମଙ୍ଗଳସୂତ୍ର ବିବାହ ବନ୍ଧନର ଏକ ଜୀବନ୍ତ ସଂକେତ, ଏହା ସୁହାଗିନୀର ସବୁଠାରୁ ଅନନ୍ୟ ଅମୂଲ୍ୟ ସମ୍ପଦ । ଯାହା କୌଣସି ଧନ ରତ୍ନ ସହ ତୁଳନୀୟ ନୁହେଁ । ଏହା ସଧବାର ପରିଚୟ ପ୍ରଦାନ କରେ । ବିନା ମଙ୍ଗଳସୂତ୍ରରେ କୌଣସି ବିବାହ ବର୍ଜିତ ଅଟେ । ଓଡ଼ିଶାର ଅନେକ ଜିଲ୍ଲାରେ ଏହାର ବ୍ୟବହାର କରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉନଥିଲା । କାରଣ ଅନ୍ୟ ପ୍ରକାରର ପ୍ରଥାମାନ ପ୍ରଚଳିତ ଥିଲା କିନ୍ତୁ ଆଜିକାଲି ମଙ୍ଗଳସୂତ୍ରର ବ୍ୟବହାର ମଧ୍ୟ ଦେଖାଗଲାଣି ।

ମଙ୍ଗଳସୂତ୍ରରେ କଳା ମାଳି ଲାଗିଥାଏ ଏହାର କିଛି ସ୍ୱତନ୍ତ୍ରତା ମଧ୍ୟ ରହିଛି । ହିନ୍ଦୁଧର୍ମ ଅନୁସାରେ କଳା ରଙ୍ଗ ଆମକୁ ଖରାପ ନଜରରୁ ରକ୍ଷା କରିଥାଏ । ପ୍ରାୟ ସମୟରେ କଳାରଙ୍ଗର ସୂତା ବାନ୍ଧିବା କିମ୍ବା ପିଲାଙ୍କ ଗଳାରେ କଳା ସୂତା ଆମେ ନିଶ୍ଚୟ ବାନ୍ଧୁ । ଏହା ଦାମ୍ପତ୍ୟ ଜୀବନରେ ଅନେକ ଖରାପ ଦୃଷ୍ଟିରୁ ରକ୍ଷା କରେ । ସମ୍ପର୍କରେ ମଧୁରତା ବଢେ । ସ୍ୱାମୀର ଆୟୁଷ ବୃଦ୍ଧି ହୋଇଥାଏ ।

ମଙ୍ଗଳସୂତ୍ରରେ ସୁନା ରହିବା ଦ୍ୱାରା ବୃହସ୍ପତି ଗ୍ରହର କୁପ୍ରଭାବରୁ ରକ୍ଷା କରିଥାଏ ଏବଂ ବିବାହିତା ଜୀବନରେ ସୁଖସମୃଦ୍ଧି ଓ ବୁଦ୍ଧିର ବିକାଶ ହୋଇଥାଏ । ସୁନା ଯୋଗୁଁ ଶରୀରରେ ସକାରାତ୍ମକ ଊର୍ଜ୍ଜାର ଉତ୍ପତ୍ତି ମଧ୍ୟ ହୋଇଥାଏ । ମଙ୍ଗଳସୂତ୍ର ଛିଣ୍ଡିଯିବା ବା ହଟାତ୍ ଗଳିପଡିବା ଏକ ଅଶୁଭ ସଂକେତ ମଧ୍ୟ ହୋଇଥାଏ । କୁହାଯାଏ କି ଏହା କୌଣସି ଦୁର୍ଘଟଣା ବା ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ ।

ମଙ୍ଗଳସୂତ୍ର ପିନ୍ଧୁଥିବା ସ୍ତ୍ରୀ ମନେ କିଛି ନିୟମକୁ ଧ୍ୟାନଦେଇ ପିନ୍ଧିବା ଆବଶ୍ୟକ । କୁହାଯାଏ ମହିଳାଙ୍କର ବିବାହ ପରେ ତାଙ୍କ ଭାଗ୍ୟ ସହ ଜଡିତ ହୋଇଥାଏ ତାଂକ ସ୍ୱାମୀଙ୍କ ଭାଗ୍ୟ ।

ମହିଳାମାନେ ଭଙ୍ଗା କିମ୍ବା ଛିଡା ମଙ୍ଗଳସୂତ୍ର ପିନ୍ଧିବା ଅନୁଚିତ । ଏହା ଦ୍ୱାରା ସ୍ୱାମୀଙ୍କ ଉପରେ ବିପତ୍ତି ଆସିବା ସହ ଭଲ ହେଉଥିବା କାମ ବିଗିଡି ଯିବାର ପୂରା ସମ୍ଭାବନା ଥାଏ ।

ମହିଳା ମାନେ କେବେ ମଧ୍ୟ ଭୂଲରେ କାହାଠାରୁ ମଧ୍ୟ ମଙ୍ଗଳସୂତ୍ର ବା ସିନ୍ଦୁର ମାଗି ବ୍ୟବହାର କରିବା ଅନୁଚିତ । କାରଣ ଏହା ଦ୍ୱାରା ମହିଳା ତଥା ତାଙ୍କ ସ୍ୱାମୀଙ୍କ ବହୁତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖରାପ ହୋଇଥାଏ ।

ସବୁବେଳେ କଳାମାଳି ଗୁନ୍ଥା ହୋଇଥିବା ମଙ୍ଗଳସୂତ୍ର ପିନ୍ଧିବା ଉଚିତ ।

ବିଶେଷ କରି କୌଣସି ବିବାହିତା ମହିଳା ଅର୍ଥାଭାବରୁ ଅନ୍ୟଙ୍କ ଠାରୁ ଟଙ୍କା ମାଗି ମଙ୍ଗଳସୂତ୍ର ବା ସିନ୍ଦୁର କିଣନ୍ତୁ ନାହିଁ ।

ନିଜର ମଙ୍ଗଳସୂତ୍ର କାହାରିକୁ ଗଳାରୁ କାଢି ଦେବା ଅନୁଚିତ । ଅଶୁଭ ହୋଇଥାଏ । ସ୍ୱାମୀର ଆୟୁଷ କମ ହୋଇଥାଏ, ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ ।

ଯେଉଁ ସ୍ତ୍ରୀ ସକାଳୁ ଉଠିବା ମାତ୍ରକେ ମଙ୍ଗଳସୂତ୍ରକୁ ମଥାରେ ଲଗାଇ ଚୁମ୍ବନ ଦେଇଥାଏ ସ୍ୱାମୀର ଆୟୁଷ ବୃଦ୍ଧି ସହ ରୋଜଗାର କିମ୍ବା ଚାକିରୀ, ବ୍ୟବସାୟରେ ଉନ୍ନତି ଦେଖାଦେଇ ଥାଏ । ମମତା ବୋଳା ଶୀତଳ ମନ୍ଦାକୀନିର ଧରା ସେଇ ସ୍ତ୍ରୀଟିଏ । ସବୁ ପଣତ ଛାଏଁ ଛାଏଁ ପୁରିଯାଏ ତା ନିସ୍ୱାର୍ଥ ସେବାରେ । ତେଣୁ ତା ମଙ୍ଗଳସୂତ୍ରକୁ ରକ୍ଷା, ସୁବିନିଯୋଗ ତା ଉପରେ ନିର୍ଭର କରେ । ଜୀବନର ଏହି ମଧୁ ସମ୍ଭାବନା ଦିଏ ଅଭିଳାଷ ଭରା ପୀୟୂଷ ଯୋଗ । ହଁ, ଆଣେ ଭାଗ୍ୟ ଭାବିଷ୍ୟର ମଧୁ ମହୋତ୍ସବ । ବାସ୍ତବିକ ସେ ଏକ ଜୀବନର ମଧୁ ସମ୍ଭାବନା ଓ ତା ଭାବନା କଳ୍ପନା ତା ପରମ୍ପରା, ଅନନ୍ୟ ।

ଶିକ୍ଷୟିତ୍ରୀ, ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ ସଶକ୍ତିକରଣ



ନିବେଦିତା ପଣ୍ଡା

ନାରୀ ସଶକ୍ତିକରଣର ଅର୍ଥ ନାରୀମାନଙ୍କର ପ୍ରତିଭାର ଉପଯୋଗ କରି ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବାକୁ ବୁଝାଏ । ସାମାଜିକ, ଅର୍ଥନୈତିକ, ରାଜନୈତିକ ସବୁ କ୍ଷେତ୍ରରେ ନାରୀକୁ ପୂର୍ଣ୍ଣ ସ୍ୱାଧୀନତା ଓ ପୂର୍ଣ୍ଣ ଅଧିକାର ଦେବା ଓ ଆତ୍ମନିର୍ଭରଶୀଳ କରିବା ପାଇଁ ନାରୀମାନଙ୍କୁ ସଂଗଠିତ କରିବା ହିଁ ନାରୀ ସଶକ୍ତିକରଣର ଉଦ୍ଦେଶ୍ୟ ।

ଅତୀତ ପୃଷ୍ଠାକୁ ଅବଲୋକନ କଲେ ଏକଥା ସ୍ପଷ୍ଟ ଅନୁମେୟ ଯେ ନାରୀ ବହୁ ପ୍ରତିଭାର ଅଧିକାରିଣୀ ହୋଇ ମଧ୍ୟ ତାର ବିକାଶ ପୁରୁଷ ପ୍ରାଧାନ୍ୟ ସମାଜରେ ଏକ ପ୍ରକାର ଅସମ୍ଭବ ଥିଲା । କେବଳ ଘର କୋଣରେ ରହି ପରିବାରର ଯାବତୀୟ କର୍ମକରିବାରେ ତାର ଜୀବନ ସମାପ୍ତି ହେଉଯାଉଥିଲା କହିଲେ ଭୁଲ୍ ହେବ ନାହିଁ । ଶିକ୍ଷା କ୍ଷେତ୍ରରେ ବି ତାକୁ ଅଗ୍ରାଧିକାର ଦିଆ ଯାଉନଥିଲା । ସମାଜର କିଛି ମହାମାନବ ଯଥା-ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଇତ୍ୟାଦି ଓ ନାରୀମାନଙ୍କ ମଧ୍ୟରେ ସରୋଜିନୀ ନାଇଡୁ, ଇନ୍ଦିରା ଗାନ୍ଧୀ, କଳ୍ପନା ଚାୱଲା ଇତ୍ୟାଦିଙ୍କ ଯୋଗଦାନ ଓ ଉଦ୍ୟମ ନାରୀ ସଶକ୍ତିକରଣ ଓ ନାରୀ ଅଧିକାର ପ୍ରାପ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା । ସମାଜରେ ସେମାନେ କିଛି ସାମାଜିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିବର୍ତ୍ତନ ଆଣିପାରିଥିଲେ ବୋଲି ଆଜି ନାରୀ ସ୍ୱାଧିନତାର ଅଧିକାର ପାଇ  କିଛି ବିକାଶର ଦିଗରେ ଆଗେଇ ନିଜ ପରାକାଷ୍ଠା ଦେଖାଇ ପାରିଛି । ନାରୀ ପୁରୁଷଙ୍କ ଠାରୁ କୌଣସି ଦିଗରେ କମ୍ ନୁହେଁ । ସବୁଥିରେ ଦକ୍ଷା ଓ ପୁରୁଷମାନଙ୍କ ଠାରୁ ଆହୁରି କେତୋଟି ବିଶେଷ ଗୁଣର ଅଧିକାରୀ ମଧ୍ୟ, ଶ୍ରଦ୍ଧାର ଦର୍ପଣ ପୁଣି କର୍ତ୍ତବ୍ୟର ସାଧନା । ସହନଶୀଳତାର ଲଳନା, ତ୍ୟାଗ ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ସେ, ସୁଖର ସମ୍ଭାବନା । ନାରୀ ସଶକ୍ତିକରଣରେ ପୁରୁଷର ଭୂମିକା ଯେ ଗୌଣ ହୋଇ ଯିବ ସେମିତି ଚିନ୍ତାଧାରା ରଖିବା ଆଦୌ ଠିକ୍ ନୁହେଁ । ବରଂ ନାରୀ ଶିକ୍ଷିତ ହେଲେ, ଆତ୍ମନିର୍ଭରଶୀଳ ହେଲେ ଆମର ଆର୍ଥିକ ମାନଦଣ୍ଡ ଉନ୍ନତ ହେବ, ଦେଶର ବିକାଶ ହେବ । ପୁରୁଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଦରକାର । ନାରୀକୁ ସମ୍ମାନ ନଦେବା, ତାକୁ ଭୋଗ୍ୟବସ୍ତୁ ବୋଲି ଭାବି ନିର୍ଯ୍ୟାତନା ଦେବା, କନ୍ୟା ଭୃଣ ହତ୍ୟା, ଅପହରଣ, ଯୌନ ବଳାତ୍କାର ଇତ୍ୟାଦି ବିକୃତ ମାନସିକତାର ପରିବର୍ତ୍ତନ ନ ହେବାଯାଏ ସାମାଜିକ ପରିବର୍ତ୍ତନ ଅସମ୍ଭବ । ଏସବୁକୁ ବିଚାରକୁ ନେଲେ ନାରୀ ସଶକ୍ତିକରଣର ଆବଶ୍ୟକତା ବହୁତ ବେଶୀ ମନେ ହୁଏ । ନାରୀ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଉଭୟଙ୍କର ଭୂମିକା ରହିଛି ପରିବାର, ସମାଜ, ରାଜ୍ୟ, ରାଷ୍ଟ୍ର ସବୁ କ୍ଷେତ୍ରରେ । ନାରୀ, ପୁରୁଷର ଖାଲି ସହଧର୍ମିଣୀ ନୁହଁ ସହକର୍ମିଣୀ ମଧ୍ୟ । ଏକଥାକୁ ପୁରୁଷ ମନେ ରଖିବା ଉଚିତ୍ । ବାକି ରହିଲା ନାରୀ ସଶକ୍ତିକରଣର କୁପରିଣାମ - ସଂସ୍କାର ବିହୀନ ଶିକ୍ଷା, ନିଜ ଆଚରଣର କିଛି ଭୁଲ୍ ମାନ୍ୟତା, ତଥା ନିଜର ଦୂରଦୃଷ୍ଟିର ଅଭାବ, ଆତ୍ମଗର୍ବ, ଆତ୍ମକୈନ୍ଦ୍ରିକ ମନୋଭାବ ଯୋଗୁଁ ନାରୀମାନେ ଏତେ ଅଧିକ ବେପରୁଆ ହୋଇ ଯାଉଛନ୍ତି ଯେ ନିଜେ ନିଜର ସଂସାରକୁ  ନିଜ ହାତରେ ନଷ୍ଟ କରିଦେବାକୁ ପଛାଉ ନାହାନ୍ତି । କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ ଅନେକ ଭୁଲ୍ କରୁଛନ୍ତି । ପିଲାମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରୁନାହାନ୍ତି, ଯେଉଁଥିପାଇଁ ସେମାନେ ବିଶୃଙ୍ଖଳିତ ହୋଇଯାଉଛନ୍ତି । ସମାଜରେ ଏମିତି ଘଟଣାର ନଜିର୍ ବହୁତ ଦେଖା ଯାଉଛି । ଏଇଟା ନାରୀ ସଶକ୍ତିକରଣର ପରିଣାମ ବୋଲି କହିବା ଠିକ୍ ହେବନାହିଁ । ବରଂ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ମଧ୍ୟ ଅନେକାଂଶରେ ଏଥିପାଇଁ ଦାୟୀ । ନାରୀ ନିଜେ ସଶକ୍ତ ହେବା ପରେ ମଧ୍ୟ ନିଜର ମୌଳିକ ବୈଶିଷ୍ଟ୍ୟତାକୁ ଭୁଲିଯିବା ଉଚିତ୍ ନୁହେଁ । ଯୁଗେ ଯୁଗେ ନାରୀ ନିଜ ମହନୀୟ ଗୁଣ ପାଇଁ ସଦା ବନ୍ଦନୀୟା, ପୂଜ୍ୟନୀୟା ହୋଇ ଆସିଛି । ତେଣୁ ନିଜର ବୈଶିଷ୍ଟ୍ୟ ବଜାୟ ରଖି ଆତ୍ମଶକ୍ତିର ବିକାଶ କରିବା ଦରକାର ।

ଶେଷରେ ଏତିକି କହିବି ନାରୀ ସଶକ୍ତିକରଣର ଆବଶ୍ୟକତା ରହିଛି ଏହା ଅନସ୍ୱୀକାର୍ଯ୍ୟ କିନ୍ତୁ ସମାଜର ପରିବର୍ତ୍ତନ ପାଇଁ, ଦେଶର ବିକାଶ ପାଇଁ ନାରୀ, ପୁରୁଷ ଉଭୟଙ୍କର ସହଯୋଗ ସହିତ ମାନସିକତାର ପରିବର୍ତ୍ତନ ଅପରିହାର୍ଯ୍ୟ ।

ଉଭୟ ସଂସ୍କାରିତ ହେବା ଜରୁରୀ । ନିଜେ ନିଜର ନିୟନ୍ତ୍ରଣ ରକ୍ଷା କରି ନିଜ ପରିସୀମା ଭିତରେ ରହି ପରସ୍ପରର ସହଯୋଗ ନେଇ କାର୍ଯ୍ୟ କଲେ ସୁସ୍ଥ ସମାଜ ଗଠନରେ ନିଶ୍ଚୟ ପରିଚାୟକ ହେବ । ପୁରୁଷ ସହିତ ନାରୀ ମାନଙ୍କୁ ବି ନିଜ କର୍ତ୍ତବ୍ୟ ସମ୍ପର୍କରେ ଦାୟିତ୍ୱବାନ ହେବାକୁ ପଡିବ । ଆଧୁନିକତାର ଦ୍ୱାହି ଦେଇ ନିଜ କର୍ତ୍ତବ୍ୟରୁ ଓହରି ଯିବା ଠିକ୍ ନୁହେଁ । ଜଣେ କନ୍ୟା, ଜଣେ ବୋହୂ, ଜଣେ ମାଆ, ଜଣେ ଶାଶୁ ହୁଏ । ତେଣୁ ସେ ଭଲ ହେଲେ ଆଗାମୀ ପିଢ଼ିର ଉଦାହରଣ ହେବ । ତାର ଆଚରଣ ଖରାପ ହେଲେ ସମାଜ ଧ୍ୱଂସାଭିମୁଖୀ ହେବ । ନାରୀ ସଶକ୍ତିକରଣ ସହିତ ସଂସ୍କାର ରହିବା ବହୁତ ଗୁରୁତ୍ୱପୂର୍ଣ୍ଣ ।

ନିବେଦିତା ପଣ୍ଡା, ରାଉରକେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶରୀର



ନଳିନୀ ପ୍ରଭା ମିଶ୍ର

The body is an instrument, the mind is function, the witness and reward of its operation.

ଶରୀରଟି ଗୋଟିଏ ଯନ୍ତ୍ର, ମସ୍ତିଷ୍କ ଏହାର ଚାଳକ, କାର୍ଯ୍ୟ ସମ୍ପାଦନର ସବୁ ସାକ୍ଷୀ ହେଉଛି ଏହାର ପାରିଶ୍ରମିକ ।

ସୃଷ୍ଟିର ସର୍ଜନାରେ ମଣିଷ ହେଉଛି ଏକ ଶ୍ରେଷ୍ଠ ପ୍ରାଣୀ । ତା'ର ଶରୀରର ଗଠନ ପ୍ରଣାଳୀ ଇତର ପ୍ରାଣୀ ଠାରୁ ନିଆରା ଢଙ୍ଗରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥାଏ । ଶରୀରରେ ଚାରିଗୋଟି ଅବୟବ ସହିତ ଉନ୍ନତ ମସ୍ତିଷ୍କ ଗୋଟିଏ ଚିନ୍ତା ଚେତନା ନିମନ୍ତେ ଉଦ୍ଦିଷ୍ଟ ଥାଏ । ଉନ୍ନତ ମସ୍ତିଷ୍କର ବୁଦ୍ଧି ପ୍ରୟୋଗ କରି ମଣିଷ ବିଭିନ୍ନ ଜ୍ଞାନର କୌଶଳ ଶିକ୍ଷା କରି ନିଜର ଯୋଗ୍ୟତାର ପରିଚୟ ଦେଇଥାଏ ।

ମଣିଷ ଜୀବନରେ ଦୁଇଗୋଟି ଦକ୍ଷତା ଅର୍ଜନ କରିଥାଏ । ପ୍ରଥମଟି ହେଲା ଶାରୀରିକ ଓ ଦ୍ୱିତୀୟଟି ହେଉଛି ମାନସିକ । ଏ ଦୁଇଟି ଉଭୟେ ଉଭୟଙ୍କର ପରିପୂରକ ।

ଗୋଟିଏ ବିନା ଅନ୍ୟଟି କାର୍ଯ୍ୟକ୍ଷମ ହୋଇପାରେ ନାହିଁ । ଗୋଟିକର ଅସୁସ୍ଥତା ଅନ୍ୟଟି ଉପରେ ପ୍ରଭାବ ପକାଏ ।

ଏ ଶରୀର ଗୋଟିଏ ଯନ୍ତ୍ର ସଦୃଶ । ତା'ର ଆଭ୍ୟନ୍ତରୀଣ ଓ ବାହ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଙ୍ଗ ପ୍ରତ୍ୟେକଟି ବିଭିନ୍ନ କାର୍ଯ୍ୟରେ ଚାଳିତ ହୋଇଥାଏ । ମସ୍ତିଷ୍କ ଚାଳନା କରି ଏ ମଣିଷ ନାନା ଅସାଧ୍ୟ ସାଧନ କରିଥାଏ । ହାତ, ଗୋଡ ଅଙ୍ଗ ଚାଳନା ଦ୍ୱାରା ସେ ନାନା କୌଶଳ ଶିକ୍ଷା କରିଥାଏ । ନିଜର ପେଟ ପୋଷଣ ପାଇଁ ସେ ସେ ନିଜର ଶାରୀରିକ ଦକ୍ଷତା ପ୍ରଦର୍ଶନ କରି ଥାଏ । ଶାରୀରିକ ଓ ମାନସିକ ଉଭୟ ସ୍ତରର ସାହାଯ୍ୟରେ ସେ ନିଜକୁ ସମାଜରେ ପ୍ରତିଷ୍ଠିତ କରିଥାଏ, ମାନସିକ ଶକ୍ତିର ପ୍ରୟୋଗରେ ସେ ହୋଇପାରେ କବି, ଲେଖକ ଦାର୍ଶନିକ, ବୈଜ୍ଞାନିକ, ଐତିହାସିକ ବା ଚିକିତ୍ସକ । ଶାରୀରିକ ଶକ୍ତିର ପ୍ରୟୋଗରେ ନିଜର କାର୍ଯ୍ୟକ୍ଷମତାର ଅଭୂତପୂର୍ବ ପାରଦର୍ଶିତାକୁ ପ୍ରଦର୍ଶନ କରିଥାଏ । ଦୈନନ୍ଦିନ ଜୀବନ ଯାପନରେ ଏକ ସୁସ୍ଥ ଶରୀର ନିହାତି ଆବଶ୍ୟକ ହୋଇଥାଏ । ଏହି ଶରୀର ହିଁ ମଣିଷକୁ ବଞ୍ଚିବାର କଳା ଶିଖାଇଥାଏ । ସୁସ୍ଥ ମାନସିକ ଚିନ୍ତାଧାରା ଭିତରେ ଆପଣାର ଧୀଶକ୍ତିକୁ ପ୍ରୟୋଗ କରି ମଣିଷ ଏକ ଖ୍ୟାତି ସମ୍ପନ୍ନ ବ୍ୟକ୍ତିତ୍ୱ ରୂପେ ଅଭିହିତ ହୋଇଥାଏ ।

ଶରୀରକୁ ସୁସ୍ଥ ରଖିବା ଦିଗରେ ସତତ ପ୍ରୟାସୀ ହେବା ଉଚିତ । "ଏ ଦେହ ଥିଲେ ସର୍ବ ପାଇ ଜଳ ଯେସନେ ଚନ୍ଦ୍ର ଛାଇ ।"

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାଜକିଶୋର ରାୟ : ଓଡ଼ିଆ କ୍ଷୁଦ୍ରଗଳ୍ପର ମହାନାୟକ



ଜଗଜୀବନ ସେଠୀ

"ଉତ୍କଳ ଜନନୀ ନିରାଭରଣା,
ଶୋକାର୍ତ୍ତା ନିରତେ ନିର ନୟନା ।
ହରାଇ ବସିଛି ତା ମଥାମଣି,
କେ ଶୁଣିବ ତାର ଦୁଃଖ କାହାଣୀ ?

ରାଜକିଶୋର ରାୟଙ୍କ ଦୃଷ୍ଟିରେ ଭାଷା ଗୋଟିଏ ଜାତିର ଜିଭ ଏବଂ ସାହିତ୍ୟ ପ୍ରାଣଧାରା । ଭାଷା ଓ ସାହିତ୍ୟର ସେବା, ତାଙ୍କ ପାଇଁ ପୂର୍ଣ୍ଣ କର୍ତ୍ତବ୍ୟ ଥିଲା ଓ ମାତୃ ଭାଷାର ସେବା ଥିଲା ପରମ ଗୌରବ । ଶ୍ରୀଯୁକ୍ତ ରାୟ ଯେତେବେଳେ ସୁଯୋଗ ପାଇଛନ୍ତି ସେତେବେଳେ ଭାଷା ଓ ସାହିତ୍ୟର କଲ୍ୟାଣ ପାଇଁ ପ୍ରଚେଷ୍ଟା କରିଛନ୍ତି ।

ଆତ୍ମିକ ବିକାଶରେ ଅସମର୍ଥ ପଶୁ କେବଳ ଦୈହିକ ଉଲ୍ଲାସକୁ, ମନର ଯନ୍ତ୍ରଣାକୁ ନାନା ଭାବରେ ଅଭିବ୍ୟକ୍ତି କରେ କିନ୍ତୁ ମଣିଷ କେବଳ ଅଭିବ୍ୟକ୍ତିରେ ସନ୍ତୁଷ୍ଟ ନୁହଁ । ଏହି ଅଭିଭ୍ୟକ୍ତିକୁ ଚିରଞ୍ଜୀବୀ କରିବା ପାଇଁ ସଭ୍ୟତା ଓ ସଂସ୍କୃତିର ଉନ୍ମେଷ କାଳରୁ କରିଚାଲିଛି ତପସ୍ୟା । ମୃତ୍ୟୁମୁଖୀ ମଣିଷ ନିଜ ଚେତନାକୁ ଅମୃତମୟ କରିବା ପାଇଁ ସୃଷ୍ଟି କରିଛି ସାହିତ୍ୟ ଓ ସାହିତ୍ୟ ଲଳିତ କଳାର ଅଙ୍ଗୀଭୂତ କଳା ହେଲା ଗଳ୍ପ । କ୍ଷୁଦ୍ରଗଳ୍ପ ପ୍ରସ୍ତୁତିରେ ଶ୍ରୀ ରାଜକିଶୋର ରାୟ ଯେଉଁ ନିପୁଣତା ହାସଲ କରିଥିଲେ ତାହା ବିରଳ ଅଟେ । ବହୁ ରୋମାଞ୍ଚକର କୌତୁହଳପ୍ରଦ ଉତ୍କଣ୍ଠା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶ୍ଲେଷିତ ମହାର୍ଘ୍ୟ ସାହିତ୍ୟ ସମ୍ପଦକୁ ବ୍ୟବହାର କରି, ମାଟିର ମଣିଷର ଅନ୍ତରଫୁଟା କାହାଣୀ, ଜୀବନର ଖଣ୍ଡାଂଶର ଶିଳ୍ପ ସୁନ୍ଦର ରୂପ ଗଠନ କରିବାରେ ସେ ଥିଲେ ସିଦ୍ଧହସ୍ତ । ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ କଥାବସ୍ତୁକୁ ପରିଧିଭୁକ୍ତ କରି ଗଳ୍ପ ସାହିତ୍ୟରେ ସୃଷ୍ଟି ସମ୍ଭାର ପ୍ରସ୍ତୁତ କରିଛନ୍ତି ଶ୍ରୀ ରାୟ । ଏହି ବରଣୀୟ ସ୍ରଷ୍ଟାଙ୍କର ସୃଷ୍ଟି ସମ୍ଭାର ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ମୋତେ ଭାରି ଖୁସି ଅନୁଭବ ହୋଉଛି ।

ବାପା ଶ୍ରୀନାଥ ରାୟ ଓ ମା ସୂର୍ଯ୍ୟମଣି ଦେବୀ ବିବାହର ଆଠ ବର୍ଷ ପର୍ଯ୍ୟନ୍ତ କୌଣସି ସନ୍ତାନ ପ୍ରାପ୍ତି ନ ହେବାରୁ ଭୀଷଣ ମର୍ମବେଦନା ଅନୁଭବ କରୁଥିଲେ । ଦେବତାର ନିରାଜନା ସହ ନିର୍ଜଳ ଉପବାସ ହୋଇ ପୁତ୍ର କାମନା କରୁଥିବା ଦମ୍ପତି ଶେଷରେ ଗ୍ରାମରେ ଥିବା ଭୀମେଶ୍ୱର ଶିବ ମନ୍ଦିରରେ ରାତ୍ରରେ ପୂଜାର୍ଚ୍ଚନା କରିଥିଲେ । ଭୀମେଶ୍ୱରଙ୍କ କୃପାରୁ ଶ୍ରୀ ରାୟଙ୍କର ଜନ୍ମ ହୋଇଥିବାରୁ ତାଙ୍କୁ ପିଲାଦିନେ ଭୀମ ବୋଲି ଡାକୁଥିଲେ । ଶ୍ରୀରାୟ ନିଜ ବାଲ୍ୟକାଳ ସମ୍ବନ୍ଧରେ ଲେଖିଛନ୍ତି ମୁଁ ପିଲାବେଳେ ବଡ଼ ରୋଗା ଚେହେରା ପାଇଥିଲି । ନକ ନକ ହୋଇ ଚାଲେ । କାଛୁ କୁଣ୍ଡିଆ ରୋଗ ମୋତେ କିଲବିଲ୍ କରୁଥିଲା । ଆଙ୍ଗୁଠି ଗୁଡ଼ାକ ପୂଜ ଓ ଘା'ରେ କେନା କେନା ହୋଇଯାଉଥିଲା । ଯୁଆଡେ ଗଲେ ଲୋକମାନେ କହୁଥିଲେ କୁଣ୍ଡିଆ ରୋଗୀ ଆସିଲା ବୋଲି । ମାଟିବଂଶ ଅବଧାନଙ୍କଠାରୁ ସେ ପ୍ରାଥମିକ ଶିକ୍ଷା ଲାଭ କରିବା ପରେ ପୁରୀ ବଳଗଣ୍ଡି ସାହିରେ ଉଚ୍ଚ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକୁଲେସନ ପାସ୍ କରି ରେଭେନ୍ସା କଲେଜରେ ଅଧ୍ୟୟନ କଲେ । ୧୯୧୪ ମସିହା ନଭେମ୍ବର ତେଇଶି ତାରିଖରେ ଖୋର୍ଦ୍ଧାର ମେଣ୍ଢାସାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଶ୍ରୀ ରାୟ । ଏହା ତାଙ୍କର ମାମୁଁଘର ଥିଲା କିନ୍ତୁ ତାଙ୍କ ପିତ୍ରାଳୟ ଥିଲା ଛତାବର ଗ୍ରାମ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକୁଲେସନ ପାସ୍ କରିବା ପରେ ଗଣିତ ଶିକ୍ଷକ ରହମଦ ଅଲ୍ଲୀ ଉଚ୍ଚଶିକ୍ଷା ପାଇଁ ଶ୍ରୀରାୟଙ୍କ ବାପାଙ୍କୁ କହିଥିଲେ କିନ୍ତୁ ଆର୍ଥିକ ଅସ୍ୱଚ୍ଛଳତା ଯୋଗୁଁ ବାପା ରାଜି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇନଥିଲେ ରହମଦ ଅଲିଙ୍କୁ ସାହାଯ୍ୟରେ ସେ ରେଭେନ୍‌ସା କଲେଜରେ ପଠିଥିଲେ । ପାଠ ପଢୁଥିବା ସମୟରେ ସହ ଅଧ୍ୟାୟନ କରୁଥିବା ଏକ ଖ୍ରୀଷ୍ଟିଆନ୍ ଝିଅକୁ ସେ ଭଲପାଇ ବସିଲେ । ପ୍ରଥମ ଜୀବନର ପ୍ରେମର ଅନୁଭୂତିକୁ ସେ ରୂପ ଦେଇ ଲେଖିଛନ୍ତି, ସମଗ୍ର ରେଭେନ୍‌ସା କଲେଜର ଛଅ ଶହ ପୁଅପିଲା ଭିତରେ ଦୁଇ ଜଣ ତରୁଣୀ ଶିକ୍ଷାର୍ଥୀନୀ, ଜଣେ ନବନାଳିନୀ ଘୋଷ ଓ ଅନ୍ୟ ଜଣେ ମୋର ପ୍ରେମିକା । ସେ କହୁଥିଲେ ଶାଶ୍ୱତ ପ୍ରେମ ନିର୍ବିଘ୍ନ ପ୍ରବାହିତ ହୁଏ ନାହିଁ । ସେହିପରି ଘଟିଥିଲା ଶ୍ରୀରାୟଙ୍କ ଜୀବନରେ ବିଚ୍ଛେଦ କିନ୍ତୁ ରାୟ ଲେଖିଛନ୍ତି, "ସେଠି ପ୍ରେମର କଳଙ୍କ ନଥିଲା, ସ୍ନାୟୁର ସମ୍ଭୋଗ ନିଶା ନଥିଲା, ଫୁଟନ୍ତା ଫୁଲର ବାସ ଘେନି କିଶୋର ବୟସରେ ଚକିତ କୃଷ୍ଣସାର ମୃଗ ପରି ଯାଉଥିଲି । ସେତିକିବେଳେ ଶ୍ୟାମଳି ମୋର ଲଲାଟରେ ଚନ୍ଦନ ଚିତା ଦେଇ କହୁଥିଲା ଯାଅ ଆଗକୁ ଯାଅ ବିଜୟୀ ହୁଅ ।

କଳାହାଣ୍ଡିର ଭବାନୀପାଟନାରେ ସେ ଶିକ୍ଷକତାରୁ ଆରମ୍ଭ କରିଥିଲେ ବୃତ୍ତିଜୀବନ । ପ୍ରଥମ ବେତନ ପାଇଥିଲେ ଚାଳିଶି ଟଙ୍କା । ସେ ଲେଖିଛନ୍ତି, "ଟଙ୍କାକୁ ତୋଫା ଚାଉଳ ଚାଳିଶି ସେର, ଗୁଆଘିଅ ଟଙ୍କାକୁ ପାଞ୍ଚ ସେର, କୁକୁଡା ଗୋଟାକ ଦୁଇଅଣା ମାଗିଲେ ପେଣ୍ଟିଟିଏ ସେମିତି ମିଳିଯାଉଥିଲା ।" ତେଣୁ ସେ ସମୟରେ ଚାଳିଶି ଟଙ୍କା ଅପର୍ଯ୍ୟାପ୍ତ ସମ୍ପତ୍ତି ଥିଲା । ସେ କିଛି ସମୟ ବଣାଇଗଡ଼ ରାଜାଙ୍କ ନିକଟରେ କାମ କରିଥିଲେ କିନ୍ତୁ ଶିକ୍ଷକତା ହିଁ ତାଙ୍କ ପରିଚୟ ଭାବି ତାହା ଛାଡ଼ି ଦେଇଥିଲେ

ରାୟଙ୍କ ସୃଷ୍ଟି ସମ୍ଭାର ବ୍ୟାପ୍ତ । ସେ କହୁଥିଲେ ମୁଁ କେବେ ଲେଖନ କରିନାହିଁ, ମୁଁ କେବଳ "ମୋ କୈଶୋର ଅବସ୍ଥାର ଉନ୍ମାଦନା, ଫୁଲ ଗଛରେ ଫୁଲଟିଏ ହଲିଲେ, ନଈର ସୁଅ ଝରିଲେ, ଚାଳ ଉପରେ ବଉଦ ଭାସିଲେ, ନାରୀ ଆଖିରେ ଅଞ୍ଜନ ଦେଖିଲେ, ଗରିବର କାକୁତି ଶୁଣିଲେ, ଅଭିମାନିର କଣ୍ଠ ଶୁଣିଲେ ମୋ ଲେଖନୀରୁ ଝରୁଥିଲା ସାହିତ୍ୟ ।" ତାଙ୍କ ରଚିତ କ୍ଷୁଦ୍ର ଗଳ୍ପଗୁଡ଼ିକ ହେଲା;

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

- ନୀଳଲହରୀ
- ଜୟଶ୍ରୀ
- ଅଶୋକ ଚକ୍ର
- ଜୟଶଂଖ
- ଆଦିପୁରଷ
- ଗଳ୍ପସମ୍ଭାର
- ଅମୃତ
- ମନର ମୃଣାଳ
- ପଙ୍କ ଚନ୍ଦନ
- ଦୁର୍ବଳ ଦେବାଳୟ ଆଦି

ସେ ଜୀବନର ରୂପକାର, ବ୍ୟଥା ବେଦନା, ସାହିତ୍ୟ ଏବଂ ପୁଲକର ଚିତ୍ରକର । ନିଜ ସାହିତ୍ୟ ନିଷ୍ଠା ବଳରେ ସେ ଚିରଞ୍ଜିବୀ । ଶ୍ରୀ ରାଜକିଶୋର ରାୟ ନିଜସ୍ୱ ପୃଥିବୀ ଭିତରେ ନିଖିଳ ଚିତ୍ତରେ ସାମଗ୍ରୀକ ପୃଥିବୀର ବିଶିଷ୍ଟ ଦିଗ ଝଲସିତ କରାଇଛନ୍ତି ନିଜ ଲେଖାରେ । କଳ୍ପନାର ଇନ୍ଦ୍ରଧନୁ ଏ ପୃଥିବୀକୁ ସୁନ୍ଦରତର କରିବାରେ, ସାହିତ୍ୟକୁ ରୁଚି ସମ୍ପନ୍ନ କରାଇବାରେ ପ୍ରଚେଷ୍ଟିତ । ତାଙ୍କର କଳ୍ପନା ଜଗତ ଭିତରେ ଅସମ୍ଭବ ଓ ଅବାସ୍ତବର ସ୍ଥାନ ନାହିଁ ।

(ଏହା ଅଧ୍ୟାପକ କିଶୋର ଚନ୍ଦ୍ର ଦାସଙ୍କ ରାଜକିଶୋର ରାୟଙ୍କ କ୍ଷୁଦ୍ରଗଳ୍ପ : ଏକ ଅଧ୍ୟୟନକୁ ଆଧାର କରି ଲେଖାଯାଇଛି )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ ୨୦୨୪

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ ୨୦୨୪

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ଆମକୁ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

# https://anchor.fm/aahwaan

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

**ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବା ନିମ୍ନୋକ୍ତ ସମସ୍ତ ପୋଡ଼କାଷ୍ଟ ପ୍ରସାରଣ ସେବାରେ ଉପଲବ୍ଧ । ବିଶ୍ୱବ୍ୟାପୀ ସମସ୍ତ ପରିଚିତ ଓ ପ୍ରସିଦ୍ଧ ପୋଡ଼କାଷ୍ଟ ପ୍ଲାଟଫର୍ମରେ ଆମ ପୋଡ଼କାଷ୍ଟ ଶୁଣି ପାରିବେ । ଏଥିରେ ନିଜର ଲେଖା ପ୍ରକାଶିତ କରିବା ପାଇଁ ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ ।**

Amazon Music | AntennaPod | Anytime Player | Apple Podcasts | Bullhorn | Castamatic | Castbox | Castro | Curiocaster | Fountain

Goodpods | Google Podcasts | Apple iTunes | Listen Notes | Moon FM | Overcast | Player FM | Pocket Casts | Podbean | Podcast Addict

Podcast Index | Podcast Guru | Podcast Republic | Podchaser | Podfriend | Podknife | podStation | Podverse | Sonnet | Spotify

Steno.fm | Subscribe on Android | Subscribe by email | RSS feed

- Spotify
- Amazon Music
- Apple Music
- Cast Box
- Castro
- Curio caster
- Fountain
- Goodpods
- Google Podcast
- Apple iTunes
- Pocket cast
- Podbean
- Podcast Addict
- Podcast Index
- Podcast Guru
- Podcast republic
- Podchaser
- Podfriend
- Podverse
- Sonnet
- Steno.fm
- Rephonic
- Jio Saavn
- ivoox
- Audacy
- Tune in
- Radio Public

On all the links you can listen to our Podcast, or do a search in Google for Aahwaan Odia Podcast and You will find it on your own podcast player.

You too can Publish your article on our Podcast for a small fee and it will be heard worldwide on different podcast players on mobile phones, audio players, car stereos and much more. The decision to publish any article will be taken by the editorial board. Don't pay any fees before getting confirmation. If you are interested do let us know by sending message on WhatsApp to **9040985463**.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା